# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୦/୨୦୧୯ (୧୬ ପୃଷ୍ଠା) | Bhubaneswar, Tuesday, August 20/2019 | ★★★★

୪୫ଶ ଭାଗ ୨୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଶୁଟିଂ ସେଟ୍‌ରେ କୀର୍ତ୍ତି**

ଅଭିନେତ୍ରୀ କୀର୍ତ୍ତି କୁହ୍ଲାରୀ 'ଦି ଗର୍ଲ ଅନ୍ ଦି ଟ୍ରେନ୍'ର ଶୁଟିଂସେଟ୍‌ରୁ ପରିଣିତି ଚୋପ୍ରାଙ୍କୁ ଆଲିଙ୍ଗନ କରିଥିବାର ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।

୦୨

୧୫

**ସାକ୍ଷୀ ମଲିକଙ୍କୁ ନୋଟିସ**

ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ଅଲିମ୍ପିକ ପଦକ ବିଜୟିନୀ ସାକ୍ଷୀ ମଲିକଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିଛି।



# ଉତ୍ତର ଭାରତରେ ବନ୍ୟା



ହିମାଚଳ ପ୍ରଦେଶ-ଉତ୍ତରାଖଣ୍ଡ ରାଜପଥ ଉପରେ ବନ୍ୟାଜଳ।

- ହିମାଚଳ ଓ ଉତ୍ତରାଖଣ୍ଡରେ ୩୫ ମୃତ
- ଗଙ୍ଗା, ଯମୁନା ବିପଦସଙ୍କେତ ଉପରେ
- ୧୦୦ କୋଟିର ସହାୟତା ଘୋଷଣା କଲେ ପଞ୍ଜାବ ସରକାର

ନୂଆଦିଲ୍ଲୀ/ହରିଦ୍ୱାର/ରୂପନଗର, ୧୯।୮(ପି.ଟି.)

ଉତ୍ତର ଭାରତରେ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟିହୋଇଛି। ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷାଜନିତ ବନ୍ୟା ପରିସ୍ଥିତି ଯୋଗୁ ସୋମବାର ସୁଦ୍ଧା ୩୫ ଜଣଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି। ହରିୟାଣା, ପଞ୍ଜାବ, ଜମ୍ମୁ-କଶ୍ମୀରରେ ବନ୍ୟା ଯୋଗୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ହରିଦ୍ୱାରରେ ଗଙ୍ଗା ନଦୀ ବିପଦସଙ୍କେତ ଉପରେ ପ୍ରବାହିତ ହେଉଥିବାବେଳେ ଦିଲ୍ଲୀରେ ଯମୁନା ନଦୀ ବିପଦସଙ୍କେତ ଟପିଥିବା ଜଣାପଡ଼ିଛି। ପଞ୍ଜାବରେ ଭାକ୍ରା ଜଳଭଣ୍ଡାରର ନିମ୍ନଭାଗ ଜଳାର୍ଣ୍ଣବ ହୋଇପଡ଼ିବାରୁ ଅନେକ କ୍ଷତି ଘଟିଛି। ବର୍ଷା ଓ ବନ୍ୟା ଯୋଗୁ ଅନେକ ଘର ଭାଙ୍ଗିଯାଇ ଥିବାବେଳେ ହଜାର ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଏପରିକି ବହୁ ଚାଷଜମି କ୍ଷତିଗ୍ରସ୍ତ ହେବା ସହ ଜଳାର୍ଣ୍ଣବ ଯୋଗୁ ଯାତାୟାତରେ ବାଧା ସୃଷ୍ଟିହୋଇଛି।

ହିମାଚଳ ପ୍ରଦେଶରେ ବର୍ଷାଜନିତ ବନ୍ୟା ଓ ଭୂସ୍ଖଳନ ଚିନ୍ତା ବଢାଇ ଦେଇଛି। ଏଠାରେ ସୋମବାର ସୁଦ୍ଧା ମୃତ୍ୟୁସଂଖ୍ୟା ୨୫ରେ ପହଞ୍ଚିଛି। ଲଗାଣ ବର୍ଷା ଯୋଗୁ ରାସ୍ତାଘାଟ ବିଭିନ୍ନ ସ୍ଥାନରେ ବୁଡ଼ିରହି ଥିବାରୁ ଯାତାୟାତରେ ବାଧା ସୃଷ୍ଟିହୋଇଛି। ଭୂସ୍ଖଳନ ଯୋଗୁ ପାଇପ୍‌ଲାଇନ୍ ଫାଟିଯିବାରୁ କାଙ୍ଗ୍ରା ଜିଲାକୁ ଦୁଇଦିନ ହେବ ଜଳଯୋଗାଣ ବନ୍ଦରହିଛି। ବର୍ଷା ଓ ବନ୍ୟା ଯୋଗୁ ରାଜ୍ୟ ୫୭୪ କୋଟି ଟଙ୍କାର କ୍ଷତି ହୋଇଥିବା ରାଜ୍ୟ ସରକାର ପ୍ରକାଶ କରିଛନ୍ତି। ଉତ୍ତରାଖଣ୍ଡରେ ମଧ୍ୟ ସମାନ ସ୍ଥିତି। ଏଠାରେ ମୃତ୍ୟୁସଂଖ୍ୟା ୧୦ରେ ପହଞ୍ଚିଥିବାବେଳେ ଉତ୍ତରକାଶୀ ଜିଲାରେ ଏବେ ବି ୬ ଜଣ ନିଖୋଜ ଅଛନ୍ତି। ମୋରି ବ୍ଲକର ଅନେକ ଗାଁ ବାଦଲ ଫଟା ବର୍ଷା ଓ ଭୂସ୍ଖଳନରେ ଧୋଇଯାଇଥିବା ଜଣାପଡ଼ିଛି। ବାୟୁସେନା ହେଲିକପ୍ଟର ସହ ୩ଟି ହେଲିକପ୍ଟରକୁ ସେଠାରେ ରିଲିଫ ଓ ଉଦ୍ଧାର ଲାଗି ମୁତୟନ କରାଯାଇଛି। ଋଷୀକେଶର ତ୍ରିବେଣୀ ଘାଟ ନିକଟରେ ଗଙ୍ଗା ନଦୀ ଜଳ ପହଞ୍ଚିଥିବା ଜଣାପଡ଼ିଛି। ଦିଲ୍ଲୀରେ ଯମୁନା ନଦୀ ସୋମବାର ☞ପୃଷ୍ଠା-୪

# ୨ଲକ୍ଷ କୋଟିର ପୁଞ୍ଜିନିବେଶକୁ ମଞ୍ଜୁରୀ

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)

ରାଜ୍ୟରେ ୨,୦୪,୦୬୯ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ସୋମବାର ଅପରାହ୍ନରେ ଖାରବେଳ ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉଚ୍ଚ କ୍ଷମତାସମ୍ପନ୍ନ କ୍ଲିୟରାନ୍ସ ଅଥରିଟି(ଏଚ୍‌ଏଲ୍‌ସିଏ)ବୈଠକରେ ୫ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏଥିରେ ୨୭,୬୪୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପେଟ୍ରୋକେମିକାଲ ଓ ମେଟାଲ ଡାଉନଷ୍ଟ୍ରିମ ପ୍ରକଳ୍ପଗୁଡିକରେ ଏହି ପୁଞ୍ଜିନିବେଶ ହେବ।

ଜିନ୍ଦଲ (ଇଣ୍ଡିଆ) ଲିମିଟେଡ ଯାଜପୁର ଜିଲା କଳିଙ୍ଗନଗରଠାରେ ୦.୫୦ନିୟୁତ ଟନ୍‌ର କୋଲ୍ଡ ରୋଲିଂ କମ୍ପ୍ଲେକ୍ସ ଏବଂ ଷ୍ଟିଲ୍ ପ୍ରୋସେସିଂ ପ୍ଲାଣ୍ଟ ସ୍ଥାପନ କରିବ। ଏହି ପ୍ଲାଣ୍ଟରେ ଜିନ୍ଦଲ ୧୬୭୬ କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛି। ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ୧୩ଶହ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏହି ପ୍ରସ୍ତାବକୁ ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟି ବୈଠକରେ ଅନୁମୋଦନ କରାଯାଇଛି। ସେହିପରି ତାଳଚେର ସାର କାରଖାନା ପକ୍ଷରୁ ତାଳଚେରଠାରେ ବାର୍ଷିକ ୧୨୯ ନିୟୁତ ଟନ୍‌ର ଏକ କୋଇଲା ଚାଳିତ ୟୁରିଆ ସାର କାରଖାନା ସ୍ଥାପନ କରାଯିବ। ସେଥିରେ ୧୪,୭୩୨ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଏହି କମ୍ପ୍ଲେକ୍ସ କାର୍ଯ୍ୟକାରୀ ହେଲେ ୫୫୦ ଜଣଙ୍କୁ ନିଯୁକ୍ତି ମିଳିପାରିବ।

ପେଟ୍ରୋ କେମିକାଲ କ୍ଷେତ୍ରରେ ମଧ୍ୟ ଓଡ଼ିଶାରେ ବୃହତ୍ ପୁଞ୍ଜିନିବେଶ ହେବାକୁ ଯାଉଛି। ହଳଦିଆ ପେଟ୍ରୋ କେମିକାଲ୍‌ସ ଲିମିଟେଡ ପକ୍ଷରୁ ବାଲେଶ୍ୱର ଜିଲା ସୁବର୍ଣ୍ଣରେଖା ବନ୍ଦର ନିକଟରେ ତୈଳ ବିଶୋଧନାଗାର, ଏରୋମାଟିକ୍ସ କମ୍ପ୍ଲେକ୍ସ ଏବଂ ଏଥଲିନ କ୍ରାକର କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଏଥିରେ ୭୮,୨୨୫କୋଟି ଟଙ୍କାର ପୁଞ୍ଜି ନିବେଶ ହେବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୧୦ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପାରାଦୀପ ତୈଳ ବିଶୋଧନାଗାର ସମ୍ପ୍ରସାରଣକୁ ମଧ୍ୟ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ମଞ୍ଜୁର କରିଛି। ଭାରତୀୟ ତୈଳ ନିଗମ(ଆଇଓସିଏଲ) ପାରାଦୀପ ଠାରେ ଥିବା ବିଶୋଧନାଗାର ସମ୍ପ୍ରସାରଣ ସହ ଏକ ନୂଆ ପ୍ଲାଣ୍ଟ ନିର୍ମାଣ କରିବ। ବିଶୋଧନାଗାର କ୍ଷମତାକୁ ୧୫ ନିୟୁତ ଟନ୍‌ରୁ ୨୫ ନିୟୁତ ଟନ୍‌କୁ ବୃଦ୍ଧି କରାଯିବା ସହ ଏରୋମାଟିକ୍ସ କମ୍ପ୍ଲେକ୍ସ ଏବଂ ପେଟ୍‌କୋକ ଗ୍ୟାସିଫିକେଶନ ପ୍ଲାଣ୍ଟ ସ୍ଥାପନ ହେବ। ଏଥିରେ ୧ଲକ୍ଷ ୩୦୦ କୋଟି ଟଙ୍କାର ପୁଞ୍ଜି ନିବେଶ ହେବା ସହ ୧୨,୫୯୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଆଇଓସିଏଲ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ବୈଠକରେ ଅନୁମୋଦନ ଦିଆଯାଇଛି। ଏଥିସହିତ ଆଇଓସିଏଲ ପାରାଦୀପଠାରେ ୧.୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ପ୍ୟୁରିଫାଏଡ ଟେରିଫଥାଲିକ ଏସିଡ କମ୍ପ୍ଲେକ୍ସ(ପିଏକ୍ସ-ପିଟିଏ) ସ୍ଥାପନ କରିବ। ଏହି ପ୍ଲାଣ୍ଟରେ ୯,୧୩୬ କୋଟି ଟଙ୍କାର ପୁଞ୍ଜି ନିବେଶ ହେବା ସହିତ ୩୨ଶହ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିବ। ଏହି ପ୍ରକଳ୍ପ ସ୍ଥାପନ ହେଲେ ଓଡ଼ିଶା ପୂର୍ବ ଭାରତର ଶକ୍ତିର ଦ୍ୱାରଦେଶ ହେବ। ଉକ୍ତ ପ୍ରକଳ୍ପଗୁଡିକ ବନ୍ଦରଭିତ୍ତିକ ହୋଇଥିବାରୁ ଏହା ଆମଦାନୀ ଓ ରପ୍ତାନି କ୍ଷେତ୍ରକୁ ତ୍ୱରାନ୍ୱିତ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଏଚ୍‌ଏଲ୍‌ସିଏ ବୈଠକ।

- ସୃଷ୍ଟି ହେବ ୨୭ ହଜାର ନିଯୁକ୍ତି ସୁଯୋଗ
- କଳିଙ୍ଗ ନଗରରେ ଜିନ୍ଦଲ କରିବ ୧୬୭୬ କୋଟି ଟଙ୍କାର ପ୍ଲାଣ୍ଟ
- ତାଳଚେରଠାରେ ୧୫ ହଜାର କୋଟିର ସାର କାରଖାନାକୁ ଅନୁମୋଦନ
- ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିବ ଆଇଓସିଏଲ୍
- ସୁବର୍ଣ୍ଣରେଖା ନିକଟରେ ୭୪ହଜାର କୋଟିର ହାଇଡ୍ରୋ କାର୍ବନ ପ୍ରୋସେସିଂ କମ୍ପ୍ଲେକ୍ସ
- ପାରାଦୀପ ତୈଳ ବିଶୋଧନାଗାର ସମ୍ପ୍ରସାରଣକୁ ମଞ୍ଜୁରୀ

**ଆଜିର ସମ୍ପାଦକୀୟ**

ଲାଠି

**ଆଜିର ମନ୍ତବ୍ୟ**

"ଦେଶରେ ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଚାଲିବ।

-ପ୍ରମୋଦ ସାୱନ୍ତ, ଗୋଆ ମୁଖ୍ୟମନ୍ତ୍ରୀ

# ସୁଧାଂଶୁ ଷଡ଼ଙ୍ଗୀ ହେଲେ ପୋଲିସ କମିଶନର

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ସୋମବାର ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। କଟକ-ଭୁବନେଶ୍ୱର ଟ୍ୱିନ୍ ସିଟିରେ ପୋଲିସ କମିଶନର ଥିବା ୧୯୮୮ ବ୍ୟାଚର ଆଇପିଏସ୍ ଅଫିସର ସତ୍ୟଜିତ୍ ମହାନ୍ତିଙ୍କୁ କାରାଗାର ଏଡିଜି ଭାବେ ବଦଳି କରାଯାଇଥିବା ବେଳେ ଏସ୍‌ସିଆରବିର ନିର୍ଦ୍ଦେଶକ ଥିବା ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ପୋଲିସ କମିଶନର ଭାବେ ନିଯୁକ୍ତି ମିଳିଛି। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।।

ଜେଲ ଏଡିଜି ଥିବା ୧୯୯୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ମହେନ୍ଦ୍ର ପ୍ରତାପଙ୍କୁ କଟକ ପ୍ରିଣ୍ଟିଂ ପ୍ରେସ୍ ଏବଂ ଷ୍ଟେଶନାରିର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଲ ଆଣ୍ଡ ଅର୍ଡର ଏଡିଜି ପଦବୀରେ ଥିବା ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ସଞ୍ଜୀବ ପଣ୍ଡାଙ୍କୁ ପରିବହନ କମିଶନର ଭାବେ ବଦଳି କରାଯାଇଛି। ଏଡିଜି ଅପରେଶନ ଦାୟିତ୍ୱରେ ଥିବା ୧୯୯୩ ବ୍ୟାଚ୍‌ର ଅଫିସର ଆର.ପି. କୋଚେଙ୍କୁ ଲ ଆଣ୍ଡ ଅର୍ଡର ଏଡିଜି ଭାବେ ନିଯୁକ୍ତି ମିଳିଛି। ସେହିଭଳି ଏଫ୍‌ଏସ୍, ଏଚ୍‌ଜି ଏବଂ ସିଡିରେ ଥିବା ଆଇଜି ରାଜେଶ କୁମାରଙ୍କୁ ଭୁବନେଶ୍ୱର ଏସ୍‌ସିଆରବି ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଗୋଇନ୍ଦା ବିଭାଗରେ ଥିବା ଡିଆଇଜି ଆଶିଷ କୁମାର ସିଂଙ୍କୁ କେନ୍ଦ୍ରାଞ୍ଚଳର ଡିଆଇଜି ଭାବେ ନିଯୁକ୍ତି ମିଳିଛି। ଅନୁସୂଚିତ ଜାତି ଓ ଜନଜାତି ଏବଂ ଏଚ୍‌ଆରପିସିରେ ଥିବା ଆଇପିଏସ୍ ଅଫିସର ଦୀପ୍ତେଶ କୁମାର ପଟ୍ଟନାୟକଙ୍କୁ ପୂର୍ବାଞ୍ଚଳ ଆଇଜି(ବାଲେଶ୍ୱର), ଉପାଧ୍ୟାୟଙ୍କୁ ଭୁବନେଶ୍ୱର ଇଓଡବ୍ଲ୍ୟୁ ଆଇଜି ଭାବେ ଦାୟିତ୍ୱ ମିଳିଛି। ଛୁଟିରେ ଥିବା ୧୯୯୮ ବ୍ୟାଚର ଆଇପିଏସ୍ ଅଫିସର ଏନ୍.ବି. ଭାରତୀଙ୍କୁ ଏଚ୍‌ଆରପିସି ଆଇଜି ଭାବେ ନିଯୁକ୍ତି ମିଳିଛି। ଏସ୍‌ଏପି (ସ୍ପେଶାଲ ଆର୍ମ ପୋଲିସ)ଆଇଜି ଅମିତାଭ ଠାକୁରଙ୍କୁ ଆଇଜି ପୋଲିସ ☞ପୃଷ୍ଠା-୪

- ସତ୍ୟଜିତ୍ ମହାନ୍ତି ହେଲେ ଜେଲ ଏଡିଜି
- ସଞ୍ଜୀବ ପଣ୍ଡା ପରିବହନ କମିଶନର
- ଆଶିଷ ସିଂ କେନ୍ଦ୍ରାଞ୍ଚଳ ଡିଆଇଜି
- ବଦଳିଲେ ୧୩ ଏସ୍‌ପି
- ଆର. ପ୍ରକାଶ ଜଗତ୍‌ସିଂହପୁର ଏସ୍‌ପି
- ସାର୍ଥକ ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପି




ସୁଧାଂଶୁ ଷଡ଼ଙ୍ଗୀ





NECC NATIONAL EGG CO-ORDINATION COMMITTEE | 19.08.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 71 | 120 | 130 |
| BLS | 72 | 122 | 132 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply

Eggs Retail Price- 42/-Dozen

Issued in the Interest of Consumers







# ୪ ବର୍ଷର ଶିଶୁକନ୍ୟାକୁ ବଳାତ୍କାର

**ଅଭିଯୁକ୍ତ ଗିରଫ**

ବାଲିଆପାଳ/ବସ୍ତା,୧୯।୮(ସ୍ୱ.ପ୍ର.)

ଶିଶୁକନ୍ୟାମାନଙ୍କ ପ୍ରତି ଅସଦାଚରଣ, ବଳାତ୍କାର ରୋକିବା ଲାଗି କଠୋର ଦଣ୍ଡ ପ୍ରଣୟନ କରାଯାଇଛି। ଏସବୁ ସତ୍ତ୍ୱେ ସେମାନଙ୍କ ପ୍ରତି ଅତ୍ୟାଚାର କମିବାର ନାଁ ନେଉନି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ବସ୍ତା ବ୍ଲକ ସିଂଲା ଥାନା ଅଞ୍ଚଳରେ। ଏହି ଅଞ୍ଚଳର ଏକ ୪ବର୍ଷର ଶିଶୁକନ୍ୟାକୁ ତାଙ୍କ ସମ୍ପର୍କୀୟ ଭାଇ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ମାମଲା (ନଂ. ୧୨୦/୧୯) ରୁଜୁ କରାଯାଇଛି। ଅଭିଯୁକ୍ତ ସଞ୍ଜୟ ଦାସ(୩୪)ଙ୍କୁ ଗିରଫ କରାଯାଇ ତଦନ୍ତ ଆରମ୍ଭ ହୋଇଛି ବୋଲି ଏସ୍‌ପି ବି.ଯୁଗଳକିଶୋର କୁମାର ସୂଚନା ଦେଇଛନ୍ତି।

ଗତ ୧୭ତାରିଖରେ ଜଣେ ୪ବର୍ଷର ଶିଶୁକନ୍ୟା ଘର ଅଗଣାରେ ଖେଳୁଥିଲେ। ଏହି ସମୟରେ ପଡ଼ୋଶୀ ଘର ସମ୍ପର୍କୀୟ ଭାଇ ସଞ୍ଜୟ ତାଙ୍କୁ ଘରୁ ପାଣି ଆଣିବାକୁ କହିଥିଲେ। ଶିଶୁକନ୍ୟା ଏ ନେଇ ତାଙ୍କ ମାଙ୍କୁ ଜଣାଇଥିଲେ। ତାଙ୍କ ମା' ନଳକୂପରୁ ପାଣି ☞ପୃଷ୍ଠା-୪






କଶ୍ମୀରରେ ମାନବାଧିକାରର ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଉଛି।

- ମମତା ବାନାର୍ଜୀ
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



■ ଭୟରେ କଶ୍ମୀରବାସୀ

# ସ୍କୁଲ ଖୋଲିଲା: ଉପସ୍ଥାନ କମ୍

ଶ୍ରୀନଗର,୧୯।୮



ଅନୁଚ୍ଛେଦ ୩୭୦ ହଟିବା ପରେ ଜମ୍ମୁ-କଶ୍ମୀରରେ ଲାଗୁ ହୋଇଥିବା କଟକଣାକୁ କୋହଳ କରାଯାଇଛି। ସୋମବାର ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶିକ୍ଷାନୁଷ୍ଠାନ ଖୋଲିଥିବାବେଳେ ଉପସ୍ଥାନ ବହୁତ କମ୍ ଥିବା ଦେଖିବାକୁ ମିଳିଛି। ବହୁ ସ୍କୁଲରେ କେବଳ ଶିକ୍ଷକ ଓ କର୍ମଚାରୀ ଆସିଥିବାବେଳେ ପିଲାଙ୍କ ଦେଖା ମିଳି ନ ଥିଲା।

ଶ୍ରୀନଗରରେ ମୋଟ ୯୦୦ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ସୋମବାର ୧୯୬ଟି ଖୋଲିଥିଲା। ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିବା ପରେ କେତେକ ଅଞ୍ଚଳରେ ସ୍କୁଲ ଖୋଲାଯାଇଥିବା ଶ୍ରୀନଗରର ଡେପୁଟି କମିଶନର ଶାହିଦ ଇକ୍‌ବାଲ କହିଛନ୍ତି। ପିଲାଙ୍କୁ ସ୍କୁଲକୁ ପଠାଇବା ପାଇଁ ଅଭିଭାବକମାନଙ୍କୁ ଅନୁରୋଧ କରାଯାଇଛି। ତେବେ ପିଲା ନ ଆସିବାରୁ କିଛି ସମୟ ପରେ କେତେକ ସ୍କୁଲକୁ ବନ୍ଦ କରିଦିଆଯାଇଥିବା ଦେଖିବାକୁ ମିଳିଥିଲା। ଦୁଇଦିନ ହେଲା ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ ହେଉଥିବାରୁ ଅଭିଭାବକ ସେମାନଙ୍କ ପିଲାଙ୍କୁ ସ୍କୁଲକୁ ପଠାଇବାକୁ ନିରାପଦ ମଣୁନାହାନ୍ତି। ତେଣୁ ଶ୍ରୀନଗରର ସମସ୍ତ ଘରୋଇ ବିଦ୍ୟାଳୟ ବନ୍ଦ ରହିଥିଲା।

ଅଗଷ୍ଟ ୫ ତାରିଖରେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହୋଇଥିଲା। ଏହାର ଦିନକ ପୂର୍ବରୁ ଅର୍ଥାତ୍ ୪ ତାରିଖରୁ ସେଠାରେ କଟକଣା ଜାରି କରାଯାଇଥିଲା। ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ସତର୍କତା ପଦକ୍ଷେପ ସ୍ୱରୂପ ବିଭିନ୍ନ ଦଳର ନେତାମାନଙ୍କୁ ଗୃହବନ୍ଦୀ କରାଯାଇଥିଲା। ଅତିରିକ୍ତ ୪୬ ହଜାର ସୁରକ୍ଷା ଯବାନ ମୁତୟନ କରାଯାଇ ଉପତ୍ୟକାକୁ ଏକପ୍ରକାର ସେନା ଛାଉଣୀରେ ପରିଣତ କରାଯାଇଥିଲା। ଉପତ୍ୟକାରେ ଟେଲିଫୋନ ଓ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଥିଲା।

ଦୁଇ ସପ୍ତାହ ପରେ ରାଜ୍ୟର ସ୍ଥିତି କ୍ରମେ ସ୍ୱାଭାବିକ ହେଉଥିବାବେଳେ କେତେକ ଅଞ୍ଚଳରୁ କଟକଣା ହଟାଇଦିଆଯିବା ସହ ଅନ୍ୟ କେତେକ ସ୍ଥାନରେ କୋହଳ କରାଯାଇଛି। ବିଭିନ୍ନ ଅଞ୍ଚଳରେ ଟେଲିଫୋନ ଓ ୨ଜି ଇଣ୍ଟରନେଟ ସେବା ଆରମ୍ଭ ହୋଇଛି। ଦୁଇଦିନ ପୂର୍ବରୁ ସରକାରୀ କାର୍ଯ୍ୟାଳୟଗୁଡିକ ଖୋଲିଥିବାବେଳେ ସୋମବାର ସ୍କୁଲ ଖୋଲିଛି। ଉପତ୍ୟକାର ଦୁଇ-ତୃତୀୟାଂଶ ଅଞ୍ଚଳରେ ଲ୍ୟାଣ୍ଡଲାଇନ୍ ଟେଲିଫୋନ ସେବା ଆରମ୍ଭ ହୋଇଥିବାବେଳେ ସୁରକ୍ଷା ସ୍ଥିତି ସମୀକ୍ଷା ପରେ ମୋବାଇଲ ଫୋନ ସେବା ଉପଲବ୍ଧ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା, ମେହବୁବା ମୁଫ୍‌ତିଙ୍କ ସମେତ ଶତାଧିକ ରାଜନେତାଙ୍କୁ ଅଟକ ରଖାଯାଇଛି।

## ଶାହଙ୍କୁ ସ୍ଥିତି ଜଣାଇଲେ ଡୋଭାଲ

ନୂଆଦିଲ୍ଲୀ,୧୯।୮(ପି.ଟି.)



ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କୁ ଭେଟି ଜମ୍ମୁ-କଶ୍ମୀର ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ସହ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ପାଇଁ ପାର୍ଲାମେଣ୍ଟରେ ବିଲ୍ ପାସ୍ ହେବା ପରେ ସେଠାର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଡୋଭାଲ ୧୦ ଦିନ ଉପତ୍ୟକାରେ ରହିଥିଲେ। ସେ ବିଭିନ୍ନ ପ୍ରଶାସନିକ ଅଧିକାରୀ ଓ ସୁରକ୍ଷା ଅଧିକାରୀଙ୍କୁ ଭେଟି ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ସେ ସାଧାରଣ ଜନତାଙ୍କ ସହ ମିଶି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ। ସେଠାରୁ ଫେରିବା ପରେ ପ୍ରଥମ ଥର ପାଇଁ ଡୋଭାଲ ଶାହଙ୍କୁ ଭେଟିଛନ୍ତି। କଶ୍ମୀର ସ୍ଥିତି ସମୀକ୍ଷା ବୈଠକରେ ଶାହଙ୍କ ସହିତ ଡୋଭାଲ, ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବା ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

■ ଟ୍ରମ୍ପଙ୍କ ସହ ଫୋନ୍‌ରେ କଥାହେଲେ ମୋଦି

## ଭାରତ ବିରୋଧୀ ହିଂସା ଅଶାନ୍ତି ବଢ଼ାଉଛି

ନୂଆଦିଲ୍ଲୀ, ୧୯।୮(ପି.ଟି.)



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ସୋମବାର ଅଧଘଣ୍ଟା ଧରି ଟେଲିଫୋନରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି। ବିଶେଷକରି ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ପରେ କଶ୍ମୀରର ସାମ୍ପ୍ରତିକ ସ୍ଥିତିକୁ ନେଇ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ଲାଗି ମୋଦି ସିଧାସଳଖ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଦାୟୀ କରିଛନ୍ତି। ଭାରତ ବିରୋଧୀ ହିଂସା ଓ କେତେକ ଆଞ୍ଚଳିକ ନେତାଙ୍କ ଉତ୍ତେଜନାପୂର୍ଣ୍ଣ ବିବୃତି ଶାନ୍ତିରକ୍ଷା କ୍ଷେତ୍ରରେ ସମସ୍ୟା ସୃଷ୍ଟି କରୁଛି। ସୀମାପାର ଆତଙ୍କବାଦ ଦୂର କରିବା ଓ ଉପତ୍ୟକାରେ ଶାନ୍ତି ଫେରିବା ଲାଗି ଭାରତ ଉଦ୍ୟମ ଜାରି ରଖିଥିବା ମୋଦି କହିଥିଲେ। ପ୍ରକାଶଥାଉ କି, ଟ୍ରମ୍ପ ଦୁଇଦିନ ତଳେ ଇମ୍ରାନଙ୍କୁ ନୂଆଦିଲ୍ଲୀ ସହ ଶାନ୍ତିରକ୍ଷା ଉପରେ ଗୁରୁତ୍ୱ ଦେବା ଲାଗି ପରାମର୍ଶ ଦେଇଥିଲେ। ପୂର୍ବରୁ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ଲାଗି ଟ୍ରମ୍ପ ଇମ୍ରାନଙ୍କୁ କହିବା ପରେ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା।

## ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ରଙ୍କ ପରଲୋକ

ପାଟନା,୧୯।୮(ପି.ଟି.)



ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ରଙ୍କର ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ସୋମବାର ସକାଳେ ସେ ଦିଲ୍ଲୀସ୍ଥିତ ତାଙ୍କ ଦ୍ୱାରକା ନିବାସରେ ଥିବାବେଳେ ହୃଦ୍‌ଘାତ ହେବାରୁ ମୃତ୍ୟୁ ଘଟିଛି। ତାଙ୍କର ତିନି ପୁଅ ଓ ତିନି ଝିଅଙ୍କ ମଧ୍ୟରୁ ସାନପୁଅ ନୀତୀଶ ମିଶ୍ର ରାଜ୍ୟ ସରକାରରେ ମନ୍ତ୍ରୀ ଅଛନ୍ତି। ବୁଧବାର ଜଗନ୍ନାଥଙ୍କ ଶେଷକୃତ୍ୟ ନିଜ ଗାଁ ସୁପାଉଲ ଜିଲାର ବାଲୁଆ ବଜାରରେ ଅନୁଷ୍ଠିତ ହେବ।

ଅର୍ଥନୀତି ଅଧ୍ୟାପକରୁ ଜଗନ୍ନାଥ ୩ ଥର ବିହାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେ ବିହାରର ଶେଷ କଂଗ୍ରେସ ମୁଖ୍ୟମନ୍ତ୍ରୀ। ତାଙ୍କ ପରେ କଂଗ୍ରେସ ଆଉ କ୍ଷମତାକୁ ଆସିନାହିଁ। ୧୯୭୫ରେ ତାଙ୍କ ବଡ଼ଭାଇ ତଥା ତତ୍କାଳୀନ ରେଳମନ୍ତ୍ରୀ ଲଳିତ ନାରାୟଣ ମିଶ୍ରଙ୍କୁ ବିସ୍ଫୋରଣରେ ହତ୍ୟା କରାଯାଇଥିଲା। ଏହି ବିସ୍ଫୋରଣରେ ଜଗନ୍ନାଥ ମଧ୍ୟ ଆହତ ହୋଇଥିଲେ। ପରେ ଜଗନ୍ନାଥ ବିହାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ମଣ୍ଡଳ ରାଜନୀତି ପୂର୍ବରୁ ୭୦ ଓ ୮୦ ଦଶକରେ ସେ ଥିଲେ ବିହାରର ସବୁଠୁ ପ୍ରଭାବଶାଳୀ ନେତା। କେନ୍ଦ୍ରରେ ପି.ଭି. ନରସିଂହ ରାଓଙ୍କ କ୍ୟାବିନେଟରେ ମଧ୍ୟ ସେ ମନ୍ତ୍ରୀ ଥିଲେ। ତାଙ୍କ ପରଲୋକରେ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ଜେଟ୍‌ଲୀଙ୍କୁ ଦେଖିବା ଲାଗି ଏମ୍ସରେ ଆଡଭାନୀ

**ନୂଆଦିଲ୍ଲୀ,୧୯।୮(ପି.ଟି.)**-ପୂର୍ବତନ ଅର୍ଥମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅରୁଣ ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସଙ୍କଟାପନ୍ନ ରହିଥିବାବେଳେ ତାଙ୍କୁ ଦେଖିବା ଲାଗି ସୋମବାର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀ, କେନ୍ଦ୍ରମନ୍ତ୍ରୀ ମୁକ୍ତାର ଆବାସ୍ ନକ୍‌ଭି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ରମ୍ ସିଂ ରାୱତ୍, ଭାଜପା ଜାତୀୟ ସାଧାରଣ ସମ୍ପାଦକ ଅରୁଣ ସିଂ ପ୍ରମୁଖ ଏମ୍ସ ଗସ୍ତ କରିଥିଲେ। ସେମାନେ ସେଠାରେ ଜେଟ୍‌ଲୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ଗତ ଅଗଷ୍ଟ ୯ରୁ ଜେଟ୍‌ଲୀଙ୍କୁ ଏମ୍ସରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ଏକ ଡ଼ାକ୍ତରୀ ଟିମ୍ ତାଙ୍କୁ ଚିକିତ୍ସା ଓ ନିରୀକ୍ଷଣ କରୁଛନ୍ତି।

## ୪ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କଲା ବାୟୁସେନା

**ତାୱି ନଦୀରେ ବନ୍ୟା**

ଜମ୍ମୁ,୧୯।୮(ପି.ଟି.)



ଜମ୍ମୁରେ ପ୍ରବାହିତ ତାୱି ନଦୀରେ ବନ୍ୟା ଆସିଥିବାବେଳେ ସେଠାରେ ଫସିରହିଥିବା ୪ ମତ୍ସ୍ୟଜୀବୀଙ୍କୁ ସୋମବାର ବାୟୁସେନା ଉଦ୍ଧାର କରିଛି। ଖରାପ ପାଗ ଓ ବନ୍ୟାଜଳର ପ୍ରଖର ସ୍ରୋତକୁ ଖାତିର ନ କରି ବାୟୁସେନା ଦୁଃସାହସର ସହିତ ହେଲିକପ୍ଟର ଯୋଗେ ମତ୍ସ୍ୟଜୀବୀମାନଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା। ସେମାନେ ଏକ ନିର୍ମାଣାଧୀନ ବ୍ରିଜ୍‌ର ନିମ୍ନ ଭାଗରେ ରହିଯାଇଥିଲେ। ପ୍ରବଳ ବର୍ଷା ଯୋଗୁ ଉକ୍ତ ନଦୀର ଜଳପତନ ହଠାତ୍ ବଢ଼ିଯାଇଥିଲା। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ଏବଂ ପୋଲିସ ସେମାନଙ୍କ ପାଖରେ ପହଞ୍ଚିବାରେ ବିଫଳ ହେବା ପରେ ବାୟୁସେନାକୁ ଡକାଯାଇଥିଲା। ବାୟୁସେନା ଯବାନମାନେ ହେଲିକପ୍ଟରରୁ ଦଉଡି ସହାୟତାରେ ୨ ଥରରେ ୪ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲେ। ହେଲିକପ୍ଟର ଘଟଣାସ୍ଥଳରେ ପହଞ୍ଚିବା ପରେ ଯବାନମାନେ ବ୍ରିଜ୍‌ର ପିଲାର ନିକଟରେ ଥିବା ସ୍ଲାବ୍ ଉପରେ ଓହ୍ଲାଇଥିଲେ। ସେମାନେ ୨ ଜଣ ଲେଖାଏ ମତ୍ସ୍ୟଜୀବୀଙ୍କୁ ହେଲିକପ୍ଟରରୁ ଝୁଲୁଥିବା ଦଉଡିରେ ବାନ୍ଧିଥିଲେ। ପରେ ହେଲିକପ୍ଟର ସେମାନଙ୍କୁ ନେଇ ନିରାପଦ ସ୍ଥାନରେ ଓହ୍ଲାଇଥିଲା। ଅନ୍ୟ ଏକ ଘଟଣାରେ ହର୍‌କୀ ପୌଡ଼ି ନିକଟରେ ବନ୍ୟାପାଣି ଘେରରେ ରହିଯାଇଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ଟିମ୍ ଉଦ୍ଧାର କରିଛି।

## ୨୨ରୁ ମୋଦିଙ୍କ ଫ୍ରାନ୍ସ ଗସ୍ତ

ନୂଆଦିଲ୍ଲୀ, ୧୯।୮(ପି.ଟି.)

ଅଗଷ୍ଟ ୨୨ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନିଆ ଫ୍ରାନ୍ସ ଗସ୍ତରେ ଯାଇ ରାଷ୍ଟ୍ରପତି ଇମ୍ମାନୁଏଲ୍ ମାକ୍ରୋନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ପ୍ରତିରକ୍ଷା, ଅଣୁଶକ୍ତି, ଆତଙ୍କବାଦ ଦମନ, ସାମୁଦ୍ରିକ ସହଯୋଗ ଆଦି ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇବ ବୋଲି ଜଣାପଡ଼ିଛି।

## ସ୍ତ୍ରୀଙ୍କୁ ଜିଅନ୍ତା ଜାଳିଦେଲେ

**ତିନି ତଲାକ୍ ବିରୋଧରେ ଏତଲା ଦେବା ମହଙ୍ଗା ପଡ଼ିଲା**

ଶ୍ରାବସ୍ତୀ,୧୯।୮(ପି.ଟି.)

ତିନି ତଲାକ ବିରୋଧରେ ଥାନାରେ ଏତଲା ଦେବା ଉତ୍ତରପ୍ରଦେଶର ଜଣେ ମହିଳାଙ୍କ ପାଇଁ ମହଙ୍ଗା ପଡିଛି। ଏହି ୨୨ ବର୍ଷୀୟା ମହିଳାଙ୍କୁ ତାଙ୍କୁ ସ୍ୱାମୀ ଓ ଶାଶୁଘର ଲୋକେ ଜିଅନ୍ତା ଜାଳିଦେଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଉଭୟଙ୍କ ମଧ୍ୟରେ ଆପୋସ ମିଳାମିଶା ଲାଗି ଉଦ୍ୟମ କରୁଥିଲା ବୋଲି ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ ସୟିଦା ନାମ୍ନୀ ମହିଳାଙ୍କ ସ୍ୱାମୀ ନଫିସ୍ ମୁମ୍ବାଇରେ କାମ କରନ୍ତି। ଗତ ୬ ତାରିଖରେ ସେ ସୟିଦାଙ୍କୁ ଟେଲିଫୋନରେ ତିନିଥର ତଲାକ କହିଥିଲେ। ଏହା ପରେ ମହିଳା ଜଣଙ୍କ ସ୍ଥାନୀୟ ଥାନାକୁ ଯାଇ ଏତଲା ଦାଏର କରିଥିଲେ। ପୋଲିସ ତାଙ୍କୁ ଘରକୁ ପଠାଇଦେଇ ସ୍ୱାମୀ ମୁମ୍ବାଇରୁ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିଲା ବୋଲି ମହିଳାଙ୍କ ବାପା ଅଭିଯୋଗ କରିଛନ୍ତି। ନଫିସ୍ ଅନେକ ସମୟରେ ସୟିଦାଙ୍କୁ ମାଡ଼ ମାରୁଥିଲେ। ଗତ ସପ୍ତାହରେ ପୋଲିସ ଉଭୟଙ୍କୁ ଥାନାକୁ ଡାକି ଏକାଠି ରହିବା ପାଇଁ କହିଥିଲେ। ପୋଲିସରେ କାହିଁକି ଏତଲା ଦେଲେ ବୋଲି କହି ନଫିସ୍ ପରଦିନ ସ୍ତ୍ରୀ ସହ ଝଗଡା କରିଥିଲେ। ପରେ ସେ ସୟିଦାଙ୍କୁ ନୁର୍ଦ୍ଧୁମ୍ ପିଟିବା ସହ ପରିବାରର ଅନ୍ୟ ସଦସ୍ୟମାନେ ମିଶି କିରୋସିନ ଢାଳି ନିଆଁ ଲଗାଇଦେଇଥିଲେ। ୫ ବର୍ଷର ଝିଅ ସମ୍ମୁଖରେ ସୟିଦା ଜିଅନ୍ତା ଜଳିଯାଇଥିଲେ। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରିବା ସହ ନଫିସ୍ ଓ ତାଙ୍କ ବାପାଙ୍କୁ ଗିରଫ କରିଛି। ୮ ଜଣଙ୍କ ବିରୋଧରେ ଏତଲା ଦାଏର ହୋଇଛି। ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ବରିଷ୍ଠ ପୋଲିସ ଅଧିକାରୀ ବି.ଏସ୍. ଦୁବେ କହିଛନ୍ତି। ସରକାର ନୂଆ ଆଇନ ଆଣିବା ସତ୍ତ୍ୱେ ତିନି ତଲାକ୍ କହି ଛାଡ଼ପତ୍ର ଦେବା ବନ୍ଦ ହେଉନାହିଁ।

**ଇତିହାସର ଆଇନାରେ**

**ଅଗଷ୍ଟ ୨୦ର ପ୍ରମୁଖ ଘଟଣା**

୨୦୦୬ ଅଗଷ୍ଟ ୨୦ରେ ଶ୍ରୀଲଙ୍କାର ତାମିଲ ରାଜନେତା ତଥା ପୂର୍ବତନ ଏମ୍‌ପି ଏସ୍. ଶିବମହାରାଜାଙ୍କୁ ଟେଲିପଲାଇସ୍ଥିତ ତାଙ୍କ ବାସଭବନରେ ଗୁଳିକରି ହତ୍ୟା କରାଯାଇଥିଲା।

୨୦୦୭ ଅଗଷ୍ଟ ୨୦ରେ ଚାଇନା ଏୟାରଲାଇନ୍ସ ଫ୍ଲାଇଟ୍ ୧୨୦ରେ ନିଆଁ ଲାଗିଯିବାରୁ ବିସ୍ଫୋରଣ ଘଟିଥିଲା।



## ଚିଦାମ୍ବରମ୍‌ଙ୍କୁ ଇଡି ସମନ

**ନୂଆଦିଲ୍ଲୀ,୧୯।୮(ପି.ଟି.)**-ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ସମନ ଜାରି କରିଛି। ଉପା ସରକାର ଅମଳରେ ହୋଇଥିବା ବିମାନ ଚଳାଚଳ ଦୁର୍ନୀତି ଅଭିଯୋଗର ତଦନ୍ତ ବେଳେ ମନିଲଣ୍ଡରିଂ ସହ ଚିଦାମ୍ବରମ ସମ୍ପୃକ୍ତ ଥିବା ଜଣାପଡ଼ିଛି। ୨୩ରେ ତାଙ୍କୁ ଇଡିରେ ହାଜର ହୋଇ ବୟାନ ରେକର୍ଡ କରାଇବାକୁ କୁହାଯାଇଛି।

**ଫୁରସତ**

## 'ଦି ଗର୍ଲ ଅନ୍ ଦି ଟ୍ରେନ୍'ର ଶୁଟିଂ ଆରମ୍ଭ

**ମୁମ୍ବାଇ:** ଅଭିନେତ୍ରୀ କୀର୍ତ୍ତି କୁହ୍ଲାରୀ 'ଦି ଗର୍ଲ ଅନ୍ ଦି ଟ୍ରେନ୍'ର ଶୁଟିଂ ଲଣ୍ଡନରେ ଆରମ୍ଭ କରିଛନ୍ତି। ସେ ଶୁଟିଂ ସେଟ୍‌ରୁ ନାୟିକା ପରିଣିତି ଚୋପ୍ରାଙ୍କୁ ଆଲିଙ୍ଗନ କରିଥିବାର ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।

'ବାର୍ଡ ଅଫ୍ ବ୍ଲଡ୍' ପରେ ଏହି ଫିଲ୍ମରେ ନିର୍ଦ୍ଦେଶକ ରିଭୁ ଦାସଗୁପ୍ତାଙ୍କ ସହ କୀର୍ତ୍ତି ଦ୍ୱିତୀୟ ଥର ପାଇଁ କାର୍ଯ୍ୟ କରୁଛନ୍ତି। ଏଥିରେ କୀର୍ତ୍ତି ଜଣେ ବ୍ରିଟିଶ ପୋଲିସ ଅଫିସର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏଥିପାଇଁ ସେ ଲଣ୍ଡନରେ ଦୀର୍ଘ ମାସେ ପର୍ଯ୍ୟନ୍ତ ଅବସ୍ଥାନ କରିବେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରିଛନ୍ତି ଅଦିତି ରାଓ ହାଇଦରି। କୀର୍ତ୍ତି କୁହ୍ଲାରୀଙ୍କ ଅଭିନୀତ ଶେଷ ଫିଲ୍ମ 'ମିଶନ ମଙ୍ଗଳ' ଅଗଷ୍ଟ ୧୫ରେ ରିଲିଜ ହୋଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଅକ୍ଷୟ କୁମାର, ବିଦ୍ୟା ବାଲାନ, ସୋନାକ୍ଷୀ ସିହ୍ନା, ତାପସୀ ପନ୍ନୁ, ନିଥ୍ୟା ମେନନ୍ ଏବଂ ଶର୍ମନ ଜୋଷୀ। ତାଙ୍କ ଅଭିନୀତ 'ବାର୍ଡ ଅଫ୍ ବ୍ଲଡ୍' ସେପ୍ଟେମ୍ବର ୨୭ରେ ରିଲିଜ ହେବାକୁ ଯାଉଛି।




## ପ୍ରତି ୧୦ ବର୍ଷରେ ମ୍ୟାଲେରିଆ ନେଉଛି ୬୦ ଲକ୍ଷ ଜୀବନ

ନୂଆଦିଲ୍ଲୀ/ଲଣ୍ଡନ,୧୯।୮:

**ଆଜି ବିଶ୍ୱ ମଶା ଦିବସ**



ମଶା କାମୁଡାରୁ ମ୍ୟାଲେରିଆ ଯୋଗୁ ପ୍ରତି ୧୦ବର୍ଷରେ ବିଶ୍ୱରେ ପାଖାପାଖି ୬୦ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି। ଏହି ରୋଗରୁ ମୁକ୍ତି ପାଇଁ ତଥାପି ଗବେଷଣା ଜାରି ରହିଛି। ମଙ୍ଗଳବାର ପାଳିତ ହେଉଛି ବିଶ୍ୱ ମଶା ଦିବସ। ଉକ୍ତ ଦିନ ବ୍ରିଟିଶ ଡାକ୍ତର ସାର୍ ରୋନାଲ୍ଡ ରସ୍ ମ୍ୟାଲେରିଆ ରୋଗର ମୂଳ କାରଣ ଆବିଷ୍କାର କରିଥିଲେ। ୧୮୯୭ ମସିହା ଏହି ଦିନ ସେ ମ୍ୟାଲେରିଆର କାରଣ ମାଈ ଆନୋଫିଲିସ ମଶାକୁ ଚିହ୍ନଟ କରିଥିଲେ। ଏହାପରେ ଉକ୍ତ ରୋଗର ନିରାକରଣ ପାଇଁ ସମଗ୍ର ବିଶ୍ୱରେ ସଚେତନତା ସୃଷ୍ଟି କରାଯାଉଛି।


ସେହିଦିନଠାରୁ ପ୍ରତିବର୍ଷ ଅଗଷ୍ଟ ୨୦କୁ 'ବିଶ୍ୱ ମଶା ଦିବସ' ଭାବେ ପାଳନ କରାଯାଇ ଆସୁଛି। ଏହି ଦିବସକୁ 'ଦି ଲଣ୍ଡନ ସ୍କୁଲ ଅଫ୍ ହାଇଜିନ ଆଣ୍ଡ ଟ୍ରପିକାଲ ମେଡିସିନ୍' ଦ୍ୱାରା ବ୍ୟାପକ ଭାବେ ପାଳନ କରାଯାଏ। ଏହିଦିନ ବିଭିନ୍ନ ମ୍ୟାଲେରିଆ ସଂକ୍ରାନ୍ତ ବିଭିନ୍ନ ପ୍ରଦର୍ଶନୀ ଏବଂ କାର୍ଯ୍ୟକ୍ରମ ସହିତ ଆଲୋଚନାଚକ୍ର ଆଦି ଅନୁଷ୍ଠିତ ହୁଏ। ଏଥିସହିତ ରୋନାଲ୍ଡ ରସ୍ ଏବଂ ତାଙ୍କ ପରେ ଅନେକ ବୈଜ୍ଞାନିକଙ୍କ ଗବେଷଣାମୂଳକ କାର୍ଯ୍ୟକ୍ରମ ପାଇଁ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଏ।

ମଶା କାମୁଡିବା ଯୋଗୁ ମ୍ୟାଲେରିଆ, ୱେଷ୍ଟ ନାଇଲ ଭାଇରସ୍, ଡେଙ୍ଗୁ, ଚିକୁନଗୁନିଆ, ଜିକା ଆଦି ରୋଗ ସୃଷ୍ଟି ହୋଇଥାଏ। ଏହିସବୁ ରୋଗର କାରଣ ବିଭିନ୍ନ ମଶା ହୋଇଥିବାବେଳେ ସେଗୁଡିକ ବିଶ୍ୱରେ ପାଖାପାଖି ୧୦କୋଟି ବର୍ଷ ହେଲା ରହିଆସିଛନ୍ତି। ମଶା କାମୁଡା ରୋଗ ଯୋଗୁ ପ୍ରତିବର୍ଷ ବିଶ୍ୱରେ ଅନେକ ଲୋକଙ୍କ ଜୀବନ ହାନି ଘଟୁଛି। ମ୍ୟାଲେରିଆ ଯୋଗୁ ପ୍ରତି ୧୦ବର୍ଷରେ ବିଶ୍ୱରେ ପାଖାପାଖି ୬୦ଲକ୍ଷ ଲୋକଙ୍କ ଜୀବନ ଯାଉଛି। ମଶାକାମୁଡା ଜନିତ ରୋଗର ନିରାକରଣ ଲାଗି ବର୍ତ୍ତମାନ ବିଜ୍ଞାନ, ପ୍ରଯୁକ୍ତି ଓ ଜ୍ଞାନକୌଶଳ ଏବଂ ବ୍ୟୟସାଧ ଗବେଷଣା ଆଦି ଜାରି ରହିଛି। ବ୍ରିଟିଶ ଡାକ୍ତର ରସ୍ ମ୍ୟାଲେରିଆ ରୋଗର ମୂଳ କାରଣ ଆବିଷ୍କାର କରିବାପରେ ଏହି ରୋଗର ସ୍ଥାୟୀ ନିରାକରଣ ପାଇଁ ଆଉ କେତେଦିନ ଲାଗିବ ତାହା ସମୟ ହିଁ କହିବ।



ରୋନାଲ୍ଡ ରସ୍

## ଆଜି ଚନ୍ଦ୍ରକକ୍ଷକୁ ଯିବ ଚନ୍ଦ୍ରୟାନ-୨



ଚେନ୍ନାଇ,୧୯।୮(ଆଇଏଏନ୍‌ଏସ୍)

ଭାରତର ଦ୍ୱିତୀୟ ମୁନ୍ ମିଶନ୍ ଚନ୍ଦ୍ରୟାନ-୨କୁ ମଙ୍ଗଳବାର ସକାଳେ ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରାଯିବ।

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଚନ୍ଦ୍ରୟାନ-୨ରେ ଥିବା ମୋଟରକୁ ଫାୟାରିଂ କରିବା ପରେ ଏହା ଚନ୍ଦ୍ରର କକ୍ଷପଥରେ ପ୍ରବେଶ କରିବ। ଏହାପରେ ଚନ୍ଦ୍ରୟାନକୁ ଅଗଷ୍ଟ ୨୧, ୨୮, ୩୦ ଓ ସେପ୍ଟେମ୍ବର ୧ରେ ଚାରି ପର୍ଯ୍ୟାୟ ଦେଇ ଚନ୍ଦ୍ରର ଚୂଡାନ୍ତ କକ୍ଷପଥରେ ପ୍ରବେଶ କରାଯିବ। ସେତେବେଳେ ଚନ୍ଦ୍ରପୃଷ୍ଠରୁ ଏହା ୧୦୦କିଲୋମିଟର ଉଚ୍ଚତାରେ ଅବସ୍ଥାନ କରିଥିବ। ବିକ୍ରମ ଲ୍ୟାଣ୍ଡର ଅର୍ବିଟରଠାରୁ ପୃଥକ୍ ହେବାପରେ ସେପ୍ଟେମ୍ବର ୭ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଧୀରେ ଧୀରେ ଅବତରଣ କରିବ।

ଜୁଲାଇ ୨୨ରେ ଚନ୍ଦ୍ରୟାନ-୨କୁ ଭାରତର ସବୁଠୁ ଓଜନିଆ ରକେଟ ଜିଏସ୍‌ଏଲ୍‌ଭି ମେକ୍-୩ ଦ୍ୱାରା ମହାକାଶକୁ ଉତ୍କ୍ଷେପଣ କରାଯାଇଥିଲା। ଉକ୍ତ ସ୍ପେସ୍‌କ୍ରାଫ୍ଟ ୩ଟି ଅଂଶକୁ ନେଇ ଗଠିତ। ଦି ଅର୍ବିଟର(୨୩୭୯ କିଲୋଗ୍ରାମ), ଦି ଲ୍ୟାଣ୍ଡର 'ବିକ୍ରମ'(୧୪୭୧ କିଲୋଗ୍ରାମ) ଏବଂ ରୋଭର 'ପ୍ରଜ୍ଞାନ' (୨୭କିଲୋଗ୍ରାମ)।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୦ ଅଗଷ୍ଟ, ୨୦୧୯


## ସଂକ୍ଷେପରେ

### ହାଇକୋର୍ଟରେ ନବୀନ ନିବାସ ବିବାଦ ମାମଲା
## ୨ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜସ୍ୱ ସଚିବଙ୍କୁ ନିର୍ଦ୍ଦେଶ

କଟକ ଅଫିସ, ୧୯।୮: ନବୀନ ନିବାସକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାର ଶୁଣାଣି ସୋମବାର ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏହାର ଶୁଣାଣି କରି ଆସନ୍ତା ୨ମାସ ମଧ୍ୟରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ରାଜସ୍ୱ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ୧୯୯୨ରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଭୀମପୁର ମୌଜାରେ ଖାତା ନମ୍ବର ୭୪୦ ଓ ପ୍ଲଟ ନମ୍ବର ୧୨୦୦ରୁ ୧୦୦ଡେସିମିଲ ଜମି ଜ୍ଞାନ ପଟ୍ଟନାୟକଙ୍କ ନାମରେ ଅନୁମୋଦନ କରାଯାଇଥିଲା। ମାତ୍ର ୨୦୦୯ରେ ଉକ୍ତ ପ୍ଲଟ୍‌କୁ ଲାଗି ଥିବା ୧୨୦୦, ୧୨୦୧ ଓ ୧୨୨୨ ପ୍ଲଟ୍‌ର ୨ ଏକର ୩୩ ଡେସିମିଲ ଜମି ବେଆଇନ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ଭଉଣୀ ଗୀତା ମେହେଟ୍ଟାଙ୍କ ନାମରେ ଦାଖଲ ଖାରଜ (ମ୍ୟୁଟେଶନ) କରାଯାଇଛି, ଯାହା ଗଭର୍ନମେଣ୍ଟ ଗ୍ରାଣ୍ଟସ୍ ଆକ୍ଟ-୧୮୯୫କୁ ଉଲ୍ଲଂଘନ କରୁଛି। ଏହାପୂର୍ବରୁ ଆବେଦନକାରୀ ଏ ସମ୍ପର୍କରେ ରାଜ୍ୟପାଳ, ମୁଖ୍ୟ ଶାସନ ସଚିବ ଓ ରାଜସ୍ୱ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ସଂଗ୍ରାମ କେଶରୀ ମିଶ୍ର, ସରୋଜ ପାଢୀ ଓ ତାପସ ଦ୍ୱିବେଦୀ ମାମଲା ପରିଚାଳନା କରୁଛନ୍ତି।

## ମନମୋହନ ରାଜ୍ୟ ସଭାକୁ ନିର୍ବାଚିତ

ଜୟପୁର/ଲକ୍ଷ୍ନୌ, ୧୯।୮(ପି.ଟି.)
ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ସୋମବାର ରାଜସ୍ଥାନରୁ ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପନିର୍ବାଚନ ଲାଗି ନାମାଙ୍କନପତ୍ର ପ୍ରତ୍ୟାହାର ସମୟସୀମା ଅପରାହ୍ନ ୩ଟାରେ ଶେଷ ହେବା ପରେ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



ହୋଇଥିବା ଘୋଷଣା କରାଯାଇଥିଲା। ରାଜ୍ୟ ସଭା ସଦସ୍ୟ ମଦନ ଲାଲ୍ ସାଇନିଙ୍କ ପରଲୋକ ଯୋଗୁ ରାଜସ୍ଥାନର ଉକ୍ତ ଆସନ ପାଇଁ ଉପନିର୍ବାଚନର ଆବଶ୍ୟକତା ପଡିଥିଲା। କଂଗ୍ରେସ ଏହି ଆସନରୁ ମନମୋହନଙ୍କୁ ପ୍ରାର୍ଥୀ କରିଥିବାବେଳେ ଭାଜପା ପ୍ରାର୍ଥୀ ଦେଇ ନ ଥିଲା। ମନମୋହନ ତିନି ଦଶନ୍ଧି ହେଲା ଆସାମରୁ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରିଆସୁଥିଲେ। ତାଙ୍କର କାର୍ଯ୍ୟକାଳ ଗତ ଜୁନ୍ ୧୪ରେ ଶେଷ ହୋଇଥିଲା। ଆସାମ ବିଧାନସଭାରେ କଂଗ୍ରେସର ଆବଶ୍ୟକ ସଂଖ୍ୟା ନ ଥିବାରୁ ସେ ପୁନର୍ବାର ନିର୍ବାଚିତ ହୋଇପାରି ନ ଥିଲେ। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ପୁଅ ନୀରଜ ଶେଖର ମଧ୍ୟ ସୋମବାର ଉତ୍ତରପ୍ରଦେଶରୁ ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। ସେ ଭାଜପାରୁ ଗତ ୧୪ ତାରିଖରେ ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କ ବିରୋଧରେ ଅନ୍ୟ କେହି ପ୍ରାର୍ଥୀ ହୋଇ ନ ଥିବାରୁ ସୋମବାର ନାମାଙ୍କନପତ୍ର ପ୍ରତ୍ୟାହାର ସମୟସୀମା ଅତିକ୍ରାନ୍ତ ହେବା ପରେ ତାଙ୍କୁ ବିଜୟୀ ଘୋଷଣା କରାଯାଇଥିଲା।




# ବିଦ୍ୟୁତ୍ ଚୋରି, କ୍ଷତି ରୋକିବ ସ୍ମାର୍ଟ ମିଟର

- ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ଉପଭୋକ୍ତା ହେବେ ପରିସରଭୁକ୍ତ
- ସମ୍ବଲପୁର ଓ ରାଉରକେଲାରୁ ଆରମ୍ଭ ହେବ ପାଇଲଟ ପ୍ରକଳ୍ପ
- ଫାଇଦା ନେବେ ବଣ୍ଟନ କମ୍ପାନୀ, ଟଙ୍କା ଗଣିବେ ଉପଭୋକ୍ତା

**ଭୁବନେଶ୍ୱର, ୧୯।୮ (ବ୍ୟୁରୋ):** ଘରେ ଲାଗିଥିବା ପୁରୁଣା ବିଦ୍ୟୁତ୍ ମିଟର ବଦଳିଯିବ। ଲାଗିବ ନୂଆ ପ୍ରିପେଡ୍ ଓ ସ୍ମାର୍ଟ ମିଟର। ରାଜ୍ୟର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ଏହି ମିଟର ଯୋଗାଇ ଦିଆଯିବ। ବିଦ୍ୟୁତ୍ ଚୋରି ଏବଂ ବୈଷୟିକ ଓ ବାଣିଜ୍ୟିକ କ୍ଷତି (ଏ ଆଣ୍ଡ୍ ଟିସି)କୁ ରୋକିବା ପାଇଁ ଶକ୍ତି ବିଭାଗ ଏଭଳି ପଦକ୍ଷେପ ନେବାକୁ ଯାଉଛି। ସମ୍ବଲପୁର, ରାଉରକେଲାରେ ପ୍ରଥମେ ପାଇଲଟ ପ୍ରକଳ୍ପ ଭାବେ ଏହା ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସୋମବାର ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସୂଚନା ଦେଇଛନ୍ତି।

ପ୍ରିପେଡ୍ ସ୍ମାର୍ଟ ମିଟର ଲାଗିଲେ ବିଦ୍ୟୁତ୍ ସରବରାହ କ୍ଷେତ୍ରରେ ହେଉଥିବା ବାଣିଜ୍ୟିକ ଓ ବୈଷୟିକ କ୍ଷତିକୁ ରୋକିବା ସହିତ ବିଦ୍ୟୁତ୍ ଟାମ୍ପରିଂ ଓ ଚୋରି ଉପରେ ମଧ୍ୟ ଅଙ୍କୁଶ ଲଗାଯାଇପାରିବ। ପ୍ରିପେଡ୍ ମିଟର ଲାଗିଲେ ଗ୍ରାହକଙ୍କୁ ଆଗୁଆ ବିଦ୍ୟୁତ୍ ଦେୟ ଦେବାକୁ ହେବ। ଟେଲିଫୋନ୍ ଭଳି ପଇସା ସରିଗଲେ ପୁଣି ରିଚାର୍ଜ କରିବାକୁ ପଡ଼ିବ। ନଚେତ୍ ଅନ୍ଧାରରେ ରହିବାକୁ ହେବ। ରାଜ୍ୟରେ ଏ ଆଣ୍ଡ୍ ଟିସି କ୍ଷତି ୫୬ ପ୍ରତିଶତ ରହିଛି। ଏହାକୁ ପ୍ରତ୍ୟେକ ବର୍ଷ ୧୦ ପ୍ରତିଶତ କମାଇବାକୁ ବିଦ୍ୟୁତ୍ ବିଭାଗ ପ୍ରୟାସ ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୨୫ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ପ୍ରି ପେଡ୍ ସ୍ମାର୍ଟ ମିଟର ଯୋଗାଇ ଦିଆଯିବ। ବିଦ୍ୟୁତ୍ ଯୋଗାଉଥିବା ୪ଟି ବଣ୍ଟନ କମ୍ପାନୀ ସେସୁ, ନେସ୍କୋ, ସାଉଥ୍‌କୋ ଏବଂ ୱେସ୍କୋକୁ ପ୍ରତ୍ୟେକ ୧ ଲକ୍ଷ ମିଟର ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ସରକାର ଗୋଟିଏ ପଟେ ବିଦ୍ୟୁତ୍ କ୍ଷତି କମାଇବାକୁ ଯୋଜନା କରୁଥିବା ବେଳେ ଅନ୍ୟପଟେ ମିଟର ବାବଦ ଖର୍ଚ୍ଚକୁ ବିଦ୍ୟୁତ୍ ଗ୍ରାହକଙ୍କ ମୁଣ୍ଡରେ ଲଦିବାକୁ ନିଷ୍ପତ୍ତି ନିଆଯାଇଛି। ମିଟର ପିଛା ଗ୍ରାହକଙ୍କୁ ୩ ହଜାର ୫ ଶହ ଟଙ୍କା ପୈଠ କରିବାକୁ ପଡ଼ିବ। ଏକକାଳୀନ ନ ହେଲେ ମଧ୍ୟ ବିଦ୍ୟୁତ୍ ବିଲ୍ ସହ ଏହାକୁ ଆଦାୟ କରାଯିବ। ମିଟର କିଣିବା ପାଇଁ ଖୁବ୍‌ଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବ ବୋଲି ଶକ୍ତି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଯଦି ପୂର୍ବ ମିଟର ଠିକ୍ କାର୍ଯ୍ୟ କରୁଛି ତେବେ ଉପଭୋକ୍ତା ନୂଆ ମିଟର ବ୍ୟୟଭାର କାହିଁକି ଭରଣା କରିବେ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନେଇ ଘରୋଇ ଉପଭୋକ୍ତାଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି।

# ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେଲେ ଅସିତ୍

ଭୁବନେଶ୍ୱର,୧୯।୮(ବ୍ୟୁରୋ)

ରାଜ୍ୟର ୪୩ତମ ମୁଖ୍ୟ ଶାସନ ସଚିବ ଭାବେ ଅସିତ୍ ତ୍ରିପାଠୀ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କିଛିଦିନ ତଳେ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ରାଜ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ମିଳିଥିବାବେଳେ ତାଙ୍କ ସ୍ଥାନରେ ଅସିତ୍‌ଙ୍କୁ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ନିଯୁକ୍ତି ଦେଇଛନ୍ତି। ୧୯୮୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅସିତ୍ ପୂର୍ବରୁ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସିଛନ୍ତି। ଦାୟିତ୍ୱ ନେବାପରେ ଅସିତ୍ ଏକ ଖବରଦାତା ସମ୍ମିଳନୀ କରି ସମୟ ଉପରେ ବିଶେଷ ଧ୍ୟାନ ଦେବା ପାଇଁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସବୁ ଜିନିଷରେ ଉନ୍ନତୀକରଣ କରାଯାଇପାରିବ। ପ୍ରଥମ ଗୁରୁତ୍ୱ ପରିଚାଳନା କ୍ଷେତ୍ରରେ ଦିଆଯିବ। ୨୦୧୯-୨୦ ପାଇଁ ଯେଉଁସବୁ ବିଭାଗ ଯାହା କରିବା ପାଇଁ କହିଛନ୍ତି, ତାହାକୁ କେମିତି ଠିକ୍‌ରେ ହେବ ସେଦିଗରେ ବିଶେଷ ଗୁରୁତ୍ୱ ଦିଆଯିବ। କାହାର ବ୍ୟକ୍ତିଗତ କାର୍ଯ୍ୟ ଥିଲେ ଯେପରି ଫାଇଲ୍ ରକେଟ୍ ପରି ଯାଇଥାଏ, ସବୁ କ୍ଷେତ୍ରରେ ସେମିତି କାର୍ଯ୍ୟ କରାଗଲେ ସାଧାରଣ ଲୋକଙ୍କ ସମସ୍ୟା ଦୂର ହୋଇପାରିବ। ଏହି କଥା ଉପରେ ବିଶେଷ ଧ୍ୟାନ ରହିବ। ୫ଟି ଡାଆଁରେ ସରକାର ଚାଲିବ। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱ ଦିଆଯିବ। ଅନ୍‌ଲାଇନ ଖଜଣା ପ୍ରଦାନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଯେ କୌଣସି କାର୍ଯ୍ୟର ନିଷ୍ପତ୍ତି ତୁରନ୍ତ ନିଆଯିବ। ଏହି ଅବସରରେ ବିଭିନ୍ନ ବିଭାଗର ସଚିବ ଓ ଅନ୍ୟ ଅଧିକାରୀମାନେ ଅସିତ୍‌ଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଅପରପକ୍ଷରେ ଆଦିତ୍ୟ ପ୍ରସାଦ ପାଢୀ ମଧ୍ୟ ସୋମବାର ରାଜ୍ୟ ନିର୍ବାଚନ କମିଶନର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପାଢୀ ମୁଖ୍ୟ ଶାସନ ସଚିବ ପଦରୁ ସ୍ୱେଚ୍ଛାକୃତ ଅବସର ନେବାପରେ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଛନ୍ତି। ଗୋକୁଳ ଚନ୍ଦ୍ର ପତିଙ୍କ ପରେ ପାଢୀ ୨୦୧୫ ନଭେମ୍ବର ୩୦ରୁ ମୁଖ୍ୟ ଶାସନ ସଚିବ ପଦରେ ରହିଥିଲେ। ରାଜ୍ୟର ସପ୍ତମ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ନେବା ପରେ ପାଢୀ କହିଛନ୍ତି, ଆଗକୁ ପୌର ଓ ପଞ୍ଚାୟତ ନିର୍ବାଚନ ଆସୁଛି। ଏହାକୁ ସୁଚାରୁରୂପେ ତୁଲାଇବା ପାଇଁ ପ୍ରୟାସ କରିବେ ବୋଲି ସେ କହିଛନ୍ତି।



- ରକେଟ୍ ପରି ଯିବ ସରକାରୀ ଫାଇଲ: ମୁଖ୍ୟ ଶାସନ ସଚିବ
- ରାଜ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ନେଲେ ଆଦିତ୍ୟ ପ୍ରସାଦ ପାଢ଼ୀ
- ସୁରେଶ ମହାପାତ୍ର ଏବଂ ସଞ୍ଜୀବ ଚୋପ୍ରା ମଧ ନେଲେ ଦାୟିତ୍ୱ

ସେହିପରି ଦୁଇ ବରିଷ୍ଠ ଆଇଏଏସ୍ ଅଫିସର ସୁରେଶ କୁମାର ମହାପାତ୍ର ରାଜ୍ୟ ଉନ୍ନୟନ କମିଶନର ଭାବେ ଏବଂ ସଞ୍ଜୀବ ଚୋପ୍ରା ଗୃହ ବିଭାଗ ସଚିବ ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସୁରେଶ ମହାପାତ୍ର କହିଛନ୍ତି, ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ଯାହାସବୁ ଯୋଜନା ଓ କାର୍ଯ୍ୟକ୍ରମ ରହିଛି ତାକୁ ଠିକ୍‌ରେ ଲାଗୁ କରିବା ଉପରେ ଗୁରୁତ୍ୱ ଦେବି। ସବୁ ଅଞ୍ଚଳ ଏବଂ ସମସ୍ତ ବର୍ଗର ଉନ୍ନତିକୁ ଦାୟିତ୍ୱ ସହକାରେ ପାଳନ କରିବି। ସଞ୍ଜୀବ ଚୋପ୍ରା କହିଛନ୍ତି, ଗୃହ ବିଭାଗ ସଚିବ ଭାବେ ଯାହାସବୁ ଦାୟିତ୍ୱ ରହିଛି, ତାକୁ ଠିକ୍‌ରେ ପାଳନ କରିବି। ସୁସ୍ଥ ବାତାବରଣ ଏବଂ ଆଇନଶୃଙ୍ଖଳା ଉପରେ ବିଶେଷ ଗୁରୁତ୍ୱ ଦେବା ସହ ରାଜ୍ୟର ମହିଳା, ଦଳିତ, ପଛୁଆବର୍ଗଙ୍କ ସୁରକ୍ଷା ଉପରେ ଧ୍ୟାନ ଦେବି ବୋଲି ଚୋପ୍ରା କହିଛନ୍ତି।

## ଭଙ୍ଗାଗଲା ମେଘନାଦ ପାଚେରି ପାର୍ଶ୍ୱ ନିର୍ମାଣ

ପୁରୀ ଅଫିସ, ୧୯।୮

ମେଘନାଦ ପାଚେରିକୁ ଲାଗି ରହିଥିବା ନିର୍ମାଣ ଉଚ୍ଛେଦକୁ ନେଇ କିଛିଦିନ ଧରି ଚାଲିଥିବା କଳ୍ପନାଜଳ୍ପନାର ପରିସମାପ୍ତି ଘଟିଛି। ସୋମବାର ମେଘନାଦ ପାଚେରି ପାର୍ଶ୍ୱସ୍ଥ ସରକାରୀ ଓ ବେସରକାରୀ କୋଠାଗୁଡ଼ିକୁ ଭଙ୍ଗାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ କାରଣରୁ ଏହି ନିର୍ମାଣ ଉଚ୍ଛେଦ ନିମନ୍ତେ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ତେବେ ଉଚ୍ଛେଦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ମଙ୍ଗଳବାର ମଧ୍ୟ ବହୁ ନିର୍ମାଣ ଭଙ୍ଗାଯିବ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଅନ୍ୟପକ୍ଷରେ ସୂଚନାକେନ୍ଦ୍ର ଉପରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି କେଉଁଠିକୁ ସ୍ଥାନାନ୍ତର କରାଯିବ ତାହା ସ୍ଥିର ହୋଇ ପାରିନାହିଁ। ବୁଦ୍ଧିଜୀବୀମାନଙ୍କ ସହ ଏ ନେଇ ପ୍ରଶାସନ ଆଲୋଚନା ଜାରି ରଖିଛି। ଉଚ୍ଛେଦ ପାଇଁ ରବିବାର ରାତିରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସୂଚନା କେନ୍ଦ୍ର ଛାତ ଉପରେ ଥିବା ଷ୍ଟିଲ ପାଇପଗୁଡ଼ିକୁ ପ୍ରଥମେ ଭଙ୍ଗାଯାଇଥିଲା।

### ■ ରାଶନ ପାଇଁ ଆଧାର ବାଧ୍ୟତାମୂଳକ
# ସବୁ ପିଡିଏସ୍‌ରୁ ନେଇପାରିବେ ଖାଦ୍ୟ ସାମଗ୍ରୀ

ଭୁବନେଶ୍ୱର,୧୯।୮(ବ୍ୟୁରୋ)

- ସେପ୍ଟେମ୍ବର ପହିଲାରୁ ଲାଗୁ ହେବ
- ବିଏମ୍‌ସିରୁ ଆରମ୍ଭ ପାଇଲଟ ପ୍ରକଳ୍ପ

ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା ଏବଂ ରାଜ୍ୟ ଖାଦ୍ୟ ନିରାପତ୍ତା ସ୍କିମ୍ ହିତାଧିକାରୀମାନେ ଏଣିକି ରାଜ୍ୟର ଯେକୌଣସି ସାଧାରଣ ଖାଉଟି ବଣ୍ଟନ କେନ୍ଦ୍ର(ପିଡିଏସ୍)ରୁ ଚାଉଳ, ଗହମ ଓ କିରୋସିନ ନେଇପାରିବେ। ସେମାନଙ୍କୁ ଆଉ କେବଳ ଜଣେ ଡିଲର ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ କିମ୍ବା ରାଶନ ପାଇଁ ବାରମ୍ବାର ଦୌଡ଼ିବାକୁ ପଡ଼ିବ ନାହିଁ। ରାଶନ କାର୍ଡ ଦେଖାଇ ଯେକୌଣସି ଖାଉଟି କେନ୍ଦ୍ରରୁ ଖାଦ୍ୟ ସାମଗ୍ରୀ ନେଇପାରିବେ। ଆସନ୍ତା ସେପ୍ଟେମ୍ବର ପହିଲାରୁ ପାଇଲଟ ପ୍ରକଳ୍ପ ଭାବେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରୁ ଏହି ସୁବିଧା ଆରମ୍ଭ ହେବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଏନେଇ ଖୋର୍ଦ୍ଧା ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଦେଇଛନ୍ତି। ତେବେ ଏହି ସୁବିଧା ପାଇବା ପାଇଁ ରାଶନ କାର୍ଡ ହିତାଧିକାରୀଙ୍କୁ ଆଧାର କାର୍ଡ ଏବଂ ଫୋନ୍ ନମ୍ବର ଲିଙ୍କ୍ କରିବାକୁ ପଡ଼ିବ।

ଭୁବନେଶ୍ୱର ମହାନଗର ନିଗମରେ ଥିବା ୬୭ଟି ୱାର୍ଡରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହି ଅଞ୍ଚଳରେ ଥିବା ୧୨୭ଟି ସାଧାରଣ ଖାଉଟି ବଣ୍ଟନ କେନ୍ଦ୍ରକୁ ଆଇଆର୍‌ଆଇଏସ୍ ସ୍କାନର ମେଶିନ ମଧ୍ୟ ଯୋଗାଇ ଦିଆଯିବ। ଆଧାର କାର୍ଡର ଟିପଚିହ୍ନ ମ୍ୟାଚ୍ ନ କଲେ ଉକ୍ତ ମେଶିନ ଜରିଆରେ ଖାଉଟିଙ୍କୁ ଚିହ୍ନଟ କରାଯାଇପାରିବ। ଯେଉଁ ଖାଉଟିଙ୍କର ଆଧାର ସଂଯୋଗ ସମ୍ଭବ ହେବ ନାହିଁ ଅର୍ଥାତ୍ ରୋଗଗ୍ରସ୍ତ, ମାନସିକ ବିକାରଗ୍ରସ୍ତ, ବୃଦ୍ଧାବୃଦ୍ଧଙ୍କୁ ମାର୍କେଟିଂ ଇଣ୍ଟେଲିଜେନ୍ସ (ଏମ୍‌ଆଇ)ଙ୍କ ସାର୍ଟିଫିକେଟ ଆଧାରରେ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯିବ। ଏମ୍‌ଆଇ ଦେଇଥିବା ସାର୍ଟିଫିକେଟ ଠିକ୍ ଅଛି କି ନାହିଁ ତାହା ବର୍ଷକୁ ୪ ଥର ବିଭାଗୀୟ ସ୍କ୍ୱାଡ ଦ୍ୱାରା ସ୍ୱତନ୍ତ୍ର ଭାବେ ଯାଞ୍ଚ କରାଯିବ। ଜାଲିଆତି ହୋଇଥିବା ଧରାପଡ଼ିଲେ ସମ୍ପୃକ୍ତ ଏମ୍‌ଆଇଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ସହରାଞ୍ଚଳରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏହାପରେ ଏହି ବ୍ୟବସ୍ଥା ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରାଯିବ। ଆଇଆର୍‌ଆଇଏସ୍ ସ୍କାନର ବାବଦରେ କଣ୍ଟ୍ରୋଲ ଡିଲରଙ୍କୁ ୭୦୦୦ ଟଙ୍କା ରାଜ୍ୟ ସରକାର ଯୋଗାଇ ଦେବେ।

ସେପ୍ଟେମ୍ବର ପହିଲାରୁ ରାଶନ କାର୍ଡଧାରୀ ବିନା ଆଧାର ପଞ୍ଜୀକରଣରେ ଖାଦ୍ୟ ସାମଗ୍ରୀ ନେଇପାରିବେ ନାହିଁ। ଏ ପର୍ଯ୍ୟନ୍ତ ରାଜ୍ୟରେ ୯୬ ପ୍ରତିଶତ ପରିବାର ଆଧାର ପଞ୍ଜୀକରଣ କରିଛନ୍ତି। ଅବଶିଷ୍ଟ ଖୁବ୍‌ଶୀଘ୍ର ହେବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ୭ ଦିନରେ ବଙ୍ଗଳା ଖାଲିକର

ନୂଆଦିଲ୍ଲୀ,୧୯।୮(ପି.ଟି.)

**ପୂର୍ବତନ ଏମ୍‌ପିଙ୍କୁ ନିର୍ଦ୍ଦେଶ**

ସପ୍ତାହେ ମଧ୍ୟରେ ସରକାରୀ ବଙ୍ଗଳା ଖାଲି କରିବାକୁ ପୂର୍ବତନ ଏମ୍‌ପିମାନଙ୍କୁ ସୋମବାର ଲୋକ ସଭାର ଏକ କମିଟି ନିର୍ଦ୍ଦେଶ ଦେଇଛି। ଲୋକ ସଭା ହାଉସିଂ କମିଟିରେ ଏହି ନିଷ୍ପତ୍ତି ନିଆଯାଇଥିବା ଏହାର ଅଧ୍ୟକ୍ଷ ସି.ଆର୍. ପାଟିଲ କହିଛନ୍ତି। ତିନିଦିନ ମଧ୍ୟରେ ଉକ୍ତ କ୍ୱାର୍ଟର୍ସକୁ ବିଦ୍ୟୁତ୍, ପାଣି ଓ ଗ୍ୟାସ୍ ସଂଯୋଗ ବିଚ୍ଛିନ୍ନ କରାଯିବାକୁ ନିଷ୍ପତ୍ତି ହୋଇଛି।

ନିୟମ ଅନୁଯାୟୀ ପୂର୍ବ ଲୋକ ସଭା ଭଙ୍ଗ ହେବାର ୧ ମାସ ମଧ୍ୟରେ ପୂର୍ବତନ ଏମ୍‌ପିମାନେ ସେମାନଙ୍କ ବଙ୍ଗଳା ଖାଲି କରିବା କଥା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମେ ୨୫ରେ ଷୋଡ଼ଶ ଲୋକ ସଭା ଭଙ୍ଗ କରିଥିଲେ। ୨୦୧୪ରେ ନିର୍ବାଚିତ ହୋଇଥିବା ୨୦୦ରୁ ଊର୍ଦ୍ଧ୍ୱ ଏମ୍‌ପି ଏପର୍ଯ୍ୟନ୍ତ ସରକାରୀ ବଙ୍ଗଳା ଖାଲି କରିନାହାନ୍ତି। ଫଳରେ ନବନିର୍ବାଚିତ ଏମ୍‌ପିମାନଙ୍କୁ ଅସ୍ଥାୟୀ ଗୃହ ଯୋଗାଇ ଦିଆଯାଇଛି।

UTKAL UNIVERSITY
VANI VIHAR, BHUBANESWAR - 751004
ODISHA, INDIA
No. DRS/RUSA-1041-2016 (PDF) / 23787/2019 dated the 19 August 2019

RUSA Post-Doctoral Fellowship @ ₹1,00,000 per month

*Established in 1943, Utkal University, a NAAC A+ and Category I University with graded autonomy, is a premier Higher Education Institution in India. The main campus at Vani Vihar is located in the capital city of Bhubaneswar spread over nearly 400 acres adjacent to National Highway 16. The new rural campus spreads over nearly 67 acres of land in the mountainous ranges of Chandikhole in Jajpur district. The University provides ample opportunities for research, innovation and modern knowledge delivery system. The University is in receipt of Rashtriya Uchchatar Shiksha Abhiyan (RUSA) for enriching quality and excellence in higher education.*

*With 29 Post-Graduate Departments and recently opened several Centers of Excellence (CoEs) with assistance from RUSA & World Bank, the University is engaged with cutting-edge research, innovative teaching pedagogy and knowledge production.*

The University announces RUSA Post-Doctoral Fellowship @ ₹1,00,000 per month depending on academic qualifications, research competencies and publications in high impact factor journals for maximum period of three years. Interested candidates may apply in the prescribed format to the *Coordinator RUSA 2.0, Utkal University, Vani Vihar, Bhubaneswar-751004*, India latest by 20 September 2019 with a soft copy to **uurusapdf@gmail.com.** The details of it are available at **www.utkaluniversity.nic.in.** For any queries, candidates may contact at **uurusapdf@gmail.com.**

**Sd/- REGISTRAR**

# ଭୁବନେଶ୍ୱରରୁ ଜଗଦଲପୁର, ଜୁନାଗଡ଼କୁ ଚାଲିବ ପୃଥକ୍ ଟ୍ରେନ୍

ଭୁବନେଶ୍ୱର,୧୯।୮(ବ୍ୟୁରୋ)

- ଧର୍ମେନ୍ଦ୍ରଙ୍କ ଚିଠି ପରେ ଘୋଷଣା କଲେ ରେଳମନ୍ତ୍ରୀ
- ରେଳଯାତ୍ରୀଙ୍କୁ ସୁବିଧା ହେବ: ଧର୍ମେନ୍ଦ୍ର

ଆଗକୁ ଭୁବନେଶ୍ୱରରୁ ଜୁନାଗଡ ଏବଂ ଭୁବନେଶ୍ୱରରୁ ଜଗଦଲପୁରକୁ ୨ଟି ପୃଥକ ଟ୍ରେନ୍ ଚଳାଚଳ କରିବ। ଏନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ କରିଥିବା ଅନୁରୋଧକୁ ରକ୍ଷା କରି ସେ ଏହାକୁ ସ୍ୱୀକୃତି ଦେଇଛନ୍ତି। ରେଳମନ୍ତ୍ରୀଙ୍କ ସ୍ୱୀକୃତି ମିଳିବାପରେ ଧର୍ମେନ୍ଦ୍ର ସାମାଜିକ ଗଣମାଧ୍ୟମ ଜରିଆରେ ଧନ୍ୟବାଦ ଜଣାଇଛନ୍ତି। ଏହାସହ ଧର୍ମେନ୍ଦ୍ର କହିଛନ୍ତି ଯେ, ଏହି ବ୍ୟବସ୍ଥା ଦ୍ୱାରା ରେଳଯାତ୍ରୀଙ୍କୁ ସୁବିଧା ମିଳିପାରିବ। ଟ୍ରେନ୍ ନମ୍ବର ୧୮୪୩୭/୧୮୪୩୮ ଭୁବନେଶ୍ୱର-ଜୁନାଗଡ ରୋଡ୍ ଏକ୍ସପ୍ରେସ ଭୁବନେଶ୍ୱର ଓ ଜୁନାଗଡ ମଧ୍ୟରେ ଏବଂ ଟ୍ରେନ୍ ନମ୍ବର ୧୮୪୪୭/୧୮୪୪୮ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ୍ ଭୁବନେଶ୍ୱର ଜଗଦଲପୁର ମଧ୍ୟରେ ପୃଥକଭାବେ ଚଳାଚଳ କରିବ। ଏନେଇ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ରେଳମନ୍ତ୍ରୀ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏହାଦ୍ୱାରା ଯାତ୍ରୀମାନେ ବିଶେଷ ଲାଭ ପାଇପାରିବେ ବୋଲି ଗୋୟଲ ଆଶାବ୍ୟକ୍ତ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଧର୍ମେନ୍ଦ୍ର ଜୁଲାଇ ୧୮ରେ ରେଳମନ୍ତ୍ରୀଙ୍କୁ ଚିଠି ଲେଖି ଭୁବନେଶ୍ୱର-ଜଗଦଲପୁର ଏବଂ ଭୁବନେଶ୍ୱର-ଜୁନାଗଡକୁ ଦୁଇଟି ପୃଥକ ଟ୍ରେନ୍ ଚଳାଚଳ କରିବା ଲାଗି ଅନୁରୋଧ କରିଥିଲେ। ଏହାସହ ଏହି ଦୁଇଟି ଟ୍ରେନ୍ ଚଳାଚଳ ଲାଗି କଳାହାଣ୍ଡି ଜିଲାର ଭବାନୀପାଟଣା ଓ ଜୁନାଗଡ ଅଞ୍ଚଳର ଲୋକମାନେ ଦୀର୍ଘଦିନରୁ ଦାବି କରି ଆସୁଥିବା ଜଣାଇଥିଲେ। ବର୍ତ୍ତମାନ ଭୁବନେଶ୍ୱରରୁ ଯାଉଥିବା ଟ୍ରେନ୍‌ର ୧୦ଟି ବଗି ରାୟଗଡା ଷ୍ଟେସନରେ ଅଲଗା ହୋଇ ଜୁନାଗଡ ଅଭିମୁଖେ ଯାଉଛି। ଅବଶିଷ୍ଟ ୧୨ଟି ବଗି ଜଗଦଲପୁର ଅଭିମୁଖେ ଯାତ୍ରା କରୁଛି। ଫେରିବା ସମୟରେ ଉଭୟ ଜଗଦଲପୁର ଏବଂ ଜୁନାଗଡରୁ ଆସୁଥିବା ଭିନ୍ନଭିନ୍ନ ଟ୍ରେନ୍ ରାୟଗଡା ଷ୍ଟେଶନରେ ଗୋଟିଏ ଇଞ୍ଜିନରେ ଯୋଡି ହୋଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଛି। ଉପରୋକ୍ତ ବ୍ୟବସ୍ଥା ବିଶେଷଭାବେ କଳାହାଣ୍ଡି ଟ୍ରେନ୍ ଯାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଏଭଳି ଜଟିଳ ବ୍ୟବସ୍ଥା ସମ୍ପର୍କରେ ସଚେତନ ନ ଥିବା ଯାତ୍ରୀମାନେ ଅନେକ ସମୟରେ ଠିକ୍ ବଗିରେ ଚଢି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଉପରୋକ୍ତ ପ୍ରସ୍ତାବକୁ ସ୍ୱୀକୃତି ମିଳିଲେ ରାଜଧାନୀ-ଭୁବନେଶ୍ୱର ଓ କଳାହାଣ୍ଡି ମଧ୍ୟରେ ଯାତାୟାତ ଲାଗି ବ୍ୟବସ୍ଥା ହେବ। ଏହାଦ୍ୱାରା ଯାତ୍ରୀଙ୍କ ଆଗ୍ରହ ଅଧିକ ଥିବାରୁ ଟ୍ରେନ୍‌ରେ ଯାତ୍ରୀ ଭିଡ ଅଧିକ ରହିବ ଏବଂ ପୂର୍ଣ୍ଣ ଯାତ୍ରୀ କ୍ଷମତାରେ ଚଳାଚଳ କରିବ। ଏହାବ୍ୟତୀତ ଯାତ୍ରୀଙ୍କ ପାଇଁ ଅଧିକ ସଂଖ୍ୟକ ସଂରକ୍ଷିତ ବଗି ଉପଲବ୍ଧ ହୋଇପାରିବ ବୋଲି ଧର୍ମେନ୍ଦ୍ର ଚିଠିରେ ଦର୍ଶାଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅରୋକୃପା
ପରିବାରବର୍ଗ


ଏଲିନା
ପରିବାରବର୍ଗ


ରିଶି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଢ଼ିଲା ନଦୀ ଜଳସ୍ତର

- ଦୁଇ ଜିଲାପାଳଙ୍କୁ ସଜାଗ ରହିବାକୁ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶ
- ୨୨ରୁ ପୁଣି ପ୍ରବଳ ବର୍ଷା

ଭୁବନେଶ୍ୱର, ୧୯।୮(ବ୍ୟୁରୋ)

ଦୁଇଦିନ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ରାଜ୍ୟରେ ପୁଣି ବନ୍ୟା ପରିସ୍ଥିତି ଜଟିଳ ହେବାରେ ଲାଗିଛି। ଉପରମୁଣ୍ଡରେ ବର୍ଷା ହେବାରୁ ହୀରାକୁଦର ଜଳସ୍ତର ପୁଣି ବୃଦ୍ଧି ପାଇବାରେ ଲାଗିଛି। ସେଥିପାଇଁ ସୋମବାର ଆଉ ୭ଟି ଗେଟ୍ ଖୋଲାଯାଇଛି। ପୂର୍ବରୁ ୭ଟି ଗେଟ୍ ଦେଇ ଜଳନିଷ୍କାସିତ ହେଉଥିବାବେଳେ ଏବେ ମୋଟ ୧୪ ଗେଟ୍ ଦେଇ ଜଳଭଣ୍ଡାରରୁ ମହାନଦୀକୁ ଜଳ ଛଡ଼ାଯାଉଛି। ଜଳଭଣ୍ଡାରର ଜଳସ୍ତର ୬୨୦.୮୭୦ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୧ ଲକ୍ଷ ୭୫ ହଜାର ୩୭୧ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ପ୍ରତି ସେକେଣ୍ଡରେ ୨ଲକ୍ଷ ୨୦ ହଜାର ୩୧୮ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଜଳସ୍ତର ବୃଦ୍ଧି ପାଇବାରୁ ମନ୍ଦିରା ଡ୍ୟାମର ସମସ୍ତ ୧୧ଟି ଗେଟ୍ ଖୋଲାଯାଇଛି। ଶଙ୍ଖ ନଦୀ ଉପରେ ନିର୍ମିତ ଡ୍ୟାମର ସର୍ବାଧିକ ଜଳ ଧାରଣ କ୍ଷମତା ୬୯୦ ଫୁଟ ରହିଛି। ତେବେ ଏହି ବନ୍ୟା ପାଣି ବ୍ରାହ୍ମଣୀ ନଦୀକୁ ନିଷ୍କାସିତ ହେଉଥିବାରୁ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବାଲିମେଳା ଜଳଭଣ୍ଡାରରୁ ମଧ୍ୟ ଜଳ ନିଷ୍କାସନ କରାଯାଇଛି। ଜଳଭଣ୍ଡାରର ବିପଦ ସ୍ତର ୧୫ ଶହ ୧୪ ଫୁଟ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧୪ ଶହ ୯୨ ଫୁଟ ଜଳ ରହିଛି। ଜଳଭଣ୍ଡାରର ୪ ନମ୍ବର ଗେଟ ଓ ସ୍ଲୁଇସ ଗେଟ ଖୋଲାଯାଇଛି। ପ୍ରତି ସେକେଣ୍ଡରେ ୬ ହଜାର କ୍ୟୁସେକ ଜଳ ନିଷ୍କାସିତ ହେଉଛି।

ଉପରମୁଣ୍ଡରେ ବର୍ଷା ଯୋଗୁ ବ୍ରାହ୍ମଣୀ, ଜଳକା, ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବା ଜଣାପଡ଼ିଛି। ଜଳକା ନଦୀରେ ଜଳସ୍ତର ବିପଦ ସଂକେତ ୫.୫୦ଫୁଟ ରହିଥିବା ବେଳେ ଏବେ ୬.୨୪ଫୁଟ ଉଚ୍ଚରେ ପ୍ରବାହିତ ହେଉଛି। ଜଳକାରେ ବନ୍ୟା ଆସିବା ଫଳରେ ଜଳେଶ୍ୱର ସହରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କେତେକ ସ୍ଥାନରେ ଘର ଭିତରେ ପାଣି ପଶିଯାଇଛି। ଫଳରେ ହଜାର ହଜାର ଲୋକ ପାଣି ଘେରରେ ରହିଛନ୍ତି।

ଆଖୁଆପଦାଠାରେ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଉଛି। ଏଠାରେ ବିପଦ ସଙ୍କେତ ୧୭.୮୩ ମିଟର ରହିଥିବା ବେଳେ ସୋମବାର ରାତି ସୁଦ୍ଧା ୧୮ମିଟର ଛୁଇଁବା ଆଶଙ୍କା ରହିଛି। ତେଣୁ କେନ୍ଦୁଝର ଓ ଯାଜପୁର ଜିଲାପାଳଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି) ବିଷ୍ଣୁପଦ ସେଠୀ ଚିଠି ଲେଖିଛନ୍ତି। ଏଠାରେ ବନ୍ୟା ପରିସ୍ଥିତି ଉପୁଜିପାରେ। ଆବଶ୍ୟକ ପଡ଼ିଲେ ଲୋକଙ୍କୁ ସ୍ଥାନାନ୍ତର କରି ସେମାନଙ୍କୁ ମାଗଣା ଖାଦ୍ୟ ପ୍ରଦାନ କରିବା, ସ୍ୱଚ୍ଛ ପାଣି ସହିତ ସ୍ୱାସ୍ଥ୍ୟକର ପରିବେଶରେ ରଖିବା ପାଇଁ କୁହାଯାଇଛି। ପର୍ଯ୍ୟାୟକ୍ରମେ ପରିସ୍ଥିତି ସମ୍ପର୍କରେ ରିପୋର୍ଟ ଦେବା ପାଇଁ ଏସ୍‌ଆର୍‌ସି ଚିଠିରେ ଲେଖିଛନ୍ତି।

ଅନ୍ୟପଟେ ଆସନ୍ତା ଦୁଇଦିନ ରାଜ୍ୟରେ ସେଭଳି ବର୍ଷା ହେବ ନାହିଁ। ମଙ୍ଗଳବାର ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାର କିଛି ସ୍ଥାନ ଏବଂ ବୁଧବାର ପଶ୍ଚିମ ଓଡ଼ିଶା, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ଓ ଉତ୍ତର ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବ। ତେବେ ବିଭିନ୍ନ ଜିଲାରେ ଝଡ଼ତୋଫାନ ସହିତ ବଜ୍ରପାତ ହେବା ସମ୍ଭାବନା ରହିଛି। ୨୨ତାରିଖରୁ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୨୨ରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ଓ କନ୍ଧମାଳ ଏବଂ ୨୩ରେ କୋରାପୁଟ, ମାଲକାନଗିରି, ନୂଆପଡ଼ା, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ଜଗତସିଂହପୁର, ପୁରୀ, କଟକ ଓ ଯାଜପୁରରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

■ ରାଜ୍ୟ ମାନବାଧିକାର କମିଶନ

# ଅଧ୍ୟକ୍ଷ, ସଦସ୍ୟଙ୍କ ନାମ ସୁପାରିସ କଲା ଚୟନ କମିଟି

ଭୁବନେଶ୍ୱର, ୧୯।୮ (ବ୍ୟୁରୋ)-ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ରେ ଖାଲି ପଡ଼ିଥିବା ଅଧ୍ୟକ୍ଷ ଓ ଜଣେ ସଦସ୍ୟ ପଦବୀ ପୂରଣ ପାଇଁ ଚୟନ କମିଟି ଦୁଇ ଜଣଙ୍କ ନାମ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ସୁପାରିସ କରିଛି। ସୋମବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ କମିଟି ବୈଠକରେ ଅଧ୍ୟକ୍ଷଙ୍କୁ ମିଶାଇ ଦୁଇ ଜଣଙ୍କ ନାମ ସୁପାରିସ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ଜଷ୍ଟିସ ରଘୁବୀର ଦାଶଙ୍କୁ ଓଏଚ୍‌ଆରସି ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିବା ବେଳେ ଜଣେ ଜିଲା ଜଜ୍ ଓ ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଥିବା ଜଣାପଡିଛି। ତେବେ କାହା ନାମ ସୁପାରିସ କରାଯାଇଛି ତାହା ଗୋପନ ରଖାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ଜଷ୍ଟିସ ଆର.କେ. ପାତ୍ର ମାନବାଧିକାର କମିଶନ ଅଧ୍ୟକ୍ଷ ପଦବୀରୁ ଅବସର ଗ୍ରହଣ କରିବା ପରେ ୨୦୧୨ରୁ ଏହା ଖାଲି ରହିଛି। ତେବେ ଜଷ୍ଟିସ ବୀର କିଶୋର ମିଶ୍ରଙ୍କୁ ଓଏଚଆରସିର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ଗତ ୧୫ ତାରିଖରେ ତାଙ୍କର କାର୍ଯ୍ୟକାଳ ଶେଷ ହେବା ପରେ ଅଧ୍ୟକ୍ଷ ପଦବୀ ଖାଲି ରହିଛି। ରାଜ୍ୟ ମାନବାଧିକାର କମିଶନରେ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି କିମ୍ବା ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଅଧ୍ୟକ୍ଷ ରହିବା ବ୍ୟବସ୍ଥା ଥିଲା। ତେବେ ଗତ ପାର୍ଲାମେଣ୍ଟ ଅଧିବେଶନ କାଳରେ ଏଥିରେ ସଂଶୋଧନ କରାଯାଇ ହାଇକୋର୍ଟର ବିଚାରପତିଙ୍କୁ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି କରିବା ପାଇଁ ବ୍ୟବସ୍ଥା ହୋଇଛି। ସେହି ଆଧାରରେ ରାଜ୍ୟ ସରକାର ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେବାକୁ ନିଷ୍ପତ୍ତି କରିଛନ୍ତି। ଏହି ବୈଠକରେ ବିଧାନସଭା ବାଚସ୍ପତି, ବିରୋଧୀ ଦଳ ନେତା ଏବଂ ହାଇକୋର୍ଟ ମୁଖ୍ୟ ବିଚାରପତି ଯୋଗ ଦେଇଥିଲେ।

### କିଛି ତଥ୍ୟ

ଚଳିତ ମାସ ୧ରୁ ୧୬ ତାରିଖ ଯାଏ ବିଦେଶୀ ନିବେଶକମାନେ ଦେଶର ପୁଞ୍ଜି ବଜାର ଡେଟ୍‌ସିକ୍ୟୁରିଟିଜରେ ୨୦୯୬.୩୮ କୋଟି ଟଙ୍କା ନେଟ୍ ନିବେଶ କରିଛନ୍ତି।
– ଷ୍ଟକ ବଜାର ଡିପୋଜିଟୋରୀ ଡାଟା

# ପଞ୍ଚାୟତ ଅଫିସ ଛାତରୁ ଠେଲି ଯୁବକଙ୍କୁ ହତ୍ୟା

ଝାରସୁଗୁଡ଼ା ଅଫିସ/ଲଖନପୁର,୧୯।୮(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ତାଳପଟିଆ ଫାଣ୍ଡି ଅଧୀନ ଦୁର୍ଲଗା ପଞ୍ଚାୟତ କାର୍ଯ୍ୟାଳୟ ଛାତରୁ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ତଳକୁ ଠେଲି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ଦୁର୍ଲଗା ଗ୍ରାମର ତପନ ସାହୁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଝାରସୁଗୁଡ଼ା ଥାନାରେ ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ପଞ୍ଚାୟତ କାର୍ଯ୍ୟାଳୟ ରାତି ଜଗୁଆଳି ତଥା ଦୁର୍ଲଗା ଗ୍ରାମର ଦେବେନ୍ଦ୍ର କାହାଳୀଙ୍କୁ ପୋଲିସ ଅଟକରଖି ପଚରାଉଚୁରା କରୁଛି। ଦେବେନ୍ଦ୍ରଙ୍କ ସହଯୋଗୀ ସୁନ୍ଦରଗଡ଼ର ଦୁବରାଜ ସିଂ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରୁ ୨ ବାଇକ୍ ଜବତ କରିଛି।

ପ୍ରଥମ ପୃଷ୍ଠାରୁ...

## ଉତ୍ତର ଭାରତରେ...

ରାତିରେ ବିପଦସଙ୍କେତ ଟପିଥିବା ଜଣାପଡ଼ିଛି। ନିମ୍ନ ଭାଗରେ ରହୁଥିବା ଲୋକମାନେ ଘରଛାଡ଼ି ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ଚାଲିଆସିବାକୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ପ୍ରଶାସନ ପକ୍ଷରୁ ଯମୁନା ବ୍ରିଜ୍‌କୁ ସାମୟିକଭାବେ ବନ୍ଦ କରିଦିଆଯାଇଛି। ବନ୍ୟାସ୍ଥିତି ନେଇ ସରକାର ସମୀକ୍ଷା କରିଛନ୍ତି। ରବିବାର ହରିୟାଣା ୮.୨୮ ଲକ୍ଷ କ୍ୟୁସେକ୍ ପାଣି ଛାଡ଼ିବାରୁ ଏଭଳି ସ୍ଥିତି ଦେଖାଦେଇଛି। ତେବେ ଡରିବାର କିଛିନାହିଁ, ସରକାର ଯେକୌଣସି ପରିସ୍ଥିତି ଲାଗି ପ୍ରସ୍ତୁତ ଥିବା ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ କହିଛନ୍ତି।

ପଞ୍ଜାବ ଓ ଜମ୍ମୁ-କଶ୍ମୀରରେ ମଧ୍ୟ ବର୍ଷା ଓ ବନ୍ୟା ଲୋକଙ୍କ ନିଦ ହଜାଇ ଦେଇଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ସୋମବାର ବନ୍ୟାସ୍ଥିତିର ସମୀକ୍ଷା କରି ରିଲିଫ ଓ ପୁନଃ ଥଇଥାନ ଲାଗି ତୁରନ୍ତ ୧୦୦ କୋଟି ଟଙ୍କା ଘୋଷଣା କରିଛନ୍ତି। ଚଣ୍ଡିଗଡ଼ରୁ ରୂପନଗର ଗସ୍ତକରି ମୁଖ୍ୟମନ୍ତ୍ରୀ ସ୍ଥିତି ସମୀକ୍ଷା କରିଛନ୍ତି। ରୂପନଗର ଜିଲାରେ ବିଶେଷ କ୍ଷତି ହୋଇଥିବା ଜଣାପଡ଼ିଛି। ଭାକ୍ରା ଜଳଭଣ୍ଡାରର ନିମ୍ନଭାଗ ଜଳାର୍ଣ୍ଣବ ହୋଇପଡ଼ିବାରୁ ଅନେକ କ୍ଷତି ଘଟିଥିବା ପ୍ରକାଶ। ସେହିଭଳି ଜମ୍ମୁରେ ମଧ୍ୟ ବନ୍ୟାସ୍ଥିତି ଗୁରୁତର ରହିଛି। ତୱି ନଦୀ ବ୍ୟାରେଜ୍‌ରେ ଫସିଥିବା ୪ ମତ୍ସ୍ୟଜୀବୀଙ୍କୁ ଭାରତୀୟ ଯବାନମାନେ ବାୟୁସେନା ହେଲିକପ୍ଟର ସହାୟତାରେ ଉଦ୍ଧାର କରିଛନ୍ତି।

## ସୁଧାଂଶୁ ଷଡ଼ଙ୍ଗୀ...

ଅପରେଶନ୍, କଟକ ପୋଲିସ ପର୍ସୋନେଲ ଆଇଜି ପି.ଏସ୍. ରଣପିସେଙ୍କୁ ଭିଜିଲାନ୍ସ ଆଇଜି, ଆଇଜି ରେଖା ଲୋହାନୀଙ୍କୁ ପୋଲିସ ଆଧୁନିକୀକରଣ ଆଇଜି ଭାବେ ଅବସ୍ଥାପିତ କରାଯାଇଛି। ପୋଲିସ ମୁଖ୍ୟାଳୟ ଆଇଜି ଅସିତ୍ କୁମାର ପାଣିଗ୍ରାହୀଙ୍କୁ ଗୃହରକ୍ଷୀ, ଅଗ୍ନିଶମ ଆଇଜି ଭାବେ ନିଯୁକ୍ତି ମିଳିଛି। ଏସ୍‌ଓଜି କମାଣ୍ଡାଣ୍ଟ ଅନିରୁଦ୍ଧ ସିଂଙ୍କୁ ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ପଦ ମିଳିଛି।

ନୂଆପଡା ଏସ୍‌ପି ପରମାରସ୍ମିତ୍ ପୁରୁଷୋତ୍ତମ ଦାସଙ୍କୁ ମୟୂରଭଞ୍ଜ ଏସ୍‌ପି, ବରଗଡ ଏସ୍‌ପି ମୁକେଶ କୁମାର ଭାମୋଙ୍କୁ କୋରାପୁଟ ଏସ୍‌ପି ଭାବେ ନିଯୁକ୍ତ କରାଯାଇଛି। ବାଲିଗୁଡା ଏସ୍‌ଡିପିଓ ଭିନିତ ଅଗ୍ରୱାଲଙ୍କୁ ନୂଆପଡା ଏସ୍‌ପି(ଇନ୍‌ଚାର୍ଜ), ଜୟପୁର ଏସ୍‌ଡିପିଓ ସାଗରିକା ନାଥଙ୍କୁ କଟକ ଭୁବନେଶ୍ୱର କମିଶନରେଟ୍ ପୋଲିସର ଟ୍ରାଫିକ ଡିସିପି(ଇନ୍‌ଚାର୍ଜ), କୋରାପୁଟ ଏସ୍‌ପି କନ୍‌ୱର ବିଶାଲ ସିଂଙ୍କୁ ସମ୍ବଲପୁର ଏସ୍‌ପି, ମୟୂରଭଞ୍ଜ ଏସ୍‌ପି ଅବିନାଶ କୁମାରଙ୍କୁ ଭୁବନେଶ୍ୱର ଇଓଡବ୍ଲ୍ୟୁ ଏସ୍‌ପି, ମାଲକାନଗିରି ଏସ୍‌ଡିପିଓ ଖିଲାରୀ ଋଷିକେଶ ଦାନଦେଓଙ୍କୁ ମାଲକାନଗିରି ଏସ୍‌ପି(ଇନ୍‌ଚାର୍ଜ), କମିଶନରେଟ୍ ପୋଲିସ ମୁଖ୍ୟାଳୟ ଡିସିପି ପଦ୍ମିନୀ ସାହୁଙ୍କୁ ବରଗଡ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ଏସ୍‌ଆରପି ରାଉରକେଲାରେ ଥିବା ଅଜୟ ପ୍ରତାପ ସ୍ୱାଇଁଙ୍କୁ ଖୋର୍ଦ୍ଧା ଏସ୍‌ପି(ଇନ୍‌ଚାର୍ଜ), କମିଶନରେଟ ପୋଲିସ(ଭୁବନେଶ୍ୱର) ଅତିରିକ୍ତ ଡିସିପି ତ୍ରିନାଥ ପଟେଲଙ୍କୁ ରାଉରକେଲା ଏସ୍‌ଆରପି (ଇନ୍‌ଚାର୍ଜ), ବୌଦ୍ଧ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ କ୍ରାଇମ୍‌ବ୍ରାଞ୍ଚ(କଟକ)ଏସ୍‌ପି, ଭିଜିଲାନ୍ସ ଏସ୍‌ପି ଆର. ପ୍ରକାଶଙ୍କୁ ଜଗତ୍‌ସିଂହପୁର ଏସ୍‌ପି, ରାୟଗଡାର ଅତିରିକ୍ତ ଏସ୍‌ପି ୱାଇ. ରଘୁନାଥ ରାଓଙ୍କୁ ବୌଦ୍ଧ ଏସ୍‌ପି(ଇନ୍‌ଚାର୍ଜ), ମାଲକାନଗିରି ଏସ୍‌ପି ଜଗମୋହନ ମିନାଙ୍କୁ ଅନୁଗୋଳ ଏସ୍‌ପି, ବଲାଙ୍ଗୀର ଏସ୍‌ପି କେ.ଶିବା ଶୁଭ୍ରମଣିଙ୍କୁ ରାଉରକେଲା ଏସ୍‌ପି, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ କେନ୍ଦୁଝର ଏସ୍‌ପି, ରାଉରକେଲା ଏସ୍‌ପି ସାର୍ଥକ ଷଡ଼ଙ୍ଗୀଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସେହିପରି କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି ମଦକର ସନ୍ଦୀପ ସମ୍ପତଙ୍କୁ ବଲାଙ୍ଗୀର ଏସ୍‌ପି ଭାବେ ନିଯୁକ୍ତ କରାଯାଇଛି।

## ୪ ବର୍ଷର...

ଆଣି ଭାଇଙ୍କୁ ଦେଇ ଆସିବାକୁ କହିଥିଲେ। ସମ୍ପୃକ୍ତ ଶିଶୁକନ୍ୟା ପାଣି ନେଇଯିବାରୁ ସଞ୍ଜୟ ତାଙ୍କୁ ଘର ଭିତରକୁ ଡାକି ନେଇ ଅତି ନିର୍ମମ ଭାବେ ବଳାତ୍କାର କରିବା ସହ ଶରୀରର ବିଭିନ୍ନ ସ୍ଥାନକୁ କ୍ଷତାକ୍ତ କରି ପକାଇ ଦେଇଥିଲେ। ଝିଅ ଆସିବା ବିଳମ୍ବ ହେବାରୁ ମା' ଖୋଜିବାକୁ ଯାଇଥିଲେ। ଝିଅଟି କାନ୍ଦି କାନ୍ଦି ଆସି ମା'ଙ୍କୁ ସବୁ କଥା କହିଥିଲେ। ପରେ ଏନେଇ ଗ୍ରାମରେ ବିଚାର ହୋଇଥିଲା। ହେଲେ ସଞ୍ଜୟ ସେଠାରୁ ପଳାଇ ଯାଇଥିଲେ। ପରିବାର ଲୋକ ତୁରନ୍ତ ଶିଶୁକନ୍ୟାକୁ ଚିକିତ୍ସା ପାଇଁ ବସ୍ତା ଡାକ୍ତରଖାନାକୁ ନେଇ ଆଣିଥିଲେ। ଶିଶୁକନ୍ୟାଙ୍କ ପରିବାର ଲୋକେ ପ୍ରଥମେ ଚାଇଲ୍ଡଲାଇନର ବାଲିଆପାଳ ମୁଖ୍ୟ ପ୍ରଶାନ୍ତ ରାଉତଙ୍କୁ ଜଣାଇଥିଲେ। ଶିଶୁକନ୍ୟାଙ୍କ ଜେଜେବାପା ସୋମବାର ସିଂଲା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଦିନ ଭିତରେ ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ। ଆର୍ଥିକ ସ୍ଥିତି ସହିତ ପାରିବାରିକ କ୍ଷେତ୍ର ମଧ୍ୟ ମନ୍ଦ ହେବନି। ବନ୍ଧୁ ଆପଣଙ୍କୁ ଦେଖା କରିବାକୁ ଆସି କୌଣସି ନୂତନ ସନ୍ଦେଶ ଦେଇପାରନ୍ତି। ଅବଶ୍ୟ ଆଜିର ଯାତ୍ରାରେ ସତର୍କତା ଅଭାବରୁ ଧନହାନି କିମ୍ବା କଳହର ସୂଚନା ରହିଛି।

**ବୃଷ**
ଆର୍ଥିକ ପରିସ୍ଥିତି ଦୁଶ୍ଚିନ୍ତାର କାରଣ ହୋଇପାରେ। ପଡ଼ୋଶୀ,ବନ୍ଧୁ ପରିଜନଙ୍କ ଆଶ୍ୱାସନା ଓ ପ୍ରତିଶ୍ରୁତି ମନରେ ଆଶା ସଂଚାର କରିବ। କର୍ମକ୍ଷେତ୍ରରେ କୌଣସି ନିଷ୍ପତ୍ତିକୁ କେନ୍ଦ୍ରକରି ସହକର୍ମୀଙ୍କ ମଧ୍ୟରେ ଟଣାଓଟରା ଦେଖା ଦେଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବାର ଆଶା କ୍ଷୀଣ ହୋଇପାରେ।

**ମିଥୁନ**
କୌଣସି ହିତକାଂକ୍ଷୀ ପଦାଧିକାରୀଙ୍କ ଆଶ୍ୱାସନାମୂଳକ ପ୍ରତିଶ୍ରୁତିରୁ ଖୁସି ହେବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ବ୍ୟବସାୟ, ପରିବହନ, ରପ୍ତାନି, ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। କୌଣସି ଜିନିଷଟି ପାଇଁ ପାଖ ପଡ଼ୋଶୀଙ୍କ ମଧ୍ୟରେ ତର୍କ ଓ ବିବାଦ ବୃଦ୍ଧି ପାଇବାର ସୂଚନା ରହିଛି।

**କର୍କଟ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବାରୁ ଏକପ୍ରକାର ଆତ୍ମତୃପ୍ତି ଅନୁଭବ କରିବେ। ଦୀର୍ଘଦିନର ଆଶା ଫଳବତୀ ହେବାରୁ ମନ ପ୍ରଫୁଲ୍ଲ ହୋଇଯିବ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଶାରୀରିକ ପରିଶ୍ରମଜନିତ ସାମୟିକ କ୍ଲାନ୍ତି ଅନୁଭବ କରିପାରନ୍ତି।

**ସିଂହ**
ଉପରିସ୍ଥ କର୍ମଚାରୀଙ୍କ ସହ ଯୁକ୍ତିତର୍କ କାରଣରୁ କୌଣସି ସମସ୍ୟା ଆଶଙ୍କାରେ ବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ ହାସଲ କରି ଉପକୃତ ହେବେ। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଅର୍ଥନୈତିକ, ପାରିବାରିକ ସ୍ଥିତି କେତେକାଂଶରେ ଭଲ ରହିପାରେ।

**କନ୍ୟା**
କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହମତି ନେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରୋଗ, ଋଣ ଯୋଗୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ବିବାଦୀୟ ଘଟଣା ଓ ମାଲିମକଦ୍ଦମା ସମାଧାନ ହୋଇଯିବାର ଅନେକାଂଶରେ ଆତ୍ମତୃପ୍ତି ମିଳିପାରେ। କୌଣସି ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା**
କର୍ମାଧିପତି ଭାଗ୍ୟସ୍ଥାନରେ ରହି ଆପଣଙ୍କୁ ଅର୍ଥ,ସମ୍ମାନ ମାଧ୍ୟମରେ ସାମାଜିକ ପ୍ରତିଷ୍ଠା ପ୍ରଦାନ କରିବ। ଅନ୍ୟର ପ୍ରରୋଚନାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କଲେ ବିପରୀତ ପରିସ୍ଥିତି ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ଯାନବାହନ ଅଥବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**ବିଛା**
ନିଜ ଲୋକଙ୍କ ଅନାଦର ଭାବ ଆପଣଙ୍କୁ ସାମୟିକ ଭାବପ୍ରବଣତାରେ ହଜାଇ ଦେଇପାରେ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ସାମାଜିକ ସ୍ତରରେ ସାମାନ୍ୟ ବିଳମ୍ବ ହେଲେ ମଧ୍ୟ ଅଭୀଷ୍ଟ ସିଦ୍ଧି ଘଟିବ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**
କୌଣସି ଅତୀତ ଘଟଣାକୁ ନେଇ ମାନସିକ ଅବସାଦ ଯୋଗୁ କାମ ଉତ୍ସାହପ୍ରଦ ନ ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ହେତୁ ମାନସିକ ସୁସ୍ଥତା ହରାଇପାରନ୍ତି। ପାରିବାରିକ, ଅର୍ଥନୈତିକ ତଥା ପ୍ରଶାସନିକ ସ୍ତରରେ ସମସ୍ୟାର ସମାଧାନ ହୋଇଯିବ। ସାମାଜିକ କ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ।

**ମକର**
କୌଣସି ବନ୍ଧୁଙ୍କ ସହ ନିବିଡ଼ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ ପ୍ରତିରୋଧର ସମ୍ମୁଖୀନ ହେବେ। ଏଣେ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସୂଚନା ରହିଛି। ଆକସ୍ମିକ ଭାବରେ ପଡ଼ୋଶୀଙ୍କ ସହ ଭ୍ରମଣ ସୁଯୋଗ ଲାଭ କରିବେ। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ।

**କୁମ୍ଭ**
ଆନୁଷ୍ଠାନିକ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପରିବାରର ଆବଶ୍ୟକତା ପୂରଣ କରିବା ପରିପ୍ରେକ୍ଷୀରେ ଧାରକରଜ କରିବାକୁ ପଡ଼ିପାରେ। ଇଲେକ୍‌ଟ୍ରୋନିକ୍ସ ଓ ଶିକ୍ଷାରେ ସଫଳତା ଲାଭ କରିବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବା ପୂର୍ବରୁ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ**
କୌଣସି ନୂତନ କର୍ମାରମ୍ଭ ସହଯୋଗ ମାଧ୍ୟମରେ ସମ୍ପନ୍ନ ହୋଇଯିବ। କର୍ମକ୍ଷେତ୍ରରେ ମନ କଥା ମନରେ ରଖି କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ରାଜନୈତିକ ସ୍ତରରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିପାରନ୍ତି। କୌଣସି ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଶ୍ରୀମନ୍ଦିରରେ ରେଖାପଞ୍ଚମୀ ମଙ୍ଗଳବାର, ଶ୍ରୀଜୀଉଙ୍କ ସୁବର୍ଣ୍ଣ ରାହୁରେଖା ଲାଗି, ପଶ୍ଚିମ ଦ୍ୱାରରେ ଘଣ୍ଟାକର୍ଣ୍ଣ ପୂଜା, ଅଗଷ୍ଟ ୨୦ ତାରିଖ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଓ ସଦ୍‌ଭାବନା ଦିବସ,ବିଶ୍ୱ ମଶକ ଦିବସ, ରାଶିନକ୍ଷତ୍ର-ରେବତୀ/ମୀନ, ମକର ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୮।୨୮ମି. ଗତେ, ଘ୧୦।୦୮ମି. ମଧ୍ୟେ, ଘ୧୧।୪୭ମି. ଗତେ ଘ୧୧।୨୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୦୮ମି. ଗତେ ଘ ୧୧।୪୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୩।୦୦ମି. ଗତେ ଘ୪।୩୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-13351

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760

Bhubaneswar ସୁନ୍ଦରପଦା କୁହାରେ sqft. 850/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-66177

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67355

Contact for complete simplex/duplex/triplex house construction with interior from the experts. Call: 7008550473. D-13908

**A best residential plot with gharabari/ compound wall 5600 sft. (or 2800 x 2 nos.) 11km. from Bhubaneswar, 18 km. from Cuttack and save at least 1.00 crore 1.5 crore with all facilities available at Bhubaneswar, Cuttack. 7809525452, 8249851363.** D-66944

2BHK simplex 26,00,000/- finishing, Hanspal / plot- Atala, Rangabazar. 9337155580, 8093465134. D-67043

Own sthitiban residential 1200 sqft. plot for sale. 9937816565, 9937568585. D-13942

Bhubaneswar ପିତାପଲ୍ଲୀ ଛକରେ NH କଡ଼ରେ BDA plot sqft. 600/- ରେ କିଣନ୍ତୁ। Contact: 6371719107 / 9556730254. D-13967

**to-let**

ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା **NH-5,** ଶୋ'ରୁମ୍ ଭଡ଼ାଦିଆଯିବା। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। **7008439019, 8895436651.** D-66763

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66945

Newly open Herbal full body massage lady & gents. 8018246332. D-66942

Monalisa Massage Club: Full time body massage with hiprofile smart lady rooms service available 9708545108. D-13931

Kajal ayurvedic massage club fully relaxed by smart lady, home service available. 9937637219. D-66943

Herbal full body massage by smart / expert therapist. Contact: 8338067247. D-67356

Summer special mesmerizing offer expert therapeutic refreshing massage appointment. 9668374480. D-67357

Full body herbal massage with refreshment expert therapist. 7381239385, 06742540855. D-67358

Experience full body massage with us (expert). Call: 7377048581, 06742597822. D-67359

Welcome to seva Enjoy sensual massage by smart Therapist- 6371291612. D-67045

**astrology**

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13970

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-13903

**AFFIDAVIT**

By virtue of an affidavit sworn before Notary Public, Barbil, Dist. Keonjhar, Odisha, I Maheswar Sahoo S/o- Late Mani Charan Sahoo of Abulapura, Po-Sulan, Ps- Nandipada, Dist- keonjhar, Odisha declared that in my High School Certificate my name is wrongly written as Maheswar Sahu, S/o- Mani Charan Sahu instead of Maheswar Sahoo, S/o- Mani Charan Sahoo. I swear this affidavit to produce before the concerned authority as and when required. D-13971



## ଜିଲ୍ଲା ଚିଠି ଦେବଗଡ଼

# ରେଳପଥବିହୀନ ଜିଲ୍ଲା

ସ୍ୱାଧୀନତା ପୂର୍ବରୁ ଦେବଗଡ଼ ବାମଣ୍ଡା ରାଜ୍ୟ ନାମରେ ନାମିତ ଥିଲା। ରାଜା ସାର୍ ବାସୁଦେବ ସୁଡ଼ଳ ଦେବଙ୍କ ରାଜତ୍ୱ ସମୟରେ ବାମଣ୍ଡାର ନାନାବିଧ ଉନ୍ନତି ହୋଇ ଏହା ଏକ ସ୍ୱର୍ଣ୍ଣ ରାଜ୍ୟରେ ପରିଣତ ହୋଇଥିଲା। ରାଜା ସାର୍ ବାସୁଦେବ ପ୍ରଥମେ ଗମନାଗମନ ଓ ଯୋଗାଯୋଗର ସୁବିଧା ପାଇଁ ବାମଣ୍ଡାରେ ସଡ଼କ ସହ ରେଳପଥର ବ୍ୟବସ୍ଥା କରିଥିଲେ। ୧୮୯୧ରେ ବେଙ୍ଗଲ-ନାଗପୁର ରେଳପଥକୁ ନିଜ ରାଜ୍ୟ ଭିତର ଦେଇ ଯିବା ପାଇଁ ସେ ଅନୁମତି ପ୍ରଦାନ କରିଥିଲେ। ଏଥିପାଇଁ ରାଜ୍ୟର ଅଠର ମାଇଲ ପର୍ଯ୍ୟନ୍ତ ଜମି ଛାଡ଼ି ଦେଇଥିଲେ। ବାସୁଦେବଙ୍କ ସର୍ତ୍ତ ଥିଲା ବାମଣ୍ଡା ରାଜ୍ୟ ଦେଇ ଯାଉଥିବା ସମସ୍ତ ରେଳ ଗାଡ଼ି ବାମଣ୍ଡା ଷ୍ଟେସନ(ବର୍ତ୍ତମାନ ବାଗରା ଷ୍ଟେସନ)ରେ ରହିବ। ଦେଶ ସ୍ୱାଧୀନତା ପରେ ବାମଣ୍ଡା ରାଜ୍ୟ ଓଡ଼ିଶାରେ ମିଶିଲା। ତାହା ସମ୍ବଲପୁର ଜିଲ୍ଲା ଅଧୀନରେ ରହିଲା। ୧୯୯୩ରେ ଦେବଗଡ଼ ନୂତନ ଜିଲ୍ଲାର ମାନ୍ୟତା ପାଇଲା। କେବଳ ଦେବଗଡ଼ ସବ୍‌ଡିଭିଜନକୁ ନେଇ ଜିଲ୍ଲା ଗଠିତ ହେଲା। ଫଳରେ ଦେବଗଡ଼ ରେଳପଥବିହୀନ ଜିଲ୍ଲା ରୂପେ ପରିଚିତ ହେଲା। ବର୍ତ୍ତମାନ ଦେବଗଡ଼ ଜିଲ୍ଲାବାସୀଙ୍କୁ ଟ୍ରେନରେ କୌଣସି ସ୍ଥାନକୁ ଯିବାକୁ ହେଲେ ବାମଣ୍ଡା, ରାଉରକେଲା, ଝାରସୁଗୁଡ଼ା ଓ ସମ୍ବଲପୁର ଉପରେ ନିର୍ଭର କରିବାକୁ ପଡ଼ୁଛି। ତେଣୁ ବାଣିଜ୍ୟ ବ୍ୟବସାୟ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କେବଳ ସଡ଼କପଥ ଉପରେ ହିଁ ନିର୍ଭର କରିବାକୁ ହେଉଛି। ଲୋକଙ୍କ ଦାବିପରେ ୨୦୦୭ରେ ଦେବଗଡ଼ରେ ରେଳ ବିଭାଗ ପକ୍ଷରୁ ଏକ ଟିକେଟ ବୁକିଂ କାଉଣ୍ଟର ଖୋଲା ଯାଇଥିଲା। ସେବିନଠାରୁ ଲୋକେ ଆଗୁଆ ଟିକେଟ ସେଠି ବୁକିଂ କାଉଣ୍ଟରରୁ କାଟି ପାରୁଛନ୍ତି। ୧୯୮୦ ମସିହାରୁ ଆଜି ପର୍ଯ୍ୟନ୍ତ ତାଳଚେର-ବିମଳାଗଡ଼ ରେଳପଥ ପାଇଁ ବହୁବାର ଆନ୍ଦୋଳନ ହୋଇସାରିଛି। ୧୪୯.୭୦ କି.ମି. ଏହି ରେଳପଥ ଲାଗି ସର୍ଭେ କାର୍ଯ୍ୟ ସରିଛି। ପ୍ରତିବର୍ଷ ବଜେଟରେ ଅର୍ଥ ବରାଦ ହେଉଛି। ଏପର୍ଯ୍ୟନ୍ତ ମୋଟ ୧୭୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ତଥାପି ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ଏଥିଲାଗି ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକର ୨୦ଟି ଗ୍ରାମ ପ୍ରଭାବିତ ହେଉଥିବା ବେଳେ ୧୪୬୭.୭୭ ଏକର ଘରୋଇ ଜମି ଓ ୩୭୮.୬ ଏକରର ସରକାରୀ ଜମି ଅଧିଗ୍ରହଣ କରାଯିବ ବୋଲି ପ୍ରସ୍ତାବ ରହିଛି। ଉକ୍ତ ରେଳ ପ୍ରକଳ୍ପ ପାଇଁ ରାଜସ୍ୱ ଓ ରେଳ ବିଭାଗ ପକ୍ଷରୁ ଯୁଗ୍ମ ସର୍ବେକ୍ଷଣ ସରିଛି। କେଉଁ ଗାଁ ଦେଇ ରେଳପଥ ଯିବ ସେନେଇ ଏକ ରିପୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ହେଲେ ଏପର୍ଯ୍ୟନ୍ତ ଜମି ଅଧିଗ୍ରହଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଫଳରେ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ। ରାଜ୍ୟ ସରକାର ରେଳ ବିଭାଗକୁ ଅଧିକ ଅର୍ଥ ମଞ୍ଜୁର କରୁନାହାନ୍ତି ବରଂ ମଞ୍ଜୁର ହୋଇଥିବା ଟଙ୍କାରେ କିପରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି। ୨୭।୦୨।୨୦୧୪ ବିଧାନସଭାରେ ତତ୍କାଳୀନ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ରମେଶ ମାଝି ୨୦୧୫ ସୁଦ୍ଧା ରେଳ ପ୍ରକଳ୍ପ ପାଇଁ ସମସ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଅନ୍ୟ ଏକ ନୂତନ ରେଳ ପ୍ରକଳ୍ପ ଶିଳ୍ପ କରିଡ଼ର ଝାରସୁଗୁଡ଼ାର କୋଲାବିରା, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା ଦେଇ ତାଳଚେର ବିମଳାଗଡ଼ ରେଳପଥର ବାହାଡ଼ାପୋଷିଠାରେ ସଂଯୁକ୍ତ ହେବ। ଏ ନେଇ ସମ୍ବଲପୁର ପୂର୍ବତନ ଏମ୍‌ପି ଭବାନୀଶଙ୍କର ହୋତା ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ପ୍ରସ୍ତାବ ଦେଇଥିଲେ। ସେହି ପ୍ରସ୍ତାବ ବିଚାର ପାଇଁ ରାଜ୍ୟ ସରକାର ରେଳପଥ ବୋର୍ଡକୁ ସୁପାରିସ କରିଛନ୍ତି। ଓଡ଼ିଶା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଚିଠି ସଂଖ୍ୟା ଟି.ଆର୍‌.୦୭/୧୮ ତାରିଖ ୧୧।୯।୧୮ରେ ଏହି ପ୍ରସ୍ତାବ ରେଳବିଭାଗକୁ ପଠାଯାଇଛି। ଏହାପରେ ବି ଦେବଗଡ଼ବାସୀଙ୍କ ସ୍ୱପ୍ନ କେବେ ସାକାର ହେବ ତାହାକୁ ସମସ୍ତଙ୍କ ଅପେକ୍ଷା ରହିଛି।


**- ଶଶାଙ୍କ ଶେଖର ଝଙ୍କର**

# ବିଧାୟକ ଜିତୁ ମିତ୍ରଙ୍କୁ ଭେଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୮(ବ୍ୟୁରୋ):** ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର (ଜିତୁ) ଗତ କିଛିଦିନ ତଳେ ଅସୁସ୍ଥ ହୋଇ ଏବେ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଯୋଗାବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଜିତୁ ମିତ୍ରଙ୍କ ଚିକିତ୍ସାଲାଗି ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଓଡ଼ିଶାର ଗରିବ ରୋଗୀମାନେ ସେଠାରେ ମୁମ୍ବାଇର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହୋଇପାରିବେ ସେଥିପାଇଁ ଲୀଳାବତୀ କୋକିଳାବେନ୍ ଓ ଟାଟା ମେମୋରିଆଲ ଭଳି ହସ୍ପିଟାଲଗୁଡ଼ିକୁ ପରିଦର୍ଶନ କରିଥିଲେ। ରବିବାର ସେ ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡା. ରମାକାନ୍ତ ପଣ୍ଡାଙ୍କୁ ଭେଟି ମଧ୍ୟ ଆଲୋଚନା କରିଥିଲେ। ସେହିଭଳି ଚିକିତ୍ସାବିଜ୍ଞାନ ବିଶେଷଜ୍ଞ ଡା. ଜଗଦୀଶ ହିରେମଠ ଓ ଅନ୍ୟମାନଙ୍କ ସହିତ ମଧ୍ୟ ବିଧାୟକ ମିତ୍ରଙ୍କୁ ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଛନ୍ତି।

# ପ୍ରତିଷ୍ଠା ହେବ ୫ ନୂଆ ହସ୍ତଶିଳ୍ପ କ୍ଲଷ୍ଟର

- ଫୋକସ୍‌ରେ ଖିଚିଂ, କଣ୍ଟିଲୋ
- ହଳଧରପୁରରେ ହେବ ଟେରାକୋଟା କ୍ଲଷ୍ଟର
- ଯୋଡ଼ିହେବ ହସ୍ତଶିଳ୍ପ-ହସ୍ତତନ୍ତ-ପର୍ଯ୍ୟଟନ



**ଭୁବନେଶ୍ୱର, ୧୯।୮(ବ୍ୟୁରୋ)** ହସ୍ତଶିଳ୍ପ କାରିଗରମାନଙ୍କର ବିକାଶ ସହ ଓଡ଼ିଶା ହସ୍ତଶିଳ୍ପର ପ୍ରଚାର ପ୍ରସାର ପାଇଁ ରାଜ୍ୟରେ ପ୍ରତିଷ୍ଠା ହେବ ୫ଟି ନୂଆ ହ୍ୟାଣ୍ଡିକ୍ରାଫ୍ଟ କ୍ଲଷ୍ଟର। ଚଳିତବର୍ଷ ନୂତନ ଭାବେ ଲାଗୁ ହୋଇଥିବା ହସ୍ତଶିଳ୍ପ ପଲିସି-୨୦୧୯ ଅଧୀନରେ ହସ୍ତଶିଳ୍ପ କ୍ଲଷ୍ଟରର ବିକାଶକୁ ଗୁରୁତ୍ୱ ଦିଆଯିବ। ବିଶେଷକରି ନୟାଗଡ଼, ବାରିପଦା ଓ କେନ୍ଦୁଝରର ଭଳି ଜିଲ୍ଲା, ଯେଉଁଠାରେ ହସ୍ତଶିଳ୍ପୀ ଏବଂ ହସ୍ତଶିଳ୍ପ ଉପରେ ନିର୍ଭରକରି ଚଳୁଥିବା ପରିବାର ସଂଖ୍ୟା ଅଧିକ ଥିବାରୁ ତାହାକୁ ନେଇ କ୍ଲଷ୍ଟର ବିକାଶ କରାଯିବ। ଏହାସହ ହସ୍ତଶିଳ୍ପର ପ୍ୟାକେଜିଂ ଓ ଟ୍ରେନିଂ ପାଇଁ ସ୍ୱତନ୍ତ୍ର ଇଣ୍ଡଷ୍ଟ୍ରିଆଲ୍ ୟୁନିଟ୍ ପ୍ରତିଷ୍ଠା ଲାଗି ମଧ୍ୟ ଯୋଜନା ରହିଥିବା ସୂଚନା ମିଳିଛି। ଗୁରୁତ୍ୱପୂର୍ଣ୍ଣ କଥାହେଲା ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ରକୁ କିଭଳି ହସ୍ତଶିଳ୍ପ ଓ ହସ୍ତତନ୍ତ ଇଣ୍ଡଷ୍ଟ୍ରିରେ ଉପଯୋଗ କରାଯାଇ ଏହାର ବିକାଶ ହୋଇପାରିବ ସେଥିଲାଗି ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଛି ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ। ହସ୍ତଶିଳ୍ପ-ହସ୍ତତନ୍ତ-ପର୍ଯ୍ୟଟନକୁ ପରସ୍ପର ସହ ଯୋଡ଼ି କ୍ଲଷ୍ଟର ବିକାଶ କରାଯିବା ସହ ମାର୍କେଟିଂ ପାଇଁ ରାଜ୍ୟ ଓ ଦେଶ ବାହାରର ପର୍ଯ୍ୟଟକମାନଙ୍କୁ ଟାର୍ଗେଟ କରାଯିବ ବୋଲି ସୂଚନା ଦେଇଛନ୍ତି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଯୁଗ୍ମସଚିବ ଅଞ୍ଜନା ପଣ୍ଡା।

ପୁରୀ, ଖୋର୍ଦ୍ଧା, କଟକ, ମୟୂରଭଞ୍ଜ, ବଲାଙ୍ଗୀର, ନବରଙ୍ଗପୁର, ଗଞ୍ଜାମ, ରାୟଗଡ଼ା, ସୁବର୍ଣ୍ଣପୁର, କେନ୍ଦୁଝର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଯାଜପୁର, ଜଗତ୍‌ସିଂହପୁର ଓ ବାଲେଶ୍ୱର ଭଳି ଜିଲ୍ଲାରେ ରାଜ୍ୟର ସର୍ବାଧିକ ହସ୍ତଶିଳ୍ପୀ ରହିଆନ୍ତି। ଡୋକ୍ରା, ଟେରାକୋଟା, ଚାନ୍ଦୁଆ, ନଡ଼ିଆକତା କାରିଗରି, ଜନଜାତି ଅଳଙ୍କାର, ଶିଙ୍ଘ କାମ, ପଥର ଓ କାଠ କାରିଗରି, ବାଉଁଶ କଳାକୃତି, ପଟ୍ଟଚିତ୍ର, ଟସର ଚିତ୍ରକଳା, ଝୋଟ ଓ ଜରି କାମ, ଏମ୍ବ୍ରୋଡୋରି, ଗୋଲ୍ଡେନ୍ ଗ୍ରାସ୍, ଚାନ୍ଦି କାମ, ସବାଇ ଘାସ କଳାକୃତି ଭଳି ୫୦ଟି ସ୍ୱୀକୃତପ୍ରାପ୍ତ ହସ୍ତଶିଳ୍ପ ରହିଥିବା ବେଳେ ଏହାଉପରେ ନିର୍ଭର କରି ଲକ୍ଷାଧିକ କାରିଗର ନିଜ ପରିବାର ପୋଷିଥାନ୍ତି। ତେବେ ବିଭିନ୍ନ କାରଣ ଯୋଗୁ ରାଜ୍ୟରେ ହସ୍ତଶିଳ୍ପର ବିକ୍ରିବଟାକୁ ନେଇ ସମସ୍ୟା ଉପୁଜୁଥିବା ବେଳେ ଡିଜାଇନ୍‌ରେ ନୂତନତ୍ୱ ଓ ଅଭିନବତ୍ୱ ଅଭାବରୁ ଏହା ଦେଶ ବିଦେଶ ପର୍ଯ୍ୟଟକ ତଥା ଗ୍ରାହକଙ୍କୁ ଆକୃଷ୍ଟ କରିବାରେ ବିଫଳ ହେଉଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାରେ ଆହୁରି ୫ ରୁ ୭ଟି ନୂଆ ହସ୍ତଶିଳ୍ପ କ୍ଲଷ୍ଟର୍ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ବିଧାନସଭା ଷ୍ଟାଣ୍ଡି କମିଟି ପରାମର୍ଶ ଅନୁଯାୟୀ ବ୍ଲାକ୍ ମାର୍ବଲ କଳାକୃତି ପାଇଁ ପ୍ରସିଦ୍ଧି ଲାଭ କରିଥିବା ମୟୂରଭଞ୍ଜ ଜିଲ୍ଲାର ଖିଚିଂ ଏବଂ ବେଲ୍ ମେଟାଲ ବା ପିତଳ କାମ ପାଇଁ ପ୍ରସିଦ୍ଧ ନୟାଗଡ଼ ଜିଲ୍ଲାର କଣ୍ଟିଲୋରେ କ୍ଲଷ୍ଟର ପ୍ରତିଷ୍ଠା ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଦୁଇଟି କ୍ଲଷ୍ଟର୍ ପରେ ପରବର୍ତ୍ତୀ ସମୟରେ କେନ୍ଦୁଝର ଜିଲ୍ଲାର ହଳଧରପୁରରେ ଏକ ଟେରାକୋଟା କ୍ଲଷ୍ଟର ପ୍ରତିଷ୍ଠା ହେବାନେଇ ଯୋଜନା ରହିଛି। ଏହାସହ ଆହୁରି ୩ରୁ ୪ଟି ସ୍ଥାନରେ କ୍ଲଷ୍ଟର ବିକାଶ ପାଇଁ ଯୋଜନା ରହିଥିବା ବେଳେ ତାହା ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇନି। ଯେଉଁଠାରେ ୨୦ କିମ୍ବା ୩୦ରୁ ଅଧିକ କାରିଗର ପରିବାର ଥିବେ ସେହି ସ୍ଥାନରେ କ୍ଲଷ୍ଟର ପ୍ରତିଷ୍ଠା ହେବ। ବିଶେଷକରି ଜାତୀୟ ରାଜପଥ ତଥା ମୁଖ୍ୟରାସ୍ତା ନିକଟବର୍ତ୍ତୀ ଅଞ୍ଚଳରେ କ୍ଲଷ୍ଟର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ପରବର୍ତ୍ତୀ ସମୟରେ ପର୍ଯ୍ୟଟନ ବିଭାଗ ସହ ଏହାକୁ ଯୋଡ଼ାଯିବା ପରେ ପର୍ଯ୍ୟଟକମାନେ ଉକ୍ତ ସ୍ଥାନ ସମ୍ପର୍କରେ ଜାଣିବା ସହ ସେଠାକୁ ଯାଇ ସାମଗ୍ରୀ କିଣିପାରିବେ। କ୍ଲଷ୍ଟର ହେବାଦ୍ୱାରା ଉକ୍ତ ସ୍ଥାନର ଭିତ୍ତିଭୂମି ବିକାଶ ସହ ଯୋଗାଯୋଗ ଓ ବିଦ୍ୟୁତୀକରଣ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ଏହାସହ କମ୍ୟୁନିଟି ହଲ୍, କାରିଗରଙ୍କ ପାଇଁ ପକ୍କା ୱାର୍କସେଡ୍ ଏବଂ ଓପନ୍ ଏୟାର୍ ଥିଏଟର୍ ପ୍ରତିଷ୍ଠା କରାଯିବ। ଫଳରେ ପର୍ଯ୍ୟଟକମାନେ କିଣାବିକା ସହ ମୁକ୍ତାକାଶ ମଞ୍ଚରେ ସ୍ଥାନୀୟ ଲୋକକଳା ଓ ଲୋକସଙ୍ଗୀତର ମଜା ନେଇପାରିବେ। ସ୍ଥାନୀୟ ଖାଦ୍ୟ ଖାଇବେ ଓ ସେଠାକାର ଅଞ୍ଚଳ ବୁଲିପାରିବେ। ଏହାଦ୍ୱାରା ଦୀର୍ଘସ୍ଥାୟୀ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ସୂକ୍ଷ୍ମ ପଥର କାରିଗରି ପାଇଁ ପ୍ରସିଦ୍ଧି ଲାଭ କରିଥିବା ଲଳିତଗିରି ଏବଂ ଶୁଖୁଆପଡ଼ା କ୍ଲଷ୍ଟରକୁ ନେଇ ଏକ କ୍ରାଫ୍ଟ ଭିଲେଜ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏହା ହେବାଦ୍ୱାରା ବିଦେଶୀ ପର୍ଯ୍ୟଟକମାନେ ଏହି ବୁଦ୍ଧିଷ୍ଟ ସର୍କିଟ୍ ବୁଲିବା ସହ ଓଡ଼ିଶା ହସ୍ତଶିଳ୍ପର ଝଲକ ପାଇପାରିବେ।

# ଚରିତ୍ରକୁ ସନ୍ଦେହ, ଦ୍ୱିତୀୟ ସ୍ତ୍ରୀଙ୍କୁ ହାଣି ସ୍ୱାମୀ ଫେରାର

**ଆଠମଲ୍ଲିକ/ମାଧପୁର, ୧୯।୮(ଡି.ଏନ.ଏ.)**

ବିବାହର ଦୀର୍ଘ ବର୍ଷ ପରେ ପିଲାଟିଏ ନ ହେବାରୁ ଘରକୁ ଆଣିଥିଲେ ଦ୍ୱିତୀୟ ସ୍ତ୍ରୀ। ହେଲେ ଚରିତ୍ରକୁ ନେଇ ସନ୍ଦେହ କରୁଥିବା ସ୍ୱାମୀ ଶେଷରେ ସୋମବାର ଦ୍ୱିତୀୟ ସ୍ତ୍ରୀଙ୍କୁ ହାଣି ହତ୍ୟା କରିଛନ୍ତି। ଏପରି ଏକ ଘଟଣା ଘଟିଛି ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଥାନା ଗଦାଧରପୁର ଗ୍ରାମରେ। ଏ ନେଇ ମୃତ ମହିଳା ରାସେଶ୍ୱରୀ କୁଦେଇଙ୍କ ଭାଇ ପୀତାମ୍ବର ଭୋଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରିବା ସହ ନଂ. ୮୯/୧୯ରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ସ୍ୱାମୀ ଶେଷଦେବ କୁଦେଇଙ୍କୁ ଥାନାରେ ଅଟକ ରଖାଯାଇଛି। ପୋଲିସ କହିଛି, ଅଭିଯୁକ୍ତ ଶେଷଦେବଙ୍କ ଦୁଇଟି ସ୍ତ୍ରୀ। ପ୍ରଥମ ସ୍ତ୍ରୀ କୁନ୍ତଳା କୁଦେଇଙ୍କ କୌଣସି ସନ୍ତାନ ନ ହେବାରୁ ଶେଷଦେବ ରାସେଶ୍ୱରୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପରେ ପ୍ରଥମ ସ୍ତ୍ରୀ କୁନ୍ତଳାଙ୍କ ଝିଅଟିଏ ହୋଇଥିଲା। ହେଲେ ଘରର ବିଭିନ୍ନ ଘଟଣାକୁ ନେଇ ଦ୍ୱିତୀୟ ସ୍ତ୍ରୀ ରାସେଶ୍ୱରୀଙ୍କ ସହ ଅନେକ ସମୟରେ ଶେଷଦେବଙ୍କ ଉଚ୍ଚବାଚ ହେଉଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶେଷଦେବ କାମ କରୁଥିବା କୋଡ଼ିରେ ରାସେଶ୍ୱରୀଙ୍କ ମୁଣ୍ଡକୁ ଦୁଇ ଚୋଟ ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ମଦମୃତ୍ୟୁ ପ୍ରତିବାଦରେ ରାସ୍ତାରୋକୋ

**ବାସୁଦେବପୁର, ୧୯।୮ (ଡି.ଏନ.ଏ.)**



ଆନ୍ଦୋଳନକାରୀଙ୍କ ସହିତ ପୋଲିସ ଆଲୋଚନା କରୁଛି।

## ଚୋରାମଦ ବିକ୍ରି ବନ୍ଦ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତ ଅଧୀନ ପାରାପୋଖରୀ ଗ୍ରାମର ୭ ନମ୍ବର ୱାର୍ଡର ନାରାୟଣ ନାୟକ ନାମକ ଜଣେ ବ୍ୟକ୍ତିଙ୍କର ମଦ ପିଇ ରବିବାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ମୃତକଙ୍କ ପରିବାର ସମେତ ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ସୋମବାର ସକାଳଠାରୁ ବାସୁଦେବପୁର-ଧାମରା ରାସ୍ତାର ପାରାପୋଖରୀ ପୋଲ ନିକଟରେ ରାସ୍ତାରୋକୋ କରିଥିଲେ।

ମୃତକଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ସେହି ଅଞ୍ଚଳର ଜଣେ ଚୋରାମଦ ବିକ୍ରେତାଙ୍କଠାରୁ ମଦ ପିଇ ନାରାୟଣ ରବିବାର ଅପରାହ୍ନରେ ଅସୁସ୍ଥ ହୋଇପଡ଼ିଥିଲେ। ବାସୁଦେବପୁର ଡାକ୍ତରଖାନାରେ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ଭଦ୍ରକ ଜିଲ୍ଲା ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ଖବର ଜଣାପଡ଼ିବା ପରେ ଉତ୍ତ୍ୟକ୍ତ ଲୋକେ ଚୋରାମଦ ବିକ୍ରି ବନ୍ଦ, ମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ମୃତ ବ୍ୟକ୍ତିଙ୍କ ପରିବାରକୁ ଆର୍ଥିକ ସହାୟତା ଦାବିରେ ରାସ୍ତା ଅବରୋଧ କରି ବସି ରହିଥିଲେ। ସେମାନେ ଟାୟାର ଜାଳି ରାସ୍ତାରୋକୋ କରିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କଷିଆ ସାମୁଦ୍ରିକ, ନାୟକାଣିଡିହୀ, ବାସୁଦେବପୁର ଓ ଚୂଡ଼ାମଣି ସାମୁଦ୍ରିକ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ରାସ୍ତାରୋକୋରୁ ଓହରି ନ ଥିଲେ। ପରେ ଭଦ୍ରକ ଏସ୍‌ଡିପିଓ ଜଳନ୍ଧର ଜାଲି, ଭାରପ୍ରାପ୍ତ ତହସିଲଦାର ରାଧାକାନ୍ତ ବାରିକ, ନାୟକାଣିଡିହୀ ଥାନା ଆଇଆଇସି ରତିକାନ୍ତ ଗିରିଙ୍କ ଉଦ୍ୟମକ୍ରମେ ଅପରାହ୍ନରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହି ପଞ୍ଚାୟତରେ ଚୋରାମଦ ବିକ୍ରି ବନ୍ଦ କରିବା ଦିଗରେ ପୋଲିସ ପଦକ୍ଷେପ ଗ୍ରହଣ କରିବ ବୋଲି ଏସ୍‌ଡିପିଓ ପ୍ରତିଶ୍ରୁତି ଦେଇଥିଲେ। ଭଦ୍ରକ ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୯୨/୧୯) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ଆନ୍ଦୋଳନକାରୀଙ୍କ ଅଭିଯୋଗ କ୍ରମେ କଷିଆ ସାମୁଦ୍ରିକ ଥାନା ପୋଲିସ ସେହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ୪୭ ଲିଟର ଚୋରାମଦ ଜବତ କରିବା ସହିତ ୩ ଜଣ ବିକ୍ରେତାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ କଷିଆ ସାମୁଦ୍ରିକ ଥାନାରେ ୨ ଟି ମାମଲା(୩୭/୧୯ ଓ ୩୮/୧୯) ରୁଜୁ ହୋଇଛି।

# ଜଗା-କାଳିଆଙ୍କ ଚିକିତ୍ସା ପାଇଁ ଏସ୍‌ସିବିରେ ଗଠନ ହେଲା ସ୍ୱତନ୍ତ୍ର ଟିମ୍

**ଭୁବନେଶ୍ୱର, ୧୯।୮(ବ୍ୟୁରୋ):** ଅପରେଶନ ଦ୍ୱାରା ଅଲଗା ହୋଇ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ଯୋଡ଼ାମୁଣ୍ଡ ଦୁଇଭାଇ ଜଗା-କାଳିଆ ଖୁବ୍‌ଶୀଘ୍ର କଟକ ଏସ୍‌ସିବି ମେଡିକାଲକୁ ଆସିବେ। ଏନେଇ ତାରିଖ ନିର୍ଦ୍ଧାରଣ କରାଯାଇ ନ ଥିଲେ ମଧ୍ୟ ଏସ୍‌ସିବିରେ ଦୁଇଭାଇଙ୍କ ଚିକିତ୍ସା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏକ ୬ଜଣିଆ ବିଶେଷଜ୍ଞ ଡାକ୍ତରୀ ଦଳ ଗଠନ କରାଯାଇଛି। ନ୍ୟୁରୋସର୍ଜରି ବିଭାଗ ମୁଖ୍ୟ ପ୍ରଫେସର ସୁଧାଂଶୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଟିମ୍‌ରେ ଶିଶୁରୋଗ ବିଭାଗ ମୁଖ୍ୟ ପ୍ରଫେସର ଜେ.ଏନ. ବେହେରା, ନ୍ୟୁରୋଲୋଜି ବିଭାଗ, ସର୍ଜରି ବିଭାଗ ଭଳି ଅନ୍ୟ ବିଭାଗର ମଧ୍ୟ ବରିଷ୍ଠ ଡାକ୍ତର ସାମିଲ ଅଛନ୍ତି। ଜଗା-କାଳିଆଙ୍କୁ ଏସ୍‌ସିବି ଅଣାଯିବା ପରେ ସେଠାରେ ସର୍ଜରି ବିଭାଗର ୧ ନମ୍ବର କ୍ୟାବିନ୍‌ରେ ରଖାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଦୁଇ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚସହ ସମସ୍ତ ପ୍ରକାର ସମସ୍ୟା ଉପରେ ଡାକ୍ତରୀ ଟିମ୍ ନଜର ରଖିବ ବୋଲି ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ସୂଚନା ଦେଇଛନ୍ତି। ଯଦି ଆବଶ୍ୟକ ପଡ଼େ, ଜଣେ ଡାଏଟିସିଆନ୍ ଓ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଶେଷଜ୍ଞଙ୍କୁ ମଧ୍ୟ ଏହି ଟିମ୍‌ରେ ରଖାଯିବ ବୋଲି ଡା. ମହାରଣା କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୭ ଜୁଲାଇ ୧୪ରେ କନ୍ଧମାଳ ଜିଲ୍ଲା ମିଲିପଡ଼ା ଗାଁର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ଅସ୍ତ୍ରୋପଚାର କରି ଦୁଇ ଶିଶୁଙ୍କୁ ଅଲଗା କରାଯାଇଥିଲା। ସେଠାରେ ସୁସ୍ଥ ହେବା ପରେ ସେମାନେ ଓଡ଼ିଶା ଆସିପାରିବେ ବୋଲି ଏମ୍ସ କର୍ତ୍ତୃପକ୍ଷ କହିଥିଲେ। ଏହାପରେ ଦୁଇଜଣଙ୍କୁ ଓଡ଼ିଶାରେ କେଉଁଠି ରଖାଯିବ ସେନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଜନା ଚାଲିଥିଲା। ଭୁବନେଶ୍ୱର ଏମ୍ସରେ ରଖିବା ପାଇଁ ବିଭାଗ ସ୍ଥିର କରିବା ସହ କର୍ତ୍ତୃପକ୍ଷଙ୍କୁ ଅନୁମତି ମାଗିଥିଲେ। କିନ୍ତୁ ଭୁବନେଶ୍ୱର ଏମ୍ସରୁ କୌଣସି ଉତ୍ତର ନ ମିଳିବାରୁ ଏସ୍‌ସିବିରେ ରଖିବା ପାଇଁ ନିଷ୍ପତ୍ତି ହୋଇଛି। ଦିଲ୍ଲୀରୁ କେବେ ଆସିବେ ତାହା ସପ୍ତାହକ ମଧ୍ୟରେ ନିଷ୍ପତ୍ତି ହେବ।


**ପୂର୍ବ ତଟ ରେଳପଥ**

**ରିସର୍ଚ୍ଚ ଡିଜାଇନ୍ ଏବଂ ଷ୍ଟାଣ୍ଡାର୍ଡ୍ ଅର୍ଗାନାଇଜେସନ (RDSO)/ ଲକ୍ଷ୍ନୌ ଠାରେ ବିକ୍ରେତା ସମ୍ମିଳନୀର ପୁନଃ ନିର୍ଦ୍ଧାରଣ ନିମନ୍ତେ ସୂଚନା।**

ପୂର୍ବ ପ୍ରକାଶିତ ଅନୁଯାୟୀ (RDSO)/ଲକ୍ଷ୍ନୌ ଠାରେ ତା.23.08.2019ରିଖରେ ହେବାକୁ ଥିବା ବିକ୍ରେତା ସମ୍ମିଳନୀ କୁ ପୁନଃ ନିର୍ଦ୍ଧାରିତ କରାଯାଇଛି, ଯାହାକି ବର୍ତ୍ତମାନ ପୂର୍ବ ପ୍ରକାଶିତ ସ୍ଥାନ ଓ ସମୟରେ ତା.30.08.2019ରିଖରେ ଅନୁଷ୍ଠିତ ହେବ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ-II, ଭୁବନେଶ୍ୱର
PR-300/K/19-20



**୨ୟ ଜନ୍ମଦିନ ଶୁଭେଚ୍ଛା**



ପ୍ରତ୍ୟୁଷ କୁମାର ସାସମଲ (ରିଶି)
ଜନ୍ମ ତା. ୨୦।୦୮।୨୦୧୭
ଆଜି ୨ୟ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛାସହ:
ବଡ଼ବାପା, ବଡ଼ମା, ବାପା, ମାଆ, ଭାଇ: ଗୁଡ୍ଡୁ, ଭଉଣୀ: ବର୍ଷା, ଖୁସି, ଅପା।
ଧ-୧୩୯୬୬



**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN NO.U85110KA1995PLC018175

**ସାର୍ବଜନିକ ସୂଚନା**

ଜନସାଧାରଣଙ୍କୁ ଏହା ସୂଚିତ କରାଯାଉଛି କି ୟୁନିମୋନୀ ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୂଷଣର ନିଲାମ କରିବାକୁ ଯାଉଛି। ଏହି ନିଲାମ ଦିନାଙ୍କ 22.08.2019 କୁ ସକାଳ/ସନ୍ଧ୍ୟା -10:00 ଘଟିକାରେ (ଠିକଣା) PLOT NO - 44, ASHOK NAGAR, UNIT II, BHUBANESWAR, KHORDHA. ରେ ହେବ। ସୁନା ଆଭୂଷଣ ଆମର ଏମିତି ବିଭିନ୍ନ ଗ୍ରାହାକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି। ନିଲାମର ସୂଚନା ଏହି ଋଣକର୍ତ୍ତା ଗ୍ରାହାକଙ୍କୁ ବି ଦିଆଯାଇସାରିଛି। ନିଲାମ ପାଇଁ ଉପଲବ୍ଧ ସୁନା ଆଭୂଷଣ କିଛି ଗ୍ରାହାକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ। ଏହି ଗ୍ରାହାକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି।

**Loan Nos: BHUBANESWAR (BUU) - 1211066, 1246964, 1516315, 1317005, 1525843, 1527128, 1257702, 1314274, 1496059, 1513442, 1507566, 1403990, 1227018, 1504733, 1234488, 1396479, 1407555, 1310436, 1467213, 1227052, 1322480, 1296062, 1338859, 1388340, 1222728, 1237706, 1433514, 1525060, 1246531, 1466009, 1248297. CUTTACK (CTK) - 1486124, 1483617, 1535429, 1470141, 1501032, 1501606, 1330237, 1466801, 1242265, 1486057, 1285813, 1317755, 1509480, 1410724, 1315629, 1506659, 1472574.**

For more details, please contact: Tirumalo Rao - 7994432993

(Reserves the right to alter the number of accounts to be auctioned & / postpone / cancel the auction without any prior notice)



**RITES THE INFRASTRUCTURE PEOPLE**
**ରାଇଟ୍‌ସ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ପ୍ରତିଷ୍ଠାନ) CIN No.: L74899DL1974GOI007227

**ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା**

ସମୂହ ମହାପ୍ରବନ୍ଧକ (ସିଭିଲ), ରାଇଟ୍‌ସ ଲିଃ, ଭୁବନେଶ୍ୱରଙ୍କ ଦ୍ୱାରା ମେସର୍ସ ମ୍ୟାନେଜମେଣ୍ଟ କମିଟି, ପାରାଦୀପ ପୋର୍ଟ, ପାରାଦୀପ, ଓଡ଼ିଶାଙ୍କ ତରଫରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଏକକ ଲଫାପା ପ୍ରଣାଳୀରେ ଅନ୍‌ଲାଇନ ଶତକଡ଼ା ଦରରେ ବିଡ୍ ଆମନ୍ତ୍ରଣ କରାଯାଉଛି। ଏନ୍‌ଆଇଟି ସଂ. ଓଟି/03/2019/ରାଇଟ୍‌ସ/ବିବିଏସ୍‌ଆର/ମରାମତି କାର୍ଯ୍ୟ/୨୬ ସିଏଣ୍ଡଏଫ୍ କ୍ୱାର୍ଟର୍ସ ତାରିଖ 20.08.2019, କାର୍ଯ୍ୟର ନାମ: "ମ୍ୟାନେଜମେଣ୍ଟ କମିଟି, ପାରାଦୀପ ପୋର୍ଟ ଅଧୀନରେ ନ୍ୟୁ ଭୀମ ଭୋଇ କଲୋନୀରେ ୨୬ ସି ଆଣ୍ଡ ଏଫ୍ କ୍ୱାର୍ଟର୍ସର ମରାମତି / ରକ୍ଷଣାବେକ୍ଷଣ", ଆନୁମାନିକ ବ୍ୟୟ: ₹1,91,81,684.00, ଇଏମ୍‌ଡି: ₹1,91,817.00, ସମାପ୍ତି ଅବଧି: 10 (ଦଶ) ମାସ, ବିଡ୍ ଦାଖଲର ଶେଷ ତାରିଖ ଓ ସମୟ: 30.08.2019 ଦିନ 15.00 ଘଟିକା (ଆଇଏସଟି)।

ବିଡ୍ ପ୍ରପତ୍ର ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍: https://etenders.gov.in/eprocure/appରେ ପ୍ରାପ୍ତ କରାଯାଇପାରିବ। ସଂଶୋଧନ ଓ ଶୁଦ୍ଧିପତ୍ର, ଯଦି ଥାଏ, କେବଳ ୱେବ୍‌ସାଇଟ୍‌ରେ ସ୍ଥାନିତ କରାଯିବ।



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ ନଂ.: ୭୭୮, ପ୍ରଥମ ମହଲା, ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ବିଜ୍ଞପ୍ତି**
[ରୁଲ୍-୮(୧)] (ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୫୪ ର ୨୦୦୨) ଏବଂ ସିକ୍ୟୁରିଟି ଇଣ୍ଟେରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ସହିତ ଧାରା ୧୩ (୧୨) ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା / ଜାମିନଦାର/ ବନ୍ଧକଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗୀକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା / ଜାମିନଦାର/ ବନ୍ଧକଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସ ର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତି ଗୁଡିକୁ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନ ଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| କ୍ର. ନଂ | ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା ମାନଙ୍କ ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
| --- | --- | --- | --- | --- |
| ୧. | ଋଣଗ୍ରହୀତା: ମେସର୍ସ ସତ୍ୟମେବ ଏଣ୍ଟରପ୍ରାଇଜେସ୍, ଅଂଶୀଦାରମାନେ.: ୧) ଶ୍ରୀ ସମୀର ରଞ୍ଜନ ପଣ୍ଡା, ପିତା.: ଶ୍ରୀ ବେଣୁଧର ପଣ୍ଡା, ସା.: ପ୍ଲଟ୍ ନଂ.: ଇବି-୮୦୯, ବଡଗଡ ବ୍ରିଟ କଲୋନୀ, ଭୁବନେଶ୍ୱର, ୨) ଶ୍ରୀ ନବୀନ ଚନ୍ଦ୍ର ପ୍ରଧାନ, ପିତା.: ଶ୍ରୀ କିଶୋର ଚନ୍ଦ୍ର ପ୍ରଧାନ, ସା.: ପ୍ଲଟ୍ ନଂ.: ୨୭୬୪/୪୬୪୫, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର /ଜାମିନ୍‌ଦାର/ବନ୍ଧକଦାତା.:ଶ୍ରୀମତୀ ନିହାରୀକା ରାଉତ, ସ୍ୱାମୀ.: ଶ୍ୟାମ ସୁନ୍ଦର ରାଉତ, ସା.: ପ୍ଲଟ୍ ନଂ.: ୪୬୧୭/୭୨୧୨, ଟଙ୍କପାଣୀ ରୋଡ, ଶିରିଡି ସାଇ ମନ୍ଦିର ନିକଟ, ସାଇ ରେସିଡେନ୍ସି ଏରିଆ, ବଡଗଡ, ଭୁବନେଶ୍ୱର, | ଶ୍ରୀମତୀ ନିହାରୀକା ରାଉତ, ସ୍ୱାମୀ: ଶ୍ୟାମ ସୁନ୍ଦର ରାଉତଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା.: ଭୁବନେଶ୍ୱର ସହର (ବଡଗଡ), ପ୍ରକାର.: ସ୍ଥିତିବାନ, ଖାତା ନଂ.: ୧୪୯୪/୧୭୭୬, ପ୍ଲଟ୍ ନଂ.: ୪୬୧୭/୭୨୧୨, କ୍ଷେତ୍ର.: ଏକର ୦.୦୩୦ଡିସିମିଲି, କିସମ.:ଘରବାରୀ, ଜିଲ୍ଲା.: ଖୋର୍ଦ୍ଧା, ଥାନା.: ଭୁବନେଶ୍ୱର, ତହସିଲ.: ଭୁବନେଶ୍ୱର, ଏହାର ଚାରିପାର୍ଶ୍ୱରେ.: ଉତ୍ତର : ପ୍ଲଟ୍ ନଂ.: ୪୬୧୪, ଦକ୍ଷିଣ.: ୨୦ ଫୁଟିଆ ଚଉଡା ରାସ୍ତା, ପୂର୍ବ.: ସବ୍ ପ୍ଲଟ୍ ନଂ.: ୩୫/ଏ, ପଶ୍ଚିମ.: ସବ୍ ପ୍ଲଟ୍ ନଂ.: ୩୪ | ୧୫.୦୩.୨୦୧୯ / ୧୪.୦୮.୨୦୧୯ | ୧୧.୦୩.୨୦୧୯ ସୁଦ୍ଧା ସୁଧ ସହିତ ଟ.୧୪,୨୯,୦୧୪.୮୪ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |
| ୨. | ଋଣଗ୍ରହୀତା:ମେସର୍ସ ଜୟଦୁର୍ଗା ଫୁଡ୍ ପ୍ରଡକ୍ଟସ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ଦିପ୍ତିମୟୀ ମିଶ୍ର, ସ୍ୱାମୀ.: ଶ୍ରୀ କେଦାରେଶ୍ୱର ମିଶ୍ର, ସା.: ପ୍ଲଟ୍ ନଂ.: ୧୩୯୩/ ୨୩୫, ପୁରୁଣା ଷ୍ଟେସନ୍ ସ୍କୋୟାର, ଭୁବନେଶ୍ୱର /ଜାମିନ୍‌ଦାର.: ଶ୍ରୀ ସତ୍ୟବାଦୀ ଦାସ, ପିତା.: ୰ କୃତିବାସ ଦାସ, ସା.: ପାଟଣା ସାହି, କପିଳେଶ୍ୱର, ଓଲ୍ଡ ଟାଉନ୍, ଭୁବନେଶ୍ୱର | ୰ କୃତିବାସ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା.: ଭୁବନେଶ୍ୱର ସହର ୟୁନିଟ୍- ୨୭, ତହସିଲ.: ଭୁବନେଶ୍ୱର, ଖାତା ନଂ.: ୧୨୦, ପ୍ଲଟ୍ ନଂ.: ୧୭୦୬, କ୍ଷେତ୍ର.: ଏକର ୦.୦୬୭ ଡିସିମିଲି, କିସମ.: ଘରବାରୀ | ୩୦.୦୩.୨୦୧୯ / ୧୭.୦୮.୨୦୧୯ | ୨୯.୦୩.୨୦୧୯ ସୁଦ୍ଧା ସୁଧ ସହିତ ଟ.୭,୧୭,୨୮୩/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |
| ୩. | ଋଣଗ୍ରହୀତା: ଶ୍ରୀ ପ୍ରକାଶ କୁମାର ଦାଶ, ପିତା.: ଗୋକୁଳାନନ୍ଦ ଦାଶ, କାର୍ଯ୍ୟାଳୟ ଠିକଣା.: ଲାନ୍‌କୋ ଇନଫ୍ରାଟେକ୍ ଲିଃ., ମାର୍ଫତ.: ଡଃ. ଡମ୍ବରୁଧର ବିଶ୍ୱାଳ, ଦକ୍ଷିଣକାଳୀ ରାସ୍ତା, ସିନର୍ଜି ଇଞ୍ଜିନିୟରିଂ କଲେଜ ନିକଟ, ଢେଙ୍କାନାଳ- ୭୫୯୦୦୧, ସ୍ଥାୟୀ ଠିକଣା.: ଶ୍ରୀ ପ୍ରକାଶ କୁମାର ଦାଶ, ସା.: ବାଲିଆପଡିଆ, ପୋ.: ବରଦା, ବାଲିଚନ୍ଦ୍ରପୁର, ଜିଲ୍ଲା.: ଯାଜପୁର, ପିନ୍- ୭୫୪୨୦୫ | ଶ୍ରୀ ପ୍ରକାଶ କୁମାର ଦାଶଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା.: କଟକ, ଥାନା.: କଟକ ସଦର, ଏସ୍‌ଆରଓ ଏବଂ ତହସିଲ.: ବାରଙ୍ଗ, ଥାନା ନଂ.: ୧୬୬, ତହସିଲ ନଂ.: ୩୭୩, ମୌଜା.: କୁରୁଣ୍ଟି, ଓଡିଶା ସରକାର ଖେୱାଟ ନଂ.: ୧, ସ୍ଥିତିବାନ ମୂଳ ଖାତା ନଂ.:୧, ଯେଉଁଥିରୁ ମ୍ୟୁଟେସନ୍ ଖାତା ନଂ.: ୪୪୪/୨୧୯, ମୂଳ ଚକ ଅଯୋଗ୍ୟ ପ୍ଲଟ୍ ନଂ.: ୯୬୪, ଯେଉଁଥିରୁ ମ୍ୟୁଟେସନ ପ୍ଲଟ୍ ନଂ.: ୯୬୪/୧୩୨୨, କିସମ.: ଘରବାରୀ, କ୍ଷେତ୍ର.: ଏକର ୦.୬୭.୦୮ କଡି ରୁ ବିକ୍ରି ହୋଇଥିବା କ୍ଷେତ୍ର.: ଏକର ୦.୦୨.୭.୫ କଡି, (୨ ଡିସିମିଲି ୭ ଏବଂ ଅଧେ କଡି), କ୍ଷେତ୍ରଫଳ ୨୯ଫୁଟx ୪୧ଫୁଟ ୫ ଇଞ୍ଚ, ଯାହାକି କ୍ଷେତ୍ର.: ୧୨୦୦ ବର୍ଗଫୁଟ, ଯାହାର ସବ୍ ପ୍ଲଟ୍ ନଂ.: ଏ/୩୧ (ଯାହାକି ଆର୍ କେ ଭିଲ୍ଲାରେ ଥିବା ଡ୍ୟୁପ୍ଲେକ୍ସ ନଂ.: ଏ/୩୧) | ୦୩.୦୪.୨୦୧୯ / ୧୯.୦୮.୨୦୧୯ | ୩୦.୦୩.୨୦୧୯ ସୁଦ୍ଧା ସୁଧ ସହିତ ଟ.୨୩,୭୩,୭୦୩/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |

ତାରିଖ : ୧୯.୦୮.୨୦୧୯
ସ୍ଥାନ : ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



CLASSIFIED DISPLAY

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର signia DIGITAL HEARING AID SIEMENS
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

LEARN CCTV ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
● CCTV, Biometric & EPABX Marketing, Installation & Technical Training.
● Onsite Practice ● Internship
● 100% Job Placement ● Class Detailing
● 100% Practical Training ● Hostel Facility available
ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି।

–ଶ୍ରୀଅରବିନ୍ଦ

# ଲାଠି

ଆୟକର (ଆଇଟି) ବିଭାଗ ଦେଶରେ ଟିକସ ଆତଙ୍କରାଜ ଚଳାଇଛି ବୋଲି ବ୍ୟକ୍ତିଗତ ଟିକସଦାତା ଓ ଉଦ୍ୟୋଗ ଜଗତ ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ନିକଟରେ କାଫେ କଫି ଡେ (ସିସିଡି) ପ୍ରତିଷ୍ଠାତା ଭିଜି ସିଦ୍ଧାର୍ଥ ଆୟକର ଅଧିକାରୀଙ୍କ ଦ୍ୱାରା ନିର୍ଯାତିତ ହେବାରୁ ଆତ୍ମହତ୍ୟା କରିଥିବା ବିଷୟ ପଦାକୁ ଆସିଥିଲା। ଟିକସଦାତାଙ୍କ ପ୍ରତି ଆଇଟି ବିଭାଗ ଅଧିକାରୀଙ୍କ ବ୍ୟବହାର ଭଲ ହେଉ ନ ଥିବାରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। କରଦାତାଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ସେ ଆୟକର ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏଠାରେ ମତ ପ୍ରକାଶ ପାଉଛି ଯେ, ଏଭଳି ଦୁର୍ବ୍ୟବହାର ନୂଆ ଘଟଣା ନୁହେଁ। ସମ୍ଭବତଃ ଏବକାର ଅର୍ଥମନ୍ତ୍ରୀ ପୂର୍ବରୁ ସାଧାରଣ କରଦାତା ଭାବେ ଆୟକର ବିଭାଗର ସମ୍ମୁଖୀନ ହୋଇ ନାହାନ୍ତି। ମଧ୍ୟବିତ୍ତ ରୋଜଗାର ଗୋଷ୍ଠୀର କଳାଧନ ଉପାର୍ଜନ କରିବାର ସମ୍ଭାବନା ଅତ୍ୟନ୍ତ ସୀମିତ। ଯେତେ ସଚ୍ଚୋଟ ରହିଲେ ମଧ୍ୟ ଆୟକର ବିଭାଗର ଛନ୍ଦି ହେଉଥିବା ଆଇନ ଫଳରେ ସାଧାରଣ କରଦାତା ସବୁବେଳେ ହଇରାଣ ହୋଇଥାଆନ୍ତି। ବିଶେଷକରି ଏହି ବିଭାଗର ଆଇନକୁ ଜାଣିଶୁଣି ଜଟିଳ ରଖାଯାଇଛି ବୋଲି ଅନେକ ଟିକସଦାତା ମତ ଦିଅନ୍ତି। ଏବେ ବ୍ୟକ୍ତିଗତ ଟିକସ ଭରଣା କରିବା ପାଇଁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ସହଯୋଗ ଲୋଡ଼ିବା ଆବଶ୍ୟକ ହୋଇପଡ଼ିଲାଣି। ଅନ୍ୟପଟେ ଆମେରିକା ଭଳି ଦେଶରେ ବ୍ୟକ୍ତିଗତ ଟିକସଦାତାଙ୍କ ପାଇଁ ଆଇନକୁ ଅତି ସହଜ କରି ଦିଆଯାଇଥିବାରୁ ଯେକୌଣସି ବ୍ୟକ୍ତି ନିଜର ରିଟର୍ନ ଫାଇଲ କରିପାରୁଛନ୍ତି। ତଥାକଥିତ 'ନୂଆ ଭାରତ'ର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ଇଚ୍ଛୁକ ଥିବା ନାଗରିକ ପ୍ରଥମେ ଟିକସ ଦେବା ବ୍ୟବସ୍ଥାର ସରଳୀକରଣ ଆଶା ରଖୁଛନ୍ତି। ଏପର୍ଯ୍ୟନ୍ତ ସେ ଦିଗରେ କେହି ଦୃଷ୍ଟି ପକାଇବାର ଉଦାହରଣ ମିଳୁନାହିଁ।

ଦେଶର ବିକାଶ ଲାଗି ଟିକସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଯେଉଁ ଟିକସଦାତାମାନେ ଆୟକର ବିଭାଗ ନିକଟରେ ଠିକ୍ ସମୟରେ ଅର୍ଥ ପଇଠ କରୁଛନ୍ତି, ସେମାନଙ୍କୁ ଯେମିତି ସରକାରୀ ସ୍ତରରେ ଦୋଷୀ ଭାବେ ଗଣାଯାଉଛି। ଭାରତରେ ପ୍ରତ୍ୟେକ ନାଗରିକ କରଦାତା। ରୋଜଗାର କରୁ ନ ଥିବା ଯୁବତୀଯୁବକ ଯେତେବେଳେ କୌଣସି ଦୋକାନରୁ ହଳେ ଜିନ୍ସ କିଣୁଛନ୍ତି କିମ୍ବା ନିଜ ଦୁଇଚକିଆରେ ପେଟ୍ରୋଲ ପକାଉଛନ୍ତି, ସେତେବେଳେ ସେମାନେ ପ୍ରବଳ ମାତ୍ରାରେ ପରୋକ୍ଷ ଟିକସ ଦେଉଛନ୍ତି। ତେବେ ଆୟକର ଦେଉଥିବା ନାଗରିକ ସେମାନଙ୍କଠାରୁ ଭିନ୍ନ। ସବୁ ସାମଗ୍ରୀ ପାଇଁ ପରୋକ୍ଷ ଟିକସ ଦେବା ସହିତ ବ୍ୟକ୍ତିଗତ ଆୟକର ଦେଇଥାଆନ୍ତି। ଅର୍ଥାତ୍ 'ବେଡ଼ି ଉପରେ କୋରଡ଼ା ମାଡ଼' ଭଳି ଭାରତରେ ଏହି ଟିକସଦାତା ସବୁ ପ୍ରକାର କର ଦେବା ସହିତ ଆୟକର ମଧ୍ୟ ଦେଉଛନ୍ତି। ଏଭଳି ନାଗରିକଙ୍କ ସକାଶେ ଦେଶର ପ୍ରଶାସନରେ କୌଣସି ଭିନ୍ନ ସମ୍ମାନ ରହୁ ନାହିଁ। ଏବେ କୁହାଯାଉଛି ଯେ, ପାନ୍ କାର୍ଡ ଠକେଇ ହେଉଥିବାରୁ ତାହା ମୂଲ୍ୟହୀନ। ସେଥିପାଇଁ ପାନ୍ କାର୍ଡକୁ ଆଧାର କାର୍ଡ ସହ ସଂଯୋଗ କରିବା ବାଧ୍ୟତାମୂଳକ କରାଯାଉଛି। ଭବିଷ୍ୟତରେ ଆଧାରରେ ମଧ୍ୟ ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇପାରେ। ଏହା ଏବେଠାରୁ ଅନେକ ସ୍ଥାନରେ ଜଣାପଡ଼ିଲାଣି। ଭାରତ ସରକାର ପୁନର୍ବାର ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ କରି ଏକ ନୂଆ କାର୍ଡ ସୃଷ୍ଟି କରିବା ଅସମ୍ଭବ ନୁହେଁ। ତାହାର ସଂଯୋଗ ପଛରେ ଧାଇଁ ନାଗରିକର ପାଞ୍ଚବର୍ଷ ବିତିଯିବ।

ଏହି ଭାରତରେ ବିଭିନ୍ନ ଉପାୟରେ ଅର୍ଥ ଠୁଳ କରୁଥିବା ନିର୍ଦ୍ଦିଷ୍ଟ ବର୍ଗ ଟିକସ ପରିଧିରେ ଆସୁ ନାହାନ୍ତି। ଏଥିପାଇଁ ତ୍ରୁଟିପୂର୍ଣ୍ଣ ଭାରତୀୟ ଟିକସ ବ୍ୟବସ୍ଥା ଦାୟୀ। ସଚ୍ଚୋଟ କରଦାତା ଉଚିତ ସମୟରେ ଟିକସ ଦେଇଦେଉଥିବାରୁ ସେମାନଙ୍କ ଉପରେ ବିଭିନ୍ନ ପ୍ରକାର ସେସ୍ ବସାଯାଉଛି। ଅର୍ଥାତ୍ ୧୫୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତବର୍ଷରେ ମାତ୍ର ୨ କୋଟି ୭୦ ଲକ୍ଷ ଲୋକ ଟିକସ ଦେଉଛନ୍ତି। ଅବଶିଷ୍ଟ ବିଭିନ୍ନ ଉପାୟରେ ରୋଜଗାର କରୁଥିଲେ ମଧ୍ୟ ସେମାନଙ୍କୁ ଟିକସ ପରିସରକୁ ଅଣାଯିବାକୁ ଚେଷ୍ଟା କରାଯାଉ ନାହିଁ। ତେଣୁ ଯେଉଁମାନେ ଟିକସ ଦେଉଛନ୍ତି, ସେମାନଙ୍କଠାରୁ ଅଧିକ ଶୋଷିବାର ନୀତି ସର୍ବଦା କାର୍ଯ୍ୟ କରୁଛି। ଫଳରେ କେତେକେ ଟିକସ ଫାଙ୍କିବାର କୌଶଳ ଆପଣାଇବାକୁ ବାଧ୍ୟ ହେଉଛନ୍ତି। ଆୟକର ଅଧିକାରୀମାନେ ଯେତେବେଳେ କୌଣସି ଟିକସଦାତାଙ୍କ ରିଟର୍ନ ଫାଇଲ୍‌ରେ ତ୍ରୁଟି ଥିବା ଅନୁଭବ କରୁଛନ୍ତି, ସେତେବେଳେ ସେମାନଙ୍କ ଉପରେ ପର୍ଯ୍ୟାପ୍ତ ଜରିମାନା ଭିଡ଼ି ଦେଉଛନ୍ତି। ନିକଟ ଅତୀତରେ ଅର୍ଥ ମନ୍ତ୍ରଣାଳୟ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ, ଦୁର୍ନୀତିରେ ଜଡ଼ିତ ଥିବା ଆୟକର ବିଭାଗର ୧୨ ଜଣ ବରିଷ୍ଠ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିଦେଇଥିଲେ। ଏଥିରୁ ବୁଝିବାକୁ ହେବ ଯେ, ଆୟକର ବିଭାଗରେ କାର୍ଯ୍ୟରତ ଅଧିକାରୀଙ୍କ ହାତରେ ଟିକସ ଆଦାୟର ରଜ୍ଜୁ ରହିଯାଇଥିବାରୁ ସେମାନଙ୍କ ମଧ୍ୟରୁ କେତେ ଜଣ ଏହାର ଅପବ୍ୟବହାର କରୁଥିବା ଭଳି ମନେହେଉଛି। ତେଣୁ ଟିକସଦାତାଙ୍କୁ କୌଣସି ପ୍ରକାରେ ହଇରାଣ ନ କରି ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ପ୍ରୋତ୍ସାହନ ପ୍ରଦାନ କରାଗଲେ ଆୟକର ବିଭାଗ ପ୍ରତି ଥିବା ଭୟ ଦୂର ହୋଇପାରନ୍ତା। କିନ୍ତୁ ଏବେ ନୂଆ ଭାରତରେ କୌଣସି ସ୍ଥାନରେ ଭୟକୁ ଦୂର କରିବା ପରିବର୍ତ୍ତେ ଅଧିକ ଭୀତି ସଞ୍ଚାର କରାଯାଉଛି।

ଅର୍ଥ ମନ୍ତ୍ରଣାଳୟ ଡେରିରେ ହେଉ ପଛେ ଟିକସଦାତାଙ୍କ ଅସୁବିଧା ବୁଝି ଉପରଲିଖିତ ନିର୍ଦ୍ଦେଶ ଦେବା ଏକ ସକାରାତ୍ମକ ଦିଗକୁ ସୂଚାଇଛି। ଦେଶର ଧନ ସୃଷ୍ଟିକାରୀଙ୍କୁ ନାଲିଆଖି ନ ଦେଖାଇ ସେମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କଲେ ସୁଫଳ ମିଳିବ ବୋଲି ହୃଦ୍‌ବୋଧ ହେଉଛି। ହେଲେ ସରକାରଙ୍କ ଏଭଳି ଉପଦେଶ କେତେଦୂର ପାଳନ କରାଯାଉଛି, ତାହା ଠିକ୍ ଭାବେ ତଦାରଖ କରାଯିବା କଥା। ଆୟକର ବିଭାଗ ଅଧିକାରୀଙ୍କ ମନୋଭାବରେ ପରିବର୍ତ୍ତନ ହେଲେ ଟିକସଦାତାମାନେ ସ୍ୱତଃପ୍ରବୃତ୍ତ ନିଜ ଆୟର ଉଚିତ ବିବରଣୀ ପ୍ରଦାନ କରିବାକୁ ଆଗେଇ ଆସିବେ। କିନ୍ତୁ ଏହି ବିଭାଗୀୟ କର୍ମଚାରୀଙ୍କ ମନୋଭାବ ସହଜରେ ପରିବର୍ତ୍ତନ ହୋଇପାରିବ ବୋଲି ବିଶ୍ୱାସ ହେଉନାହିଁ। ଅନେକ କାଳ ଧରି କରଦାତାଙ୍କ ଉପରେ ଦାଉ ସାଜି ଆସିଥିବା ଆଇଟି ବିଭାଗ ନିଜ ଡିଏନ୍‌ଏ ବଦଳାଇପାରିବ ନାହିଁ। ସେଥିପାଇଁ ଆଇନକୁ ପରିବର୍ତ୍ତନ କରି ବିଭାଗୀୟ ସରକାରୀ କର୍ମଚାରୀଙ୍କ କ୍ଷମତା ହ୍ରାସ କରାଯାଇପାରିଲେ, ସମସ୍ୟାର କିଛି ସମାଧାନ ଆସିପାରେ। ମାତ୍ର ଆଜି ଗଢ଼ା ଯାଉଥିବା ନୂଆ ଭାରତ ପାଇଁ ଏହି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ସାଜିଛି, ଯଦ୍ୱାରା ନିରୀହ ଜନସାଧାରଣଙ୍କୁ ସାବାଡ଼ କରି ରଖିହେବ। ସରକାରଙ୍କ ଏହା ହେଉଛି ଶକ୍ତିଶାଳୀ ଲାଠି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | 5 | 3 | 6 | | | | | 1 | | D | | |
| | | 8 | | | | 7 | | D | | | | 2 | E | 0 |
| | | | | A | | 9 | | C | 8 | 3 | 4 | | | |
| | 5 | | | 7 | | | | | | | | | | |
| 7 | | 3 | | C | 0 | E | | | | | | 8 | | 4 |
| | | 2 | 3 | | | | D | 6 | 4 | B | A | | | |
| | 6 | | 7 | 2 | | | | | | | | 5 | 1 | A |
| | | 0 | A | E | 1 | 8 | | 4 | | D | | 3 | | 7 |
| | | | | | | 1 | 0 | | | E | | | | |
| | | | | | 9 | | | | | | | | 0 | 6 |
| D | | E | | | | 4 | 9 | 5 | 2 | | | | | |
| | 2 | 4 | B | 8 | | 0 | | | | | | | D | |
| | | | | | 3 | D | | | 5 | | | | 9 | E |
| | | | | 4 | C | | 8 | | 9 | | | | | |
| 8 | | | | | | | C | | | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 7 | 9 | D | A | E | 8 | 6 | 4 | 1 | 5 | C | 0 | B | 2 |
| 2 | 5 | 6 | 1 | 3 | 4 | 9 | B | D | 0 | E | 7 | 8 | A | C |
| A | 1 | 0 | B | 8 | 7 | 5 | E | C | 3 | 6 | 2 | 9 | 4 | D |
| 4 | E | B | 9 | 2 | C | 7 | 1 | 0 | 8 | D | A | 3 | 6 | 5 |
| C | D | 8 | 5 | 6 | 0 | 3 | 2 | A | 9 | B | 4 | E | 7 | 1 |
| E | 0 | D | 4 | 9 | 2 | B | 7 | 6 | A | 3 | 5 | C | 1 | 8 |
| 7 | 3 | 4 | 8 | C | 5 | 2 | 9 | E | D | 1 | 6 | B | 0 | A |
| 9 | 6 | 5 | A | 0 | D | 4 | 8 | 1 | E | C | B | 2 | 3 | 7 |
| 8 | 2 | C | 3 | 1 | B | A | 0 | 5 | 4 | 7 | 9 | 6 | D | E |
| 1 | B | A | 7 | E | 6 | D | C | 3 | 2 | 0 | 8 | 4 | 5 | 9 |
| B | A | 2 | E | D | 3 | 0 | 4 | 8 | 7 | 9 | 1 | 5 | C | 6 |
| 6 | 8 | E | 0 | 4 | 1 | C | D | 2 | 5 | A | 3 | 7 | 9 | B |
| 0 | C | 3 | 6 | 7 | A | E | 5 | 9 | B | 2 | D | 1 | 8 | 4 |
| D | 9 | 7 | C | 5 | 8 | 1 | 3 | B | 6 | 4 | E | A | 2 | 0 |
| 5 | 4 | 1 | 2 | B | 9 | 6 | A | 7 | C | 8 | 0 | D | E | 3 |

ଗତକାଲିର ଉତ୍ତର

# 'ଜୟ ଶ୍ରୀରାମ' ଓ ରାମଙ୍କ ଆଦର୍ଶ



ବୈକୁଣ୍ଠନାଥ ମିଶ୍ର

ଆଜିକାଲି 'ଜୟ ଶ୍ରୀରାମ' ଉଚ୍ଚାରଣ କରି ବନ୍ଧୁଙ୍କୁ ପ୍ରଥମ ସାକ୍ଷାତରେ ସମ୍ଭାଷଣ କରିବାର ଅଭିନବ ପରମ୍ପରା ସର୍ବତ୍ର ପରିଦୃଷ୍ଟ। ବନ୍ଧୁଙ୍କୁ ସାକ୍ଷାତ ସମୟରେ ଈଶ୍ୱରଙ୍କ ନାମ ଉଚ୍ଚାରଣ କରିବା ଭଲ କଥା: କିନ୍ତୁ ଏହାର ଅପବ୍ୟବହାର ଈଶ୍ୱରଙ୍କ ପ୍ରତି ତାଚ୍ଛଲ୍ୟ ପରି ମନେହୁଏ। ସପ୍ତଦଶ ଲୋକ ସଭାକୁ ନବନିର୍ବାଚିତ ସଭ୍ୟମାନଙ୍କ ପ୍ରଥମ ପ୍ରବେଶ ସମୟରେ, ବିଶେଷକରି ଶପଥଗ୍ରହଣ ଉତ୍ସବରେ ଯୋଗଦେବା ଅବସରରେ ଅଧିକାଂଶ ସଭ୍ୟ 'ଜୟ ଶ୍ରୀରାମ' ଧ୍ୱନିରେ ସଂସଦକୁ ପ୍ରକମ୍ପିତ କଲେ। କେହି କେହି ନିଜ ଦଳର ମୁଖ୍ୟଙ୍କ ନାମକୁ ନେଇ ଜୟ ଜୟକାର କରିବାକୁ ପଛାଇଲେ ନାହିଁ। ସଂସଦ ଗଣତନ୍ତ୍ରର ସର୍ବୋଚ୍ଚ କ୍ଷେତ୍ର ଯେଉଁଠାରେ ସର୍ବଧର୍ମ ସମନ୍ୱୟ ଘଟିଥାଏ। 'ଜୟ ଶ୍ରୀରାମ' ଉଚ୍ଚାରଣ ଯେତେ ପବିତ୍ର ହେଲେ ମଧ୍ୟ ଏହା ଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ପୀଡ଼ା ଦେଇଥାଏ, ଏହା ଅନସ୍ୱୀକାର୍ଯ୍ୟ। ଈଶ୍ୱରପ୍ରେମୀ ଈଶ୍ୱରଙ୍କ ନାମ ଜପ କରିବାରେ କିମ୍ବା ଈଶ୍ୱରାନୁରାଗୀ ସାଧୁଙ୍କ ମେଳରେ ସତ୍‌ସଙ୍ଗ କରି ପ୍ରଭୁଙ୍କ ନାମ ନେବାରେ କୌଣସି ଅସୁବିଧା ନାହିଁ। ମାତ୍ର ସଂସଦ ଭଳି ଏକ ରାଜନୈତିକ ଅନୁଷ୍ଠାନରେ 'ଜୟ ଶ୍ରୀରାମ' ଉଚ୍ଚାରଣ କେତେ ଗ୍ରହଣୀୟ ତାହା ବିଚାରସାପେକ୍ଷ।

ତୁଣ୍ଡରେ 'ଜୟ ଶ୍ରୀରାମ' ଉଚ୍ଚାରଣରେ ଅଭ୍ୟସ୍ତ କିଛି ଲୋକ ଚାହାନ୍ତି ଯେ, ଜାତିଧର୍ମ ନିର୍ବିଶେଷରେ ସମସ୍ତେ ତାଙ୍କର ସମର୍ଥକ ସାଜି 'ଜୟ ଶ୍ରୀରାମ' ଉଚ୍ଚାରଣ କରନ୍ତୁ; ନଚେତ୍ ଶୋଚନୀୟ ପରିଣତି ଭୋଗ କରନ୍ତୁ। ଗତ କିଛିଦିନ ତଳର ଘଟଣା ପ୍ରବାହକୁ ଲକ୍ଷ୍ୟ କଲେ ଏହାର ସତ୍ୟତା ଅନୁଭବ କରିହେବ। ୧୫ ବର୍ଷୀୟ ମୁସଲମାନ ବାଳକ ଜୁନାଇଦ୍ ଖାଁ, ମହମ୍ମଦ ଅଖଲାଖ, ମହମ୍ମଦ ଆଫ୍ରାଜଲ, ଶେଖ ନଇମ୍ କିମ୍ବା ଗୋଚାଲାଣ ଅଭିଯୋଗରେ ପହେଲୁ ଖାଁ ପ୍ରମୁଖ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଆସାମ ଓ ପଶ୍ଚିମବଙ୍ଗରେ କିଛି ଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ 'ଜୟ ଶ୍ରୀରାମ' କହିବାକୁ ବାଧ୍ୟ କରିବା ଏବଂ ଏହା ନ କରିବାରୁ ସେମାନଙ୍କୁ ନିର୍ଯାତନା ଦେବା, ଏପରି କି ମୃତ୍ୟୁମୁଖକୁ ଠେଲିଦେବା କ'ଣ ଶ୍ରୀରାମଙ୍କ ଆଦର୍ଶ? ଯଦି ଆକ୍ରମଣକାରୀଙ୍କୁ କୌଣସି ପରିସ୍ଥିତିରେ 'ଆଲ୍ଲା' ଉଚ୍ଚାରଣ କରିବା ପାଇଁ ବାଧ୍ୟ କରି ତାଙ୍କ ଧର୍ମର ରୀତିନୀତି ପାଳନ କରିବାକୁ କୁହାଯାଏ, ତେବେ ପରିସ୍ଥିତିର ଗମ୍ଭୀରତା ସହଜେ ଅନୁମେୟ। ତେଣୁ ଏ ଲୋକଦେଖାଣିଆ 'ଜୟ ଶ୍ରୀରାମ' ଉଚ୍ଚାରଣକୁ ଗୁରୁତ୍ୱ ନ ଦେଇ ନିଜ ହୃଦୟକୁ ଶ୍ରୀରାମଙ୍କ ପବିତ୍ର ଆଦର୍ଶ ରୂପକ ଗଙ୍ଗାଜଳରେ ଧୌତ କରିବା ଉଚିତ। ଶ୍ରୀରାମଙ୍କୁ ଜୀବନର ଆଦର୍ଶ ରୂପେ ଗ୍ରହଣ କରିଥିବା ବ୍ୟକ୍ତି ହିଁ ରାମନାମର ମହତ୍ତ୍ୱ ବୁଝେ, କାହାକୁ ବାଧ୍ୟ କଲେ ସେ ବୁଝିବ ନାହିଁ।

ବାଲ୍ମୀକି ରାମାୟଣ ଅନୁଯାୟୀ ଶ୍ରୀରାମ ହେଉଛନ୍ତି ଅହିଂସାର ପ୍ରତୀକ। ସେ ବୀର ଓ ଅନ୍ୟାୟକୁ ବିରୋଧ କରୁଥିବା ନୀତିନିଷ୍ଠ, ସତ୍ୟସନ୍ଧ, ମର୍ଯ୍ୟାଦା ପୁରୁଷୋତ୍ତମ। ସେ ଅରକ୍ଷ ରକ୍ଷକ, ଅନାଥର ବନ୍ଧୁ, ଅନ୍ୟାୟର ପ୍ରତିରୋଧକ ଏବଂ ସତ୍ୟ, ନ୍ୟାୟ ଓ ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ। ସନ୍ଥ ତୁଳସୀଦାସଙ୍କ ପ୍ରସିଦ୍ଧ 'ରାମଚରିତ ମାନସ'ରେ ଶ୍ରୀରାମଙ୍କୁ କମନୀୟ କାନ୍ତିଯୁକ୍ତ, ନମନୀୟ ସ୍ୱଭାବବିଶିଷ୍ଟ, ପ୍ରଜାବତ୍ସଳ, ଦୁର୍ବଳର ରକ୍ଷାକାରୀ ଭାବରେ ଯେପରି ବର୍ଣ୍ଣନା କରାଯାଇଛି, ଶତ୍ରୁ ସଂହାର ସମୟରେ ତାଙ୍କୁ ଠିକ୍ ସେହିପରି କଠୋରତାର ନିଦର୍ଶନ ରୂପେ ମଧ୍ୟ ଚିତ୍ରଣ କରାଯାଇଛି। ଜନ୍ ଗୀରସନ ନାମକ ଜଣେ ବିଦେଶୀ ସମୀକ୍ଷକଙ୍କ ମତରେ, ସନ୍ଥ ତୁଳସୀଦାସଙ୍କ ରାମଚରିତ ମାନସ ଆଉ ଯାହା ପ୍ରଚାର କରୁ କି ନ କରୁ ଶ୍ରୀରାମଙ୍କ ଉଦାରତା, ଦୁର୍ବଳକୁ ରକ୍ଷା କରିବାର ପ୍ରତିବଦ୍ଧତା ଓ ସର୍ବୋପରି ସତ୍ୟ ପ୍ରତିଷ୍ଠା କରିବାର ଅଦମ୍ୟ ପ୍ରେରଣା ଯୁଗେ ଯୁଗେ ରାମାୟଣକୁ ଜନସମୁଦାୟର ନିକଟତର କରାଇବାରେ ସକ୍ଷମ ହେବ। ସନ୍ଥ ତୁଳସୀଦାସଙ୍କ ମତରେ ପ୍ରଭୁ ଶ୍ରୀରାମ ଶ୍ରେଷ୍ଠ ମାନବବାଦୀ ଏବଂ କର୍ମ ଓ ଜ୍ଞାନ ଯୋଗର ସର୍ବଶ୍ରେଷ୍ଠ ପ୍ରବକ୍ତା। ସେ ହେଉଛନ୍ତି ଉଭୟ ବୈରାଗ୍ୟ ଓ ଗାର୍ହସ୍ଥ୍ୟ ଧର୍ମର ଅପୂର୍ବ ସଂସ୍ଥାପକ। ସଂସାରରେ ଅବତୀର୍ଣ୍ଣ ହୋଇ ମଧ୍ୟ ବିଷୟ ବାସନାରେ ନିର୍ଲିପ୍ତ ରହିବା ରାମ ଚରିତ୍ରର ବିଶେଷତ୍ୱ।


ପିତାଙ୍କର କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ବିମାତା କୈକେୟୀଙ୍କୁ ବରପ୍ରଦାନର ପ୍ରତିବଦ୍ଧତା ଓ ରାଜାଭିଷେକର ଅବ୍ୟବହିତ ପୂର୍ବରୁ ଶ୍ରୀରାମଙ୍କୁ ରାଜସୁଖରୁ ବଞ୍ଚିତ କରି ସ୍ୱାମୀଙ୍କ ଦ୍ୱାରା ଯାଚିତ ବରପ୍ରାପ୍ତିର ଅଭୀପ୍ସାକୁ ଚରିତାର୍ଥ କରିବାର ହୀନ ପ୍ରୟାସକୁ ହୃଦୟଙ୍ଗମ କରି ପିତାଙ୍କୁ ଧର୍ମସଙ୍କଟରୁ ରକ୍ଷା କରିବାର ମହାନ ଲକ୍ଷ୍ୟକୁ ଅକ୍ଳେଶରେ ପୂରଣ କରାଇନେଲେ ଏହି ସୁପୁତ୍ର ଶ୍ରୀରାମ। କି ବିଶାଳ ହୃଦୟ! ବନବାସ ଉପରାନ୍ତେ ମାତା କୈକେୟୀଙ୍କୁ ସାକ୍ଷାତ ସମୟରେ କୈକେୟୀ କୋହଭରା କଣ୍ଠରେ କହିଛନ୍ତି, ମୁଁ ମାତା ନୁହେଁ ବିମାତା। ମୋ ଯୋଗୁ ତୋତେ ଏତେସବୁ ଦୁର୍ଦ୍ଦିନର ସମ୍ମୁଖୀନ ହେବାକୁ ପଡ଼ିଲା। ଉତ୍ତରରେ ଶ୍ରୀରାମ କହୁଛନ୍ତି– ମାତା! ଆପଣଙ୍କର ରାମ ପ୍ରତି ଦୟା ଅପାର। ବନବାସକୁ ଯାଇ ନ ଥିଲେ ରାମ କେବଳ ଜଣେ ସାଧାରଣ ରାଜା ହୋଇ ଅନ୍ୟ ନରପତିମାନଙ୍କ ପରି ଦିନେ ଇହଧାମ ତ୍ୟାଗ କରିଥାନ୍ତା। କିନ୍ତୁ ଆପଣଙ୍କ ଯୋଗୁ ରାମର ରାମତ୍ୱ ପୃଥିବୀରେ ପ୍ରସାରିତ ହେଲା। ବିଚିତ୍ର ରାମାୟଣରେ କବି ବିଶ୍ୱନାଥ ଖୁଣ୍ଟିଆ କହନ୍ତି– କରିଛ ମାତ ଯେଉଁ ଉପକାରମାନ, ବଚନରେ ତାହା ନୁହଁଇ ବର୍ଣ୍ଣନ। ସନ୍ଥ ତୁଳସୀଦାସ କହନ୍ତି– ଶୁନୁ ଜନନୀ ଶୋଇ ସୁତୁ ବଡ଼ଭାଗୀ, ଯୋ ପିତୁମାତୁ ବଚନ ଅନୁରାଗୀ। ତନୟ ମାତୁପିତୁ ଶୋକନିହାରା, ଦୁର୍ଲ୍ଲଭ ଜନନି ସକଲ ସଂସାରା। ମାତାପିତାଙ୍କ ବଚନ ରକ୍ଷା କରିବାଠାରୁ ବଳି ସୌଭାଗ୍ୟର କଥା ଆଉ କିଛି ନାହିଁ।

ଆଜି ଆମେ ଯେଉଁମାନେ କଥାକଥାକେ 'ଜୟ ଶ୍ରୀରାମ' କହି ଶ୍ରୀରାମଙ୍କ ଶ୍ରେଷ୍ଠ ଭକ୍ତ ଭାବେ ନିଜକୁ ପରିଚିତ କରାଉଛୁ, ଥରେ ନିଜକୁ ପ୍ରଶ୍ନ କରିବା ଦରକାର ଶ୍ରୀରାମଙ୍କ କେଉଁ ଗୁଣକୁ ଆମେ ହୃଦୟରେ ଧାରଣ କରିଛୁ ଓ ବାସ୍ତବତାରେ ରୂପାୟିତ କରିଛୁ। ଲୋକଦେଖାଣିଆ 'ଜୟ ଶ୍ରୀରାମ' ଉଚ୍ଚାରଣ କରି ସମସ୍ତ ଅନ୍ୟାୟ ଅନୀତିକୁ ପାଥେୟ କରି ଚାଲିଲେ ଏହା ଯେ କେବଳ ଶ୍ରୀରାମଙ୍କ ପ୍ରତି ଅପମାନ ତା' ନୁହେଁ, ନିଜ ପାଇଁ ମଧ୍ୟ ଘୋର କ୍ଷତିକୁ ଆମନ୍ତ୍ରଣ କରିବା।

ପାର୍ଲାମେଣ୍ଟରେ 'ଜୟ ଶ୍ରୀରାମ' ଧ୍ୱନି ଦେଉଥିବା କେତେ ଜଣ ସଭ୍ୟ ଶ୍ରୀରାମଙ୍କ ଆଦର୍ଶରେ ଅନୁପ୍ରାଣିତ? ଗାନ୍ଧିଜୀଙ୍କ ପରିକଳ୍ପିତ ରାମରାଜ୍ୟ ପ୍ରତିଷ୍ଠା ନିମିତ୍ତ କେତେଜଣ ଅଙ୍ଗୀକୃତ? କେତେ ଜଣ ତଥାକଥିତ ରାମ ଅନୁରାଗୀ ତାଙ୍କ ବଚନ ରକ୍ଷା କରୁଛନ୍ତି, ଯାହା ଥିଲା ରଘୁବଂଶର ଶ୍ରେଷ୍ଠ ଭୂଷଣ। ଗାନ୍ଧିଜୀ ପରିକଳ୍ପନା କରିଥିବା ରାମରାଜ୍ୟ କେଉଁଆଡେ ଉଭେଇଯାଇ କେବଳ ରାବଣର ରାଜୁତି ଚାଲିଛି। ହିଂସା, ଦ୍ୱେଷ, ପରଶ୍ରୀକାତରତାରେ ସାରା ଦେଶ ଆଚ୍ଛନ୍ନ। ନାରୀ ସମ୍ମାନ ଭୂଲୁଣ୍ଠିତ। ସଂଖ୍ୟାଲଘୁ ଓ ଦଳିତଙ୍କ ଉପରେ ହେଉଥିବା ହିଂସା ଭାରତୀୟ ସଂସ୍କୃତିର ପରିପନ୍ଥୀ। ତଥ୍ୟ ଅନୁସାରେ ୨୦୧୬ରେ ଦଳିତ ଓ ସଂଖ୍ୟାଲଘୁଙ୍କ ବିରୋଧରେ ୧୪୦ଟି ହିଂସାକାଣ୍ଡ ଘଟିଛି। ୨୦୧୮ ଅକ୍ଟୋବର ୨୯ରୁ ୨୦୧୯ ଜାନୁୟାରୀ ପହିଲା ମଧ୍ୟରେ ୨୫୪ଟି ହିଂସାକାଣ୍ଡ ଘଟି ମୋଟ ୯୧ ଜଣ ମୃତ୍ୟୁବରଣ କରିଛନ୍ତି ଓ ୫୭୯ ଜଣ ଆହତ ହୋଇଛନ୍ତି। 'ଜୟ ଶ୍ରୀରାମ' ଉଚ୍ଚାରଣ ପାଇଁ ବାଧ୍ୟ କରାଯାଇ ଏସବୁ ହିଂସାକାଣ୍ଡ ଘଟିଛି। ହିଂସାକାଣ୍ଡ ସୃଷ୍ଟି କରିବା ସମୟରେ ଘଟଣାର ଆଲୋକିତ ପାର୍ଶ୍ୱକୁ ଦୃଷ୍ଟିଦେବା ଉଚିତ। କେଉଁଠି ହିନ୍ଦୁମାନେ ମସଜିଦର ରକ୍ଷଣାବେକ୍ଷଣ କରୁଛନ୍ତି (ଯଥା ପଞ୍ଜାବର ହେଣ୍ଡୋନେଟ ଗ୍ରାମ) ତ କେଉଁଠି ମୁସଲମାନ ମୁରବି ହିନ୍ଦୁମାନଙ୍କର ଉପାସନା ପାଇଁ ନିର୍ମାଣ କରୁଛନ୍ତି ମନ୍ଦିର (ଯଥା ଉତ୍ତରପ୍ରଦେଶ ମଥୁରା ଜିଲାର ଅଜମଲ ଅଲି ଶେଖ୍)। ଯେଉଁ ଶ୍ରୀରାମ ଦଳିତ ରଜକୀର କଟୂ ମନ୍ତବ୍ୟକୁ ସମ୍ମାନ ଦେଇ ପ୍ରାଣପ୍ରିୟା ପତ୍ନୀଙ୍କୁ ନିର୍ବାସିତ କଲେ, ତାଙ୍କୁ ଜୀବନର ଆଦର୍ଶ ରୂପେ ଗ୍ରହଣ କରିଥିବା ବ୍ୟକ୍ତି ଦଳିତ ଓ ସଂଖ୍ୟାଲଘୁ ଉପରେ କୌଣସି ପ୍ରକାର ହିଂସାକୁ ବରଦାସ୍ତ କରିପାରିବ ନାହିଁ। ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତିଙ୍କୁ 'ଜୟ ଶ୍ରୀରାମ' ଉଚ୍ଚାରଣ ପାଇଁ ବାଧ୍ୟକରିବା ଓ ଏହା ନ କଲେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିବା ରାମ ଉପାସନାର ଘୋର ପରିପନ୍ଥୀ। ଭ୍ରାତୃତ୍ୱ ଓ ବନ୍ଧୁତ୍ୱ ବଳରେ ସମଗ୍ର ପୃଥିବୀକୁ ଆପଣାର କରାଯାଇପାରେ। ବାନରଠାରୁ ଭଲ୍ଲୁକ ପର୍ଯ୍ୟନ୍ତ ଇତର ପ୍ରାଣୀଙ୍କୁ ଯଦି ଶ୍ରୀରାମ ବନ୍ଧୁତାର ହାତ ବଢ଼ାଇପାରିଲେ, ତାଙ୍କ ଅନୁଗାମୀ ହୋଇ ମଣିଷକୁ ଘୃଣା କରିବା କ'ଣ ଉଚିତ? ଆମେ କ'ଣ ଜାତିଧର୍ମର ପ୍ରାଚୀରକୁ ଭାଙ୍ଗି ନିଜ ଭିତରେ ମହାଭାରତୀୟ ଭାବ ସୃଷ୍ଟି କରି ପାରିବା ନାହିଁ?

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ–୯୯୩୭୪୫୦୫୪୦

# 'ବନ୍ଦେ ମାତରମ୍'ର ସର୍ଜନଭୂମି



ଡ. ଭାଗ୍ୟଲିପି ମଲ୍ଲ

ଆମ ପୂର୍ବ ଓ ଆମବେଳର କଥା ମଧ୍ୟ। ସେତେବେଳେ ଟେଲିଭିଜନର ପ୍ରାଦୁର୍ଭାବ ନ ଥିଲା। ସକାଳ ହେଲେ ରେଡିଓ ଖୋଲିବା ଏକ ରୀତିମତ ଅଭ୍ୟାସ ଥିଲା। ସକାଳର ରେଡିଓରୁ 'ବନ୍ଦେ ମାତରମ୍'ର ପ୍ରାଣଛୁଆଁ ସଙ୍ଗୀତ ସମଗ୍ର ଦିନକୁ ଯେମିତି ଶାନ୍ତ ଅଥଚ ଗତିଶୀଳ କରିଦେଉଥିଲା। ଏବେ ସେଇ ସୁମଧୁର ସଙ୍ଗୀତ କେବଳ ସ୍ୱାଧୀନତା ଦିବସ ଅଥବା ସାଧାରଣତନ୍ତ୍ର ଦିବସରେ କାନରେ ପଡୁଛି।

'ସୁଜଳାଂ ସୁଫଳାଂ ମଳୟଜ ଶୀତଳାମ୍ ଶସ୍ୟଶ୍ୟାମଳାମ୍ ମାତରମ୍...' ମାତୃଭୂମି ପ୍ରତି ମମତ୍ୱବୋଧର ଏକ ସାର୍ବକାଳିକ ଉଦାହରଣ। ବେଳେବେଳେ ମନରେ ପ୍ରଶ୍ନ ଆସେ, ଯେଉଁ ସଙ୍ଗୀତର ପ୍ରତିବେଦନ ମନ ଓ ପ୍ରାଣକୁ ଏତେ ସ୍ପନ୍ଦିତ କରେ, ଯେଉଁ ଗୀତର ସୁର କାନରେ ବାଜିବା ମାତ୍ରେ ଦେହରେ ଶିହରଣ ଖେଳିଯାଏ, ଶହୀଦମାନଙ୍କ ଆତ୍ମବଳି କଥା ମନେ ପଡ଼ିଯାଏ, ଭାରତମାତାର ପାଦତଳେ ମଥା ଆପେ ଆପେ ନଇଁଯାଏ, ସେ ଗୀତର ପଲ୍ଲବନ କେଉଁଠୁ ହୋଇଥିବ? କେଉଁ ଭୂମିର ପାଣି, ପବନ, ଗଛ, ଲତା, ଫୁଲ, ମହକ ସ୍ରଷ୍ଟାର ପ୍ରାଣକୁ ଉଚ୍ଛାଟିତ କରିଥିବ?

ତାହା ଆମ ଭୂମି ଓଡ଼ିଶା। ଓଡ଼ିଶାର ଯାଜପୁର। ଜନ୍ମ ୧୮୮୨ ମସିହା, ସ୍ରଷ୍ଟା ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ। ତତ୍କାଳୀନ ଯାଜପୁର ସବ୍‌ଡିଭିଜନର ଡେପୁଟି ମାଜିଷ୍ଟ୍ରେଟ୍। କାଳଖଣ୍ଡ ୧୮୮୨ରୁ ୧୮୮୪। ଏହି ସମୟ ମଧ୍ୟରେ ବଙ୍କିମଚନ୍ଦ୍ର ଯାଜପୁରର ମାଟି, ପାଣି, ପବନ ସହ ଗୀତ ଗାଇଛନ୍ତି, ମିତ ବସିଛନ୍ତି। ସାଉଁଟି ନେଇଛନ୍ତି ଓଡ଼ିଶା ଭୂମିରୁ ମାତୃବନ୍ଦନାର ଆଦ୍ୟ ଓଁକାରକୁ। ଓଡ଼ିଶା ପାଲଟିଛି ବଙ୍କିମଙ୍କ ସର୍ଜନର ଭବ୍ୟଭୂମି।

ବଙ୍କିମଚନ୍ଦ୍ର ଯାଜପୁରରେ ଥିବାବେଳେ ୧୮୮୨ରେ ଲେଖିଛନ୍ତି ବିଖ୍ୟାତ ଉପନ୍ୟାସ 'ଆନନ୍ଦମଠ'। ଏହି ଉପନ୍ୟାସରେ ଜାତୀୟତା ମନ୍ତ୍ରରେ ଉଦ୍‌ବୁଦ୍ଧ ଏହି କାଳଜୟୀ ସଙ୍ଗୀତ 'ବନ୍ଦେ ମାତରମ୍' ସ୍ଥାନିତ। ୧୮୯୮ରେ ଭାରତୀୟ ଜାତୀୟ କଂଗ୍ରେସର କଳିକତା ଅଧିବେଶନରେ ରବୀନ୍ଦ୍ରନାଥ ଠାକୁରଙ୍କ କଣ୍ଠରେ ପ୍ରଥମେ ଯେତେବେଳେ ଏ ଗୀତ ପ୍ରତିଧ୍ୱନିତ ହୋଇଉଠିଛି, ସେତେବେଳେ ଏହାର ଗୁରୁତ୍ୱ ଆହୁରି ବଢ଼ିଯାଇଛି। ତତ୍କାଳୀନ ସମୟରେ ଏ ସଙ୍ଗୀତର ଚେତନା, ମାତୃଗୀତିକାର ଏ ଅଭିନବ ସ୍ୱର ସଞ୍ଚରି ଯାଇଛି ପ୍ରତି ଭାରତୀୟ ପ୍ରାଣରେ। ରବୀନ୍ଦ୍ରନାଥଙ୍କ ପରେ ୧୯୦୧ ମସିହାରେ କଳିକତାର ଅନ୍ୟ ଏକ ଅଧିବେଶନରେ ଦକ୍ଷିଣ ଚରଣ ସେନ୍ 'ବନ୍ଦେ ମାତରମ୍'କୁ ପାଞ୍ଚଥର ଗାଇଛନ୍ତି। କବି ସରଳାଦେବୀ ଚୌଧୁରାଣୀ ବନାରସ କଂଗ୍ରେସ ଅଧିବେଶନରେ ବନ୍ଦେ ମାତରମ୍ ଗାନକରି ଉପସ୍ଥିତ କର୍ମୀଙ୍କୁ ମନ୍ତ୍ରମୁଗ୍ଧ କରିଦେଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ, ୧୯୦୭ ମସିହାରେ ଭାରତବର୍ଷର ମୁକ୍ତି ଆନ୍ଦୋଳନକୁ ତୀବ୍ର କରିବାପାଇଁ ଏକ 'ପତାକା'ର ପରିକଳ୍ପନା କରାଗଲା। ପତାକାର ମଝିରେ ଲେଖାଗଲା 'ବନ୍ଦେ ମାତରମ୍'। ବିପ୍ଳବୀ ସଂଗ୍ରାମୀ ସୁଭାଷ ବୋଷଙ୍କର ବିପ୍ଳବର ଧ୍ୱନି ସାଜିଲା ବନ୍ଦେ ମାତରମ୍।

ସ୍ୱାଧୀନତାର ବିଶାଳ ଶୋଭାଯାତ୍ରା ହେଉ, କି ସ୍ୱାଧୀନତା ସଂଗ୍ରାମ ପାଇଁ ଉଦ୍ଦିଷ୍ଟ ସଭାସମିତି ହେଉ, ସବୁଠି ପ୍ରତିଧ୍ୱନିତ ହୋଇଉଠିଲା ବନ୍ଦେ ମାତରମ୍‌ର ସ୍ଲୋଗାନ। ଏ ସ୍ୱରର ନିନାଦରେ ଥରିଉଠିଲା ବ୍ରିଟିଶ ସରକାରର ଛାତି। ଫଳତଃ ଏ ଗୀତ ଓ ସ୍ଲୋଗାନ୍‌କୁ ନିଷିଦ୍ଧ କରାଗଲା। ଏହାକୁ ଅମାନ୍ୟ କରୁଥିବା ଲୋକମାନଙ୍କୁ କାରାବରଣ କରିବାକୁ ପଡୁଥିଲା।

ଲାହୋରର ଆର୍ଯ୍ୟ ପ୍ରିଣ୍ଟିଂ ପ୍ରେସ୍ ଓ ଡେରାଡୁନର ଭାରତୀୟ ପ୍ରେସ୍‌ରେ ୧୯୨୯ ମସିହାରେ 'କ୍ରାନ୍ତି ଗୀତାଞ୍ଜଳି' ନାମକ ବହିଟିଏ ପ୍ରକାଶ ପାଇଲା। ବହିର ଏଗାର ନମ୍ବର ପୃଷ୍ଠାରେ ମାତୃବନ୍ଦନା ଶିରୋନାମାରେ ବନ୍ଦେ ମାତରମ୍‌ର ପ୍ରଥମ ଦୁଇପଦ ସ୍ଥାନ ପାଇଲା। ପରପୃଷ୍ଠାରେ ବହିର ଲେଖକ କାକୋରୀର ପ୍ରସିଦ୍ଧ ଦେଶପ୍ରେମୀ ପଣ୍ଡିତ ରାମପ୍ରସାଦ ବିସମିଲଙ୍କ ଦ୍ୱାରା ସଂଯୋଜିତ ଏହି ଗୀତର ଗଜଲ ଯୋଡ଼ି ହୋଇଗଲା।

କେବଳ ସେତିକି ନୁହେଁ, ଏ ସଙ୍ଗୀତର ସମ୍ମୋହନ ଶ୍ରୀଅରବିନ୍ଦଙ୍କ ଚେତନାକୁ ମଧ୍ୟ ଆନ୍ଦୋଳିତ କରିଛି। ସେ ପ୍ରକାଶ କରିଛନ୍ତି ପତ୍ରିକା 'ବନ୍ଦେ ମାତରମ୍'। ୧୯୦୫ ବଙ୍ଗଭଙ୍ଗ ଆନ୍ଦୋଳନ ସମୟରେ ବନ୍ଦେ ମାତରମ୍‌ର ମନ୍ତ୍ର ହୋଇଛି ବଙ୍ଗଯୋଡ଼ଣର ଅଣୁଘଟକ, ବିପ୍ଳବର ବୀଜମନ୍ତ୍ର।

ଜୀତାୟତାର ମନ୍ତ୍ରରେ ଉଦ୍‌ବୁଦ୍ଧ 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ହେବା ଉଚିତ ବୋଲି ଭାରତୀୟ ଜାତୀୟ କଂଗ୍ରେସରେ ମତ ପ୍ରକାଶ ପାଇଲା। ସେତେବେଳେ ଅର୍ଥାତ୍ ୧୯୫୦ ଜାନୁୟାରୀ ୨୪ରେ ସମ୍ବିଧାନ ସଭାରେ ପୌରୋହିତ୍ୟ କରୁଥାନ୍ତି ରାଜେନ୍ଦ୍ର ପ୍ରସାଦ। ମାତ୍ର ସେତେବେଳକୁ ରବୀନ୍ଦ୍ରଙ୍କ 'ଜନ–ଗଣ–ମନ' ଜାତୀୟ ସଙ୍ଗୀତର ମାନ୍ୟତା ପାଇସାରିଥିବାରୁ ଏହି ମତ ଆଉ ଆଗକୁ ଯାଇପାରିଲା ନାହିଁ। ମାତ୍ର ରାଜେନ୍ଦ୍ର ପ୍ରସାଦଙ୍କ ମନ୍ତବ୍ୟ ଥିଲା– ଶବ୍ଦ ଓ ସୁରକୁ ନେଇ ସଂଯୋଜିତ ଜନ–ଗଣ–ମନ, ଆମ ଜାତୀୟତାର ପ୍ରତୀକ ହୋଇଛି ସତ ମାତ୍ର ବନ୍ଦେ ମାତରମ୍, ଜାତୀୟତା ଗଢ଼ଣରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଭୂମିକା ନିର୍ବାହ କରିଛି, ତାହା ଜନ–ଗଣ–ମନର ଅନୁରୂପ ଅଭିବ୍ୟଞ୍ଜନା। ଏକଥା ଭାରତୀୟ ସମ୍ବିଧାନର Vol.XII, ୨୪।୧।୧୯୫୦ରେ ଲିପିବଦ୍ଧ ହୋଇଛି।

ତେବେ 'ବନ୍ଦେ ମାତରମ୍'ର ଯେଉଁ ଦୁଇଟି ପଦକୁ ଆମେ ପ୍ରାୟତଃ ଗାଉ, ତାହା ବଙ୍କିମଚନ୍ଦ୍ରଙ୍କ ଲେଖନୀର ପ୍ରଥମ ଦୁଇଟି ପଦ। ଏହି ଦୁଇପଦ ପରେ ଆଉ ଚାରିପଦ ରହିଛି। ମାତ୍ର ସେଗୁଡ଼ିକରେ ହିନ୍ଦୁଦେବୀ ଦୁର୍ଗାଙ୍କର ସ୍ତୁତିଗାନର ସାମଞ୍ଜସ୍ୟ ଥିବାରୁ ମାତୃବନ୍ଦନାରୁ ସମ୍ଭବତଃ ବାଦ୍‌ପଡ଼ିଛି। ବଙ୍କିମଚନ୍ଦ୍ରଙ୍କର ଏହି କାଳଜୟୀ ଶବ୍ଦକୁ ସୁରରେ ସଜେଇଛନ୍ତି ଯଦୁନାଥ ଭଟ୍ଟାଚାର୍ଯ୍ୟ। ଯେଉଁ କାଳଜୟୀ ଜାତୀୟତାବାଦର ମନ୍ତ୍ରଧ୍ୱନି ସମଗ୍ର ଭାରତବର୍ଷର ସର୍ବକାଳୀନ ସ୍ପନ୍ଦନ ହୋଇରହିଛି ଓ ରହିଥିବ ଯାବତ୍ ଚନ୍ଦ୍ରାର୍କ, ତାହାର ସର୍ଜନଭୂମି ଆମ ଓଡ଼ିଶା, ଏହା ଓଡ଼ିଶା ବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ କମ୍ ଗୌରବର କଥା ନୁହେଁ।

ମୋ–୯୪୩୯୨୮୧୫୬୧

## ଏଇ ଭାରତରେ

ଶିକ୍ଷାନୁଷ୍ଠାନରେ ଯେଉଁ ଗୁରୁ ଅତି ନିଷ୍ଠାର ସହ ପିଲାଙ୍କୁ ପାଠ ପଢ଼ାନ୍ତି ସେ ଛାତ୍ରୀଛାତ୍ରଙ୍କ ନିକଟରେ ସବୁବେଳେ ପ୍ରଣମ୍ୟ ଓ ନମସ୍ୟ ହୋଇ ରହନ୍ତି। ସେହି ଶିକ୍ଷକଙ୍କ ବଦଳିକୁ ସମ୍ପୃକ୍ତ ଛାତ୍ରୀଛାତ୍ର ସହ୍ୟ କରିପାରନ୍ତି ନାହିଁ। ଧୈର୍ଯ୍ୟହରା ହୋଇ କାନ୍ଦିପକାନ୍ତି। ଏପରି ଏକ ଘଟଣା ମଧ୍ୟପ୍ରଦେଶରେ ଘଟିଛି। ସରକାରୀ ଚାକିରିରେ ବଦଳିହେବା ଏକ ସାଧାରଣ ଘଟଣା ହୋଇଥିଲେ ହେଁ ଏହି ନିଷ୍ଠୁର ସତ୍ୟକୁ ମାନିବାକୁ ପ୍ରସ୍ତୁତ ନ ଥିଲେ ସମ୍ପୃକ୍ତ ସ୍କୁଲ୍‌ର ଛାତ୍ରୀଛାତ୍ର। କିନ୍ତୁ ସରକାରୀ ନିୟମକୁ ସମ୍ମାନ ଜଣାଇ ଶିକ୍ଷକ ବଦଳି ହେବାପରେ ଛାତ୍ରୀଛାତ୍ରମାନେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ମଧ୍ୟପ୍ରଦେଶର କଟ୍‌ନିରେ ଥିବା ଏହି ସ୍କୁଲରେ ଶିକ୍ଷକଙ୍କ ବଦଳି ଖବର ଶୁଣିବା ପରେ ଛାତ୍ରୀଛାତ୍ର ସାର୍‌ଙ୍କୁ ଧରି ଅତି ଦୁଃଖରେ ମ୍ରିୟମାଣ ହୋଇ କାନ୍ଦି ପକାଇଥିଲେ। ସ୍ଥାନୀୟ ଖେମରଖେଡ଼ା ଅଞ୍ଚଳରେ ଥିବା ତିଲମନ୍ ଗାଁର ମାଧ୍ୟମିକ ସ୍କୁଲର ଶିକ୍ଷକ ମଙ୍ଗଳ ଦୀନ୍ ପଟେଲଙ୍କ ବଦଳି ହୋଇଥିଲା। ତେବେ ଏ ସମ୍ପର୍କରେ ଛାତ୍ରୀଛାତ୍ର ଜାଣିବା ପରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଛାତ୍ରୀଛାତ୍ର ମଙ୍ଗଳଙ୍କୁ ଧରି କାନ୍ଦିଥିଲେ। ମଙ୍ଗଳଙ୍କ ଆଖିରୁ ମଧ୍ୟ ଲୁହ ବୋହି ଚାଲିଥିଲା। ଏହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ସକଳ ପ୍ରଦୀପ ନିଭିଗଲା ଆଜି ପୁରେ
ବିଜୟ ଶଙ୍ଖ ନ ଉଠିଲା ବାଜି ଦୂରେ
କାହା ଆଗମନ ପାଇଁ ଆଶାହୀନ ତୁ ରେ!
ଚକିତ ନୟନେ ରହୁ ଚଉପାଶେ ଚାହିଁ
ପଥ କାହିଁ? ପଥ କାହିଁ?
(ପଥ କାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୯୪

- ଶ୍ରୀଲଙ୍କାର ୧୧ତମ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀଲଙ୍କା ପିପୁଲ୍‌ସ ମେଣ୍ଟର ନେତ୍ରୀ ଚନ୍ଦ୍ରିକା ବନ୍ଦରନାଏକେ କୁମାରତୁଙ୍ଗାଙ୍କ ଶପଥ ଗ୍ରହଣ।
- ଆଲଜେରିଆରେ ଏକ ବଡ଼ଧରଣର ଭୂମିକମ୍ପରେ ୫୦୦ ଲୋକଙ୍କ ମୃତ୍ୟୁ।
- ନାଗା ବିଦ୍ରୋହୀଙ୍କ ଆକ୍ରମଣରେ ୨୩ ଜଣ ଆସାମ ରାଇଫଲ୍ସ ଯବାନଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### ରେଡିଓରେ ଗୀତିନାଟ୍ୟ

ମହାଶୟ,

କଟକ ଆକାଶବାଣୀ ଆଗରୁ ବହୁ ଗୀତିନାଟ୍ୟ ପ୍ରଚାର କରୁଥିଲା। ବେତାର ମାଧ୍ୟମରେ ଗୀତିନାଟ୍ୟ ଶୁଣିଲେ ଖୁବ୍ ଆନନ୍ଦ ଲାଗେ। କାରଣ ସଭିଙ୍କର କଣ୍ଠସ୍ୱର ମଧୁର। ଅମରବିଳାସ, କର୍ଣ୍ଣବଧ, ମହିଷାମର୍ଦ୍ଦିନୀ, ଲକ୍ଷହୀରା, ସାକ୍ଷୀଗୋପାଳ, ବାଣା ପରାଜୟ ଆଦି ଗୀତିନାଟ୍ୟ କଟକ ଆକାଶବାଣୀ ବହୁବାର ପ୍ରଚାର କରୁଥିଲା। ବର୍ତ୍ତମାନ ଆଉ ନାହିଁ କହିଲେ ଚଳେ। ଅବଶ୍ୟ ଘରେ ଘରେ ଟିଭି ହେବାରୁ ଆଜିକାଲି ରେଡିଓର ଶ୍ରୋତା କମିଗଲେଣି। କଟକ ଆକାଶବାଣୀ କେନ୍ଦ୍ର ନିର୍ଦ୍ଦେଶକ ଗୀତିନାଟ୍ୟ ବହୁଳ ଭାବରେ ପ୍ରଚାର କରିବାକୁ ଅନୁରୋଧ। ନାଟକ ଓ ଗୀତିନାଟ୍ୟ ମନୋରଞ୍ଜନର ମାଧ୍ୟମ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ୫ଟି କଥାରେ ନା କାମରେ

ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଦଳର ନେତୃବୃନ୍ଦଙ୍କୁ ୫–ଟି (ଟ୍ରାନ୍ସପରେନ୍ସି, ଟେକ୍‌ନୋଲୋଜି, ଟିମ୍‌ୱର୍କ, ଟ୍ରାନ୍ସଫର୍‌ମେଶନ ଓ ଟାଇମ୍)କୁ ତୃଣମୂଳସ୍ତରରେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ସବୁକିଛି ପାଣିର ଗାରପରି। ସ୍ୱଚ୍ଛ ଶାସନ, ଗାଁକୁ କାମ ଓ ମା'କୁ ସମ୍ମାନର ନାରା ଦେଇ ଦୀର୍ଘ ଦୁଇଦଶନ୍ଧି ଧରି କ୍ଷମତାରେ ରହିବା ସତ୍ତ୍ୱେ ଆଜି ନାରୀ ନିର୍ଯାତନା, ବେକାରି ସମସ୍ୟା, ଦୁର୍ନୀତି ବଢ଼ି ବଢ଼ି ଚାଲିଛି। ସାଧାରଣ ଜନତାର ଟିକସ ଅର୍ଥରେ ବେତନଭୋଗୀ ସରକାରୀ କର୍ମଚାରୀ ଶାସକ ଦଳର କ୍ରୀଡ଼ନକ ହେଲା ପରି ଲାଗୁଛି। ତେଣୁ ୫ଟି କେବଳ କଥାରେ ନୁହେଁ, କାମରେ ହେବା ଦରକାର।

ସଂଯୁକ୍ତା ନାୟକ, ରାଜକନିକା, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ, ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲ୍‌ଟନ୍



## ସଂକ୍ଷେପରେ

### ଭଞ୍ଜ କଳାମଣ୍ଡପରେ 'ନଷ୍ଟ ଶୈଶବ' ନାଟକ ମଞ୍ଚସ୍ଥ

**ଦଶରଥପୁର,୧୯।୮(ଡିଏନ୍‌ଏ):** ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥିତ କଳା ବିକାଶ କେନ୍ଦ୍ର ତରଫରୁ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ସାମାଜିକ ନାଟକ ନଷ୍ଟ ଶୈଶବ ମଞ୍ଚସ୍ଥ ହୋଇଯାଇଛି। ସମାଜରେ ଦୈନିନ୍ଦିନ ଘଟୁଥିବା ବାସ୍ତବ ଘଟଣାବଳୀକୁ ନେଇ ଏହି ନାଟକ ମଞ୍ଚସ୍ଥ ହୋଇଥିବା ସମ୍ପୃକ୍ତ କଳା ବିକାଶ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହି ନାଟକଟି ନିର୍ମଳ ଚନ୍ଦ୍ର ପତି ରଚନା କରିଥିବାବେଳେ ସଂଗୀତ ବିପିନ ବିହାରୀ ସେନାପତି, କାର୍ତ୍ତିକ ଜେନା ନିର୍ଦ୍ଦେଶନା ଦେଇଥିଲେ। ସେକ୍ ମୋରାଦ ଅଲ୍ଲୀ, ଆଶୁତୋଷ ମହାପାତ୍ର, ସୌମେନ୍ଦ୍ର ବାରିକ, ସନ୍ଦୀପ ସେଠୀ, ଅର୍ପିତା ମହାପାତ୍ର, ଖଗେଶ୍ୱର ନାୟକ, ବୈଦ୍ୟନାଥ କର ପ୍ରମୁଖ ଅଭିନୟ ଏବଂ ମଞ୍ଚ ପରିଚାଳନା କରିଥିଲେ। ସଂସ୍କୃତ ବିଭାଗ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଏବଂ ଓଡିଶା ନାଟ୍ୟ ସଂଘ ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା।

### କନଷ୍ଟେବଳ, ହାବିଲଦାର ମହାସଂଘ ସଭାପତିଙ୍କ ଅକାଳ ବିୟୋଗ

**ରସୁଲପୁର,୧୯।୮(ଡିଏନଏ):** ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ ବାହାବଳପୁର ଗ୍ରାମର କନଷ୍ଟେବଳ, ହାବିଲଦାର ସଂଘ ସଭାପତି ପଦ୍ମନାଭ ବେହେରା(୬୪)ଙ୍କର ଅକାଳ ବିୟୋଗ ହୋଇଯାଇଛି। ଏହି ଖବରରେ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳି ଯାଇଛି। ସ୍ୱର୍ଗତ ବେହେରା ମହାସଂଘର ୬ଷ୍ଠ ଥର ପାଇଁ ସଭାପତି ଦାୟିତ୍ୱ ନିର୍ବାହ କରିଆସୁଥିଲେ। ରବିବାର ସନ୍ଧ୍ୟାରେ ବେହେରା ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୋଲିସ ମହାସଂଘର ପୂର୍ବତନ ସଭାପତି ପ୍ରଶାନ୍ତ ମହାପାତ୍ର, ପୂର୍ବତନ କୋଷାଧ୍ୟକ୍ଷ ସଂଜୟ କୁମାର ବଳ, ପ୍ରଥମ ବାଟାଲିଅନ-ଢେଙ୍କାନାଳ ସଂଘ ସଭାପତି ଇଶ୍ୱର ମହାନ୍ତି ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏଥିସହ ସ୍ୱର୍ଗତ ବେହେରାଙ୍କ ମର ଶରୀରରକୁ ଏକ ବିରାଟ ପଟୁଆରରେ ଜନ୍ମମାଟି ବାହାବଳପୁରକୁ ଅଣାଯାଇଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ରସଗୋଲା ବାଣ୍ଟିଲା ଜିଲା ପ୍ରଶାସନ

**ଯାଜପୁର ଟାଉନ,୧୯।୮(ଡିଏନଏ):** ଓଡ଼ିଶାରେ ରସଗୋଲାକୁ ଜିଆଇ ମାନ୍ୟତା ପ୍ରାପ୍ତି ଖୁସିରେ ଯାଜପୁର ଜିଲା ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସୋମବାର ରସଗୋଲା ବଣ୍ଟନ କରାଯାଇଥିଲା। ଓଡ଼ିଶାର ରସଗୋଲାକୁ ଜିଆଇ ମାନ୍ୟତା ମିଳିବା ପରେ ଜିଲା ପ୍ରଶାସନିକ ପକ୍ଷରୁ ଖୁସି ଜାହିର କରାଯାଇ ଏପ୍ରକାର ବ୍ୟବସ୍ଥା କରାଯାଇଥିଲା।

### ରୌପ୍ୟ ଜୟନ୍ତୀ ପାଇଁ ହ୍ୟାଣ୍ଡବଲ୍ ଆସୋସିଏଶନ୍ ଲୋଗୋ ଉନ୍ମୋଚିତ

**ଯାଜପୁର ଟାଉନ,୧୯।୮(ଡିଏନଏ):** ରୌପ୍ୟଜୟନ୍ତୀ ପାଇଁ ଯାଜପୁର ଜିଲା ହ୍ୟାଣ୍ଡବଲ୍ ଆସୋସିଏଶନ୍‌ର ଲୋଗୋ ଜିଲାପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଆସନ୍ତା ଅକ୍ଟୋବର ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଛତିଆ ମହାପୁରୁଷ ହାଡିବନ୍ଧୁ କଲେଜଠାରେ ହ୍ୟାଣ୍ଡବଲ ଆସୋସିଏଶନ୍‌ର ରୌପ୍ୟ ଜୟନ୍ତୀ ଅନୁଷ୍ଠିତ ହେବ। ଏହି ଲୋଗୋ ଉନ୍ମୋଚନ ଅବସରରେ ଏସ୍‌ପି ଚରଣ ସିଂ ମୀନା, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନରାୟଣ ଚନ୍ଦ୍ର ଧଳ, ଅତିରିକ୍ତ ଏସ୍‌ପି ରାଜକିଶୋର ଦୋରା, ଅକ୍ଷୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରୌପ୍ୟଜୟନ୍ତୀ ଅବସରରେ ଓଡ଼ିଶାର ୨୮ଟି ଦଳ ଓ ଅନ୍ୟ ରାଜ୍ୟର ୧୬ଟି ଦଳ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ହ୍ୟାଣ୍ଡବଲ ଆସୋସିଏଶନ୍ ସମ୍ପାଦକ ରମେଶ ଚନ୍ଦ୍ର ପୃଷ୍ଟି ସୂଚନା ପ୍ରଦାନ କରିଛନ୍ତି। କ୍ରୀଡା ଅଧିକାରୀ ଫକୀରମୋହନ ଟୁଡୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ଧର୍ମଶାଳା ବ୍ଲକରେ ଆର୍ଥିକ କେଳେଙ୍କାରୀ

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଦେଣନେଣ ଉପରେ ଆପତ୍ତି

**ଯାଜପୁର ଅଫିସ,୧୯।୮**

ଯାଜପୁର ଜିଲାର ସର୍ବାଧିକ ସରକାରୀ ରାଜସ୍ୱ ଆଦାୟ ହେଉଥିବା ଧର୍ମଶାଳା ପଞ୍ଚାୟତ ସମିତି (ବ୍ଲକ)ରେ ବ୍ୟାପକ ଦୁର୍ନୀତିର ଗନ୍ଧ ବାରି ହୋଇପଡିଛି। ଏହି ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ହେରାଫେରି ଯୋଗୁ ୨୦ଲକ୍ଷ ୯୩ ହଜାର ୭୮୮ ଟଙ୍କା ଅସୁଲି କରିବାକୁ ଅଡିଟ ଟିମ୍ ନିର୍ଦ୍ଦେଶ ଦେଇଛି। ଖାଲି ସେତିକି ନୁହେଁ, ୧କୋଟି ୬୨ଲକ୍ଷ ୮୦ହଜାର ଟଙ୍କା ଦେଣନେଣ ଉପରେ ଅଡିଟ ଟିମ୍ ଆପତ୍ତି ଉଠାଇଛି। ଏହାବାଦ ଧର୍ମଶାଳା ବ୍ଲକରେ ଚାଲିଥିବା ବିଭିନ୍ନ ଜନହିତକର ଯୋଜନାରେ ଆବଶ୍ୟକ ରେକର୍ଡ ବ୍ୟବହାର ନ କରି ଅଡିଟ ଟିମ୍‌କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରାଯାଇଛି। ବିଡମ୍ବନା ଯେ, ବହୁ ଗୁରୁତ୍ୱପୂର୍ଣ୍ଣ ୧୩ଟି ରେକର୍ଡ/ରେଜିଷ୍ଟର ବ୍ୟବହାର ହୋଇ ନ ଥିବାବେଳେ ୮ଟି ରେକର୍ଡ/ରେଜିଷ୍ଟର ଅଡିଟ ଟିମ୍ ସମ୍ମୁଖରେ ଦାଖଲ ହୋଇପାରି ନାହିଁ। ଏଥିଯୋଗୁ ଖର୍ଚ୍ଚ ନିୟନ୍ତ୍ରଣ କ୍ରିୟା ଠିକ୍‌ଭାବେ ହୋଇପାରି ନ ଥିବା ଅଡିଟ ରିପୋର୍ଟର ୩.୨ ପାରାରେ ଦର୍ଶାଯାଇଛି। ଅଞ୍ଚଳର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ବିଧାନସଭା ସଦସ୍ୟ ଆଞ୍ଚଳିକ ଉନ୍ନୟନ ପାଣ୍ଠି (ଏମ୍ଏଲ୍ଏ ଲ୍ୟାଡ)ର ବିନିଯୋଗରେ ବ୍ୟାପକ ଅନିୟମିତତା ହୋଇଥିବା ଅଡିଟରେ ଧରାପଡିଛି। ଅଡିଟ ଟିମ୍ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଖର୍ଚ୍ଚ ଉପରେ ପ୍ରଶ୍ନ କରିଥିବାବେଳେ ଜିଲା ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧି ନିରବ ରହି ଏଭଳି ଅନିୟମିତତାକୁ ପରୋକ୍ଷରେ ସହଯୋଗ କରୁଥିବା ମନେହେଉଛି।

୪୩ଟି ଗ୍ରାମ ପଞ୍ଚାୟତକୁ ନେଇ ଧର୍ମଶାଳା ବ୍ଲକ ଗଠିତ ହୋଇଛି। ପ୍ରତିବର୍ଷ ପରି ୨୦୧୭-୧୮ ଆର୍ଥିକ ବର୍ଷର ଆୟବ୍ୟୟ ଉପରେ ଲୋକାଲ ଫଣ୍ଡ ଅଡିଟ ହୋଇଥିଲା। ଜିଲା ଅଡିଟ ଅଫିସରଙ୍କ ନିକଟରେ ଗତ ୨୯।୫।୨୦୧୯ରେ ଦାଖଲ ହୋଇଥିବା ୯୩ ପୃଷ୍ଠା ବିଶିଷ୍ଟ ଅଡିଟ ରିପୋର୍ଟରେ ବିଭିନ୍ନ ଯୋଜନାରେ ଅଯଥା ଖର୍ଚ୍ଚ ସମେତ ଆବଶ୍ୟକ ରେକର୍ଡ ପତ୍ର ଦାଖଲ ହୋଇପାରି ନ ଥିବା ଦର୍ଶାଯାଇଛି। ଏଥିରେ ମଷ୍ଟରରୋଲ, କମ୍ପ୍ଲିଶନ ସାର୍ଟିଫିକେଟ, ଏମ୍‌ବି, ଷ୍ଟକବୁକ, ଲଗବୁକ, ଚେକ ଆଣ୍ଡ ଡ୍ରାଫ୍ଟ ରିସିଭ ରେଜିଷ୍ଟର, ଷ୍ଟେସନେରୀ ଆକାଉଣ୍ଟସ, ପାସବୁକ ଆଦି ୧୮ଟି ରେକର୍ଡ ଯାଞ୍ଚ ହୋଇଥିଲା। କିନ୍ତୁ ଅଡିଟ ସମ୍ପରେ ଆଡମିନିଷ୍ଟ୍ରେଟିଭ ଆପ୍ରୁଭାଲ ରେଜିଷ୍ଟର ସମେତ ଏଗ୍ରିମେଣ୍ଟ, ଟେଣ୍ଡର ଅର୍ଡର, କଣ୍ଟ୍ରାକ୍ଟର ଦ୍ୱାରା ଦାଖଲ ହେଉଥିବା ଫର୍ମ ଫାଇଲ, ରେଭିନ୍ୟୁ ରେଜିଷ୍ଟର, ଲୋନ ରେଜିଷ୍ଟର ପ୍ରଭୃତି ୧୩ଟି ରେକର୍ଡପତ୍ର ବ୍ୟବହାର ହୋଇନାହିଁ। ଏହାବାଦ ଏଷ୍ଟିମେଟ ରେଜିଷ୍ଟର ସମେତ




■ଲକ୍ଷାଧିକ ଟଙ୍କା ଅସୁଲି ନିର୍ଦ୍ଦେଶ
■୮ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଉଭାନ

ଡିପୋଜିଟ ଲେଜର, ଆଉଟଷ୍ଟାଣ୍ଡିଂ ଆଡଭାନ୍ସ, ଆଡଭାନ୍ସ ରେଜିଷ୍ଟର, ପରମାନେଣ୍ଟ ଆଡଭାନ୍ସ କେଶବୁକ, ସପ୍ଲାଇ ଗାର୍ଡ ଫାଇଲ, ଅର୍ଡରବୁକ ଓ ଗ୍ରାଣ୍ଟ-ଇନ-ଏଡ ରେଜିଷ୍ଟର/ରେକର୍ଡ ଦାଖଲ ହୋଇପାରି ନ ଥିଲା। ଫଳରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଆଇନ, ଜିଜିୱାଇ, ତ୍ରୟୋଦଶ ଅର୍ଥ କମିଶନ, ସିସିରୋଡ, ବିପିଜିୱାଇ, ଚତୁର୍ଦ୍ଦଶ ଅର୍ଥ କମିଶନ, ଅଙ୍ଗନୱାଡି ଆଦି ଯୋଜନାର ସଫଳ ଭାବେ ଅଡିଟ ହୋଇପାରି ନାହିଁ। ସିକ୍ୟୁରିଟି ଡିପୋଜିଟ ଲେଜର ବ୍ୟବହାର ହୋଇ ନ ଥିବାରୁ ସିକ୍ୟୁରିଟି ଡିପୋଜିଟ ଫେରାଇବା ଏବଂ ଡବଲ ପେମେଣ୍ଟ ସଂକ୍ରାନ୍ତରେ ରିପୋର୍ଟ ପ୍ରସ୍ତୁତ ହୋଇପାରି ନାହିଁ। ଇନଭେଷ୍ଟମେଣ୍ଟ ରେଜିଷ୍ଟର ବ୍ୟବହାର ହୋଇ ନ ଥିବାରୁ ବାସ୍ତବ ଇନଭେଷ୍ଟମେଣ୍ଟ, ପୂର୍ଣ୍ଣ ବିକାଶର ତାରିଖ, ସୁଧ ଆଦି ସଂକ୍ରାନ୍ତରେ ଜାଣିବା କଷ୍ଟକର ହୋଇଥିଲା। ପ୍ରପର୍ଟି ରେଜିଷ୍ଟର ବ୍ୟବହାର ହୋଇ ନ ଥିବାରୁ ବ୍ଲକର ଜମି, ପୋଖରୀ, ମାର୍କେଟ କମ୍ପ୍ଲେକ୍ସ ପ୍ରଭୃତିରୁ ହେଉଥିବା ରାଜସ୍ୱ ସମ୍ପର୍କରେ ଠିକ ତଥ୍ୟ ମିଳିପାରି ନାହିଁ। ଏହାବାଦ ବାର୍ଷିକ ହିସାବ ପ୍ରସ୍ତୁତ ନ ହେବା, ଆୟ ବ୍ୟୟର ହିସାବ ଠିକ ନ ରଖିବା ଯୋଗୁ ସରକାରୀ ଅର୍ଥର ହେରାଫେରି ହୋଇଥିବା ସନ୍ଦେହ କରିଛି ଅଡିଟ ଟିମ୍। ଅଡିଟ ବର୍ଷ ତଥା ୨୦୧୭-୧୮ରେ ପୂର୍ବବର୍ଷର ବକେୟା ସହ ଅନୁଦାନକୁ ମିଶାଇ ୩୯କୋଟି ୮୮ଲକ୍ଷ ୮୭ହଜାର ୪୯୨ ଟଙ୍କା ମହଜୁଦ ଥିଲା। ତେବେ ସେହି ବର୍ଷ ୧୮କୋଟି ୬୩ଲକ୍ଷ ୭୭ହଜାର ୫୭୩ ଟଙ୍କା ଖର୍ଚ୍ଚ ହୋଇଥିଲା। ଓଡ଼ିଶା ଜେନେରାଲ ଫାଇନାନ୍ସିଆଲ ରୁଲସ୍ ଅନୁସାରେ ଖର୍ଚ୍ଚ ହୋଇପାରି ନ ଥିବା ଅନୁଦାନକୁ ଫେରାଇ ଦେବା କଥା କିମ୍ବା ସରକାରୀ ଅନୁମତି ନେଇ ପରବର୍ତ୍ତି ବର୍ଷରେ ତାକୁ ଖର୍ଚ୍ଚ କରିବାର ନିୟମ ରହିଛି। କିନ୍ତୁ ଏହିସବୁ ନିୟମକୁ କେହି ପାଳନ କରିନାହାନ୍ତି କିମ୍ବା ଅନୁଦାନ ଅର୍ଥ ଫେରସ୍ତ ହୋଇନାହିଁ। ଅନୁଦାନର ମାତ୍ର ୩୯.୩୧ ପ୍ରତିଶତ ଖର୍ଚ୍ଚ ହୋଇଥିଲେ ହେଁ କୌଣସି ଯାଞ୍ଚ ବିନା ପରବର୍ତ୍ତୀ ଅନୁଦାନ ଆବଣ୍ଟିତ ହୋଇଛି। ଏ ସଂକ୍ରାନ୍ତରେ ଧର୍ମଶାଳା ବିଡିଓ ହେମନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ, ସେ ନୂତନଭାବେ ଯୋଗ ଦେଇଛନ୍ତି ଏବଂ ରିପୋର୍ଟ ଦେଖିଲା ପରେ ଯାହା କହିହେବ ବୋଲି ପ୍ରକାଶ କରିଛନ୍ତି। ତେବେ ଅଡିଟ ରିପୋର୍ଟରେ ବ୍ୟାପକ ଅନିୟମିତତା ଓ ହେରାଫେରି ହୋଇଥିବା ଟଙ୍କାକୁ ରିକଭରି କରିବା ପାଇଁ ନିର୍ଦ୍ଦେଶ ହୋଇଥିଲେ ହେଁ ୩ମାସ ପରେ ବି ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ମୂଳାପାଳ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ

### ତଦନ୍ତ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ

**ଯାଜପୁର ଅଫିସ,୧୯।୮**

କୋରେଇ ବ୍ଲକ ମୂଳାପାଳ ଗ୍ରାମ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହୋଇଥିବା ଜିଲାପାଳଙ୍କ ପ୍ରକୋଷ୍ଠରେ ଅଭିଯୋଗ ହୋଇଥିଲା। ଜିଲାପାଳ ରଞ୍ଜନ କୁମାର ଦାସ ତଦନ୍ତ ପାଇଁ କୋରେଇ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନିର୍ଦ୍ଦେଶର ୩୦ଦିନ ବିତି ଯାଇଥିଲେ ହେଁ କିଛି ସୁଫଳ ମିଳିପାରି ନାହିଁ। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ପୁଣି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ସରସଦା ଗ୍ରାମରୁ ନଦୀବନ୍ଧ କଂକ୍ରିଟ ରାସ୍ତା ପ୍ରକଳ୍ପରେ କେବଳ ଚିପ୍ସ ମାଧ୍ୟମରେ ରାସ୍ତା ନିର୍ମାଣ ହୋଇଛି। ଆଲୋକୀକରଣରେ ୨୦/୨୫ଟି ଲାଇଟ ଲଗାଇ ୮ଲକ୍ଷ ଟଙ୍କା ବିଲ୍ ହୋଇଛି। ଗ୍ରାମ ପଞ୍ଚାୟତରେ ଥିବା କମ୍ପ୍ୟୁଟର ମରାମତି ପାଇଁ ୭୭,୫୦୦ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ପଞ୍ଚାୟତର ନିଜସ୍ୱ ପାଣ୍ଠି, ଚତୁର୍ଥ ଚତୁର୍ଦ୍ଦଶ ଅର୍ଥ କମିଶନ ପାଣ୍ଠି, ଏମ୍‌ଜିଏନ୍‌ଆରଜିଏସ୍, ନଳକୂପ ମରାମତି, ପଞ୍ଚାୟତ ଗୃହ ମରାମତି ଭଳି ଅନେକ ଦୁର୍ନୀତି ସମ୍ପର୍କରେ ପୂର୍ବରୁ ଅଭିଯୋଗ ହୋଇଛି। ୭ଦିନ ମଧ୍ୟରେ ଦୁର୍ନୀତି ଅଭିଯୋଗ ଉପରେ ତଦନ୍ତ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ହରିହର ବେହେରା, ଦଶରଥ ସାହୁ, ହରେକୃଷ୍ଣ ପଲ, ନିରଞ୍ଜନ ନାୟକ ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଗାନ୍ଧୀ ଜୟନ୍ତୀଠାରୁ ଜିଲାରେ 'ମୋ ସରକାର' ଯୋଜନା



ମୋ ସରକାର ଯୋଜନା ସମ୍ପର୍କିତ ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଯାଜପୁର ଟାଉନ,୧୯।୮(ଡିଏନଏ)**

ଯାଜପୁର ଜିଲାରେ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ 'ମୋ ସରକାର' ଯୋଜନା କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ସ୍ୱାସ୍ଥ୍ୟ ଓ ପୋଲିସ ବିଭାଗରେ ବ୍ୟବସ୍ଥା ଲାଗୁ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ଜିଲା ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଏହି ଯୋଜନା ମୁତାବକ ଅନ୍‌ଲାଇନ୍ ମନିଟରିଂ କରାଯିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସୂଚନା ପ୍ରଦାନ କରିଛନ୍ତି। ଏଥିଲାଗି ସୋମବାର ଯାଜପୁର ଜିଲା ଗ୍ରାମ୍ୟଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଏହି ଯୋଜନା ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଜନା ମାଧ୍ୟମରେ ସାଧାରଣ ଲୋକଙ୍କୁ ତ୍ୱରିତ ସେବା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି। ଅନ୍‌ଲାଇନ ବ୍ୟବସ୍ଥା ଅନୁସାରେ ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ବିଭାଗ ପାଇଁ ଏକ ସ୍ୱତନ୍ତ୍ର ଆପ୍ ବ୍ୟବସ୍ଥା କରାଯିବ। ଏହି ଆପ୍ ମାଧ୍ୟମରେ ଦୈନିକ କେତେ ଲୋକ ଏବଂ କେଉଁ ସମସ୍ୟା ନେଇ ସମ୍ପୃକ୍ତ କାର୍ଯ୍ୟାଳୟକୁ ଆସୁଛନ୍ତି ତାହା ସହ କେତେ ସମୟ ମଧ୍ୟରେ ସେମାନଙ୍କ ସମସ୍ୟା ସମାଧାନ କରାଯାଉଛି ତାହା ଉପଲବ୍ଧ ହେବ। ଏପରିକି ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ କିମ୍ବା ଉଚ୍ଚ ପଦସ୍ଥ ଅଧିକାରୀ ସମ୍ପୃକ୍ତ ଲୋକଙ୍କ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଯୋଗାଯୋଗ କରିପାରିବେ। ବିଳମ୍ବ ହେଲେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେଥିପାଇଁ ପ୍ରତ୍ୟେକ ନିଜ ନିଜ ଦାୟିତ୍ୱକୁ ସଫଳ ଓ ଠିକ୍ ସମୟରେ ନିର୍ବାହ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଅପରପକ୍ଷେ ପରବର୍ତ୍ତୀ ସମୟରେ ସରକାର ଅନ୍ୟାନ୍ୟ ବିଭାଗ ପାଇଁ ମଧ ଆପ୍ ପ୍ରଚଳନ କରି ମୋ ସରକାର ଯୋଜନା ସହ ଯୋଡିବାର ବ୍ୟବସ୍ଥା କରାଯିବ। ଯାଜପୁର ଜିଲାରେ ଅଫ୍‌ଲାଇନ ମାଧ୍ୟମରେ ସମସ୍ତ ବ୍ଲକ ଓ ତହସିଲରେ ଅନୁରୂପ ବ୍ୟବସ୍ଥା ପ୍ରଚଳନ କରାଯିବ। ପ୍ରତ୍ୟେକ ବ୍ୟକ୍ତିଙ୍କ ସୂଚନା ସମ୍ପୃକ୍ତ ତହସିଲ ଓ ବ୍ଲକର ପରିଦର୍ଶନ ରେଜିଷ୍ଟରରେ ଉପଲବ୍ଧ ହେବ ଯାହାକୁ ଜିଲାପାଳ ତଥା ଅନ୍ୟାନ୍ୟ ଅଧିକାରୀମାନେ ସିଧାସଳଖ ଲୋକଙ୍କ ସହ କଥା ହେବା ସହ କାର୍ଯ୍ୟର ଅନୁଧ୍ୟାନ କରିବେ ବୋଲି ଜିଲାପାଳ ସୂଚନା ପ୍ରଦାନ କରିଛନ୍ତି। ଜିଲା ଏସ୍‌ପି ଚରଣ ସିଂ ମୀନା ଜିଲାର ପ୍ରତ୍ୟେକ ଥାନା ଓ ଅନ୍ୟାନ୍ୟ କାର୍ଯ୍ୟାଳୟରେ ତଳସ୍ତରଠାରୁ ଉଚ୍ଚ ପଦାଧିକାରୀ ଭଲ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧିକାରୀ ନିଜ କାର୍ଯ୍ୟ ଠିକ୍ କରିବା ସହ ସମ୍ମାନଜନକ ବ୍ୟବହାର ପ୍ରଦର୍ଶନ କଲେ ଅନେକ ସମସ୍ୟାକୁ ସମାଧାନ କରାଯାଇପାରିବ ବୋଲି ମୀନା କହିଥିଲେ। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଅତିରିକ୍ତ ଏସ.ପି ରାଜକିଶୋର ଦୋରା, ଅକ୍ଷୟ କୁମାର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ଯୁବତୀଙ୍କୁ ଆକ୍ରମଣ ଘଟଣା, ଜଣେ କୋର୍ଟ ଚାଲାଣ

**ରସୁଲପୁର,୧୯।୮(ଡିଏନଏ)**

ରସୁଲପୁର ବ୍ଲକ ଓଡିଶୋ ପଞ୍ଚାୟତ ବାହାବଳପୁର ଗାଁରେ ଜଣେ ଯୁବତୀଙ୍କୁ ମା' ସମ୍ମୁଖରୁ ଉଠାଇ ନେଇ ନିସ୍ତୁକ ପିଟିବା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ମୁଖ୍ୟ ଅଭିଯୁକ୍ତ ସତ୍ୟଜିତଙ୍କ ବାପା ଅଶୋକ ରାଉତ।

ପ୍ରକାଶ ଯେ, ସତ୍ୟଜିତ୍ ସେହି ଗ୍ରାମର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ଯୁବତୀଙ୍କୁ ବିବାହ ନ କରି ପ୍ରତାରଣା କରିଥିଲେ। ଏ ନେଇ ଥାନାରେ ଯୁବତୀ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଅଭିଯୁକ୍ତଙ୍କୁ ଧରିପାରି ନ ଥିଲା। ଏହି ସୁଯୋଗରେ ସତ୍ୟଜିତ୍‌ଙ୍କୁ ଉପର କୋର୍ଟରୁ ଜାମିନ ମିଳିଯାଇ ଥିଲା। ରବିବାର ସତ୍ୟଜିତ୍ ଓ ପରିବାରର ଅନ୍ୟ ୮ ସଦସ୍ୟ ସଂଘବଦ୍ଧ ଭାବେ ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ କରି ଥାନାରୁ ମାମଲା ଉଠାଇବାକୁ ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ଥାନାରେ ଏକ ମାମଲା (ନଂ. ୨୦୩/୧୯) ରୁଜୁ କରାଯାଇଛି। ପୋଲିସ ସୋମବାର ସକାଳୁ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଅନ୍ୟ ୮ ଅଭିଯୁକ୍ତ ଗାଁରେ ବୁଲୁଥିବାବେଳେ ପୋଲିସ ଜଣଙ୍କୁ ଗିରଫ କରି କାମ ସାରିଦେଇଛି।

## ମାର୍ଥାପୁରରେ ଦଳିତ ପରିବାରଙ୍କୁ ଆକ୍ରମଣ ଘଟଣା

# ଏସ୍‌ଡିପିଓ, ତହସିଲଦାରଙ୍କ ଯୁଗ୍ମ ତଦନ୍ତ

**ଯାଜପୁର ଅଫିସ,୧୯।୮**

ଯାଜପୁରରୋଡ ଥାନା ମାର୍ଥାପୁର ଗ୍ରାମରେ ଏକ ଦଳିତ ପରିବାରଙ୍କୁ ମରଣାନ୍ତକ ଆକ୍ରମଣ ଓ ଘରପୋଡି ଅଭିଯୋଗ ଘଟଣା ଏବେ ଭିନ୍ନ ମୋଡ ନେଇଛି। ଯାଜପୁରରୋଡ ଥାନାରେ ୧୪୭/ ୧୪୮/ ୩୨୩/ ୨୯୪/ ୩୨୪/ ୩୫୪/ ୧୪୯, ଆଇପିସି ଏବଂ ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରୋଧ ଆଇନ(ଆଟ୍ରୋସିଟି ଆକ୍ଟ) ଉପରେ ଏକ ଯୁଗ୍ମ ତଦନ୍ତ କରି ସରକାରଙ୍କୁ କ୍ଷତିପୂରଣ ଦେବାକୁ ସୁପାରିଶ କରାଯାଇଛି । ଏହି ଘଟଣା ଉପରେ ଦାନଗଦି ତହସିଲଦାର ବୁଲବୁଲ ବେହେରା ଓ ଯାଜପୁରରୋଡ ଏସଡିପିଓ କେଦାରନାଥ ସାହୁ ୩୦।୪।୨୦୧୯ରେ ଯୁଗ୍ମ ତଦନ୍ତ କରିଥିଲେ। ତଦନ୍ତ ସମୟରେ ମାର୍ଥାପୁର ଗ୍ରାମର ମାନସକୁମାର ସେଠୀ, ହରିହର ସେଠୀ ଓ ହେମଲତା ସେଠୀଙ୍କ ଉପରେ ଆକ୍ରମଣ କରାଯାଇ ଅତ୍ୟାଚାର ହୋଇଥିଲା। ସେମାନଙ୍କୁ ନିର୍ଦ୍ଦିଷ୍ଟ ଜାତିର ଆଖ୍ୟା ଦେଇ ଗାଳିଗୁଲଜ କରିବା ସହିତ ତାଙ୍କ ଘର ପୋଡି ଦିଆଯାଇଥିଲା। ଏହି ଘଟଣାରେ ସେହି ଗ୍ରାମର ୯ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ୧୭।୫।୨୦୧୯ରେ ଜିଲାପାଳଙ୍କ ନିକଟରେ ରିପୋର୍ଟ ଦାଖଲ କରାଯାଇଛି। ରିପୋର୍ଟରେ ଆଟ୍ରୋସିଟିରେ ଶିକାର ହୋଇଥିବା

**୬ଲକ୍ଷ ଟଙ୍କା କ୍ଷତିପୂରଣ ସୁପାରିଶ**

୩ଜଣଙ୍କୁ ୨ଲକ୍ଷ ଟଙ୍କା ଲେଖାଏଁ ସମୁଦାୟ ୬ଲକ୍ଷ ଟଙ୍କା ପ୍ରଦାନ କରିବାକୁ ସୁପାରିଶ ହୋଇଛି। ଏଫ୍‌ଆଇଆର ସ୍ଥିତି ସମୟରେ ୧ଲକ୍ଷ ଟଙ୍କା, ଚାର୍ଜସିଟ ଦାଖଲ ପରେ ୫୦ ହଜାର ଓ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହେବା ପରେ ୫୦ହଜାର ଟଙ୍କା ଲେଖାଏ ପାଇବେ ବୋଲି ରିପୋର୍ଟରେ ସୁପାରିଶ କରାଯାଇଛି। ଏଟ୍ରୋସିଟି ଆକ୍ଟରେ ଶିକାର ହୋଇଥିବା ବ୍ୟକ୍ତି ଏହି କ୍ଷତିପୂରଣ ପାଇବେ ବୋଲି କୁହାଯାଇଛି। ସୂଚନା ଯେ, ୧୬।୬।୨୦୧୮ରେ ଦାନଗଦୀ ଫାଣ୍ଡିର ମାର୍ଥାପୁର ଗ୍ରାମରେ ଦଳିତ ପରିବାରର ୫ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ ଜଣେ ଗୁରୁତର ହୋଇଥିବାବେଳେ ଜଣେ ନାବାଳିକାଙ୍କୁ ମଧ ମାଡ଼ ମାରି ଟଣାଓଟରା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ୯ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ବାକି ୮ ଅଭିଯୁକ୍ତ ଜାମିନ ଆବେଦନ କରିଥିଲେ ମଧ ତାହା ମଞ୍ଜୁର ହୋଇ ନ ଥିଲା। ଏହାପରେ ଉପଯୁକ୍ତ ତଦନ୍ତ ହେଉ ନ ଥିବା ଦର୍ଶାଇ ଅଭିଯୋଗକାରୀମାନେ ତଦନ୍ତକାରୀ ଅଧିକାରୀଙ୍କ ବିରୋଧରେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲା ଉପରେ ସ୍ୱତନ୍ତ୍ର କୋର୍ଟରେ ଉପସ୍ଥାପନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ■ ଶୁଣିଲାନି ପ୍ରଶାସନ

# ଜମିରୁ ବର୍ଷାଜଳ ନିଷ୍କାସନ କଲେ ଚାଷୀ



ଚାଷୀମାନେ ଜମିରୁ ବର୍ଷା ଜଳ ନିଷ୍କାସନ କରୁଛନ୍ତି।

**ବିଞ୍ଝାରପୁର,୧୯।୮ (ଡି.ଏନ.ଏ)**

ବିଞ୍ଝାରପୁର ଅଞ୍ଚଳରେ ଗତ ସପ୍ତାହରେ ୩୦୦ ମି.ଲି.ରୁ ଉର୍ଦ୍ଧ୍ୱ ବର୍ଷା ହୋଇଥିଲା। ଏହି ବର୍ଷା ଯୋଗୁ ଘଣ୍ଟିଆଳି- ଗୁହାଳୀ ଅଞ୍ଚଳ ଚାଷଜମିରେ ବର୍ଷାଜଳ ଜମି ରହିଥିବାରୁ ଧାନ ଫସଲ ପ୍ରଭାବିତ ହୋଇଥିଲା। ଏହି ସମସ୍ୟାକୁ ନେଇ ସ୍ଥାନୀୟ ଚାଷୀମାନେ ଜମିରୁ ଜଳ ନିଷ୍କାଷିତ କରିବା ପାଇଁ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ। ମାତ୍ର ୭ଦିନ ପରେ ବି ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରଶାସନ ଚାଷୀଙ୍କ ଦୁଃଖ ନ ବୁଝିବାରୁ ରବିବାର ଚାଷୀମାନେ ମେଳି ବାନ୍ଧି କିପରି ଚାଷ ଜମିରୁ ବର୍ଷାଜଳ ନିଷ୍କାସିତ ହୋଇପାରିବ ସେଥିଲାଗି ପଦକ୍ଷେପ ନେଇଥିଲେ। ସ୍ଥାନୀୟ ଅଞ୍ଚଳର ଚାଷୀ ରବୀନ୍ଦ୍ର କୁମାର ଧଳ, କାଳନ୍ଦୀ ବେହେରା, ରାଧେଶ୍ୟାମ ପଣ୍ଡା, ରବୀନ୍ଦ୍ର ଦାସ, ଲମ୍ବୋଧର ଧଳ, ନାରାୟଣ ଚନ୍ଦ୍ର ଧୀରଙ୍କ ସମେତ ବହୁ ଚାଷୀ ନିଜ ପକେଟରୁ କିଛି କିଛି ଅର୍ଥ ପ୍ରଦାନ କରି ମେଶିନ ସାହାଯ୍ୟରେ ପ୍ରଭାବିତ ଚାଷ ଜମିରୁ ବର୍ଷାଜଳ ନିଷ୍କାସିତ କରିଥିଲେ।

# ମଧ୍ୟାହ୍ନଭୋଜନ ପରିବେଷଣରେ ଅନିୟମିତତା

**ରସୁଲପୁର,୧୯।୮(ଡିଏନଏ)**

ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ଦାମୋଦରପୁର ଗ୍ରାମସ୍ଥିତ ଅଭିରାମ ପରମହଂସ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପରିବେଷଣରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଶନିବାର ଏହି ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଓ ଅଣ୍ଡା ଦିଆଯାଉ ନାହିଁ। ଏପରିକି ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟକୁ ଛୁଟି କରି ଦିଆଯାଉଛି। ଏହିଭଳି ସଂଗୀନ ଅଭିଯୋଗ ଆଣିଛନ୍ତି ବିଦ୍ୟାଳୟର କେତେଜଣ ଛାତ୍ର। ଅଭିଯୋଗ ପାଇବା ପରେ 'ଧରିତ୍ରୀ'ର ବ୍ଲକ ପ୍ରତିନିଧି ସକାଳ ସାଢେ ୧୦ଟାରେ ବିଦ୍ୟାଳୟରେ ପହଞ୍ଚି ଥିଲେ। ସେତେବେଳେ ଶ୍ରେଣୀ ପ୍ରକୋଷ୍ଠ ଓ କାର୍ଯ୍ୟାଳୟରେ ତାଲା ଝୁଲୁଥିଲା। ତେବେ ବିଦ୍ୟାଳୟ ଫାଟକ ସମ୍ମୁଖରେ ବୁଲୁଥିବା କେତେଜଣ ଛାତ୍ରଙ୍କୁ ଏ ସମ୍ପର୍କରେ ପଚାରିବାରୁ, ଶନିବାର ୧୦ଟାରେ ବିଦ୍ୟାଳୟ ଛୁଟି ହୁଏ ବୋଲି କହିଥିଲେ। ଏଥିସହ ଏହି ଦିନ ବିଦ୍ୟାଳୟରେ କେବେ ବି ମଧ୍ୟାହ୍ନ ଭୋଜନ ଦିଆଯାଏ

**ଅଭିରାମ ପରମହଂସ ଉଚ୍ଚ ବିଦ୍ୟାଳୟ**



■ନିର୍ଦ୍ଧାରିତ ସମୟ ପୂର୍ବରୁ ବିଦ୍ୟାଳୟରେ ଝୁଲୁଛି ତାଲା
■ଶନିବାର ବିଦ୍ୟାର୍ଥୀଙ୍କୁ ମିଳୁନି ରନ୍ଧାଖାଦ୍ୟ ଓ ଅଣ୍ଡା

ନାହିଁ । ଏପରିକି ସପ୍ତାହକୁ ୨ଥର ଅଣ୍ଡା ମିଳିବା ବଦଳରେ ସମୟେ ସମୟେ ବୁଧବାର ଅଣ୍ଡା ଦିଆଯାଏ। ଆଉ କେତେବେଳେ ଅଣ୍ଡା ସ୍ଥାନରେ ସୋୟାବିନ ବଡି ତରକାରୀ ପରିବେଷଣ କରାଯାଏ ବୋଲି କହିଥିଲେ। ଏହି ଦିନ ବିଦ୍ୟାଳୟଗୁଡିକ ସକାଳ ୬ଟାରୁ ଆରମ୍ଭ ହୋଇ ସାଢେ ୧୧ଟା ପର୍ଯ୍ୟନ୍ତ ଚାଲିବାର ନିୟମ ରହିଛି। ମାତ୍ର ଏହି ବିଦ୍ୟାଳୟରେ ନିୟମ କାର୍ଯ୍ୟକାରୀ ହେବାରେ ବ୍ୟତିକ୍ରମ ଦେଖାଦେଉଛି। ବିଦ୍ୟାଳୟ ୧ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇ ଦେଢ ଘଣ୍ଟା ପୂର୍ବରୁ ଛୁଟି ହେଉଛି। ଶିକ୍ଷୟିତ୍ରୀଶିକ୍ଷକମାନେ ଅପରାହ୍ନ ସାଢେ ୧୨ଟାରେ ବିଦ୍ୟାଳୟ ଛାଡିବା ନିୟମ ଆଦୌ ପାଳନ କରାଯାଉ ନାହିଁ। ଏହି ସମୟ ପୂର୍ବରୁ ବ୍ଲକ ଅଞ୍ଚଳର ଅଧିକାଂଶ ବିଦ୍ୟାଳୟରେ ତାଲା ଝୁଲୁଛି । ଏସବୁ ଘଟଣାକ୍ରମକୁ ଅନୁଧ୍ୟାନ କଲେ ରାଜ୍ୟ ସରକାରଙ୍କ ୫-ଟି ଯୋଜନା ବିଦ୍ୟାଳୟଗୁଡିକ ପାଇଁ ମୂଲ୍ୟହୀନ ହୋଇପଡିଛି। ବିଦ୍ୟାଳୟ ପରିଚାଳନାରେ ସ୍ୱଚ୍ଛତା, ସମୟାନୁବର୍ତ୍ତିତା ଭଳି ନିୟମଗୁଡିକ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ପ୍ରଦାନ କରୁ ନ ଥିବା କୁହାଯାଉଛି। ଏହାକୁ ସୁଯୋଗ ବୋଲି ମନେ କରି ବହୁ ବିଦ୍ୟାଳୟରେ ସରକାରୀ ନିୟମ ପାଳନ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଫୋନ୍ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ହେଲେ ଏନେଇ ବାରବାଟୀ କ୍ଲଷ୍ଟର ସିଆରସିସି ରାମଚନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ, ଅଭିଯୋଗ ଉପରେ ସେ ତଦନ୍ତ କରିବେ । ମାତ୍ର ଏହା ସତ୍ୟ ହୋଇଥିଲେ ତାହା ଅକ୍ଷମଣୀୟ ତ୍ରୁଟି ବୋଲି କହିଛନ୍ତି । ମଧ୍ୟାହ୍ନଭୋଜନକୁ ନେଇ ତୁରନ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନେଇ ଏକ ସମୀକ୍ଷା ବୈଠକ ଡାକିବେ ବୋଲି ପ୍ରକାଶ କରିଛନ୍ତି ।

■ ଜିଲାସ୍ତରୀୟ ଜନଶୁଣାଣିରେ ଉଠିଲା ଆବାସ ଦୁର୍ନୀତି ଅଭିଯୋଗ

# ବିଡିଓ-ଗ୍ରାମବାସୀ ମୁହାଁମୁହିଁ

■ ଜିଲାପାଳ କହିଲେ ତୁରନ୍ତ ସ୍ୱତନ୍ତ୍ର ତଦନ୍ତ କରି ରିପୋର୍ଟ ଦିଅ
■ ଜଳ ନିଷ୍କାସନ ହେଉନି, ପାଣିରେ ବୁଡିଛି ୫ ହଜାର ହେକ୍ଟର ଜମି


ଜନଶୁଣାଣି ବେଳେ ବିଡିଓଙ୍କ ସହ ପାଟିତୁଣ୍ଡ କରୁଥିବା ଗ୍ରାମବାସୀ।

ଜଗତ୍‌ସିଂହପୁର ଅଫିସ,୧୯।୮

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ସୋମବାର ଜିଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତାରେ ଦୁର୍ନୀତିକୁ ନେଇ ଅଭିଯୋଗ ଉଠିବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଭିଯୋଗକାରୀ ଗ୍ରାମବାସୀ ଏବଂ ବିଡିଓଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ହସ୍ତକ୍ଷେପ କରିବାକୁ ପଡିଥିଲା। ସେହିପରି ଡ୍ରେନେଜ୍ ସମସ୍ୟା ଯୋଗୁ ୫ ପଞ୍ଚାୟତ ପ୍ରଭାବିତ ହେଉଥିବା ଓ ୫ ହଜାର ହେକ୍ଟର ଜମି ଜଳମଗ୍ନ ଥିବା ଅଭିଯୋଗ ହୋଇଥିଲା। ଶୁଣାଣିବେଳେ ବିଦ୍ୟୁତ୍ ଚାଲିଯିବା ଓ ଜେନେରେଟର କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେବାରୁ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଏଣିକି ଜିଲାପାଳଙ୍କ କାର୍ଯ୍ୟାଳୟରେ ଯେପରି ୨୪ ଘଣ୍ଟା ବିଦ୍ୟୁତ୍ ରହିବ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଅନୁଯାୟୀ, କାଦୁଆପଡ଼ା ପଞ୍ଚାୟତ ରାଇବରାଇ ଗ୍ରାମର ପ୍ରଭାତ ସ୍ୱାଇଁ, ବିରଞ୍ଚି ସ୍ୱାଇଁ, ଯୁଧିଷ୍ଠିର ମହାରଣା, ଅକ୍ଷୟ ପାଳ, ଭୋଳାନାଥ ଓଝା, ପ୍ରଦୀପ ମଲ୍ଲିକ, ସଚିକାନ୍ତ ପାଳ ଓ ପ୍ରତିମା ମହାରଣା ପ୍ରମୁଖ ବିଜୁ ପକ୍କାଘର ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ କରିଥିଲେ। ଗ୍ରାମର ବନିତା ନାୟକଙ୍କ ସ୍ୱାମୀଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କର ୨ଟି ସନ୍ତାନ। ଝିଅକୁ ବାଦ୍‌ଦେଲେ ଜମି ବୋଲି ଗୁଣ୍ଠେ ନାହିଁ। କିନ୍ତୁ ତାଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯାଇଛି। ସେହିପରି ଭୋଳାନାଥ ଓଝା, ପ୍ରତାପ ମଲ୍ଲିକ ଓ ରୀତାଞ୍ଜଳି ରାଉତଙ୍କ ଭଳି ବହୁ ଗରିବ ପରିବାରକୁ ଏହି ଯୋଜନାରେ ସାମିଲ କରାଯାଇନାହିଁ। ଅଥଚ ୮ ବଖରା ମାର୍ବଲ ପକ୍କା ଘର ଥିବା ହେମନ୍ତ ସ୍ୱାଇଁଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସ୍ୱାଇଁ ବଡ଼ଦେଉଲୋ ଗ୍ରାମର ରଞ୍ଜନ ଦାସଙ୍କ ଘର ଦେଖାଇ ୧.୨୦ ଲକ୍ଷ ଟଙ୍କା ହାତେଇଛନ୍ତି। ସରପଞ୍ଚ, ନୋଡାଲ ଅଫିସର ଓ ବିଡିଓଙ୍କ ସଲାସୁତରାରେ ଏଭଳି ହୋଇଥିବା ଗ୍ରାମବାସୀ କହିଥିଲେ। କେବଳ ଏହି ଗୋଟିଏ ନୁହେଁ, ଅନେକ ଥିଲାବାଲା ଲୋକଙ୍କୁ ପକ୍କାଘର ଦିଆଯାଇଛି।

ଗ୍ରାମବାସୀଙ୍କ ଏଭଳି ଅଭିଯୋଗ ପରେ ବିଡିଓ ଲଗ୍ନଜିତ ରାଉତ ପ୍ରତିକ୍ରିୟାଶୀଳ ହୋଇ ସେମାନେ ମିଥ୍ୟା ଅଭିଯୋଗ କରୁଛନ୍ତି ବୋଲି କହିବାରୁ ଯୁକ୍ତିତର୍କ ହୋଇଥିଲା। ତେଣୁ ଲୋକେ ସଙ୍ଗେ ସଙ୍ଗେ ତଦନ୍ତ ହେଉ ବୋଲି ଦାବି କରିଥିଲେ। ଏହା ପରେ ଜିଲାପାଳ ମହାପାତ୍ର ବିନା କାରଣରେ ଏତେ ଲୋକ ଅଭିଯୋଗ କରିବାକୁ ଆସି ନ ଥାନ୍ତେ ବୋଲି କହି ବିଡିଓଙ୍କୁ ଚୁପ୍ କରାଇଥିଲେ। ଏଥିସହ ତୁରନ୍ତ ସ୍ୱତନ୍ତ୍ର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାହାନପୁର, କଣ୍ଟିଲୋ, ପାଟେଣୀଗାଁ, ସଭାମୂଳ ଓ ପଟସରା ପଞ୍ଚାୟତର ଲୋକେ ଜଳ ନିଷ୍କାସନ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ରବୀନ୍ଦ୍ରନାଥ ସାହୁ, ପ୍ରମୋଦ ରଥ, ରମାକାନ୍ତ ସାହୁ, ବିଶ୍ୱରଞ୍ଜନ ସାହୁ, ବଳରାମ ମଳିକ, ଜ୍ୟୋତିରଞ୍ଜନ ସ୍ୱାଇଁ ଓ ଶରତ ପ୍ରଧାନ ପ୍ରମୁଖ କହିଲେ ଯେ, ନଛିପୁରରୁ ଅଢଙ୍ଗା ସାଇଫନ୍ ପର୍ଯ୍ୟନ୍ତ ଯାଇଥିବା ଡ୍ରେନ୍‌ରେ ଜଳ ନିଷ୍କାସନ ହୋଇପାରୁନି। କୋଦଳ ପୂର୍ବରୁ ଥିବା ସେଠୀ ସାହି ନିକଟରେ ଡ୍ରେନ୍ ଉପରେ ପ୍ରାୟ ୨୦୦ ବାଉଁଶ ବୁଦା ପଡ଼ିଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ବାତ୍ୟା ଫନୀରେ ଏହି ଗଛଗୁଡିକ ଉଡି ଡ୍ରେନ୍‌ରେ ପଡିଛି। ବାରମ୍ବାର ଜଳସେଚନ ଓ ଡ୍ରେନେଜ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ ପ୍ରତିକାର କରାଯାଇନାହିଁ।

ତେଣୁ ପ୍ରାୟ ୫ ହଜାର ହେକ୍ଟର ଜମିରେ ପାଣି ଜମି ରହିଛି। ଏହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ ଡ୍ରେନେଜ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଣ୍ଟିଲୋ ପଞ୍ଚାୟତ ବଡ଼ମୁଣ୍ଡିଲୋ ଗାଁ ଦାଣ୍ଡରେ ପାଣି ଜମି ରହିଛି। ହାଜିପୁର ପଞ୍ଚାୟତ ଚାନ୍ଦପୁର ଗାଁର ଶତ୍ରୁଘ୍ନ ଭୋଇ, ରବୀନ୍ଦ୍ର ଭୋଇ, ଅର୍ଜୁନ ଭୋଇ, ପ୍ରଶାନ୍ତ ଭୋଇ ପ୍ରମୁଖ ଜଳସେଚନ ବିଭାଗର ବେପରୁଆ ମନୋଭାବ ଯୋଗୁ ଗାଁରୁ ଜଳ ନିଷ୍କାସନ ହୋଇପାରୁ ନ ଥିବା କହିଥିଲେ। ଶିବିରରେ ମୋଟ ୨୦୨ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ୧୮୨ଟି ବ୍ୟକ୍ତିଗତ, ଯଥା ଇନ୍ଦିରା ଆବାସ/ବିଜୁ ପକ୍କାଘର ୬୧, ଭତ୍ତା ସମ୍ପର୍କିତ ୧୦, ରାଶନ କାର୍ଡ ୧୩, ଆଇନ ସହାୟତା ୧୨, ଜମିଜମା ସଂକ୍ରାନ୍ତୀୟ ୧୧, କଳାକାର ଭତ୍ତା ୪, ଅଙ୍ଗନୱାଡି ସମସ୍ୟା ସମ୍ପର୍କିତ ୬ ଓ ଅନ୍ୟାନ୍ୟ ୬୫ଟି, ଗାଁ ସମସ୍ୟା ସମ୍ପର୍କିତ ୯, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୨, ରେଡକ୍ରସ୍ ସହାୟତା ପାଇଁ ୯ ଦରଖାସ୍ତ ଗ୍ରହଣ କରାଯାଇଥିଲା। ୬ ଅଭିଯୋଗ ତତ୍କାଳ ସମାଧାନ ହୋଇଥିଲା। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଜଗତ୍‌ସିଂହପୁର ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୁଧର ବାଛୁରି,
ପାଣିର ଧାନ।**

ବାଛୁରି ପାଇଁ କ୍ଷୀର ଲୋଡ଼ା। କ୍ଷୀର ଖାଇ ବାଛୁରୀ ବଢ଼ିଥାଏ। ସେହିପରି ଧାନଚାଷ ପାଇଁ ପାଣିର ଆବଶ୍ୟକତା ରହିଥାଏ। ଅଧିକ ପାଣି ପାଇଲେ ଧାନଗଛ ଭଲ ବଢୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦାରୀ ମନ ଧନରେ;
ଶୁଆ ମନ ବନରେ।**

ଦାରୀ ବା ବିଟପୀ ନାରୀର ମନ ସଦାସର୍ବଦା ଧନ ପାଖରେ ବନ୍ଧା ରହିଥାଏ। ଯାହାପାଖରେ ଧନଥାଏ ସେ ତାହା ସହ ସମ୍ବନ୍ଧ ରଖିବାକୁ ଇଚ୍ଛାପ୍ରକଟ କରିଥାଏ। ସେହିପରି ଶୁଆ ପଞ୍ଜୁରି ମଧ୍ୟରେ ଆବଦ୍ଧ ରହିବାକୁ ପସନ୍ଦ କରି ନ ଥାଏ। ବଣଜଙ୍ଗଲର ଖୋଲା ଆକାଶ ତଳେ ଡେଣା ଝାଡ଼ି ଉଡ଼ି ବୁଲିବାକୁ ତା'ମନ ବିକଳ ହୋଇଉଠୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଦୀନବନ୍ଧୁ ଏକାଡେମୀରେ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ

କୁଜଙ୍ଗ,୧୯।୮(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ ପନ୍ଦରନମ୍ବର ସ୍ଥିତ ଶିକ୍ଷାନୁଷ୍ଠାନ ଦୀନବନ୍ଧୁ ଏକାଡେମୀରେ ସ୍ୱାଧୀନତା ଦିବସ ଅବସରରେ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦନ୍ତରୋଗ ବିଶେଷଜ୍ଞ ଡା. ସନ୍ଦୀପ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ନିମାଇଁ ହୋତା ମୁଖ୍ୟବକ୍ତା, ପ୍ରଦୀପ ପ୍ରଭାକର ତରାଇ, ମଙ୍ଗରାଜପୁର ସରପଞ୍ଚ ପୂର୍ଣ୍ଣିମା ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଅନଙ୍ଗ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସୁଧାକର ବିଶ୍ୱାଳ ସ୍ୱାଗତ ଭାଷଣ ଓ ପ୍ରତିଷ୍ଠାତା ରଜତ ମହାପାତ୍ର ସଂଯୋଜନା କରିଥିଲେ। ଏଥିରେ ୧୧ଟି ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ସଙ୍ଗୀତ, ବକ୍ତୃତା, ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପୁପୁନ ତରାଇ, ଜୀବନ ସେଠୀ, ଶୁଭ୍ର ନାରାୟଣ ଚୌଧୁରୀ, ଇତିଶ୍ରୀ ଜୟସିଂହ, ଚିନ୍ମୟୀ, ରଘୁନାଥ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବ୍ଲକ କଂଗ୍ରେସର ସମୀକ୍ଷା ବୈଠକ

ଏରସମା,୧୯।୮(ସ୍ୱ.ପ୍ର.): ଏରସମା ବ୍ଲକ ଜପା ପଞ୍ଚାୟତସ୍ଥିତ ଧୋବେଇ ଗ୍ରାମର ମା' ଚର୍ଚ୍ଚିକା ପୀଠରେ ସୋମବାର ବ୍ଲକ କଂଗ୍ରେସର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ କର୍ମୀ ସୁରେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବାଲିକୁଦାର ପୂର୍ବତନ ବିଧାୟକ ଲଲଟେନ୍ଦୁ ମହାପାତ୍ର ଯୋଗଦେଇ ଦଳର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଗତ ନିର୍ବାଚନରେ ଦଳ ପାଇଥିବା ଭୋଟ ସମ୍ପର୍କରେ ସମୀକ୍ଷା କରିବା ସହ ବିଭିନ୍ନ ପଞ୍ଚାୟତରେ ଦଳକୁ ମଜଭୁତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦ୍ୱିଜବର ଦାସ, ଏରସମା ବ୍ଲକ କଂଗ୍ରେସ ସଭାପତି ନିତ୍ୟାନନ୍ଦ ଦାସ, ପିସିସି ସଦସ୍ୟ ତଥା ପଲିକଣ୍ଟା ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, କଂଗ୍ରେସ ସେବା ଦଳର ସଭାପତି ରବୀନ୍ଦ୍ର କୁମାର ମୁଦୁଲି, ସମ୍ପାଦକ ବାବୁଲି ବର୍ଦ୍ଧନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

### ଉଠାଜଳସେଚନ ନିଗମ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ଏରସମା,୧୯।୮(ସ୍ୱ.ପ୍ର.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅମରେଶ ପତ୍ରୀଙ୍କୁ ରାଜ୍ୟ ଉଠାଜଳସେଚନ ନିଗମ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ଏହାକୁ ନେଇ ଏରସମା ବିଜେଡି କର୍ମୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଜିଲା ବିଜେଡି ସମ୍ପାଦକ ପଦ୍ମଲୋଚନ ଦାଶ, ଯୁବନେତା ଉଲ୍ଲାସ ଚନ୍ଦ୍ର ବେହେରା, ବରିଷ୍ଠ ଜିଜେଡି କର୍ମୀ ଅଚ୍ୟୁତ ସ୍ୱାଇଁ, ଭିତର ଅନ୍ଧାରୀ ପଞ୍ଚାୟତର ଯୁବନେତା ନିବାରଣ ସ୍ୱାଇଁ ପ୍ରମୁଖ ପତ୍ରୀଙ୍କୁ ଭେଟି ଅଭିନନ୍ଦନ ଜଣାଇବା ସହିତ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

### ୨୨ ମୌଜା ପାଇଁ ଗୌରବ ଆଣିଦେଲେ ସଂଗ୍ରାମ

ବାଲିଆ,୧୯।୮: ବିରିଡ଼ି ବ୍ଲକର ବୀରଭୂମି ଭାବେ ପରିଚିତ ବାଗଲପୁର ପଞ୍ଚାୟତ ନହରବାରୀ ଗ୍ରାମର ସଂଗ୍ରାମ ମଲିକ ୭୩ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ରାଷ୍ଟ୍ରପତିଙ୍କଠାରୁ ରାଷ୍ଟ୍ରପତି ପଦକ ପାଇ ସମଗ୍ର ୨୨ ମୌଜା ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ଏଥିପାଇଁ ପୂର୍ବତନ ସରପଞ୍ଚ ପଦିଆ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଜ୍ଞାନରଞ୍ଜନ ସାମଲ, ମାନସ ରଞ୍ଜନ ମଲିକ, ବିଭୁତି ଭୁଷଣ ରାୟଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ସଂଗ୍ରାମ ବର୍ତ୍ତମାନ ସମ୍ବଲପୁର ସର୍କଲ ଜେଲରେ କାରାମଙ୍ଗଳ ଅଧିକାରୀ ଭାବେ କାର୍ଯ୍ୟରତ। କର୍ତ୍ତବ୍ୟରେ ବୀରତ୍ୱ ଓ ଦକ୍ଷତା ପ୍ରଦର୍ଶନ କରିଥିବାରୁ ତାଙ୍କୁ ରାଷ୍ଟ୍ରପତି ପଦକ ମିଳିଥିବା ଜଣାଯାଇଛି।

## ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ବିକ୍ଷୋଭ

କୁଜଙ୍ଗ,୧୯।୮(ସ୍ୱ.ପ୍ର.)

ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଶାକର୍ମୀ ସଂଘ ସଭାପତି ଜୟନ୍ତୀ ଗୋଛାୟତ, କାର୍ଯ୍ୟକାରୀ ସମ୍ପାଦିକା ସବିତା ମହାନ୍ତି, ଶ୍ରୀମତୀ ସ୍ୱାଇଁ, ରୁନୁବାଳା, ସରସ୍ୱତୀ ମଲ୍ଲ, ପ୍ରଭାବତୀ ରାଉତ, ନାରୀନେତ୍ରୀ ଜିନ୍ମୟୀ ସାହାଣୀ, ଶ୍ରମିକନେତା ସୁବାସ ମହାପାତ୍ର ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ଆଶାକର୍ମୀଙ୍କୁ ୩୫୦୦ ଟଙ୍କା ପାରିଶ୍ରମିକ ପ୍ରଦାନ, ଶାଢ଼ି ଓ ଡ୍ରେସ କୋଡ୍ ପ୍ରଦାନ, ପ୍ରସୂତିଙ୍କୁ ଆଣି ଆସୁଥିବା ଆଶାକର୍ମୀଙ୍କ ପାଇଁ ମେଡିକାଲ୍ ପରିସରରେ ଆଶାଗୃହ ନିର୍ମାଣ, ଟ୍ରେନିଂ ଟଙ୍କା, ଇନ୍‌ସେନ୍‌ଟିଭ୍ ଟଙ୍କା ପ୍ରତିମାସ ୧୦ ତାରିଖରେ ପ୍ରଦାନ କରିବାକୁ ସେମାନେ ଦାବି କରିଥିଲେ। ଏହି ଅବସରରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରସନ୍ନ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ସିଆର୍‌ପି ପରୀକ୍ଷା ଫଳ ଅସିଦ୍ଧ ଘୋଷଣାକୁ ବିରୋଧ

କୁଜଙ୍ଗ,୧୯।୮(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକର ୧୧ ପଞ୍ଚାୟତରେ ଜିପିଏଲ୍‌ଏଫ୍ ଯୋଜନାରେ ସିଆର୍‌ପି ପଦବୀ ପାଇଁ ଗତ ଜୁଲାଇ ୧୯ରେ ସ୍ଥାନୀୟ ସୂଚନା କେନ୍ଦ୍ରଠାରେ କଡ଼ା ଶୃଙ୍ଖଳାର ସହ ପରୀକ୍ଷା କରାଯାଇଥିଲା। ଏହି ପରୀକ୍ଷା ବେଳେ ବିପିଏମ୍‌ଙ୍କ ସହ ବ୍ଲକର ବିଡ଼ି ଅଧିକାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଦୀର୍ଘ ୪୫ ମିନିଟ୍‌ର ଲିଖିତ ପରୀକ୍ଷା ପରେ ସେହି ଦିନ ମଧ୍ୟାହ୍ନ ୧୨ଟା ୪୫ରେ ପରୀକ୍ଷା ଫଳ ଘୋଷଣା କରାଯାଇଥିଲା। ଏଥିରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀମାନେ ୧ ମାସ ହେଲା ନିଜ ନିଜ ସିଏଲ୍‌ଏଫ୍‌ରେ କାର୍ଯ୍ୟ କରିଆସୁଛନ୍ତି। ମାତ୍ର ଗତ ୧୬ ତାରିଖରେ ଉକ୍ତ ପରୀକ୍ଷା ଫଳକୁ ଅସିଦ୍ଧ ଘୋଷଣା କରାଯାଇଛି। ଏହାକୁ ପ୍ରିୟତମା ପଟ୍ଟନାୟକ, ଗୀତାଞ୍ଜଳି ରାଉତ, ଲୁଣ୍ଠୁକୁଆର ତିଲୋତ୍ତମା ମାଝୀ, ବାଲିଆର ସସ୍ମିତା ସାହୁ, ଜିଲାନାସୀର ନମିତା ମହାପାତ୍ର, ଅଗପାଳର ସସ୍ମିତା ସାହୁ, ଭୂତମୁଣ୍ଡାଇର ମିନତୀ ଦାସ, ଖୁଲଣା ସାହୁ, ଭାଗ୍ୟବତୀ ନାୟକ, ସବିତା ସେଠୀ, ଝରଣା ଦାସ, ଝୁନି ସାମଲ, ମାମିନା ବେହେରା, ସୁମିତ୍ରା ବେହେରା, ପିୟତମା ପଟ୍ଟନାୟକ, ଲିପିକା ରାଉତ, ଏଲିନା ଖଣ୍ଡୁଆଳ, ରତ୍ନମୟୀ ବେହେରା ପ୍ରମୁଖ ବିରୋଧ କରିବା ସହ ବିଡିଓ ଏବଂ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ପରୀକ୍ଷାରେ ଯଦି ତ୍ରୁଟି ରହିଛି, ତେବେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ପରୀକ୍ଷାକୁ ଅସିଦ୍ଧ ଘୋଷଣା କରିବା ଯୁକ୍ତିଯୁକ୍ତ ନୁହେଁ ବୋଲି ସେମାନେ କହିଛନ୍ତି। ଏହାର ଉପଯୁକ୍ତ ବିଚାର କରା ନ ଗଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବକେୟା ଅର୍ଥ ଦାବିରେ ଗାଡ଼ି ଚାଳକଙ୍କ କାର୍ଯ୍ୟ ବନ୍ଦ

ପାରାଦୀପ,୧୯।୮(ସ୍ୱ.ପ୍ର.)

ପାରାଦୀପ ତୈଳ ବିଶୋଧନାଗାର ପ୍ରଶାସନିକ ଭବନ ଆଗରେ ସୋମବାର ହଠାତ୍ କେତେଜଣ କାର ମାଲିକ ଓ ଗାଡ଼ି ଚାଳକ ବକେୟା ଅର୍ଥ ଦାବିରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ସୂଚନା ଅନୁଯାୟୀ, ବିଶୋଧନାଗାର ଅଧିକାରୀଙ୍କ ପାଇଁ ଠିକା ସଂସ୍ଥା ଜରିଆରେ ୫୦ରୁ ଊର୍ଦ୍ଧ୍ୱ କାର ଭଡ଼ାରେ ଲାଗିଛି। ସେହି ଠିକାସଂସ୍ଥା ଗତ ୭ ମାସ ହେଲା ଗାଡ଼ି ଭଡ଼ା ଦେବାରେ ବିଫଳ ହେବା ପ୍ରତିବାଦରେ ଏପରି ବିରୋଧ କରାଯାଇଛି। ଓଁ ନମଃ ଶିବାୟ ଓ କଳିଙ୍ଗ ଅଚ୍ୟୁତ ନାମକ ଟ୍ରାନ୍ସପୋର୍ଟ ସଂସ୍ଥାର ଚାଳକମାନେ ଗାଡି ରଖି ପ୍ରତିବାଦ କରିବାରୁ ଅଧିକାରୀମାନେ କୌଣସି ସ୍ଥାନକୁ ଯାତାୟାତ କରିପାରି ନ ଥିଲେ। ପରେ ବିଶୋଧନାଗାରର ବରିଷ୍ଠ ଅଧିକାରୀମାନେ ଏଥିରେ ହସ୍ତକ୍ଷେପ କରି ଠିକାସଂସ୍ଥାକୁ ଆସନ୍ତା ୩୦ ତାରିଖ ମଧ୍ୟରେ ସମସ୍ତ ଅର୍ଥ ପରିଶୋଧ କରିବାକୁ କହିବାରୁ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଜାତୀୟ କ୍ରୀଡ଼ାରେ ପାରାଦୀପର ଛାତ୍ର


ରଶ୍ମିରଞ୍ଜନଙ୍କୁ ଶିଶୁ ମନ୍ଦିର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ପାରାଦୀପ,୧୯।୮(ସ୍ୱ.ପ୍ର.)

ମହାରାଷ୍ଟ୍ରର ପୁନେଠାରେ ଆସନ୍ତା ୨୩ ତାରିଖରେ ହେବାକୁ ଥିବା ଜାତୀୟ ଟେନିସ ଭଲିବଲ ଟୁର୍ନାମେଣ୍ଟରେ ଭାଗ ନେବାକୁ ଜାତୀୟ ଦଳରେ ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୁରାତନ ଛାତ୍ର ରଶ୍ମିରଞ୍ଜନ ପରିଡ଼ା ସ୍ଥାନ ପାଇଛନ୍ତି। ଏଥିପାଇଁ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ, କ୍ରୀଡ଼ା ପ୍ରଶିକ୍ଷକ ପ୍ରଦୀପ୍ତ କୁମାର ନାୟକଙ୍କ ସମେତ ଅନ୍ୟ ଶୁଭେଚ୍ଛୁମାନେ ଖୁସିବ୍ୟକ୍ତ କରିବା ସହ ରଶ୍ମିରଞ୍ଜନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ରଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No. 7491845997 7079574972
New Ashok Nagar, East Delhi, Delhi
www.toofanfinance.in

See Color Display Classified on every Tuesday & Friday

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE 8859690149

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍, ଓଷ୍ଟିଓ ଆର୍ଥ୍ରାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସଂଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ

ଡେରାବିଶ, ୧୯।୮(ସ୍ୱ.ପ୍ର.):ଡେରାବିଶ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ଥାଟୋଇଙ୍କୁ ସୋମବାର ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ବିଡିଓ ଗୋପବନ୍ଧୁ ଭୋସାଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କାର୍ଯ୍ୟସାରି ପଞ୍ଚାୟତ ଅଫିସରୁ ଫେରୁଥିଲେ। ଏହି ସମୟରେ ଚାଟରାଚକଡା ପଞ୍ଚାୟତସ୍ଥିତ ବାସୁଳାଇ ମନ୍ଦିର ନିକଟ ରାସ୍ତାରେ କେତେଜଣ ଯୁବକ ତାଙ୍କୁ ଅଟକାଇବା ସହ ମରଣାନ୍ତ ଆକ୍ରମଣ କରିଥିଲେ। ତେବେ ନିହାର ରଞ୍ଜନଙ୍କୁ ଯୁବକମାନେ ମାରଣାସ୍ତ୍ରରେ ଆକ୍ରମଣ କରୁଥିବା ଦେଖି ସ୍ଥାନୀୟ ଅଞ୍ଚଳ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଅଟକାଇଥିଲେ। ଏହି ଆକ୍ରମଣ ସମୟରେ ନିରାହ ରଞ୍ଜନଙ୍କ ନିକଟରେ ଥିବା ଭତ୍ତା ଟଙ୍କା ୨୫୦୦୦, ସୁନା ଚେନ୍ ଓ ବ୍ୟାଗରେ ଥିବା ସରକାରୀ କାଗଜପତ୍ରକୁ ଆକ୍ରମଣକାରୀମାନେ ଝାମ୍ପି ନେଇ ଫେରାର ହୋଇଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ନିହାର ରଞ୍ଜନଙ୍କୁ ପ୍ରଥମେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଦୁମୁକା ଗ୍ରାମର ହେମନ୍ତ କୁମାର ସାମଲଙ୍କୁ ଦଳିତ ଆକ୍ଷେପ କରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ଓ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ଗାଳିଗୁଲଜ କରିଥିବା ନେଇ ଥାନାରେ ଆଉ ଏକ ମାମଲା ହୋଇଛି।

### ଶ୍ରୀରାମମନ୍ଦିରରେ ଝୁଲଣ ପର୍ବ

କେନ୍ଦ୍ରାପଡା ଅଫିସ, ୧୯।୮: କେନ୍ଦ୍ରାପଡ଼ା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ ପୁରୁଷୋତ୍ତମପୁର ସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ନବାହ୍ନ ପାରାୟଣ ଓ ଝୁଲଣ ପର୍ବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ୯ ଦିନ ଧରି ଆୟୋଜିତ ଏହି ଝୁଲଣ ପର୍ବରେ ପ୍ରତ୍ୟେହ ସନ୍ଧ୍ୟାରେ ଶ୍ରୀଜୀଉଙ୍କୁ ସୁସଜ୍ଜିତ ଫୁଲରଥରେ ଉପବେଶନ କରାଯାଇ ଝୁଲଣ କରାଯାଉଥିଲା । ଏଥିସହ ନାମ ସଂକୀର୍ତ୍ତନ ଓ ଝୁଲଣ ସଙ୍ଗୀତ ପରିବେଷଣ ହେଉଥିଲେ । ପଣ୍ଡିତ ହୃଶିକେଶ ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

### ସଡ଼କ ଦୁର୍ଘଟଣା, ୨ ଗୁରୁତର

ଆଳି, ୧୯।୮ (ଡି.ଏନ.ଏ): କଟକ-ଚାନ୍ଦବାଲି ରାସ୍ତାର ଆଳି ବ୍ଲକର ବାଲାକାଟି ବାଙ୍କ ନିକଟରେ ସୋମବାର ସଡ଼କ ଦୁର୍ଘଟଣା ଘଟି ୨ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ହେଲେ ଚାନ୍ଦବାଲି ଅଞ୍ଚଳର ସୁଶାନ୍ତ ବଳ ଓ ତାଙ୍କ ପୁଅ ଅନୀଲ (୪)। ଅନିଲଙ୍କ ଦେହ ଖରାପ ଥିବାରୁ ସୁଶାନ୍ତ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ଫେରିବା ବେଳେ ବାଲକାଟି ବାଙ୍କ ନିକଟରେ ସୁଶାନ୍ତଙ୍କ ମୁଣ୍ଡରୁ ହେଲମେଟ୍ ଖସି ମୁହଁ ଉପରକୁ ଚାଲି ଆସିବାରୁ ତାଙ୍କ ଗାଡ଼ିଟି ରାସ୍ତା କଡ଼ରେ ଥିବା ବାଡ଼ରେ ପିଟି ହୋଇଯାଇଥିଲା। ସୁଶାନ୍ତ ଓ ଅନିଲ କିଛି ଦୂରକୁ ଛିଟକି ପଡ଼ିଥିଲେ। ଖବରପାଇ ଆଳି ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଭୟଙ୍କୁ ଆଳି ମେଡିକାଲକୁ ନେଇଥିଲେ। ପରେ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନିଲଙ୍କ କାନ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ବାପା ସୁଶାନ୍ତଙ୍କ ମୁଣ୍ଡ ଫାଟି ଯାଇଛି।

## ପ୍ରଶାସନର ଲୋକଦେଖାଣିଆ ଚଢ଼ାଉ

# ରୋଗର ବାହକ ସାଜିଛି ଭେଜାଲ, ଅପମିଶ୍ରିତ ଖାଦ୍ୟ

- ତେଲଭାଜି ଦୋକାନୀ ନିକଟରେ ପ୍ରମାଣ ପତ୍ର ନାହିଁ
- ଫାଷ୍ଟଫୁଡ୍ ପାଇଁ ୩୩.୮ ପ୍ରତିଶତ ଲୋକେ ମେଦବହୁଳତାର ଶିକାର
- ଖାଦ୍ୟକୁ ଆକର୍ଷିତ କରିବା ଲାଗି ବ୍ୟବହାର ହେଉଛି ବିଷାକ୍ତ ରଙ୍ଗ

କେନ୍ଦ୍ରାପଡା ଅଫିସ, ୧୯।୮

କେନ୍ଦ୍ରାପଡା ଜିଲାରେ ଅପମିଶ୍ରିତ ଚଟପଟି ଖାଦ୍ୟ ସମ୍ଭାର ଦିନକୁଦିନ ବଢ଼ିଚାଲିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏନେଇ ଯତ୍ନବାନ ନ ଥିବାରୁ ବାସୀ ଖାଦ୍ୟ ବିକ୍ରି, ଖାଦ୍ୟ ସାମଗ୍ରୀରେ ରାସାୟନିକ ଦ୍ରବ୍ୟ ଏବେ ଗ୍ରାହକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି । ପ୍ରତିବର୍ଷ ଖାଦ୍ୟ ପଦାର୍ଥ ବିକ୍ରି କରୁଥିବା ବ୍ୟବସାୟିକ ଅନୁଷ୍ଠାନକୁ ଯାଞ୍ଚ କରି ପ୍ରମାଣପତ୍ର ଦେବା ବ୍ୟବସ୍ଥା ଥିବା ବେଳେ ଜିଲାରେ ଏନେଇ ସଚେତନତା କରାଯାଉନାହିଁ । ସେହିପରି ରାସ୍ତାପାର୍ଶ୍ୱରେ ଠେଲାଗାଡିରେ ଖାଦ୍ୟ ବିକ୍ରି ହେଉଥିଲେ ମଧ୍ୟ ପ୍ରଶାସନିକ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଜିଲା ପ୍ରଶାସନର ଲୋକ ଦେଖାଣିଆ ଚଢ଼ାଉକୁ ବ୍ୟବସାୟୀମାନେ ଭୟ ନ କରି ବେଧଡକ ଭାବେ ଅସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରାହକଙ୍କୁ ପରିବେଷଣ କରୁଛନ୍ତି ।

ଏସମ୍ପର୍କରେ ଡାକ୍ତର ବିରଞ୍ଚିନ ସ୍ୱାଇଁ କୁହନ୍ତି ଯେ, ଚଟପଟି ଖାଦ୍ୟ ପାଇଁ ଲୋକଙ୍କ ମଧ୍ୟରେ ଅଧିକ ଆଗ୍ରହ ପରିଲକ୍ଷିତ ହେଉଛି। ଏଥିଯୋଗୁ ମଧୁମେହ, ହୃଦରୋଗ, ମେଦ ବହୁଳତା, ଯକୃତପ୍ରବାହ, ମାନସିକ ଅବସାଦ, ମସ୍ତିଷ୍କରେ ଅସ୍ୱାଭାବିକତା, ଉଚ୍ଚ ରକ୍ତଚାପ, ବୃକକଜନିତ ସମସ୍ୟା ଆଦି ବହୁଳ ଭାବରେ ଦେଖାଯାଉଛି । ତାଙ୍କ କହିବାନୁସାରେ, ଫାଷ୍ଟଫୁଡରେ ମାତ୍ରାଧିକ ତେଲ ମସଲାର ବ୍ୟବହାର ହୋଇଥାଏ । ଏଥିରେ ପୁଷ୍ଟିସାର ଅପେକ୍ଷା ରୋଗ ପାଇଁ ସକଳ ଉପାଦାନ ମହଜୁଦ ରହିଥାଏ । ମାତ୍ରାଧିକ ତେଲ କୋଲେଷ୍ଟାରଲ ବଢ଼ାଇ ହୃଦରୋଗର କାରଣ ହୋଇଥାଏ। ଏହି ଖାଦ୍ୟ ଯୋଗୁ ଶରୀରରେ ଇନସୁଲିନସ୍ତର ବଢ଼ିବା ଯୋଗୁ ମଧୁମେହ ରୋଗ ହେବାର ଆଶଙ୍କା ରହିଥାଏ। ଏସମ୍ପର୍କରେ ଏଡିଏମଓ ଡାକ୍ତର ମିର୍ଜା ବାବର ବେଗ କୁହନ୍ତି, ବିଶ୍ୱରେ ଯେତିକି ମେଦ ବହୁଳତା ରୋଗୀ ଅଛନ୍ତି, ସେମାନଙ୍କ ମଧ୍ୟରୁ ୩୩.୮ ପ୍ରତିଶତ ଫାଷ୍ଟଫୁଡ ଜନିତ। ୧୯୯୯ରେ ୧୮ ବର୍ଷରୁ କମ ବୟସ୍କ ପିଲାଙ୍କ ମଧ୍ୟରୁ ୫ ପ୍ରତିଶତ ମେଦ ବହୁଳତାର ଆକ୍ରାନ୍ତ ହେଉଥିଲା ବେଳେ ଫାଷ୍ଟଫୁଡ ହେତୁ ୨୦୦୭ରେ ୧୭ ପ୍ରତିଶତ ଓ ୨୦୧୨ରେ ୨୧ ପ୍ରତିଶତରେ ପହଞ୍ଚିଥିଲା । ୨୦୨୫ ବେଳକୁ ୬ରୁ ୧୮ ବର୍ଷର ପିଲା ଏହି କାରଣରୁ ମେଦ ବହୁଳତାର ଶିକାର ହେବେ ବୋଲି ବିଶେଷଜ୍ଞମାନେ ଆଶଙ୍କାବ୍ୟକ୍ତ କରିଛନ୍ତି।

ସାମାଜିକ କର୍ମୀ ସୁଖଦାନନ୍ଦ ତ୍ରିପାଠୀଙ୍କ କହିବାନୁସାରେ,ଫାଷ୍ଟଫୁଡ଼ ଓ ଅପମିଶ୍ରିତ ଖାଦ୍ୟ ରୋଗର କାରଣ ସାଜିଛି । ରାସ୍ତାକଡ଼ରେ ଠେଲା ଗାଡିରେ ପ୍ରତ୍ୟହ ସନ୍ଧ୍ୟାରେ ବିକ୍ରି ହେଉଥିବା ଫାଷ୍ଟଫୁଡ ବ୍ୟବସାୟୀ ଗରାଖଙ୍କ ଆକର୍ଷଣ ପାଇଁ ଖାଦ୍ୟରେ ବିଷାକ୍ତ ରଙ୍ଗ ବ୍ୟବହାର କରୁଛନ୍ତି । ଫଳ ଓ ପନିପରିବା ବ୍ୟବସାୟୀ ବିଷାକ୍ତ ରାସାୟନିକ ଦ୍ରବ୍ୟର ବ୍ୟବହାର କରୁଛନ୍ତି । ପନିପରିବା ଓ ଫଳ ସତେଜ ରହିବା ସହ ପଚାଇବା ପାଇଁ କ୍ୟାନସର ରୋଗ ସୃଷ୍ଟିକାରୀ ଏସିଟିଲିନକୁ ବ୍ୟବହାର କରାଯାଉଛି । କେନ୍ଦ୍ରାପଡା ଜିଲାରେ ବାସି ଖାଦ୍ୟର ବହୁଳ ବ୍ୟବହାର ହେଉଛି । ହୋଟେଲରେ ରହିଯାଇଥିବା ବଳକା ଖାଦ୍ୟରେ କେମିକାଲ ଅବା ଚୂନ ଦେଇ ଗ୍ରାହକଙ୍କୁ ଠକାଯାଉଛି ।

ମୁଖତଃ ମାଛମାଂସ, ଛତୁ ଓ ପନିର ଆଦି ବଳକା ଖାଦ୍ୟରେ କେମିକାଲ ମିଶାଉଥିବା ସେ ଅଭିଯୋଗ କରିଛନ୍ତି ।

ସେହିପରି ସାମାଜିକ କର୍ମୀ ବିଜୟ କୁମାର ମଣ୍ଡଳ କୁହନ୍ତି, ବହୁ ତେଲଭାଜି ଦୋକାନରେ ଖାଦ୍ୟ ପରିବେଷଣ ପାଇଁ ପ୍ରମାଣପତ୍ର ନାହିଁ । ଏହାସତ୍ତ୍ୱେ ସେମାନେ ବ୍ୟବସାୟ ଚଳାଇଛନ୍ତି । ମାତ୍ର ଏସବୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉନାହିଁ।

ଏସମ୍ପର୍କରେ ଜିଲା ଖାଦ୍ୟ ନିରୀକ୍ଷିକା ସମିତା ଦାସ କୁହନ୍ତି, ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଖାଦ୍ୟର ମାନ ଓ ଏଥିରେ ବ୍ୟବହୃତ ସାମଗ୍ରୀଗୁଡିକର ଯାଞ୍ଚ କରାଯାଇ ଜିଲାରେ ଅନେକ ସ୍ଥାନରେ ଚଢ଼ାଉ କରାଯାଉଛି । ଗତ ୨୦୧୮ରେ ଏନେଇ ୫୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଥିଲା। ଚଳିତ ଆର୍ଥିକ ବର୍ଷରେ ଏହି ଧାରା ଜାରି ରହିଛି । ଏହି ଅପମିଶ୍ରିତ ଓ ଭେଜାଲ ଖାଦ୍ୟକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସାଧାରଣରେ ଦାବି ହୋଇଛି।

## ଅଧ୍ୟକ୍ଷଙ୍କ ବଦଳି ଦାବିରେ

# ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ



ଅନଶନରତ ଛାତ୍ରୀଛାତ୍ରମାନେ।

ରାଜକନିକା,୧୯।୮(ଡି.ଏନ୍.ଏ.)

ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କ ଡ୍ରେସ କୋଡ ବିବାଦକୁ ନେଇ ରାଜକନିକା ବ୍ଲକ ଅନ୍ତର୍ଗତ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟରେ ଗତ ୧୦ ତାରିଖରୁ ସାଇନ-ଏ- ଡାଏ ଘୋଷଣା ହୋଇଛି। ଏନେଇ ଛାତ୍ର ଅଶାନ୍ତି ଲାଗି ରହିଛି । ମହାବିଦ୍ୟାଳୟର ଏପରି ପରିସ୍ଥିତି ପାଇଁ ଅଧ୍ୟକ୍ଷଙ୍କୁ ଦାୟୀ କରି ତାଙ୍କ ବଦଳି ଦାବିରେ ସୋମବାରଠାରୁ ଛାତ୍ରୀଛାତ୍ରମାନେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଏଥିରେ ମହାବିଦ୍ୟାଳୟର ଛାତ୍ର ଅନିଲ କୁମାର ମଲ୍ଲିକ, ବିକ୍ରମ କେଶରୀ ରାଉତ, ସତ୍ୟପ୍ରକାଶ ନାୟକ, ଛାତ୍ରୀ ଲିତାଲି ମୋହିନୀ ରଥ, ସସ୍ମିତା ଗୋଚ୍ଛାୟତ ଏବଂ ଜ୍ୟୋସ୍ନାରାଣୀ ସାମଲ ପ୍ରମୁଖ ସାମିଲ ହୋଇଛନ୍ତି। ଏସମ୍ପର୍କରେ ଛାତ୍ରୀଛାତ୍ର ମୁଖ୍ୟମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ ଏବଂ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି। ଏହି ଘଟଣାର ଏକ ସପ୍ତାହ ବିତିଯାଇଥିଲେ ମଧ ଅଦ୍ୟାବଧି ସମାଧାନ ହୋଇ ପାରିନାହିଁ। ସୂଚନାଯୋଗ୍ୟ, ଛାତ୍ରୀଛାତ୍ରଙ୍କ ପାଇଁ ଡ୍ରେସକୋଡ଼ ସହ ବ୍ଲେଜର ପିନ୍ଧିବା ପାଇଁ କଲେଜ କର୍ତ୍ତୃପକ୍ଷ ବାଧ କରିଥିଲେ। ଏହାକୁ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ର ବିରୋଧ କରିଥିଲେ। ଏନେଇ କଲେଜ କର୍ତ୍ତୃପକ୍ଷ କେତେଜଣ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀଗୃହରୁ ବାହାର କରିଦେବାରୁ କଲେଜରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଛାତ୍ରୀଛାତ୍ର କଲେଜ ଗେଟ୍‌ରେ ତାଲା ପକାଇଦେଇଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି କଲେଜ କର୍ତ୍ତୃପକ୍ଷ କଲେଜରେ ସାଇନ -ଏ-ଡାଏ ଘୋଷଣା କରିଥିଲେ।

## ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା

# ସାବତ ପୁଅ, ବୋହୂ ଅଟକ

ଡେରାବିଶ, ୧୯।୮ (ସ୍ୱ.ପ୍ର.)

ଲୁଣାନଦୀରୁ ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଛକନା ଗ୍ରାମର ସସ୍ମିତା ବିଶ୍ୱାଳଙ୍କ ମୃତଦେହ ଉଦ୍ଧାର ହେବା ଘଟଣାରେ ପୋଲିସ ସୋମବାର ତାଙ୍କ ସାବତ ପୁଅ ଓ ବୋହୂଙ୍କୁ ଅଟକ ରଖି ପଚରା ଉଚୁରା କରୁଛି। କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଓ ସଦର ଥାନା ଅଧିକାରୀ ମହେଶ୍ୱର ସେଠୀଙ୍କ ନେତୃତ୍ୱରେ ଏକ ସାଇଣ୍ଟିଫିକ୍ ଟିମ୍ ଛକନା ଗ୍ରାମକୁ ଯାଇ ସସ୍ମିତାଙ୍କ ଘରେ ତଦନ୍ତ କରି ଫେରିଛନ୍ତି।

ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ସସ୍ମିତା ନିଖୋଜ ହୋଇଯାଇଥିଲେ। ଏ ନେଇ ତାଙ୍କ ବାପା ଅଲେଖ ବିଶ୍ୱାଳ ଥାନାରେ ଅଭିଯୋଗ କରିଥିଲେ। ତେବେ ସମ୍ପତ୍ତି ଓ ବୀମା ଟଙ୍କା ଲୋଭରେ ସସ୍ମିତାଙ୍କ ସାବତ ପୁଅ, ବୋହୂ ତାଙ୍କୁ ହତ୍ୟା କରିଥିବା ସେ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ତେବେ ଶନିବାର ମାର୍ଶାଘାଇ ବ୍ଲକ ଅଧୀନ ଲୁଣାନଦୀର ବିଲବଳରାମପୁର ନିକଟସ୍ଥ ଏକ ଭେଣ୍ଡି କିଆରିରୁ ସସ୍ମିତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସସ୍ମିତାଙ୍କ ଝିଅ ଅନିତାଙ୍କ ଅଭିଯୋଗ ଆଧାରରେ ପୋଲିସ ୨୩୧/୧୯ ନଂ.ରେ ଏକ ମାଲା ରୁଜୁ କରିବା ସହ ସାବତ ପୁଅ, ବୋହୂଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# ସ୍ୱାଭିମାନ ଯୋଜନା ଆରମ୍ଭ


ଜଣେ ଦିବ୍ୟାଙ୍ଗଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ମହାକାଳପଡା,୧୯।୮(ଡି.ଏନ୍.ଏ.)

ଭିନ୍ନକ୍ଷମଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ଓ ସେମାନଙ୍କୁ ଗୋଟିଏ ସ୍ଥାନରେ ସରକାରୀ ଯୋଜନାଗୁଡିକ ପହଞ୍ଚାଇବା ଦେବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବ୍ଲକରେ ସ୍ୱାଭିମାନ ଯୋଜନା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ସ୍ୱାଭିମାନ ଯୋଜନା ପାଇଁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଜିଲାପାଳ ସମର୍ଥ ବର୍ମା ଏଥିରେ ଯୋଗଦେଇ ଭିନ୍ନକ୍ଷମ ହିତାଧିକାରୀଙ୍କୁ ସହାୟତା ଯୋଗାଇ ଦେଇଛନ୍ତି। ଏହି ଅବସରରେ ୨ ଜଣଙ୍କୁ ତିନି ଚକିଆ ସାଇକେଲ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଜଣଙ୍କୁ ଆର୍ଥିକ ସହାୟତା,୧୦ ଜଣଙ୍କୁ ୩ ଚକିଆ ହୁଇଲ୍ ଚେୟାର ଓ ୧୬୯ ଜଣଙ୍କୁ ବିଧବା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ୫ ଜଣ ହିତାଧିକାରୀଙ୍କୁ ବାଣିଶ୍ରୀ ମେଧାବୃତ୍ତି ନିମନ୍ତେ ଚେକ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡା. ଉର୍ମିଳା ମିଶ୍ର, ପ୍ରଭାସ ଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ସେଠୀ, ବ୍ଲକ ଅଧ୍ୟକ୍ଷା ସସ୍ମିତା ବରାଳ ଓ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ବିରୋଧୀ ଆନ୍ଦୋଳନକାରୀ ମହିଳାଙ୍କ ନାମରେ ମାମଲା ରୁଜୁ

# ପ୍ରଶାସନର ମିଛ ପ୍ରତିଶ୍ରୁତି : ବନ୍ଦ ବଦଳରେ ଖୋଲିଲା ମଦ ଦୋକାନ

କେନ୍ଦ୍ରାପଡା ଅଫିସ, ୧୯।୮


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମଦବିରୋଧରେ ମହିଳାଙ୍କ ବିକ୍ଷୋଭ।

ମଦ ବିରୋଧରେ ଆନ୍ଦୋଳନ କରି ରାଜକନିକା ବ୍ଲକ ନମତରାରେ ଗୁଳିକାଣ୍ଡ ହୋଇଥିଲା । ଏବେ ରାଜନଗର ବ୍ଲକ ଅନ୍ତର୍ଗତ ଭିତରଗଡ ପଞ୍ଚାୟତର ମହିଳାମାନେ ମଦ ଦୋକାନ ବିରୋଧରେ ୩ ଦିନ ଆନ୍ଦୋଳନ କରିବାରୁ ପ୍ରଶାସନ ପକ୍ଷରୁ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଅପରପକ୍ଷେ ମଦ ଦୋକାନ ବନ୍ଦ କରିବାକୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପ୍ରଶାସନ ଭୁଲିଯାଇଛି। ପୁନର୍ବାର ସେଠାରେ ମଦ ଦୋକାନ ଖୋଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିରେ ଉତ୍‌କ୍ଷିପ୍ତ ହୋଇ ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ମହିଳା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣବିକ୍ଷୋଭ କରି ଦାବିପତ୍ର ପ୍ରଦାନ କରିଥିଲେ।

ଏସମ୍ପର୍କରେ ଓଡିଶା ନିଶା ନିବାରଣ ଅଭିଯାନର କେନ୍ଦ୍ରାପଡା ଜିଲା ଆବାହକ ପାର୍ବତୀ ନାୟକ କହିଛନ୍ତି, ଭିତରଗଡ ପଞ୍ଚାୟତରେ ବିଦେଶୀ ମଦ ଦୋକାନ ଖୋଲିବା ପରେ ସ୍ଥାନୀୟ ଅଞ୍ଚଳରେ ବହୁ ବିଶୃଙ୍ଖଳା ଦେଖାଦେଇଥିଲା । ଏହାକୁ ବିରୋଧ କରି ମହିଳାମାନେ ୭ରୁ ୧୦ ପର୍ଯ୍ୟନ୍ତ ରାଜନଗର ରାସ୍ତା ବନ୍ଦ କରି ଆନ୍ଦୋଳନ କରିଥିଲେ । ଖବରପାଇ ଜିଲାପାଳ ସମର୍ଥ ବର୍ମା ଘଟଣାସ୍ଥଳରେ ପହଞ୍ଚି ମଦଦୋକାନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଆନ୍ଦୋଳନ ସମୟରେ ରାସ୍ତା ଅବରୋଧ କରାଯାଇଥିବା ଦର୍ଶାଇ ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀ ମହିଳାଙ୍କ ବିରୋଧରେ ଥାନାରେ ମାମଲା ରୁଜୁକରାଯାଇଛି। ଏବେ ଗତ ୨ ଦିନ ହେବ ପୁନର୍ବାର ଉକ୍ତ ସ୍ଥାନରେ ମଦ ଦୋକାନ ଖୋଲାଯାଇଛି। ଏନେଇ ଗଣ ବିକ୍ଷୋଭ କରାଯାଇଛି ବୋଲି ପାର୍ବତୀ କହିଛନ୍ତି। ଏଡିଏମ୍ ବସନ୍ତ ରାଉତଙ୍କୁ ଦାବିପତ୍ର ପ୍ରଦାନ ସମୟରେ ବାସନ୍ତୀ ସେଠୀ, ଝିଲ୍ଲି ସେଠୀ, ଜାନକୀ ମାଟି, କୁନ୍ତଳା ମାଟି, ପୁଷ୍ପଲତା ସେଠୀ ଦମୟନ୍ତୀ ସେଠୀ ଓ ରୀନାଲତା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ତୁରନ୍ତ ମଦ ଦୋକାନ ବନ୍ଦ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

### ବଳଦେବ ସାଂସ୍କୃତିକ ପରିଷଦର ସାଧାରଣ ବୈଠକ

ଡେରାବିଶ, ୧୯।୮ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ବାଲିଆସ୍ଥିତ ବଳଦେବ ସାଂସ୍କୃତିକ ପରିଷଦର ବୈଠକ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ନିଗମାନନ୍ଦ ମହାନ୍ତି ବିବରଣୀ ପାଠ କରିଥିଲେ।ମୃତ୍ୟୁଞ୍ଜୟ ମହାନ୍ତି, ଉପସଭାପତି ସୁନାମଣୀ ସାହୁ, ଦେବକୀନନ୍ଦନ ମିଶ୍ର, ପ୍ରମୋଦ ସାହୁ, ଉପେନ୍ଦ୍ର ପାଳ, ରାଜନାରାୟଣ ମହାନ୍ତି, ଶରତ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶ୍ରୀ ବଳଦେବଙ୍କ ଜନ୍ମ ଓ ତୁଳସୀ କ୍ଷେତ୍ର ପ୍ରତିଷ୍ଠା ଉପରେ ବକ୍ତବ୍ୟ ରଖିଥିଲେ ।

# ଜମି ବିବାଦରୁ ସଂଘର୍ଷ, ୭ ଗୁରୁତର

ରାଜନଗର, ୧୯।୮ (ଡି.ଏନ୍.ଏ.)

ରାଜନଗର ଥାନା ଈଶ୍ୱରପୁର ପଞ୍ଚାୟତ ମଧୁପୁର ଗାଁରେ ଜମି ବିବାଦକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ସଂଘର୍ଷ ଘଟିଛି। ଏହି ଘଟଣାରେ ୭ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଧରଣୀଧର ପରିଡା (୪୬), ରାଜେନ୍ଦ୍ର ପରିଡା (୩୭), ନିମାଇଁ ପରିଡା (୩୫), ରାଜଶ୍ରୀ ପରିଡା (୩୮), ଭାରତୀ ବାରିକ (୪୦), ବିଦ୍ୟାଧର ବାରିକ (୪୨) ଓ ଅଲେଖ ରାଉଳ (୪୮)। ସେମାନଙ୍କୁ ପ୍ରଥମେ ଈଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଗୋଟିଏ ଗୋଷ୍ଠୀ ପକ୍ଷରୁ ଧରିତ୍ରୀ ପରିଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଜଣଙ୍କୁ ଅଟକ ରଖି ପଚରା ଉଚୁରା କରୁଛି।

ଧରିତ୍ରୀଙ୍କ ଅଭିଯୋଗ ମୁତାବକ, ପୂର୍ବାହ୍ନ ସାଢ଼େ ୯ଟା ବେଳେ ତାଙ୍କ ପରିବାର ସଦସ୍ୟଙ୍କ ସମେତ ଅନ୍ୟ କେତେଜଣ ବିଲରେ ଚାଷ କାର୍ଯ୍ୟ କରୁଥିଲେ। ଏହି ସମୟରେ ସ୍ଥାନୀୟ ନୂଆଖଣ୍ଡା ଗ୍ରାମର ହୃଷୀକେଶ ବେହେରା ଓ ତାଙ୍କ ୩ ଭାଇ ସେଠାରେ ପହଞ୍ଚି ସେମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ପାଟି ଶୁଣି ଧରିତ୍ରୀ ଓ ତାଙ୍କ ନଣନ୍ଦ, ଯାଆ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ହୃଷୀକେଶ ଓ ତାଙ୍କ ଭାଇମାନେ ସେମାନଙ୍କ ଉପରକୁ ଲଙ୍କାଗୁଣ୍ଡ ପକାଇବା ସହ ଆକ୍ରମଣ କରିଥିଲେ ବୋଲି ଧରିତ୍ରୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ କ୍ରମେ ପରେ ଆଇଆଇସି ତପନ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚିବା ସହ ହୃଷିକେଶଙ୍କୁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଆଇଆଇସି ନାୟକଙ୍କୁ ପଚାରିବାରେ ଦୁଇ ପରିବାର ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ର କରି ବିବାଦ ରହିଛି ବୋଲି କହିଛନ୍ତି। ଏ ନେଇ ରାଜନଗର ଥାନାରେ ୧୫୫/୧୯ ନଂ.ରେ ଏକ ମାଲମା ରୁଜୁ ହୋଇଛି।

## ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ

# ମୁଖ୍ୟ ଅଭିଯୁକ୍ତଙ୍କୁ ଥାନାରେ ଜିମାଦେଲେ

କେନ୍ଦ୍ରାପଡା ଅଫିସ, ୧୯।୮

ଚାକିରି କରାଇଦେବାକୁ କହି ଜନୈକ ଯୁବତୀ ଓ ତାଙ୍କ ବାପା କେନ୍ଦ୍ରାପଡା ଜିଲାର ବହୁ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ କରିଛନ୍ତି । ଏପରି ଅଭିଯୋଗ ଆଣି କରିଲୋପାଟଣା ଗ୍ରାମର ଦେବୀ ପ୍ରସନ୍ନ ବେହେରା, ଜ୍ୟୋତିରଞ୍ଜନ ବେହେରା ଓ ସଂଯୁକ୍ତା ସିଂହ ଟାଉନ ଥାନାରେ ସୋମବାର ଅଭିଯୋଗ କରିଛନ୍ତି । ଏଥିସହ ସମ୍ପୃକ୍ତ ଯୁବତୀଙ୍କ ବାପାଙ୍କୁ କୋର୍ଟ ପରିସରରୁ ଧରି ଥାନା ଜିମା ଦେଇଛନ୍ତି । ଏ ସମ୍ପର୍କରେ ଅଭିଯୋଗକାରୀ ଜ୍ୟୋତିରଞ୍ଜନ କହିଛନ୍ତି ଯେ, ଅଭିଯୁକ୍ତ ଜଣେ ଆଇନଜୀବୀ ହୋଇଥିବା ବେଳେ ସେ ଓ ତାଙ୍କ ଝିଅ ଇନ୍‌କମ ଟ୍ୟାକ୍ସ ଅଫିସରେ ଚାକିରୀ କରାଇ ଦେବାକୁ କହି ଯୁବତୀ ଯୁବକଙ୍କଠାରୁ ଟଙ୍କା ଠକୁଥିଲେ। ଅଭିଯୁକ୍ତ ଜଣକ ଝିଅ ମାଧ୍ୟମରେ ଚାକିରି କରାଇଦେବାକୁ କହି କରିଲୋପାଟଣାର ବିନୋଦ ବିହାରୀ ସାହୁଙ୍କଠାରୁ ୨ ଲକ୍ଷ ଟଙ୍କା ନେଇଥିଲେ। ଚାକିରି ନ ହେବାରୁ ବିନୋଦ ଟଙ୍କା ଫେରାଇ ଦେବାକୁ କହିଥିଲେ। ବାରମ୍ବାର ଏନେଇ ତାଗିଦ କରିବା ପରେ ଅଭିଯୁକ୍ତ ତାଙ୍କୁ ଏକ ଚେକ୍ ଦେଇଥିଲେ। ମାତ୍ର ଏହି ଚେକ୍ ବାଉନ୍ସ ହେବା ପରେ କେନ୍ଦ୍ରାପଡା କୋର୍ଟରେ ମାମଲା ରୁଜୁ ହୋଇଛି।

ଏହି ମାମଲା ଶୁଣାଣି ପାଇଁ ଅଭିଯୁକ୍ତ କୋର୍ଟକୁ ଆସିଥିବା ବେଳେ ଠକେଇର ଶିକାର ହୋଇଥିବା ଯୁବତୀ ଯୁବକ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରି ଥାନାରେ ଜିମା ଦେଇଛନ୍ତି। ଜିଲାର ବହୁ ଚାକିରି ଆଶାୟୀ ଯୁବତୀ ଯୁବକଙ୍କଠାରୁ ଅଭିଯୁକ୍ତ ୫୦ ହଜାରରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନେଇଛନ୍ତି ବୋଲି ଜ୍ୟୋତିରଞ୍ଜନ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏସମ୍ପର୍କରେ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ କହିଛନ୍ତି ଯେ, ଏହି ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି ।

## ସ୍କୁଲ ଚାଲିଥିବା ବେଳେ ବଜାରରେ ଦୁର୍ଘଟଣାର ଶିକାର ହେଲେ ଛାତ୍ରୀ

# ୩ ଦିନ ପରେ ବି ତଦନ୍ତ ହେଲାନି

ମାର୍ଶାଘାଇ, ୧୯।୮ (ଡି.ଏନ୍.ଏ.)

ସ୍କୁଲ ସମୟ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦାୟିତ୍ୱରେ ରହିଥାନ୍ତି। ଫଳରେ ମା'ବାପାମାନେ ନିର୍ଦ୍ୱନ୍ଦ୍ୱରେ ପିଲାମାନଙ୍କୁ ସ୍କୁଲକୁ ଛାଡ଼ିଦେଉଥିବା ବେଳେ କେତେକ ସ୍କୁଲରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦାୟିତ୍ୱହୀନତା ଯୋଗୁ ପିଲାମାନେ ଅସୁବିଧାରେ ପଡୁଥିବା ଦେଖାଯାଉଛି। ଏଭଳି ଏକ ଘଟଣା ନଜରକୁ ଆସିଛି ମାର୍ଶଘାଇ ବ୍ଲକ ମାଣିତିରୀ ସିଦ୍ଧ ମରିଚାଣୀ ବିଦ୍ୟାପୀଠରେ। ୪ ଦିନ ତଳେ ଉକ୍ତ ସ୍କୁଲର ଜନୈକା ଛାତ୍ରୀ ସ୍କୁଲ ଚାଲିଥିବା ବେଳେ ନିକଟସ୍ଥ ବଜାରରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏ ନେଇ ବିଇଓଙ୍କୁ ଅବଗତ କରାଯାଇଥିବା ବେଳେ ଅଦ୍ୟାବଧି ଏହି ଘଟଣାର ତଦନ୍ତ ଆରମ୍ଭ ହୋଇନାହିଁ। ଫଳରେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି।

### ଶିକ୍ଷକଙ୍କ ଦାୟିତ୍ୱହୀନତା


ଚେୟାର ଉପରେ ଶିକ୍ଷକ ଶୋଇଛନ୍ତି।

ପ୍ରକାଶ ଯେ, ଗତ ଶୁକ୍ରବାର ଅପରାହ୍ନ ୩ଟା ବେଳେ ଉକ୍ତ ସ୍କୁଲର ୮ମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞାଲିପ୍ସା ସ୍ୱାଇଁ ସ୍କୁଲ ନିକଟରେ ଥିବା ବଜାରକୁ ସାଇକେଲରେ ଯାଇଥିଲେ। ସ୍କୁଲଠାରୁ ୨୦୦ ମିଟର ଦୂରରେ ତାଙ୍କ ସାଇକେଲକୁ ଏକ ବାଇକ୍ ଧକ୍କା ଦେଇଥିଲା। ଏହାଫଳରେ ତାଙ୍କ ମୁହଁ, ହାତ ଓ ଗୋଡରେ ଆଘାତ ଲାଗିଥିଲା। ସ୍ଥାନୀୟ କେତେଜଣ ଲୋକ ଓ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହଯୋଗରେ ପ୍ରଜ୍ଞାଲିପ୍ସାଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଥିବା ବେଳେ ଏବେ ସେ ସୁସ୍ଥ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ ସେ ଛୁଟିରେ ଥିବା କହିଛନ୍ତି।

ଅନ୍ୟପଟେ ଏ ସମ୍ପର୍କରେ ସ୍କୁଲରେ ଉପସ୍ଥିତ ଥିବା ଶିକ୍ଷକଙ୍କ ମତାମତ ନେବା ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ସ୍କୁଲରେ ପହଞ୍ଚିଥିଲେ। ହେଲେ ସେହି ସମୟରେ ସ୍କୁଲର ଇଂରାଜୀ ଶିକ୍ଷକ ବିଜୟ କୁମାର ମହାପାତ୍ର ଶାର୍ଟ ଓହ୍ଲାଇ ଏକ ଚେୟାର ଉପରେ ଶୋଇଥିବା ଦେଖାଯାଇଥିଲା। ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ଜନୈକା ଶିକ୍ଷୟିତ୍ରୀ ତାଙ୍କୁ ଉଠାଇଥିଲେ। ସ୍କୁଲରେ ଶୋଇବା ସମ୍ପର୍କରେ ଶିକ୍ଷକ ମହାପାତ୍ରଙ୍କୁ ପଚାରିବାରେ, ମୁଣ୍ଡ ବିନ୍ଧା ହେଉଥିବାରୁ ସେ ଶୋଇଥିଲେ ବୋଲି କହିଛନ୍ତି। ସେହିଦିନ ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ (ବିଇଓ) ଶତ୍ରୁଘ୍ନ ବେହେରାଙ୍କୁ ପଚାରିବାରେ ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ହେଲେ ଇତିମଧ୍ୟରେ ଘଟଣାକୁ ୩ ଦିନ ବିତିଛି। କିନ୍ତୁ ଘଟଣାର ତଦନ୍ତ ଲାଗି ବିଇଓ ଉକ୍ତ ସ୍କୁଲରେ ପହଞ୍ଚି ନ ଥିବା ଜଣାପଡ଼ିଛି। ଏ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେବେ ଜିଲାପାଳ ସମର୍ଥ ବର୍ମା ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ରାସ୍ତାକଡ଼ରୁ ମହିଳାଙ୍କ ମୃତଦେହ ଉଦ୍ଧାର

କଳିଙ୍ଗନଗର,୧୯।୮(ଡି.ଏନ୍.ଏ.)- ଦାନଗଦୀ ବ୍ଲକ ଓଲଳ ପଞ୍ଚାୟତ କଣ୍ଟିପୁର ଗ୍ରାମ ରାସ୍ତା କଡରୁ ସୋମବାର ସକାଳୁ ଜଣେ ବିବାହିତା ମହିଳାଙ୍କ ମୃତଦେହକୁ ଦାନଗଦୀ ଫାଣ୍ଡି ପୋଲିସ ଉଦ୍ଧାର କରିଛି। ମୃତ ମହିଳା ଜଣଙ୍କ ହେଲେ କଣ୍ଟିପୁର ଗ୍ରାମର ଯଶୋଦା ଜେନା(୩୫)। ଏ ନେଇ ପୋଲିସ ଏକ ମାମଲା (ନଂ ୨୪୧/ ୨୦୧୯) ରୁଜୁ କରି ମୃତଦେହ ଦାନଗଦୀଠାରେ ବ୍ୟବଚ୍ଛେଦ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଯଶୋଦାଙ୍କୁ ସେହି ଗ୍ରାମର ମାଧବ ଜେନା ବୈଦିକ ରିତିରେ ୧୦ ବର୍ଷ ତଳେ ବିବାହ କରିଥିଲେ। ଗତ କିଛିଦିନ ହେବ ଯଶୋଦା ଓ ଗ୍ରାମର ଅନ୍ୟ ଜଣେ ବିକାଶଙ୍କ ସହ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଗତ ତା୨୪।୭।୧୯ରେ ଯଶୋଦା ବିକାଶଙ୍କ ସହ କେଉଁ ଆଡେ ପଳାଇଯାଇଥିଲେ। ହେଲେ ଗତ ୧୩।୮।୧୯ ରାତିରେ ଯଶୋଦା ଉକ୍ତ ଯୁବକଙ୍କ ସହ ଘରକୁ ଫେରିଥିଲେ। କୌଣସି କାରଣକୁ ନେଇ ଯଶୋଦା ଓ ବିକାଶଙ୍କ ମଧ୍ୟରେ ଦୁଇ ଦିନ ତଳେ ପାଟିତୁଣ୍ଡ ହୋଇଥିଲା। ଯଶୋଦା ରାଗିଯାଇ ରବିବାର ରାତିରେ କନିଅର ଫଳ ବାଟି ପିଇ ଦେଇଥିଲେ। ଫଳରେ ଯଶୋଦାର ମୃତ୍ୟୁ ଘଟିଥିଲା। ସକାଳୁ ଯଶୋଦାର ମୃତଦେହକୁ ବିକାଶର ପରିବାର ଲୋକେ ଘରୁ ବାହାର କରି ଦେଇଥିଲେ। ଘଟଣା ସମ୍ପର୍କରେ ଯଶୋଦାର ବାପା ଶୈଳ ଜେନା ଘଟଣା ସ୍ଥଳରେ ପହଞ୍ଚି ଝିଅ ମରି ପଡିଥିବା ଦେଖିଥିଲେ। ପରେ ଝିଅକୁ ବିକାଶ ନିର୍ଯ୍ୟାତନା ଦେବାରୁ ସେ ଆତ୍ମହତ୍ୟା କରିଥିବା ଥନାରେ ଅଭିଯୋଗ କରିଥିଲେ।

### ବେଆଇନ ଉଚ୍ଛେଦ ପରେ ତହସିଲ ପକ୍ଷରୁ ଜମି ଅଧିଗ୍ରହଣ

ଧର୍ମଶାଳା,୧୯।୮(ଡି.ଏନ୍.ଏ.)- ଧର୍ମଶାଳା ତହସିଲ ପକ୍ଷରୁ ଜାମୁବଣିଆ ମୌଜାରେ ବେଆଇନ ଭାବେ ଦଖଲ କରାଯାଇଥିବା ଜମିକୁ ଉଚ୍ଛେଦ କରାଯାଇଥିଲା । ସୋମବାର ତହସିଲଦାର ସରୋଜ କୁମାର ପଣ୍ଡା ଓ ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ତହସିଲ ପକ୍ଷରୁ ଏକ ଶୀତଳ ଭଣ୍ଡାର ନିର୍ମାଣ ଲାଗି ଜମି ଅଧିଗ୍ରହଣ କରାଯାଇଛି। ଜାମୁବଣିଆ ମୌଜାର ଖାତା ନମ୍ବର ୯୪ରେ ୨ଏକର ୩୧ ଡିସମିଲ ଜମିକୁ ରବିବାର ଜବର ଦଖଲାକାରୀଙ୍କ କବଜାରୁ ଉଚ୍ଛେଦ କରାଯାଇଥିଲା। ଏହି ଜମିରେ ଯଦି କେହି ଅନୁପ୍ରବେଶ କରନ୍ତି ତାହାହେଲେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ପଣ୍ଡା ସୂଚନା ଦେଇଛନ୍ତି।

### ନାବାଳିକା ଉଦ୍ଧାର, ସିଡବ୍ଲ୍ୟୁସିକୁ ହସ୍ତାନ୍ତର

ଧର୍ମଶାଳା,୧୯।୮(ଡି.ଏନ୍.ଏ.)- ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବଜାରରେ ସୋମବାର ଜଣେ ନାବାଳିକା ଏକାକୀ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ତାଙ୍କୁ ଉଦ୍ଧାର କରି ଯାଜପୁର ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଛି। ନାବାଳିକା ଜଣଙ୍କ କେନ୍ଦୁଝର ଅଞ୍ଚଳର ବୋଲି ଜଣାପଡିଛି। ସେ କୁଆଖିଆ ଅଞ୍ଚଳରେ ଜଣଙ୍କ ଘରେ ରହି କାମ କରୁଥିଲେ। ସେଠାରୁ ସୋମବାର ସକାଳୁ ସେ ଜାରକା ଅଞ୍ଚଳକୁ ପଳାଇଆସି ଥିବା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

## ବ୍ୟାସନଗର ପୌର ପରିଷଦ

# ଅଟକି ରହିଛି ଉନ୍ନୟନମୂଳକ କାର୍ଯ୍ୟ

- ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ ଗଠନକୁ ୩ ବର୍ଷ ବିତିଛି
- ପୌର ପରିଷଦକୁ ମିଳୁନି ଡିଏମ୍ଏଫ୍ ଅର୍ଥ

ଯାଜପୁର ରୋଡ,୧୯।୮(ନି.ପ୍ର.)

ବ୍ୟାସନଗର ପୌରପରିଷଦକୁ ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ (ଡିଏମ୍ଏଫ) ଯୋଜନାରେ ୨୦୧୬ରେ ଅନ୍ତର୍ଭୁକ୍ତ କରାଯାଇଛି। କିନ୍ତୁ ତିନି ବର୍ଷ ହେବ ଡିଏମ୍ଏଫ୍ ପାଣ୍ଠି ଯୋଜନାରେ ଅର୍ଥ ପୌର ପରିଷଦକୁ ମିଳୁ ନାହିଁ। ଫଳରେ ସହରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅଟକି ରହିଛି। ଏ ନେଇ ବିଭିନ୍ନ ଅନୁଷ୍ଠାନ ଏବଂ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ସମେତ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।

ପ୍ରକାଶ ଯେ, ଆଡିସିନାଲ୍ ସେକ୍ରେଟାରୀ ସୁନ୍ଦରଲାଲ୍ ସିଲ୍ଙ୍କ ପତ୍ର ନଂ.୫୮୬୦ ତା.୧୪।୭।୧୬ରେ ଯାଜପୁର ଜିଲାପାଳ ଓ ବ୍ୟାସନଗର ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ଡଏମ୍ଏଫ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇଛି। ବ୍ୟାସନଗର ସହର କଳିଙ୍ଗନଗରର ଶିଳ୍ପାଞ୍ଚଳର ମୁଖଶାଳା। ସୁକିନ୍ଦା ଓ କେନ୍ଦୁଝର ଜିଲାର ବିଭିନ୍ନ ଖଣି ଖାଦାନରୁ ଖଣିଜଦ୍ରବ୍ୟ, ବୋଝେଇ ଭାରିଯାନ ଏହି ସହର ମଧ୍ୟ ଦେଇ ଯାତାୟାତ କରୁଥିବାରୁ ପ୍ରଦୂଷଣ ବଢୁଛି। ଖଣି ଅଞ୍ଚଳ ମାଲିକ ଓ କଳିଙ୍ଗନଗର ଶିଳ୍ପପତିମାନେ ସହରର ଉପରେ ନିର୍ଭର କରୁଥିଲେ ମଧ୍ୟ ସହରର ବିକାଶ ପାଇଁ ଅନୁଦାନ ଦେଉ ନ ଥିବାରୁ ସହରର ବିକାଶ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ ଦାୟୀତ୍ୱରେ ଥିବା ସମୟରେ ପୌରପରିଷଦ କାଉନସିଲ ବୈଠକରେ କଳିଙ୍ଗନଗର ଶିଳ୍ପପତିଙ୍କୁ ସହରର ବିକାଶ ଦିଗରେ ଅନୁଦାନ ଦେବା ପାଇଁ ଅନୁରୋଧ କରାଯାଇଥିଲା। ଏହି ଯୋଜନା କଳିଙ୍ଗନଗର, ସୁକିନ୍ଦା ଖଣି ଉପତ୍ୟକା ଓ ଦାନଗଦୀରେ ଓ ଯାଜପୁର ସହରରେ ବିନିଯୋଗ କରାଯାଇଥିଲେ ମଧ୍ୟ ଜିଲା ଖଣିଜ ପାଣ୍ଠି କାର୍ଯ୍ୟକାରୀ କରାଯାଉ ନ ଥିବାରୁ ବ୍ୟାସନଗର ପୌର ପରିଷଦରେ ଉକ୍ତ ଯୋଜନା କାଗଜକଲମରେ ସିମିତ ରହିଥିବା ରାଉତ କହିଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳ ଯାଜପୁର ଧୂଳିଧୂଆଁରେ ଗଛଲତା, ଘରକାନ୍ଥରେ କଳାରଙ୍ଗର ଅସ୍ତର ପଡୁଛି। ବିଶେଷ କରି କନ୍ହେଇପୁର, ଧବଳଗିରି ଅଞ୍ଚଳରେ ସମସ୍ୟା ଦେଖିବାକୁ ମିଳୁଛି। ଅପରପକ୍ଷେ ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁଗୁଡ଼ିକୁ ସହର ନିକଟସ୍ଥ ରଗଡ଼ି ପ୍ରଭୃତି ସ୍ଥାନରେ ଡ଼ମ୍ପିଂ କରାଯାଉଛି। ଏଥିପ୍ରତି ପ୍ରଦୂଷଣ ବିଭାଗ ଦୃଷ୍ଟି ଦେଉନାହିଁ। ଯାଜପୁର ରୋଡ ଅଞ୍ଚଳ ଦେଇ ଯାଇଥିବା ଗଣ୍ଡାନାଳରେ ବର୍ଜ୍ୟ ବସ୍ତୁଗୁଡ଼ିକ ଛାଡ଼ିଦେଉଥିବାରୁ ଗଣ୍ଡାନାଳ ପ୍ରଦୂଷିତ ହେଉଛି। ବ୍ୟାସ ସରୋବର, ଯୋଡାବର, କୁଶୁନ୍ନପୁର, ମୁଣ୍ଡମାଳ ପ୍ରଭୃତି ଅଞ୍ଚଳ ଚାଷ ଜମି ନଷ୍ଟ ହେଉଛି। ଏ ଦିଗରେ ସମାଧାନ କରା ନ ଗଲେ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି କଳିଙ୍ଗନଗର ଶିଳ୍ପାଅଞ୍ଚଳକୁ ଅର୍ଥନୈତିକ ଅବରୋଧ କରିବେ ବୋଲି ଚିଠି ମାଧ୍ୟମରେ ଜିଲା ପ୍ରଶାସନକୁ ଜଣାଇଛନ୍ତି। ସେହପିର ସିପିଆଇଏମ ନେତା ପ୍ରଫୁଲ୍ଲ ନାୟକ ରାଜରାସ୍ତା ଅବରୋଧ କରାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ କଳିଙ୍ଗନଗର ଅତିରିକ୍ତ ଜିଲପାଳ ତଥା ପୌରପରିଷଦର ପ୍ରଶାସକ ସନ୍ତୋଶ ମିଶ୍ରଙ୍କୁ ପଚାରିବାରୁ, ବ୍ୟାସନଗର ସହରର ବିକାଶ ପାଇଁ ଡିଏମ୍ଏଫ ପାଣ୍ଠି ବିନିଯୋଗ କରାଯିବା ପାଇଁ ଏକ ଯୋଜନା କରାଯାଉଛି। ଏହି ଯୋଜନାରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ କରାଯିବା ପାଇଁ ରେଲ୍‌ୱେ କର୍ତ୍ତୃପକ୍ଷଙ୍କୁ ଅନୁମତି ମଗାଯାଇଛି ବୋଲି କହିଛନ୍ତି।

### ପାରିବାରିକ ଗଣ୍ଡଗୋଳ, ୨ ମହିଳା କୋର୍ଟ ଚାଲାଣ

ଧର୍ମଶାଳା,୧୯।୮(ଡି.ଏନ୍.ଏ.)

ଧର୍ମଶାଳା ଥାନା ଅନ୍ତର୍ଗତ ବିରିବାଟି ଦଳିତ ସାହିରେ ରବିବାର ସନ୍ଧ୍ୟାରେ ପାରିବାରିକ କଳହକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଛି। ଏଥିରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ଏହି ଘଟଣାକୁ ନେଇ ପୋଲିସ ୨ଜଣ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ରେଖା ମଳିକ ଓ ରୀନା ମଳିକ। ରବିବାର ରାତିରେ ରେଖା ଓ ରୀନାଙ୍କ ପରିବାର ସହିତ ରଶ୍ମୀତା ମଳିକଙ୍କ ପରିବାର ମଧ୍ୟରେ ପାରିବାରିକ କଳହକୁ ନେଇ ବଚସା ହୋଇଥିଲା। ଏଥିରେ ରଶ୍ମିତାଙ୍କ ମୁଣ୍ଡ ଫାଟିଯାଇଥିଲା। ପ୍ରଥମେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଛି। ଏ ନେଇ ରଶ୍ମିତାଙ୍କ ସ୍ୱାମୀ ଅରୁଣ ମଳିକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୩୨/୧୯) ରୁଜୁକରି ରେଖା ଓ ରୀନାଙ୍କୁ ଗିରଫ କରିଥିଲା।

## ବ୍ୟାସନଗର ପୌରାଞ୍ଚଳରେ ପ୍ରଥମ ଜନଶୁଣାଣି

ଯାଜପୁର ରୋଡ,୧୯।୮(ନି.ପ୍ର.)

ବ୍ୟାସନଗର ପୌର ପରିଷଦର ସଭା ଗୃହରେ ସୋମବାର ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଓ ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମିନାଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତେବେ ପୌର ପରିଷଦରରେ ପ୍ରଥମ ଥର ଜନ ଶୁଣାଣି ହୋଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଦୀର୍ଘଦିନଧରି ଲାଗିରହିଥିବା ବହୁ ମାମଲାର ସମାଧାନ ପାଇଁ ବହୁ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ହେଲେ ଅଭିଯୋଗକାରୀଙ୍କ ସଂଖ୍ୟା ଅନୁସାରେ ଆବଶ୍ୟକ ସ୍ଥାନ ନ ଥିବାରୁ ଲମ୍ବା ଧାଡିରେ ଖରାରେ ଠିଆ ହେବାକୁ ପଡିଥିବାରୁ ଶତାଧିକ ଅଭିଯୋଗକାରୀ ନିରାଶ ହୋଇ ଫେରିଥିବା ଜଣାପଡିଛି। ପ୍ରତିମାସ ତୃତୀୟ ସପ୍ତାହରେ ପୌର ପରିଷଦରେ ଜନଶୁଣାଣି କରାଯାଇ ପୌରବାସୀ ସମେତ ଆଖପାଖ ଅଞ୍ଚଳର ସମସ୍ୟାଗୁଡିକ ସମାଧାନ କରାଯିବ ବୋଲି ଜନ ଶୁଣାଣିରେ ଜିଲାପାଳ କହିଛନ୍ତି। ଜନଶୁଣାଣିରେ ୩୪୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ବ୍ୟକ୍ତିଗତ ୩୨୭ଟି, ସାମୂହିକ ୫ଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୯ଜଣ ଅଭିଯୋଗ କରିଥିଲେ। ସେଥିରୁ ୧୩୪ ତତ୍କାଳ ଅଭିଯୋଗ ସମାଧାନ କରାଯାଇଥିବାବେଳେ ୯ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଅଧିକାଂଶ ସରକାରୀ ଓ ଜଙ୍ଗଲ ଜମିରେ ଦୀର୍ଘଦିନଧରି ବସବାସ କରିରହୁ ଥିବା ଲୋକେ ଜମି ପଟ୍ଟା ପ୍ରଦାନ ପାଇଁ ଅଭିଯୋଗ କରିଥିଲେ। ଏସବୁ ଅଭିଯୋଗ ଜିଲା ପ୍ରଶାସନ ହସ୍ତରେ ନ ଥିବାରୁ ଅଭିଯୋଯୋଗଗୁଡିକ ରାଜ୍ୟ ସରକାରଙ୍କ ଦୃଷ୍ଟି ଆର୍କଷଣ କରାଯିବା ପାଇଁ ପଠାଇ ଦିଆଯିବ ବୋଲି ଶୁଣାଣିରେ ଜିଲାପାଳ କହିଥିଲେ। ଉମାପଦା ହାଉସିଂ ବୋର୍ଡ ରାସ୍ତା ଓ ଚୋରଦା ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ବର୍ଷାରେ ପାଣି ଜମିଛି। ଏହି ୱାର୍ଡରେ ଡ୍ରେନ୍ ନ ଥିବାରୁ ଜଳ ନିଷ୍କାସନ ବାଧକ ସୃଷ୍ଟି କରୁଛି। ଏ ସମ୍ପର୍କରେ ପୌରପରିଷଦ ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କଲେ ମଧ କୌଣସି ସୁଫଳ ନ ମିଳୁଥିବାରୁ ଏହାର ସମାଧାନ ପାଇଁ ୧୫ନମ୍ବର ୱାର୍ଡ ପୌରପରିଷଦ ବାସିନ୍ଦା ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ୩୦ ତାରିଖ ସୁଦ୍ଧା ଏହାର ସମାଧାନ ନ ହେଲେ ୱାର୍ଡବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପୌର ପ୍ରଶାସନକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହପିର ଜମିଜମା ଦାଖଲ କାର୍ଯ୍ୟ କ୍ଷେତ୍ରରେ ବ୍ୟାସନଗର ତହସିଲ ପକ୍ଷରୁ ସେମାନଙ୍କ ମକଦ୍ଦମା ବିଚାର ନ କରାଯାଇ ପଡିରହିଛି। ପଟ୍ଟା ଦେବାରେ ବିଳମ୍ବ ହେଉଛି ବୋଲି ଅଭିଯୋଗ କାରୀମାନେ ଅଭିଯୋଗ କରିଥିଲେ। ତୁରନ୍ତ ଜିଲାପାଳ ସମାଧାନ କରିବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବସୁନ୍ଧରା ଯୋଜନାରେ ଆବେଦନ କରିଥିବା ହିତାଧିକାରୀଙ୍କୁ ଜମି ମିଳୁ ନ ଥିବା ଅଭିଯୋଗ କରିଥିଲେ। ୧୯୪୫ ଜଙ୍ଗଲ କିସମ ଜମି ରହିଛି। କିନ୍ତୁ ବନ୍ଦୋବସ୍ତରେ ସେମାନଙ୍କୁ ନଟଫାଇନାଲ ପଟ୍ଟା ମିଳିଛି। ତୁରନ୍ତ ଫାଇନାଲ ପଟ୍ଟା ମିଳିବାପାଇଁ ବହୁ ଅଭିଯୋଗ ହୋଇଛି। ଏହି ଅଭିଯୋଗଗୁଡିକ ସମାଧାନପାଇଁ ଜିଲା ପ୍ରଶାସନ ସରକାରଙ୍କୁ ଅବଗତ କରିବେ ବୋଲି କହିଛନ୍ତି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଉପ ଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରା, ବ୍ୟାସନଗର ପୌର ନିର୍ବାହି ଅଧିକାରୀ ସପନ ନନ୍ଦ, ଯାଜପୁର ରୋଡ ଥାନାଧିକାରୀ ଅନିଲ କୁମାର ମହାନ୍ତି, ଜିଲା ଚିକିତ୍ସା ଅଧିକାରୀ ରଶ୍ମିପ୍ରକାଶ ଶତପଥୀଙ୍କ ସହ ବିଭାଗୀୟ ଅଧିକାରୀ ଶୁଣାଣିରେ ଯୋଗ ଦେଇଥିଲେ।



ଜନଶୁଣାଣିକୁ ଆସିଥିବା ଅଭିଯୋଗକାରୀ ଧାଡିରେ ଛିଡା ହୋଇଛନ୍ତି ।

## ବୈତରଣୀରେ ପ୍ରଥମ ବନ୍ୟାଜଳ ପ୍ରବେଶ



କୋରେଇ,୧୯।୮(ସ୍ୱ.ପ୍ର.)

ବୈତରଣୀ ନଦୀରେ ବନ୍ୟାଜଳ ପ୍ରବେଶ କରିଛି। ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଲିମିଟର ଥିବା ବେଳେ ଖବର ଲେଖା ହେବା ବେଳକୁ ବନ୍ୟାଜଳ ୧୭.୭୮ମିଟରେ ପ୍ରବାହିତ ହୋଇଥିଲା। ରାତି ସୁଦ୍ଧା ବିପଦ ସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେବାର ସମ୍ଭାବନା ରହିଛି । ଉପରମୁଣ୍ଡରେ ବର୍ଷା ହେବା ଯୋଗୁ ଜଳସ୍ତର ବୃଦ୍ଧି ପାଇଛି। ଠାକୁରମୁଣ୍ଡାରେ ୧୬.୦, ଚମ୍ପୁଆରେ ୫୧.୪, କେଉଁଝରର ୧୩. ୮, ସୋମପାଟଣାରେ ୧୨.୪, ଆନନ୍ଦପୁରରେ ୬.୪, ଆଖୁଆପଦାରେ ୦.୬ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଉପରେ ମୁଣ୍ଡରେ ବର୍ଷା ଲାଗି ରହିଲେ ବନ୍ୟା ସମ୍ଭାବନା ଦେଖାଦେଇଛି।

## ବିଷାକ୍ତ ଛତୁ ଖାଇ ୧୪ରୁ ଉର୍ଦ୍ଧ୍ୱ ଅସୁସ୍ଥ

ରସୁଲପୁର,୧୯।୮(ଡିଏନଏ)

ରସୁଲପୁର ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତ ହାଟସାହି ଗ୍ରାମରେ ବିଷାକ୍ତ ଛତୁ ଖାଇ ୩ ପରିବାରର ୧୪ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅସୁସ୍ଥ ହୋଇ ଧର୍ମଶାଳା ଓ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ପ୍ରକାଶ ଯେ ଏହି ଗ୍ରାମର ସୁକୁଟା ଆରଣଙ୍କ ବାଡିରେ ପାଳଗଦା ଉପରେ ଛତୁ ଫୁଟିଥିଲା। ଉକ୍ତ ଛତୁକୁ ଆରଣ ପରିବାର ତୋଳି ଆଣିବା ସହ ପଡୋଶୀ ଭାଗବତ ପାତ୍ର ଓ ବିଦ୍ୟାଧର ମହାନ୍ତିଙ୍କ ଘରେ ଦେଇଥିଲେ। ୩ପରିବାର ଉକ୍ତ ଛତୁକୁ ରାନ୍ଧି ମଧ୍ୟାହ୍ନ ଭୋଜନରେ ଖାଇଥିଲେ। ଛତୁ ତରକାରୀ ଖାଇବା ପରେ ସମସ୍ତଙ୍କର ମୁଣ୍ଡ ବୁଲାଇ ବାନ୍ତି ହୋଇଥିଲା। ଫଳରେ ବିଦ୍ୟାଧର ମହାନ୍ତି(୫୫), ରମା ମହାନ୍ତି(୫୨), କଳ୍ପନା ରାଉତ(୨୮), ସ୍ମୃତିରେଖା ମହାନ୍ତି(୧୦) ପ୍ରମୁଖ ସଦସ୍ୟ ଅସୁସ୍ଥ ହୋଇ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ଘଟିବାରୁ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ସେହିପରି ସୁକୁଟା ଆରଣ(୭୨),ତଅପୋଇ(୬୫) ବାବୁଲା(୪୦), କନକ(୩୫), କୁନି ଭାରତୀ(୨୭),ସାନ୍ତନୁ(୧୧), ଭାଗବତ ପାତ୍ର(୮୫), ଚକ୍ରଧର(୪୦), ତିଳୋତମା(୩୬),ରଶ୍ମିକଳା(୧୭), ସୌମ୍ୟରଞ୍ଜନ(୧୫),ନୟନା ଲେଙ୍କା(୫୨), ଛବିଳା ଭଦ୍ର(୩୩) ସତ୍ୟଭାମା ପାତ୍ର(୩୦) ପ୍ରମୁଖ ଅସୁସ୍ଥ ହୋଇ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଛତୁ ଖାଇଥିବାରୁ ଏଭଳି ଘଟିଛି ବୋଲି ପରିବାର ଲୋକେ କହୁଥିବାବେଳେ ଖାଦ୍ୟରେ ବିଷକ୍ରୀୟା କାରଣରୁ ରୋଗୀମାନେ ଅସୁସ୍ଥ ହୋଇପଡିଥିଲେ ବୋଲି ଡାକ୍ତରଖାନା ସୂତ୍ରରୁ ଜଣାପଡିଛି।

### ଛାତ୍ରୀଙ୍କୁ ଅସଦାଚରଣ, ଯୁବକ କୋର୍ଟ ଚାଲାଣ

କଳିଙ୍ଗନଗର,୧୯।୮(ଡି.ଏନ୍.ଏ.)

ଯଖପୁରା ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଗତ ୧୩ ତାରିଖ ରାତିରେ ଜଣେ ଯୁବକ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୫୭/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ରବିବାର ପୋଲିସ ସମ୍ପୃକ୍ତ ଯୁବକଙ୍କୁ ମୋବାଇଲ ଟ୍ରାକ୍‌କରି ପାରଳାଖେମୁଣ୍ଡି ଅଞ୍ଚଳରୁ ଗିରଫ ପରେ ସୋମବାର କୋର୍ଟ ଚାଲାଣ କରିଛି। ଯୁବକ ଜଣକ ହେଲେ ରମେଶ ଜେନା(୧୯)। ପ୍ରକାଶ ଯେ, ଥାନା ଅଞ୍ଚଳର ଉକ୍ତ ନାବାଳିକା ଛାତ୍ରୀ ଘଟଣାଦିନ ରାତିରେ ଟ୍ୟୁଶନସାରି ଘରକୁ ଫେରୁଥିଲେ। ଏହି ସମୟରେ ଏକୁଟିଆ ପାଇ ରମେଶ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ଛାତ୍ରୀ ଜଣଙ୍କ ଘରେ ଜଣାଇଥିଲେ। ଏହାପରେ ଯଖପୁରା ଥାନାରେ ବାପା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ରମେଶ ଫେରାର ହୋଇଯାଇଥିଲେ।

## ଜାରକାରେ ସେକ୍ସ ର୍ୟାକେଟ ଠାବ

# ରାଣୀ ମହୁମାଛି ସହ ୬ କୋର୍ଟ ଚାଲାଣ



ଧର୍ମଶାଳା,୧୯।୮(ଡି.ଏନ୍.ଏ.)

ଧର୍ମଶାଳା ଥାନା ଅଧୀନ ଜାରକା ଜଗନ୍ନାଥ ବିହାର ଅଞ୍ଚଳର ଏକ ଭଡ଼ାଘରେ ଚାଲିଥିବା ସେକ୍ସ ର୍ୟାକେଟକୁ ପୋଲିସ ରବିବାର ରାତିରେ ଠାବ କରିଛି। ଏହି ଘଟଣାରେ ଜଣେ ରାଣୀମହୁମାଛି, ୨ ଦଲାଲ ସହ ୩ ଗ୍ରାହକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଏଥିସହିତ ଘଟଣାସ୍ଥଳରୁ ପୋଲିସ ଏକ କାର, ସ୍କୁଟି, ବାଇକ ଓ ୭ ମୋବାଇଲ୍ ଫୋନକୁ ଜବତ କରିଛି। ସେହିପରି ର୍ୟାକେଟରେ କାମ କରୁଥିବା ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇ ଶର୍ଟ ଷ୍ଟେ ହୋମ୍‌କୁ ପଠାଇ ଦିଆଯାଇଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ, କିଛିଦିନ ହେବା ଏଠାରେ ସେକ୍ସ ର୍ୟାକେଟ ଚାଲୁଥିବା ନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁନେଇ ପୋଲିସ ରବିବାର ରାତିରେ ଚଢ଼ାଉ କରିଥିଲା। ଏହି ସମୟରେ ୨ଦଲାଲ ବଡ଼ଚଣା ଥାନା ମଙ୍ଗରାଜପୁର ଗ୍ରାମର ରବୀନ୍ଦ୍ର ସାହୁ (୩୦), ଖୋସାଲିପୁର ଗ୍ରାମର ସୋମ୍ୟଶ୍ରୀ ଜେନା(୨୨)ଙ୍କୁ ଗିରଫ କରାଯାଇଥିଲା। ଏହାପରେ ଗ୍ରାହକ ବାଲିଚନ୍ଦ୍ରପୁର ଥାନା ଭାକୁଡ ଗ୍ରାମର ମହେନ୍ଦ୍ର ମଳିକ (୨୫), ଧର୍ମଶଳା ଥାନା ଆରୁହା ଗ୍ରାମର ଲିପୁ ମଳିକ (୨୯) ଓ ବୈରୀ ଥାନା ଅମରାବତୀ ଗ୍ରାମର ବଳରାମ ସେଠୀ(୨୬)ଙ୍କୁ ପୋଲିସ ଗିରଫ କରିଥିଲା। ସେହିପରି ଦେହ ବ୍ୟବସାୟ ପାଇଁ ଆସିଥିବା ଜଣେ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିଥିଲା। ଏମାନଙ୍କ ବୟାନକ୍ରମେ ପୋଲିସ ଜେନାପୁର ଥାନା ବିଛାଖଣ୍ଡି ଅଞ୍ଚଳର ରାଣୀମହୁମାଛିଙ୍କୁ ଗିରଫ କରିଥିଲା। ସେକ୍ସ ର୍ୟାକେଟ ଚାଲିଥିବା ଘରୁ ପୋଲିସ ବିପୁଳ ପରିମାଣର ଆପତ୍ତିଜନକ ସାମଗ୍ରୀ ଉଦ୍ଧାର କରିଥିବା ଥାନା ଅଧିକାରୀ ସରୋଜ ସାହୁ ସୂଚନା ଦେଇଛନ୍ତି।

### ଜଣେ ଯୁବତୀ ଉଦ୍ଧାର

## ପାରିପାର୍ଶ୍ୱିକ ଉନ୍ନୟନରେ ଫେଲ୍ ମାରିଛି ଫେରୋକ୍ରୋମ କାରଖାନା

# ୨୩ରେ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା

ଡୁବୁରୀ,୧୯।୮(ଡି.ଏନ୍.ଏ.)

କଳିଙ୍ଗନଗର ଶିଳ୍ପାଞ୍ଚଳ ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତର ବାଲିଆପାଳ ମୌଜାରେ ପ୍ରତିଷ୍ଠିତ ବାଲିଆପାଳ ଫେରୋକ୍ରୋମ କାରଖାନା ଉତ୍ପାଦନ କ୍ଷମ ହେବାର ଦୀର୍ଘ ବର୍ଷ ବିତି ଥିଲେ ମଧ୍ୟ ସ୍ଥାନୀୟ ପାରିପାର୍ଶ୍ୱିକ ଉନ୍ନୟନ ଦିଗରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। କାରଖାନା ପାଇଁ ବିସ୍ଥାପିତ ହୋଇଥିବା ପରିବାରକୁ ଅଦ୍ୟାବଧି ନିଯୁକ୍ତି ପ୍ରଦାନ କରାଯାଇ ନାହିଁ । ପଞ୍ଚାୟତର ମୁଖ୍ୟ ରାସ୍ତାକୁ କାରଖାନା କର୍ତ୍ତୃପକ୍ଷ ବ୍ୟବହାର କରିବା ସହ ବିଭିନ୍ନ ପ୍ରକାର ପ୍ରଦୂଷଣ ସମସ୍ୟା ସୃଷ୍ଟି କରୁଛନ୍ତି। ଏ ନେଇ ଗତ ଜୁଲାଇ ୧୧ରେ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଗ୍ରାମବାସୀ ବିକ୍ଷୋଭ କରିଥିଲେ। ୧୫ ଦିନ ମଧ୍ୟରେ ସ୍ଥାନୀୟ ଲୋକଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବାକୁ କାରଖାନା କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ଦୀର୍ଘ ୧ ମାସରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଦାବି ପୂରଣ ଦିଗରେ କାରଖାନା କର୍ତ୍ତୃପକ୍ଷ ସକ୍ଷମ ହୋଇପାରି ନାହାନ୍ତି। ଏହାର ପ୍ରତିବାଦରେ ଆସନ୍ତା ୨୩ ତାରିଖରୁ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଅଞ୍ଚଳବାସୀ ଗଣଧାରଣା ଦେବେ ବୋଲି ସୋମବାର ଡୁବୁରୀ ଶାରଳା ପ୍ୟାଲେସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସଂକ୍ରାନ୍ତରେ ଜିଲାପାଳ ଓ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ସମେତ ବିଭିନ୍ନ ପଦାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବେକାରି ଯୁବତୀ ଓ ଯୁବକଙ୍କୁ କାର ଖାନାରେ ନିଯୁକ୍ତି, ପ୍ରଦୂଷଣ ସମସ୍ୟା ଓ ପାରପାର୍ଶ୍ୱିକ ଉନ୍ନୟନ, ଭୂତଳଜଳ ବ୍ୟବହାର ବନ୍ଦ, ପ୍ରଦୂଷଣ ପାଇଁ ପ୍ରଭାବିତ ଗ୍ରାମଗୁଡିକରେ ବ୍ୟାପକ ମାତ୍ରାରେ ବୃକ୍ଷରୋପଣ, ସ୍ୱାସ୍ଥ୍ୟ, ପାନୀୟଜଳ ଓ ବିଦ୍ୟୁତ୍ ସେବା କାରଖାନା ପକ୍ଷରୁ ଯୋଗାଇଦିଆଯାଉ, କାରଖାନାକୁ ଆସୁଥିବା ପଣ୍ୟଦ୍ରବ୍ୟ ମେଶିନରେ ନ କରି ଲୋକଙ୍କ ଦ୍ୱାରା କରିବା, ଜମି ଓ ଘରବାଡି ହରାଇ ନ ଥାଇ କାରଖାନାରେ ଚାକିରି ପାଇଥିବା ବ୍ୟକ୍ତିଙ୍କୁ ତୁରନ୍ତ କାର୍ଯ୍ୟରୁ ହଟାଇବା ଆଦି ବିଭିନ୍ନ ୧୨ ଦଫା ଦାବି ଯଥାଶୀଘ୍ର ପୂରଣ ପାଇଁ ପଞ୍ଚ ପକ୍ଷରୁ ଦାବି କରାଯାଇଛି। ପ୍ରକାଶ ଯେ, ଫେରୋକ୍ରୋମ କାରଖାନା ଯୋଗୁ ଦାନଗଦୀ ବ୍ଲକ ଅନ୍ତର୍ଗତ ନଡ଼ିଆଭଙ୍ଗା, ଶାଳିଜଙ୍ଗା ଓ ରଣାଗୁଣ୍ଡି ପଞ୍ଚାୟତର ବାଲିଆପାଳ, ଶାଳିଜଙ୍ଗା, ମଣ୍ଡପଡା, ରଣାଗୁଣ୍ଡି, ନକୂଳସାହି ଓ ଶୁଳିଆ ଆଦି ଗ୍ରାମବାସୀ କ୍ଷତିଗ୍ରସ୍ତ ହୋଇଛନ୍ତି । କାରଖାନା ଆରମ୍ଭ ସମୟରେ କାରଖାନା କର୍ତ୍ତୃପକ୍ଷ ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଇଥିଲେ। କାରଖାନା ଉତ୍ପାଦନ କ୍ଷମ ହେବା ପରେ ପ୍ରତିଶ୍ରୁତି ପୂରଣ କରିବାରେ କାରଖାନା କର୍ତ୍ତୃପକ୍ଷ ଅଣଦେଖା କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲାପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ରାଉତ, ସରପଞ୍ଚ ସୀତା ପୂର୍ତ୍ତି, ସମିତି ସଭ୍ୟ ଛବିତା ଦେହୁରୀ, ପୂର୍ବତନ ସରପଞ୍ଚ ପ୍ରମୋଦ ମହାନ୍ତ, ଆଞ୍ଚଳିକ ସୁରକ୍ଷା ମଞ୍ଚର ସମ୍ପାଦକ ଜଗବନ୍ଧୁ ମହାନ୍ତ, ବିଜୟ ଓଝାଙ୍କ ସମେତ ୩ ଟି ପଞ୍ଚାୟତର ଜନ ପ୍ରତିନିଧି ଓ ସାଧାରଣ ଲୋକେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଫେରୋକ୍ରୋମ କାରଖାନାର ଜିଏମ୍ ବିଭାସ ମହାନ୍ତିଙ୍କୁ ପଚାରିବାରୁ ସମସ୍ତ ଅଭିଯୋଗୁ ଅସ୍ୱୀକାର କରିଥିଲେ। କେତେକ ସମସ୍ୟା ନେଇ କାରଖାନା ପକ୍ଷରୁ ସ୍ଥାନୀୟ ଜନପ୍ରତିନିଧି, ବିଧାୟକ ଓ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନେଇ ଦୁଇ ତିନି ଦିନ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।





ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଛି ।

# ଏସ୍‌କେସିଜି କଲେଜରେ ଛାତ୍ର ଅଶାନ୍ତି



ଛାତ୍ରମାନେ କଲେଜ ସମ୍ମୁଖରେ ନିଆଁ ଲଗାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ପାରଳାଖେମୁଣ୍ଡି, ୧୯।୮(ସ୍ୱ.ପ୍ର.)**

### ପରୀକ୍ଷାଫଳକୁ ନେଇ ଅସନ୍ତୋଷ

- ଯୁକ୍ତ୩ ବାଣିଜ୍ୟର ୧୨୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପାସ୍ କରିଛନ୍ତି ମାତ୍ର ୧୮
- ପୁନଃ ମୂଲ୍ୟାୟନ, କେତେକ ଅଧ୍ୟାପକଙ୍କ ବଦଳି ଦାବିକଲେ ଛାତ୍ର

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଏସ୍‌କେସିଜିସ୍ୱୟଂଶାସିତମହାବିଦ୍ୟାଳୟରେ +୩ ବାଣିଜ୍ୟ ପରୀକ୍ଷାଫଳକୁ ନେଇ ସୋମବାର ଛାତ୍ର ଅଶାନ୍ତି ଦେଖାଦେଇଛି। ଅସନ୍ତୁଷ୍ଟ ଛାତ୍ରମାନେ ପରୀକ୍ଷାଖାତା ପୁନଃ ମୂଲ୍ୟାୟନ ଦାବି କରି କଲେଜ ଆସବାବପତ୍ର ପୋଡ଼ି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତୁରନ୍ତ ଦାବି ପୂରଣ ନ ହେଲେ କଲେଜରେ କୌଣସି କ୍ଲାସ, ପରୀକ୍ଷା ଏବଂ ଆଡମିଶନ୍ କରାଇ ଦିଆଯିବନି ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଛାତ୍ରମାନଙ୍କ ଅଭିଯୋଗ ଅନୁଯାୟୀ, ସେମାନଙ୍କ ପ୍ରଥମ ସେମିଷ୍ଟର ଫଳାଫଳ ବାହାରିନାହିଁ ଏବଂ ଠିକ୍ ଭାବେ କ୍ଲାସ୍ ହେଉନାହିଁ। ପୂର୍ବରୁ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଇ ନ ଥିଲା। କଲେଜର କେତେକ ଅଧ୍ୟାପକ ଛାତ୍ରମାନଙ୍କ ପାଠପଢା ପ୍ରତି ଦୃଷ୍ଟି ନ ଦେଇ ଅନ୍ୟ ବ୍ୟବସାୟରେ ଲିପ୍ତ ରହୁଛନ୍ତି। ଏପରିକି ଜାଣିଶୁଣି କମ୍ ଦିନ ମଧ୍ୟରେ ପରୀକ୍ଷାଫଳ ପ୍ରକାଶ କରି ଅଧିକ ପିଲାଙ୍କୁ ଫେଲ୍ କରାଯାଇଛି। ବାଣିଜ୍ୟ ବିଭାଗରେ ୧୨୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ମାତ୍ର ୧୮ ପିଲା ପାସ୍ କରିଛନ୍ତି, ଯାହାକି ହାସ୍ୟାସ୍ପଦ ଘଟଣା ବୋଲି ଛାତ୍ରମାନେ କହିଛନ୍ତି। କଲେଜରେ କୌଣସି ସମସ୍ୟାକୁ ନେଇ ଅଧ୍ୟାପକଙ୍କ ବିରୋଧରେ ସ୍ୱର ଉଠାଇଲେ ସମ୍ପୃକ୍ତ ବିଦ୍ୟାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମାନସିକ ନିର୍ଯାତନା ଦିଆଯାଉଥିବା ଛାତ୍ରମାନେ ଅଭିଯୋଗ ଆଣିଛନ୍ତି। ତେଣୁ କେତେକ ଅଧ୍ୟାପକଙ୍କୁ କଲେଜରୁ ଅନ୍ୟତ୍ର ବଦଳି କରାଯିବା ସହ ଫେଲ୍ କରାଯାଇଥିବା ପିଲାଙ୍କ ପେପର ପୁନଃ ମୂଲ୍ୟାୟନ ପାଇଁ ଦାବି ହୋଇଛି। ଅଧ୍ୟକ୍ଷ ଅନୁପସ୍ଥିତ ଥିବାବେଳେ ମଙ୍ଗଳବାର ଆଲୋଚନା ବୈଠକ ପାଇଁ କଲେଜ୍ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଉତ୍ତେଜନା ଥମିଥିଲା।

■ ମାଟ୍ରିମୋନିଆଲ୍ ସାଇଟ୍‌ରେ ଯୁବତୀଙ୍କ ସହ ବିବାହ ପ୍ରସ୍ତାବ

# ଡାକ୍ତର ପରିଚୟ ଦେଇ ଯୁବକ ଗିରଫ

**ଭୁବନେଶ୍ୱର,୧୯।୮(ବ୍ୟୁରୋ)**



ବିରଞ୍ଚି ନାରାୟଣ ନାଥ

ନିଜକୁ ଡାକ୍ତର ପରିଚୟ ଦେଇ ଜଣେ ବିବାହିତ ପୁରୁଷ ଅବିବାହିତା ଡାକ୍ତରାଣୀଙ୍କୁ ଠକେଇବାକୁ ଚେଷ୍ଟା କରୁଥିବା ଜଣାପଡ଼ିବା ପରେ ତାଙ୍କୁ କମିଶନରେଟ୍ ପୋଲିସ ରବିବାର ଗିରଫ କରିଛି। ଅଭିଯୁକ୍ତ ବିରଞ୍ଚି ନାରାୟଣ ନାଥ (୩୮)ଙ୍କ ଘର ଅନୁଗୋଳ ଜିଲା ଛେଣ୍ଡିପଦାର ଖମାର। ସେ ଭୁବନେଶ୍ୱର ସାଲିଆ ସାହିର ତାରିଣୀ ନଗରରେ ଏକକୋଠରି ବିଶିଷ୍ଟ ଭଡ଼ାଘରେ ପରିବାର ସହ ରହନ୍ତି। ନାଥଙ୍କ ସ୍ତ୍ରୀ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ 'ସାଦି. କମ୍' ମାଟ୍ରିମୋନିଆଲ ସାଇଟ୍‌ରେ ଜଣେ ଡାକ୍ତରାଣୀ ବିବାହ ପାଇଁ ବିଜ୍ଞାପନ ଦେଇଥିଲେ। ସେହି ସାଇଟ୍‌ରେ ନାଥ ନିଜକୁ ଏମ୍ସର ସ୍ନାୟୁରୋଗ ବିଶେଷଜ୍ଞ ବୋଲି ପରିଚୟ ଦେଇ ଏକ ଆକାଉଣ୍ଟ ଖୋଲିଥିଲେ। ତା' ପରେ ସମ୍ପୃକ୍ତା ଯୁବତୀଙ୍କ ଫୋନ୍ ନମ୍ବର ନେଇ ତାଙ୍କ ସହ ସମ୍ପର୍କ ବଢାଇଥିଲେ। ନିଜକୁ ଥିଲାବାଲା ଘରର ପୁଅ ବୋଲି କହି ଡାକ୍ତରାଣୀଙ୍କ ବିଶ୍ୱାସ ଜିତିବାକୁ ଉଦ୍ୟମ କରିଥିଲେ। ଅଭିଯୁକ୍ତଙ୍କ ଏଭଳି କଥାରେ ଯୁବତୀ ଓ ତାଙ୍କ ପରିବାର ଲୋକେ ଫସିଯାଇଥିଲେ। ତେବେ ଡାକ୍ତରାଣୀଙ୍କ ସମ୍ପର୍କୀୟ ତଥା ରେଲୱେ ଟ୍ରାଫିକ୍ ସର୍ଭିସରେ କାର୍ଯ୍ୟରତ ଅନୁପ କୁମାର ଶତପଥୀ ନାଥଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବାରେ ଲାଗିଲେ। ଏମ୍ସ ସହ ଯୋଗାଯୋଗ କରିବା ପରେ ଅନ୍ୟମାନେ ମଧ୍ୟ ଏହିଭଳି ନାଥଙ୍କ ବିଷୟରେ ପଚାରି ବୁଝୁଛନ୍ତି ବୋଲି ସେ ଜାଣିବାକୁ ପାଇଥିଲେ। ତେବେ ପରବର୍ତ୍ତୀ ସମୟରେ ଶତପଥୀ ଯୋଗାଯୋଗ କଲା ବେଳେ ନାଥ ନିଜ ଆକାଉଣ୍ଟ ବନ୍ଦ କରିଦେଇଥିଲେ। ସେତିକିରେ ତାଙ୍କ କାରନାମା ଶେଷ ହୋଇ ନ ଥିଲା। ସେ ପୁନଶ୍ଚ ଅନ୍ୟ ଏକ ଆକାଉଣ୍ଟ ଖୋଲିଥିଲେ। ସେଥିରେ ସେ ନିଜକୁ ଭୁବନେଶ୍ୱରର ଜଣେ ମେଡିକାଲ ପ୍ରଫେସର ବୋଲି ଦର୍ଶାଇଥିଲେ। ଏ ସମ୍ପର୍କରେ ଶତପଥୀ ଜାଣିବା ପରେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଦେଇଥିଲେ।

କିଛିଦିନ ଗଲା ପରେ ନାଥ ପୁଣି ଥରେ ପ୍ରୋଫାଇଲ ବଦଳାଇ ନିଜକୁ ୨୦୧୫ ବ୍ୟାଚ୍‌ର ଆଇଆର୍‌ଏସ୍ ଅଫିସର ଓ ସେ ଚଣ୍ଡିଗଡ଼ରେ ରହୁଥିବା ଦର୍ଶାଇଥିଲେ। ପୁନର୍ବାର ସମ୍ପୃକ୍ତା ଯୁବତୀଙ୍କ ସହ ସମ୍ପର୍କ ବଢ଼ାଇବାକୁ ବାରମ୍ବାର ମିଛର ଆଶ୍ରୟ ନେଇଥିଲେ। ନାଥଙ୍କ ଠକାମି ବିଷୟରେ ଜାଣିବା ପରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ତାଙ୍କୁ ଧରିବାକୁ ଯୋଗାଯୋଗ କରାଯାଇଥିଲା। ଯୋଜନାବଦ୍ଧ ଭାବେ ନାଥ ଏବଂ ଡାକ୍ତରାଣୀଙ୍କ ମଧ୍ୟରେ ଭୁବନେଶ୍ୱରର ଏକ ହୋଟେଲରେ ଦେଖାସାକ୍ଷାତ୍ କରିବା ଲାଗି ଶନିବାର ରାତିରେ ସମୟ ଧାର୍ଯ୍ୟ କରାଯାଇଥିଲା। ଏହି ସମୟରେ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲା। ଏ ନେଇ ଏକ ମାମଲା (ନଂ. ୩୭୩/୧୯) ଆଇପିସି ଦଫା ୪୧୯, ୪୨୦ ଓ ୫୧୧ରେ ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

## OFFICE OF THE DIVISIONAL LABOUR COMMISSIONER, SUBARNAPUR

**Notice No.1136** **Dated: 17.08.19**

**QUOTATION CALL FOR HIRING OF VEHICLE**

Sealed quotations are invited in the prescribed format from the local reputed and registered travel agencies / tour operators / private individuals of Subarnapur District for providing one No. of Diesel driven vehicle (four wheeler) (preferably Indigo ecs) for office use in the office of the Divisional Labour Commissioner, Subarnapur on monthly rent basis. For more details visit website **www.subarnapur.nic.in**

*Your faithfully*
Sd./-
District Labour Officer
Subarnapur

## Government of Odisha Information & Public Relations Department

### TENDER CALL NOTICE

**No. 9460** **Dated: 19.08.19**
**pc 36116**

**No.08-Z:-** Sealed Tender is invited from reputed Insurance Companies for Gopabandhu working Journalist Health Insurance Scheme for Journalists and their families for a period of one year.

The selected Farm/Agency will have to sign an agreement with Authorities of Information and Public Relations Department, if found suitable, by the Selection Committee. The terms and conditions have been mentioned in the Tender Paper. All the payment shall be made as per the Finance Department guidelines.

The last date of receipt of the tender paper is by 3.00 PM on 27.08.2019 and the same will be opened in presence of the bidders/ their authorized representatives at 05.00 PM on the same date, in the office of the Director, Information and Public Relation, Unit V, Bhubaneswar.

The authority in Information & Public Relation Department reserves the right to accept or reject any or the entire process without assigning any reason thereof.

**For overview of the objective & scope of the assignment, pre-qualification-criteria, bidding terms and conditions and suggested response formats, please visit the websites of https://inpr.odisha.gov.in/advt_tender_quo.htm**

**15001/11/0031/1920** **Sd./- Director**

## OFFICE OF THE MUNICIPAL COUNCIL, TALCHER, DIST- ANGUL

**Phone No.- (06760) 240259**
**E-Mail ID : e.o.talcher@gmail.com**

**No.2420** **TENDER CALL NOTICE** **Date :17.08.19**

No.128-C :- The Executive Officer, Talcher Municipality on behalf of Talcher, Dist- Angul invites sealed tenders from the intending registered firms/ authorized dealers/ distributors/ suppliers and manufacturers of supply of Sanitation materials to Talcher Municipality for the financial year 2019-20. The prescribed tender schedule can be obtained from the Cashier section of Talcher Municipality on payment of Rs.2,500/- (Rupees two thousand five hundred) only including GST@18% (non-refundable) in shape of cash / bank draft / bankers cheque drawn in favour of the Executive Officer, Talcher Municipality payable at Talcher from any nationalized bank from date 19.08.2019 to date 26.08.2019 up to 1.00 PM during office hour except holidays.

The tender paper along with all documents should reach the undersigned by Regd. Post /Speed Post/Courier Service or by person on or before date 27.08.2019 up to 1.00 PM. And this office will in no way, be responsible for any delay in receipt of the tender documents. The tender will be opened on the same date at 3.00 PM in presence of the tenderer or their authorized representative if any. The tender received beyond the schedule date and time will not be considered at all.

All terms and conditions may be seen in the tender proforma. The undersigned has rights to accept, cancel or reject any or all the tenders without assigning any reason thereof.

**13077/11/0005/1920** **Sd./- Executive Officer**
**Talcher Municipality**

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**ଆକାଶ ଶୋଭା ବିଲ୍ଡିଂ**

ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା: **18627**/ ଭୁ.ଉ.କ., ଭୁବନେଶ୍ୱର ତା୦୮।୦୮।୨୦୧୯ରିଖ
S.C(SCR)-11/96

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରାଲୋକ ମାର୍କେଟ୍ କମ୍ପ୍ଲେକ୍ସ ଚନ୍ଦ୍ରଶେଖରପୁର Shop-cum-Residence No.14କୁ ଶ୍ରୀ ଶିବ ପ୍ରସାଦ ଦାସ ଓ ଶ୍ରୀ ଗିରିଜା ପ୍ରସାଦ ଦାସ, ପିତା- ବଳଭଦ୍ର ବେହେରା, ଗ୍ରାମ- ବାଲିଗଡ଼ିଆ, ପୋ/ଥାନା- ଜଙ୍କିଆ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଶିବ ପ୍ରସାଦ ଦାସ ଓ ଶ୍ରୀ ଗିରିଜା ପ୍ରସାଦ ଦାସ ଉକ୍ତ ପ୍ଲଟ୍‌କୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଏମ୍.ଡି. ଜାହିଦ୍, ପିତା- ଆବାସ୍ ଆଲାମ, C-11, Flat No. 208, 2nd Floor, Sub Division- F13/ Madhuraroad, Faridabad Circle, PS/Dist.- Faridabad, Hariyana ନାମରେ ମାଲିକାନା ସ୍ୱତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୨**

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**ଆକାଶ ଶୋଭା ବିଲ୍ଡିଂ**

ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା: **18092**/ ଭୁ.ଉ.କ., ଭୁବନେଶ୍ୱର ତା୦୨।୦୮।୨୦୧୯ରିଖ
KNM-1348/93

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ଜମି ପ୍ରକଳ୍ପର MIG ପ୍ଲଟ୍ ନଂ. K8-587କୁ ଶ୍ରୀମତୀ ରେଣୁବାଳା ସାହୁ, ସ୍ୱାମୀ- ନୃସିଂହ ଚରଣ ସାହୁ, ଗ୍ରାମ/ପୋ.ଅ.- ଜରିପଡ଼ା, ଥାନା- ଟାଙ୍ଗି, ଜିଲ୍ଲା- କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ରେଣୁବାଳା ସାହୁ ଉକ୍ତ ପ୍ଲଟ୍‌କୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ମୀନାକ୍ଷୀ ମହାପାତ୍ର, ସ୍ୱାମୀ- ଶରତ ଚନ୍ଦ୍ର ମହାପାତ୍ର, ପ୍ଲଟ୍ ନଂ.- ୬୭୧, ୱାର୍ଡ଼ ନଂ.-୧, ଜଳେଶ୍ୱର ମନ୍ଦିର ରାସ୍ତା, ପୋ.ଅ.- ଭବାନୀପାଟଣା ସଦର, ଥାନା- ଭବାନୀପାଟଣା, ଜିଲ୍ଲା- କଳାହାଣ୍ଡିଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୨**

## Office of the Executive Engineer

**191-A**

**U.K.Head Works Division,Kolabnagar(K).PIN.764011**
**e-mail id- eeukhwdiv2014@rediffmail.com**

**QUOTATION CALL NOTICE NO. 08 /2019-20 DATED. 16.8.2019**

Sealed quotations are invited from interested reputed Travel Agencies/Tour Operators or private individuals for providing 1(one) no of Non AC Diesel driven vehicle (Marshal/Mahindra Max/Bolero/Tata Sumo/equivalent) having sitting capacity not more than ten including driver, which shall conform to the Terms and conditions **(Annexure-II)** for official use by the **Executive Engineer, Upper Kolab Head Works Division, Kolabnagar, Dist-Koraput** on monthly rent basis.

1) The application form of quotation containing General Bid Information & Terms and conditions for hiring of vehicle etc. will be available with this office and can be obtained from **dt. 22.8.2019 to 04.00 PM of 04.9.2019** on the working days during working hour on payment of **Rs.100/-(One hundred ) only** per set or can be downloaded from Odisha Govt. Website www.odisha.gov.in during the above period.

2) The quotation completed in all respect should reach the undersigned on or before **04 .9.2019** by **04.00 PM** and shall be opened on the same day at **04.30 PM.** The bidders or their authorized representatives may attend the office of Executive Engineer, U.K.Head Works Division, Kolabnagar during opening of the quoatation.

3) The authority reserves the rights to reject any or all quotations without assigning any reason thereof.

4) Further details can be seen in the website Govt. of Odisha www.odisha.gov.in

**32015/11/0009/1920**

Sd/-
Executive Engineer
U.K.Head Works Division,Kolabnagar,
Dist: Koraput (Odisha)

## ବିଜ୍ଞାପନ

### ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପାଇଁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ

**No.14-RR:-** ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଭାଗବତ ଟୁଙ୍ଗୀ/ ଭାଗବତ ଗାଦି ଇତ୍ୟାଦିର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥିନିମନ୍ତେ ଯେଉଁ ଗ୍ରାମ/ସାହିରେ ଭାଗବତ ଟୁଙ୍ଗୀ/ ଭାଗବତ ଗାଦି/ କୋଠଘର/ ଜାଗାଘର ଇତ୍ୟାଦି ରହିଥିବ ଏବଂ ସମ୍ପୃକ୍ତ ଅନୁଷ୍ଠାନରେ ଦୈନନ୍ଦିନ ଭାଗବତ ପଠନ ଓ ଆନୁଷଙ୍ଗିକ ପୂଜାର୍ଚ୍ଚନା ନିୟମିତ ଭାବେ କରାଯାଉଥିବ ସେମାନେ ଦରଖାସ୍ତ କରିବାକୁ ଯୋଗ୍ୟ ବିବେଚିତ ହେବେ। **ଆଗ୍ରହୀ ଅନୁଷ୍ଠାନମାନେ ନିମ୍ନରେ ଦିଆଯାଇଥିବା ନମୁନା ଫର୍ମ ପୂରଣ କରି ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ (District Culture Officer)ଙ୍କ କାର୍ଯ୍ୟାଳୟରେ ତା୨୦।୦୮।୨୦୧୯ରିଖଠାରୁ ତା୨୦।୦୯।୨୦୧୯ରିଖ ମଧ୍ୟରେ ଦାଖଲ କରିବା ଆବଶ୍ୟକ।** ନିର୍ଦ୍ଧାରିତ ତାରିଖ ମଧ୍ୟରେ ମିଳିଥିବା ଆବେଦନପତ୍ରଗୁଡ଼ିକୁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଣୀତ ନିୟମାନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଗଠିତ କମିଟି ମାଧ୍ୟମରେ ବିଚାର କରାଯାଇ ଯୋଗ୍ୟ ବିବେଚିତ ଭାଗବତ ଟୁଙ୍ଗୀ/ ଭାଗବତ ଗାଦି/ କୋଠଘର/ ଜାଗାଘରଗୁଡ଼ିକ ସପକ୍ଷରେ ଆର୍ଥିକ ସହାୟତା ମଞ୍ଜୁର କରାଯିବାକୁ ପଦକ୍ଷେପ ନିଆଯିବ। ନିର୍ଦ୍ଧାରିତ ସମୟସୀମା ପରେ ଦାଖଲ ହୋଇଥିବା କିମ୍ବା ଅସମ୍ପୂର୍ଣ୍ଣ ଆବେଦନପତ୍ରଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

ଉପରୋକ୍ତ ବିଜ୍ଞାପନ, ଆବେଦନ ପତ୍ରର ନମୁନା ଓ ଅନ୍ୟାନ୍ୟ ତଥ୍ୟ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବ୍‌ସାଇଟ୍ **(www.orissaculture.gov.in)**ରେ ମଧ୍ୟ ଉପଲବ୍ଧ।

**ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ,**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ,**
**ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୭୫୧୦୧୪**

### ଭାଗବତ ଟୁଙ୍ଗୀ/ ଭାଗବତଗାଦି/କୋଠଘର/ ଜାଗାଘର ଇତ୍ୟାଦିର ପୁନରୁଦ୍ଧାର ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ସାହାଯ୍ୟ ନିମନ୍ତେ ଦରଖାସ୍ତ ଫର୍ମ

୧. (କ) ଭାଗବତ ଟୁଙ୍ଗୀ/ ଭାଗବତଗାଦି / କୋଠଘର / ଜାଗାଘର ନାମ ଓ ଠିକଣା :
(ଖ) ଦୈନିକ ଭାଗବତ ପଠନର ସମୟ :
(ଗ) ଅନ୍ୟାନ୍ୟ କାର୍ଯ୍ୟନିର୍ଘଣ୍ଟର ବିବରଣୀ (ଦୈନିକ/ ବାର୍ଷିକ) :

୨. କେଉଁ ବର୍ଷ ପ୍ରତିଷ୍ଠିତ ହୋଇଛି (ଯଦି ଜ୍ଞାତ ଥାଏ) :

୩. ନିଜସ୍ୱ ଗୃହ ଅଛି କି ନାହିଁ, ଯଦି ହଁ ତେବେ ଚାଳଘର/ କୋଠାଘର/ ଆଜବେଷ୍ଟସ୍ ଘର/ ଅନ୍ୟାନ୍ୟ :

୪. ଅନୁଷ୍ଠାନକୁ ପୂର୍ବରୁ ଯଦି କୌଣସି ସୂତ୍ରରୁ ଆର୍ଥିକ ସହାୟତା ମିଳିଥାଏ ତାହାର ବିବରଣୀ :

୫. ଅନୁଷ୍ଠାନର ମୁଖ୍ୟ ତତ୍ତ୍ୱାବଧାରକଙ୍କ ନାମ ଓ ଠିକଣା
(କ) ନାମ :
(ଖ) ଗ୍ରାମ :
(ଗ) ପୋଷ୍ଟ :
(ଘ) ଗ୍ରାମପଞ୍ଚାୟତ :
(ଙ) ବ୍ଲକ୍ :
(ଚ) ଜିଲ୍ଲା :
(ଛ) ପିନ୍ କୋଡ଼ ନଂ. :
(ଜ) ଫୋନ୍ ନମ୍ବର :
(ଝ) ବ୍ୟାଙ୍କ ଆକାଉଣ୍ଟ ନଂ. (ଯଦି ଥାଏ) :
(ଞ) ଆଇ.ଏଫ୍.ଏସ୍.ଆଇ. କୋଡ଼ ନଂ. :
(ଟ) ବ୍ୟାଙ୍କ ନାମ ଓ ଠିକଣା :

ପ୍ରକାଶଥାଉ କି, ଉପରୋକ୍ତ ତଥ୍ୟମାନ ସତ୍ୟ ଅଟେ ଓ ଭବିଷ୍ୟତରେ ଭୁଲ୍ ପ୍ରମାଣିତ ହେଲେ ଆଇନ ଅନୁଯାୟୀ ଦଣ୍ଡିତ ହେବାକୁ ଅଙ୍ଗୀକାରବଦ୍ଧ ଅଟୁ।

**ଦରଖାସ୍ତକାରୀଙ୍କ ସ୍ୱାକ୍ଷର**
**ପଦବୀ-**
**03001/11/0016/1920** **ତାରିଖ-**

## STATE POLLUTION CONTROL BOARD, ODISHA

**[DEPARTMENT OF FOREST & ENVIRONMENT, GOVERNMENT OF ODISHA]**
**Paribesh Bhawan, A/118, Nilakantha Nagar, Unit-VIII**
**Bhubaneswar-751012, INDIA, Tel : 0674-2564033, EPABX : 2561909/2562847**
**E-mail : paribesh1@ospcboard.org, Website : ospcboard.org**

**No.8323/IND-IV-PCP-BMW-40** **PUBLIC NOTICE** **Dtd.17.08.19**

**KIND ATTENTION : ALL HEALTH CARE ESTABLISHMENTS (HCEs) OF THE STATE OF ODISHA**

State Pollution Control Board, Odisha vide a Public Notice No.5330/Ind-IV-PCP-BMW-40 dtd.31.05.2019 published in Odia daily 'Dharitri' dtd.03.06.2019 and in English daily 'Times of India' dtd.02.06.2019 had asked all the bedded Health Care Establishments to apply to the State Pollution Control Board for grant of consent to operate u/s 25/26 of Water (Prevention & Control of Pollution) Act, 1974. Meanwhile, the Board in it's 119th Board Meeting held on 29.06.2019 have decided that all the HCEs having less than 30 beds are to be categorized as "White Category" and hence are exempted from obtaining consent to operate from the Board. They will be regulated only under authorization administration under Bio Medical Waste Rules. HCEs having waste water generation <100 Kilo liters per day(KLD) and having ≥, 30 beds are categorized as "orange category" and required to obtain consent to operate from the Board as stipulated and in the manner specified in the public notice of the Board dt.31.05.2019 referred above.

**Sd./- MEMBER SECRETARY**

See Career Appointment on every Wednesday & Saturday

## idco | ODISHA NEW OPPORTUNITIES — ODISHA INDUSTRIAL INFRASTRUCTURE DEVELOPMENT CORPORATION

Your power to grow — ISO 9001 & 14001 CORPORATION

*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

**No. IDCO/HO-MIS/A-10013/01/2019/V-1/P-2/14359** **Date: 19.08.2019**

### TENDER CALL NOTICE

IDCO invites Request For Proposal (RFP) from the eligible bidders to participate in the tendering process for supply and Installation of the items given in the table below indicating Cost of Tender Paper and EMD. The interested bidders can download the RFP documents from IDCO website from 20.08.2019 to 31.08.2019 up to 5.00 P.M. Response to RFP should be sent by Registered Post/ Speed Post only so as to reach the Manager (MIS), IDCO, IDCO Towers, Janpath, Bhubaneswar - 22 on or before 05.09.2019 up to 5.00 P.M.

| Sl. | Name of the Work | Quantity | Cost of Tender paper | EMD |
|---|---|---|---|---|
| 1 | Supply, Installation, Commissioning including Warranty of Red Hat Enterprises Linux (RHEL) for Virtual Data Centre (3 Year License) | 5 | Rs.11,800/- (Including 18% GST) | Rs.6,400/- |
| 2 | Supply, Installation, Commissioning including 3 year Warranty of Red Hat Open Stack Platform (RHOSP) (without Guest OS), Standard (2 Socket) (3 year license) | 8 | | |
| 3 | Server for installation of NMS (EMS System) | 1 | | |

For details, please contact to Mr. Kabisurya Singh, Mob No. 9658506450 during office hours. For further assistance, please email to **mis@idco.in.**

**Sd/-**
**Manager (MIS)**

## OFFICE OF THE SUPERINTENDENT SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT, ODISHA

**PHONE - 06852-252121, E-mail-slnmchkpt18@gmail.com**

**Tender Notice No.2237/19** **Dated : 17.08.2019**

No.231-E :- Sealed tenders are invited by the Superintendent, Saheed Laxman Nayak Medical College and Hospital, Koraput functioning under Health and F.W. Department, Govt. of Odisha in two - bid system from eligible registered service providers / firms for implementation of computerization of Central Registration Counter in the Office of the Superintend , Saheed Laxman Nayak Medical College and Hospital, Koraput for a period of one year can be extended for 3year on satisfactory performance . The details terms and conditions in the form of tender paper will be available in the district website of Koraput District **(www.koraput.nic.in)** / **http://www.slnmch.nic.in** / **www.dmetorissa.gov.in** and can be downloaded subject to condition that the money towards tender cost will be applicable as per procedure. The authority reserves the right to reject any / all the Tenders without assigning any reason thereof.

| | | |
|---|---|---|
| 1 | Date of sale of Tender Paper | 19.08.2019 |
| 2 | Cost of Tender Paper (Non refundable) | Rs. 6000/-(GST as applicable) |
| 3 | Cost of E.M.D | Rs. 15000/- In shape of Bank Draft/DD/ Pay order in favour of Dean and Principal, SLNMCH, Koraput, payable at Koraput. |
| 4 | Pre-bid meeting | 31.08.2019 at O/o Superintendent, SLNMCH, Koraput |
| 5 | Last date of receipt of Tender paper | 10.09.2019 |
| 6 | Date of opening of the Technical Bid (Cover - A) | 12.09.2019 |
| 7 | Date of opening of the Financial bid (Cover - B) | 16.09.2019 |
| 8 | Venue for opening Technical Bid and Financial Bid. | O/O - Superintendent, SLN Medical College and Hospital, Koraput. |
| 9 | Address for Correspondence | O/O - Superintendent, SLN Medical College and Hospital, Koraput At-Pujariput, Po/Dist.- Koraput- 764020 |

1. The tender will be received through Regd. Post and Speed post only. The bidders are to submit their tenders in separate sealed envelops for Technical Bid and Financial Bid by super scribing "Technical Bid for implementation of Computerization of Central Registration Counter at Saheed Laxman Nayak Medical College & Hospital, Koraput" (Cover- A) and "Financial Bid for implementation of Computerization of Central Registration Counter at Saheed Laxman Nayak Medical College & Hospital, Koraput" (Cover- B). Both sealed envelopes should be kept in a third sealed envelope super scribing "Tender for implementation of Computerization of Central Registration Counter at Saheed Laxman Nayak Medical College & Hospital, Koraput".

**N:B:** The tender paper will be rejected if the bidder changes or omit any clause or annexure of the bid documents downloaded from the website or if the envelopes are not sealed and properly super subscribed.

**10121/11/0007/1920** **Sd./- Superintendent, SLNMCH, Koraput**

# କେମିତି ଚମକିବ ବାସନ



ସବୁ ମହିଳାଙ୍କୁ ପସନ୍ଦ ସେମାନଙ୍କ ରୋଷେଇ ଘରର ବାସନ କେମିତି ଚମକିବ । କିନ୍ତୁ ବାସନରେ ଯଦି ପୋଡ଼ା ଦାଗ ରହିଯାଏ ତେବେ ତାକୁ ସଫା କରିବା ସମସ୍ୟା ଦେଖାଯାଏ । ବାସନକୁସନ ସହଜରେ ସଫା କରିପାରିବେ ଜାଣନ୍ତୁ ସେ ସମ୍ପର୍କରେ...

-ଆଲୁମିନିୟମ୍ ବାସନକୁ ସଫା କରିବାକୁ ହେଲେ ସେଥିରେ ପିଆଜ ପକାଇ ଓ ପାଣି ପକାଇ ଭଲଭାବେ ଫୁଟାଇ ଦିଅନ୍ତୁ। ପୁଣି ବାସନ ମଜା ସାବୁନ୍‌ରେ ପୁଣି ସଫା କରନ୍ତୁ।
-ଲେମ୍ବୁ ପ୍ଲାଷ୍ଟିକ୍ କଣ୍ଟେନରକୁ ଭଲଭାବେ ସଫା କରିବାରେ କାମ ଦେଇଥାଏ । ଏଥିରୁ ବାହାରୁଥିବା ଦୁର୍ଗନ୍ଧକୁ ଦୂର କରିବାକୁ ହେଲେ ଫ୍ରେଶ୍ ଲେମ୍ବୁ ବ୍ୟବହାର କରନ୍ତୁ। ଲେମ୍ବୁ ଚୋପା ସାହାଯ୍ୟରେ କଣ୍ଟେନରକୁ ଭଲଭାବେ ସଫା କରନ୍ତୁ। ଏହାଦ୍ୱାରା ଦାଗ ହାଲ୍‌କା ଓ ଧୀରେ ଧୀରେ ଛାଡ଼ିବ।
-ବେକିଂ ସୋଡ଼ା ବାସନରେ ୧୦-୧୫ମିନିଟ୍ ଭିଜାଇ ରଖି ଦିଅନ୍ତୁ। ପୁଣି ସୋଡ଼ାକୁ ଗୋଲଗୋଲ ଆକାରରେ ରଗଡ଼ନ୍ତୁ। ଏହାଦ୍ୱାରା ଏକଦମ୍ ସଫା ହୋଇଯିବ ବାସନ।
-ବାସନରେ ଦାଗ ଥିଲେ ତାକୁ ସଫା କରିବାକୁ ଆପଣ ଦହିର ପ୍ରୟୋଗ କରିପାରିବେ।



## କିପରି କରିବେ

# ବ୍ୟାଙ୍କ ଆକାଉଣ୍ଟ କ୍ଲୋଜିଂ

ବ୍ୟାଙ୍କ ଆକାଉଣ୍ଟ କ୍ଲୋଜିଂ କରିବାକୁ ଚାହୁଁଥିଲେ କେତେକ ବିଷୟ ପ୍ରତି ସ୍ୱତନ୍ତ୍ର ନଜର ଦେବାକୁ ପଡ଼ିଥାଏ। ତେଣୁ ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ନିମ୍ନଲିଖିତ ବିଷୟ ପ୍ରତି ନଜର ଦିଅନ୍ତୁ...





ଆଜିକାଲି କେବଳ ଟଙ୍କା ପଇସା କାରବାର ନୁହେଁ। ସଞ୍ଚୟ କରିବାର ଅନ୍ୟତମ ମାଧ୍ୟମ ହେଲା ବ୍ୟାଙ୍କ । ଏବେ କେବଳ ଜାତୀୟ ସ୍ୱୀକୃତିପ୍ରାପ୍ତ ନୁହେଁ, ଅନେକ ବେସରକାରୀ ବ୍ୟାଙ୍କରେ ଟଙ୍କା ଦେଣନେଣ କରିହେଉଛି। ଆକାଉଣ୍ଟ ଖୋଲିବା ସମୟରେ ସମ୍ପୃକ୍ତ ବ୍ୟାଙ୍କ ସହ ଯୋଗାଯୋଗ କରି ଆବଶ୍ୟକ କାଗଜପତ୍ର ଦେବାକୁ ପଡିଥାଏ। ସମସ୍ତ ସର୍ତ୍ତ ପୂରଣ ପରେ ସେହି ବ୍ୟାଙ୍କରେ ଆକାଉଣ୍ଟ ଖୋଲଯାଏ। ଠିକ୍ ସେହିପରି ଯେତେବେଳେ ଆପଣ ନିଜ ଆକାଉଣ୍ଟ ବନ୍ଦ କରିବାକୁ ଚାହୁଁଛନ୍ତି ସେପରି କେତେକ ନିୟମ ପାଳନ କରିବାକୁ ପଡେ। କୌଣସି ବି ଖାତା ଅନ୍‌ଲାଇନ୍ କ୍ଲୋଜ ହୁଏ ନାହିଁ। ଖାତା ବନ୍ଦ କରିବାକୁ ହେଲେ ଆପଣଙ୍କ ନିକଟତମ ବ୍ୟାଙ୍କ ଯିବାକୁ ପଡିଥାଏ। ଯଦି ଆପଣଙ୍କ ଡରମାଟ୍ ଆକାଉଣ୍ଟ ଥାଏ ତେବେ ତାକୁ ବନ୍ଦ କରିବାକୁ ହେଲେ ପ୍ରଥମେ ତାକୁ ଚାଲୁ କରିବାକୁ ପଡିଥାଏ। ଡରମାଟ୍ ଆକାଉଣ୍ଟ ଆମେ ତାକୁ କହିବା ଯେଉଁ ଆକାଉଣ୍ଟରେ ଦୁଇବର୍ଷ ହେବ କିଛି ନେଣଦେଣ(ଟ୍ରାଞ୍ଜାକ୍ସନ୍) ହୋଇ ନ ଥିବ। ଡରମାଟ ଆକାଉଣ୍ଟ ବନ୍ଦ କରିବାକୁ ହେଲେ ବି ବ୍ୟାଙ୍କରେ ଫର୍ମ ପୂରଣ କରିବାକୁ ପଡିଥାଏ। ଖାତାକୁ ବନ୍ଦ କରିବା ପୂର୍ବରୁ ଦେଖିବାକୁ ପଡିଥାଏ ଯେ ଏଥିରେ ବୀମା ପଲିସି, କ୍ରେଡିଟ୍ କାର୍ଡ ପେମେଣ୍ଟ, ଡିମାଟ୍ ଓ ଟ୍ରେଡିଂ ଆକାଉଣ୍ଟ, ଲୋନ୍ ଓ ସେଭିଂ ଆକାଉଣ୍ଟ ଆଦି କିଛି ଲିଙ୍କ ନାହିଁ ତ ? ଅଧିକାଂଶ ବ୍ୟାଙ୍କ ଆକାଉଣ୍ଟ ସହ ଏସବୁକୁ ଲିଙ୍କ କରିଥାନ୍ତି। ଯଦି ଆପଣଙ୍କ ଜଏଣ୍ଟ ଆକାଉଣ୍ଟ ଥାଏ ତେବେ ଖାତା ବନ୍ଦ କିରବାକୁ ହେଲେ ଦୁଇଜଣ ଖାତାଧାରୀଙ୍କୁ ବ୍ୟାଙ୍କରେ ଉପସ୍ଥିତ ରହିବା ଜରୁରୀ। କିନ୍ତୁ କେତେକ ବ୍ୟାଙ୍କରେ ଖାତାଧାରୀ ନୋ ଅବ୍‌ଜେକ୍ସନ୍ ସାର୍ଟିଫିକେଟ୍(ଏନ୍‌ଓସି) ଦେଇ ନିଜର ଆକାଉଣ୍ଟ ବନ୍ଦ କରି ପାରିବେ।

**ଆକାଉଣ୍ଟ ବନ୍ଦ କରିବାକୁ ହେଲେ ଆପଣାନ୍ତୁ ଏହି ପ୍ରକ୍ରିୟା**

-ଆପଣ ଯେଉଁ ଖାତା ବନ୍ଦକରିବାକୁ ଯୋଜନା କରୁଛନ୍ତି , ଯଦି ସେଥିରେ କିଛି ଜମାରାଶି ଅଛି ତାକୁ ଖାତାରୁ ଉଠାଇ ପାରିବେ କିମ୍ବା ଅନ୍ୟ କୌଣସି ବ୍ୟାଙ୍କର ଆକାଉଣ୍ଟକୁ ଟ୍ରାନ୍ସଫର ମଧ୍ୟ କରିପାରିବେ। ଏହି ରାଶିକୁ ମଧ୍ୟ ଡିମାଣ୍ଡ ଡ୍ରାଫ୍ଟ କରି ମଧ୍ୟ ଅନ୍ୟ ଆକାଉଣ୍ଟକୁ ସ୍ଥାନାନ୍ତରିତ କରିପାରିବେ।
-ଟ୍ରାନ୍ସଫର କରିବା ସମୟରେ ଏହି କଥାର ଧ୍ୟାନ ରଖନ୍ତୁ ଯେ ଆକାଉଣ୍ଟର ଲାଷ୍ଟ ଟ୍ରାଞ୍ଜାକଶନ୍‌ର ଷ୍ଟେଟମେଣ୍ଟ ନିଜ ପାଖରେ ନିଶ୍ଚିତ ରଖନ୍ତୁ।
-ଏହାପରେ ଆକଉଣ୍ଟ କ୍ଲୋଜର ଫର୍ମ ପୂରଣ କରନ୍ତୁ। ବ୍ୟାଙ୍କ କର୍ମଚାରୀଙ୍କ ପାଖକୁ ଯାଇ ଫର୍ମ ଡିପୋଜିଟ୍ କରନ୍ତୁ। ବ୍ୟାଙ୍କ କ୍ଲୋଜର ଫର୍ମ ଭରିବା ପାଇଁ ଆପଣଙ୍କୁ ବ୍ୟାଙ୍କ ଯିବାକୁ ପଡିବନି। ଏହି ଫର୍ମ ମଧ୍ୟ ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌କୁ ଯାଇ ଡାଉନ୍‌ଲୋଡ୍ କରିବାକୁ ହେବ।
-ଆପଣଙ୍କୁ ଖାତା ବନ୍ଦ କରିବାକୁ ହେଲେ ଅତିକମ୍‌ରେ ଗୋଟିଏ କାରଣ ଦର୍ଶାଇବାକୁ ପଡିବ।
-ଯଦି ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟର କ୍ରେଡିଟ୍ କାର୍ଡ ପେମେଣ୍ଟ , ଡିମାଟ୍ ଓ ଟ୍ରେଡିଙ୍ଗ ଆକାଉଣ୍ଟ,ବୀମା,ଲୋନ ଆଦିରେ ଲିଙ୍କ ଥାଏ ତେବେ ପ୍ରଥମେ ନିଜର ଅଲଗା ଆକାଉଣ୍ଟକୁ ଏସବୁକୁ ଲିଙ୍କ କରି ଦିଅନ୍ତୁ। କାରଣ ଆକାଉଣ୍ଟ ବନ୍ଦ କରିବା ସମୟରେ ଡିଲିଙ୍କିଙ୍ଗ ଫର୍ମ ପୂରଣ କରିବାକୁ ପଡିଥାଏ।
-ଏହା ପରେ ବ୍ୟାଙ୍କ ଅଧିକାରୀଙ୍କୁ ବ୍ୟାଙ୍କ ଆକାଉଣ୍ଟ କ୍ଲୋଜ କରିବାର ଆପ୍ଲିକେଶନ୍ ଓ ସେଲ୍‌ଫ ଆଟେଷ୍ଟେଡ୍ କିମ୍ବା ନିଜ ସାଇନ୍ ହୋଇଥିବା ଲେଟର ବ୍ୟାଙ୍କରେ ଜମା କରିବାକୁ ପଡ଼ିଥାଏ।
-ଏସବୁ ପରେ ଆପଣଙ୍କୁ ଚେକ୍‌ବୁକ୍,ଏଟିଏମ୍‌କାର୍ଡ,କ୍ରେଡିଟ୍ କାର୍ଡ ଆଦି ବ୍ୟାଙ୍କ୍‌କୁ ଫେରାଇବାକୁ ପଡ଼ିଥାଏ।
-ଏହାପରେ ବ୍ୟାଙ୍କ ଅଧିକାରୀ ଆପଣଙ୍କ ଖାତା ସହ ଜଡିତ କୌଣସି ଟ୍ୟାକ୍ସ ପେଣ୍ଡିଂ ହୋଇଥାଏ ତାକୁ ଯାଞ୍ଚ କରିବାକୁ ପଡ଼େ। କୌଣସି ବି ଜରିମାନା, ବାକି କିମ୍ବା ଭାଲ୍ୟୁ ଆଡେଡ୍ ସର୍ଭିସ ଦେବାକୁ ଥାଏ ତେବେ ବ୍ୟାଙ୍କ ଆପଣଙ୍କ ଠାରୁ ଚାର୍ଜ କରିଥାଏ।
-କିଛି ପ୍ରାଇଭେଟ୍ ବ୍ୟାଙ୍କ ରହିଛି , ଖାତା ବନ୍ଦ କରିବାର ଚାର୍ଜ ନେଇଥାନ୍ତି। ସବୁଠୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା- ଯଦି ଆପଣ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ୧୪ଦିନ ଭିତରେ ଆକାଉଣ୍ଟ କ୍ଲୋଜ କରୁଛନ୍ତି ତେବେ ବ୍ୟାଙ୍କ ଆପଣଙ୍କ ଠାରୁ କୌଣସି ଚାର୍ଜ ନେବ ନାହିଁ। ଯଦି ଆପଣ ୧୪ଦିନରୁ ଅଧିକ ଏକବର୍ଷ ମଧ୍ୟରେ ଆକାଉଣ୍ଟ ବନ୍ଦ କରି ଦେଉଛନ୍ତି ତେବେ ବ୍ୟାଙ୍କ ଆପଣଙ୍କ ଠାରୁ କ୍ଲୋଜର ଚାର୍ଜ ନେଇପାରିବ।
-ଶେଷରେ ବ୍ୟାଙ୍କ ଅଧିକାରୀ ଆକନଲେଜ୍‌ମେଣ୍ଟର ଗୋଟିଏ କପି ଦେବେ ଓ ୧୦ଦିନ ମଧ୍ୟରେ ଆପଣଙ୍କ ଆକାଉଣ୍ଟ ବନ୍ଦ ହୋଇଯିବ।
-ସବୁ କାର୍ଯ୍ୟ ସମ୍ପନ୍ନ ହେବା ପରେ ବ୍ୟାଙ୍କ ରେଜିଷ୍ଟର୍ଡ ଇମେଲ୍ ଆଇଡି ସହିତ ମୋବାଇଲକୁ ମଧ୍ୟ ଏସ୍‌ଏମ୍‌ଏସ୍ ଆସିଯିବ ଯେ ଆପଣଙ୍କ ଆକାଉଣ୍ଟ କ୍ଲୋଜ ହୋଇଗଲା।


**ଏମାନେ କ'ଣ କରନ୍ତି**

**-ଦିପୀକା ଦାଶ**(ବ୍ୟାଙ୍କ ମ୍ୟାନେଜର ବ୍ୟାଙ୍କ ଅଫ୍ ବରୋଦା,ଏସ୍‌ଏସ୍‌ଆଇ, କଶ୍‌ବା,କୋଲକାତା)



ଆକାଉଣ୍ଟ କ୍ଲୋଜ କରିବାକୁ ହେଲେ ପ୍ରଥମେ ଆକାଉଣ୍ଟଧାରୀ ନିଜେ ବ୍ୟାଙ୍କ ଯାଇ ସେଠାରେ ରିକ୍ୟୁଏଷ୍ଟ ଲେଟର ଉଇଥ୍ ପରପୋଜ୍ ଲେଖିବେ। କ'ଣ ପାଇଁ ଆକାଉଣ୍ଟ କ୍ଲୋଜ କରୁଛନ୍ତି ତାହାର ରିଜନ୍ ମଧ୍ୟ ଦେବେ। ଯଦି ଆକାଉଣ୍ଟଧାରୀଙ୍କ ଆକାଉଣ୍ଟରେ ଅଧିକ ଟଙ୍କା ଥାଏ ତେବେ ତାଙ୍କ ଟଙ୍କା ଡ୍ରାଫ୍ଟ ମାଧ୍ୟମରେ ନେଇପାରିବେ। ଯଦି ଆକାଉଣ୍ଟଧାରୀଙ୍କ ଆକାଉଣ୍ଟରେ ବେଶୀ ଟଙ୍କା ନାହିଁ ତେବେ ବ୍ୟାଙ୍କ ତାଙ୍କୁ କ୍ୟାଶ ଆକାରରେ ଦେଇପାରିବେ।

**-ଐଶ୍ୱର୍ଯ୍ୟା ପଟ୍ଟନାୟକ**
(ଛାତ୍ରୀ,ଜଗନ୍ନାଥ ବିହାର,ଭୁବନେଶ୍ୱର)



ମୋର କେବେ ବ୍ୟାଙ୍କ ଆକାଉଣ୍ଟ କ୍ଲୋଜ କରିବା ଦରକାର ପଡିନି। ଯଦି କେବେ ଦରକାର ପଡେ ତେବେ ବ୍ୟାଙ୍କ ଅଧିକାରୀଙ୍କୁ ବୁଝି ସବୁ ଫର୍ମାଲିଟି ପୂରଣ କରି କ୍ଲୋଜ କରିବି।



**କାହିଁକି ଜରୁରୀ ବ୍ୟାଙ୍କ ଆକାଉଣ୍ଟ କ୍ଲୋଜ କରିବା....**

-ଆଜିକାଲିର ଯୁବପିଢ଼ି କ୍ରେଡିଟକାର୍ଡ, ସ୍ୱାର୍ଟକାର୍ଡ, ଭିଜାକାର୍ଡ ଆଦି ଚକ୍କରରେ ଅନେକ ବ୍ୟାଙ୍କରେ ନିଜର ବ୍ୟାଙ୍କ ଆକାଉଣ୍ଟ ଖୋଲିଦିଅନ୍ତି କିମ୍ବା ପୁଣି ବାରମ୍ବାର ଚାକିରି ବଦଳିବା କାରଣରୁ ତାଙ୍କୁ କମ୍ପାନୀ ଦ୍ୱାରା ଅଲଗା ଅଲଗା ବ୍ୟାଙ୍କରେ ସାଲାରି ଆକାଉଣ୍ଟ ଖୋଲିବାକୁ ପଡିଥାଏ। ଯେଉଁକାରଣରୁ ସେମାନଙ୍କ ପାଖରେ ମଲ୍‌ଟିପଲ ସେଭିଂ ଆକାଉଣ୍ଟ ହୋଇଯାଏ। ମଲ୍‌ଟିପଲ ସେଭିଂ ଆକାଉଣ୍ଟ ରଖିବା ଦ୍ୱାରା ଫାଇଦା କମ୍ କ୍ଷତି ଅଧିକ ହୋଇଥାଏ। ଅର୍ଥାତ୍ ଏତେ ବ୍ୟାଙ୍କ ଆକାଉଣ୍ଟ ରଖିବା ବଦଳରେ ତାକୁ ବନ୍ଦ କରିଦେବା ଠିକ୍ ହେବ। କାହିଁକି ନା ବ୍ୟାଙ୍କ ଆକାଉଣ୍ଟ ଯେତେକମ୍ ହେବ, ତାକୁ ମେଣ୍ଟେନ୍ କରିବା ଓ ତା' ଉପରେ ନଜର ରଖିବା ସହଜ ହେବ।
-ସେଭିଂ ଆକାଉଣ୍ଟ ହେବା ଦ୍ୱାରା କେତେ ପ୍ରକାର ଶୁଳ୍କ ଦେବାକୁ ପଡିଥାଏ। ଯେମିତିକି ଡେବିଟ୍ କାର୍ଡ,ଏସ୍‌ଏମ୍‌ଏସ୍ ଚାର୍ଜ,ଏଟିଏମ୍ ଉପଯୋଗ ଚାର୍ଜ ଆଦି ଦେବାକୁ ହେବ। ମଲ୍‌ଟିପଲ୍ ଆକାଉଣ୍ଟ ହେବା ଦ୍ୱାରା ବିନା କାରଣରେ ଏହାର ଶୁଳ୍କ ଦେବାକୁ ପଡିଥାଏ। ଏହାଠୁ ଭଲ ହେବ ଅତିରିକ୍ତ ବ୍ୟାଙ୍କ ଆକାଉଣ୍ଟ ବନ୍ଦ କରିଦିଅନ୍ତୁ।
-ଅଧିକ ବ୍ୟାଙ୍କ ଆକାଉଣ୍ଟ ହେବା କାରଣରୁ ଆପଣଙ୍କୁ ସେଥିରେ ମିନିମମ୍ ବାଲାନ୍ସ ରଖିବା ଜରୁରୀ। ମିନିମମ୍ ବାଲାନ୍ସ ମେଣ୍ଟେନ୍ ନ କରିବା ଫଳରେ ବ୍ୟାଙ୍କ ଦ୍ୱାରା ଲଗାଯାଇଥିବା ପେନାଲ୍‌ଟି ଆପଣଙ୍କୁ ଭରିବାକୁ ପଡିପାରେ।
-ସେଭିଂସ୍ ବ୍ୟାଙ୍କ ଆକାଉଣ୍ଟରେ ବହୁତ କମ୍ ସୁଧ ମିଳିଥାଏ। ଏହା ବଦଳରେ ସେଭିଂ ଜମାରାଶିକୁ ଫିକ୍ସଡ୍ ଡିପୋଜିଟ୍,ମ୍ୟୁଚୁଆଲ୍ ଫଣ୍ଡ କିମ୍ବା ଡିମାଟ୍ ଆକାଉଣ୍ଟରେ ନିବେଶ କରିବା ଦ୍ୱାରା ଆପଣଙ୍କୁ ଅଧିକ ଲାଭ ମିଳିବ।

**-ମହାଶ୍ୱେତା ନାୟକ**

## ଫ୍ୟାଶନ୍

# ମନ୍‌ସୁନ୍ ଟିପ୍ସ

ବର୍ଷାଦିନେ ମହିଳାଙ୍କ ଟେନଶନ୍ ବଢ଼ିଯାଏ ଯେ କ'ଣ ପିନ୍ଧିବେ ଓ ପିନ୍ଧିବେନି। ଯାହା ସେମାନଙ୍କୁ ଷ୍ଟାଇଲିଶ୍ କରିବା ସହିତ ଫ୍ୟାଶନ୍ ସହିତ ଯୋଡ଼ି ରଖେ। ଏଥିପାଇଁ ଆଜି ଆପଣଙ୍କ ଲାଗି ଫ୍ୟାଶନ୍ ଟିପ୍ସ ଦେଉଛୁ ଯାହାର ସାହାଯ୍ୟ ନେଇ ନିଜକୁ ଷ୍ଟାଇଲିଶ୍ କରିପାରିବେ...

❖ବର୍ଷାଦିନରେ ଧଳାରଙ୍ଗର ଡ୍ରେସ ପିନ୍ଧିବାକୁ ଆଭୋଏଡ୍ କରନ୍ତୁ। ଏହା ବଦଳରେ ପେଷ୍ଟାଲ ଶେଡ୍‌କୁ ନିଜ ଆଉଟ୍‌ଫିଟ୍‌ରେ ସାମିଲ କରନ୍ତୁ। ଧଳା ରଙ୍ଗର ଡ୍ରେସ୍‌ରେ ବିଭିନ୍ନ ଦାଗ ଲାଗିବାର ଆଶଙ୍କା ରହିଛି ଓ ଏହି ଦାଗ ଛଡ଼ାଇବାକୁ ହେଲେ କେତେପ୍ରକାର ଉପାୟ ଆପଣାଇବାକୁ ପଡ଼ିଥାଏ।

❖ମନସୁନ୍‌ରେ ଏପରି ଫୁଟ୍‌ୱେର ଚୟନ କରନ୍ତୁ, ଯାହା ଓଦା ହେଲେ ତୁରନ୍ତ ଶୁଖିଯିବ। ଭଲ ଗ୍ରିପ୍ ଥିବା ସହ ସାମ୍ନା ଖୋଲା ଥିଲେ ଭଲ। ମନସୁନ୍‌ରେ ବେଲି କିମ୍ବା ଶୁଜ୍ ପିନ୍ଧିବା ଦ୍ୱାରା ଭିତରେ ପଶିଥିବା ପାଣିରେ ସହଜରେ ବାହାରି ନ ଥାଏ। ଯାହା ଫଳରେ ପାଦ ଆଙ୍ଗୁଳିରେ ଇନ୍‌ଫେକ୍ସନ୍ ହେବାର ଆଶଙ୍କା ରହିଛି। ଏହା ସହ ଆପଣଙ୍କ ପାଦରୁ ଦୁର୍ଗନ୍ଧ ଆସୁଥାଏ ତେବେ ଭୁଲ୍‌ରେ ବି ଆପଣ ଏପରି ଜୋତା ପିନ୍ଧନ୍ତୁ ନାହିଁ। ଲେଦର ସୁଜ୍ ପିନ୍ଧନ୍ତୁ ନାହିଁ।

❖ଏହି ଋତୁରେ କପଡ଼ା ଚୟନ କରିବା ସମୟରେ ଖାସ୍ ଧ୍ୟାନ ରଖନ୍ତୁ। କଟନ, ନାଇଲନ୍, ଶିଫନ୍ ଆଉଟ୍‌ଫିଟ୍ ମନସୁନ୍ ହିସାବରେ ଠିକ୍ ନୁହେଁ। ଏହି ସ୍ଥାନରେ ଲାଇକ୍ରା, ମଲ୍, ପଲିଷ୍ଟର ଫାବ୍ରିକ୍ ଥିବା ଆଉଟ୍‌ଫିଟ୍ ଭଲ ରହିବ। ଯାହା ବର୍ଷାଦିନରେ ଭିଜିଲେ ମଧ୍ୟ ଏହା ସହଜରେ ଶୁଖିଯାଏ।

❖ଟ୍ରାଉଜର ହେଉ କି ଜିନ୍ସ କି ମ୍ୟାକ୍ସି ଡ୍ରେସ୍ ଧ୍ୟାନ ରଖନ୍ତୁ ଏହାର ଲମ୍ବା ଅଧିକ ନ ହେଉ। ବର୍ଷାଦିନେ ଶର୍ଟ ହେମଲାଇନ୍ ଥିବା ଆଉଟ୍‌ଫିଟ୍ ଚୟନ କରନ୍ତୁ। କ୍ୟୁଲଟ୍ସ, କ୍ୟାପ୍ରି, ଆଙ୍କଲ ଲେନ୍ଥ ପ୍ୟାଣ୍ଟ ଋତୁ ହିସାବରେ କମ୍ଫର୍ଟ ସହ ମଧ୍ୟ ଷ୍ଟାଇଲିଶ୍ ହୋଇଥାଏ।

❖ପେଷ୍ଟାଲ୍ ସହିତ ବ୍ରାଇଟ୍ କଲରର କଲେକ୍ସନ୍ ମନସୁନ୍ ପାଇଁ ପରଫେକ୍ଟ ଚଏସ୍। ଯାହାଦ୍ୱାରା ବର୍ଷାଦିନରେ ଭିଜିବା ଦ୍ୱାରା ଅନ୍‌କମ୍ଫର୍ଟେବଲ୍ ଲାଗି ଥାଏ।



## ଖାଦ୍ୟରୁଚି

# ହାଣ୍ଡି ପନିର

**ଆବଶ୍ୟକ ସାମଗ୍ରୀ:** ପନିର (୨୦୦ଗ୍ରାମ୍), ଅଳ୍ପ ପରିମାଣର ଅଦା(ଘସା ହୋଇଥିବା), ହଳଦୀଗୁଣ୍ଡ (ଅଧା ଚାମଚ), ଗରମ ମସଲା (ଅଧା ଚାମଚ), ଟମାଟୋ (ଗୋଟିଏ), ଗୋଲମରିଚ ଗୁଣ୍ଡ (ଅଳ୍ପ ପରିମାଣର), ୩ଟି ଛୋଟ ଆକାରରେ କଟା ହୋଇଥିବା ପିଆଜ, ଦହି (ଅଧାକପ୍), ଛୋଟ ଆକାରରେ କଟା ହୋଇଥିବା ଧନିଆ ପତ୍ର, ଅଧାକପ ପାଣି, ଆବଶ୍ୟକତା ଅନୁସାରେ ତେଲ ଏବଂ ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ୍ ଲଗାଇ ହାଣ୍ଡିରେ ତେଲ ଗରମ କରନ୍ତୁ। ତେଲ ତାତିଲା ପରେ ଏଥିରେ କଟା ହୋଇଥିବା ପିଆଜ ପକାଇ ଦିଅନ୍ତୁ। ଏହାପରେ ଏହାକୁ ନାଲି ହେବାକୁ ଛାଡ଼ି ଦିଅନ୍ତୁ। ପରେ ଏଥିରେ ଅଦା,ହଳଦୀଗୁଣ୍ଡ, ଲାଲ୍ ଲଙ୍କାଗୁଣ୍ଡ,ଗରମ ମସଲା ପକାନ୍ତୁ। କିଛି ସମୟ କଷିଲା ପରେ ଏଥିରେ ଟମାଟୋ,କଞ୍ଚାଲଙ୍କା ପକାନ୍ତୁ। ପୁଣି ଏଥିରେ ଦହି ପକାନ୍ତୁ ଓ ଏଥିରୁ ପାଣି ଶୁଖିଲା ପର୍ଯ୍ୟନ୍ତ ଚଲାନ୍ତୁ। ଏହାପରେ ଏଥିରେ ଲୁଣ ଓ ପାଣି ପକାଇ ଫୁଟିବାକୁ ଛାଡି ଦିଅନ୍ତୁ। ଏବେ ପନିର ପକାଇ ତାକୁ ମିଶାଇ ଦିଅନ୍ତୁ। ଏହାପରେ ଧନିଆଁ ପତ୍ର ପକାନ୍ତୁ। ସର୍ବଶେଷରେ ଗୋଲମରିଚ ଗୁଣ୍ଡ ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ହାଣ୍ଡି ପନୀର।



## ସୌନ୍ଦର୍ଯ୍ୟ



# ଫେସପ୍ୟାକ୍

ମୁଖକୁ ସୁନ୍ଦର କରିବାକୁ ହେଲେ ମହିଳାମାନେ କେତେ ଉପାୟ ଆପଣାଇଥାନ୍ତି। ଏହି ଉପାୟ ମଧ୍ୟରୁ ଫେସପ୍ୟାକ୍ ଅନ୍ୟତମ। ଯାହାର ସହାୟତାରେ ମହିଳାମାନେ ଆକର୍ଷକ ଦେଖାଯାନ୍ତି। ଫେସପ୍ୟାକ୍‌କୁ ମହିଳା ଘରେ ହିଁ ଆପଣାଇଥାନ୍ତି ଓ ସୁନ୍ଦର ହେବାର ଇଚ୍ଛା ରଖିଥାନ୍ତି। କିନ୍ତୁ ଦେଖାଯାଏ ମହିଳାଙ୍କ ଫେସପ୍ୟାକ୍ ଲଗାଇବା ସମୟରେ କିଛି ଭୁଲ୍ କରି ବସନ୍ତି ଯେଉଁ କାରଣରୁ ଏହାର ପୂରା ଫାଇଦା ମିଳି ନ ଥାଏ। ଆଜି ଆପଣଙ୍କୁ ଏମିତି ଭୁଲ୍ ବିଷୟରେ ସୂଚନା ଦିଆଯାଉଛି ଜାଣନ୍ତୁ ସେ ସମ୍ପର୍କରେ...

-ଫେସପ୍ୟାକ୍ ଶୁଖିଲା ପରେ ମହିଳାମାନେ ତାକୁ ରଗଡି ସଫା କରିଥାନ୍ତି। ଯାହାକି ସମ୍ପୂର୍ଣ୍ଣ ଭୁଲ୍। ଯଦି ଫେସ୍‌ପ୍ୟାକ୍ ଶୁଖିଯାଇଛି ତେବେ ଗୋଲାପଜଳ ଓ ପାଣି ଲଗାଇ ହାଲ୍‌କା ମସାଜ୍‌ରେ ସଫା କରନ୍ତୁ।
-ଫେସପ୍ୟାକ୍ ଲଗାଇବା ପରେ କଥାବାର୍ତ୍ତା କରନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କ ମୁହଁରେ ଲୋଚାକୋଚା ପଡ଼ିପାରେ। ଭଲ ହେବ ଫେସପ୍ୟାକ୍ ଲଗାଇବା ପରେ ଚୁପ୍ ରୁହନ୍ତୁ।
-ଅଧିକ ସମୟ ପର୍ଯ୍ୟନ୍ତ ଫେସପ୍ୟାକ୍ ଲଗାଇବା ଦ୍ୱାରା ଏହା କ୍ଷତିକାରକ। ଏକ୍ସପର୍ଟଙ୍କ ମତରେ ଫେସପ୍ୟାକ୍ କେବଳ ୧୦-୧୫ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। କିନ୍ତୁ ଏହାକୁ ଅଧିକ ସମୟ ଲଗାଇବା ଦ୍ୱାରା ମୁହଁର ତେଲିଆପଣକୁ ଶୁଖାଇ ଦେଇଥାଏ। ଯାହା ଫଳରେ ତ୍ୱଚା ଟାଣିହେଲା ପରି ଲାଗିବ। ଏହାଦ୍ୱାରା ଡ୍ରାଏନେସ, ରାସେସ୍ ଓ କୁଣ୍ଡାଇ ହେବା ସମସ୍ୟା ଦେଖାଯାଇପାରେ।
-ଗରମପାଣି ବ୍ୟବହାର କରନ୍ତୁ ନାହିଁ। ଅଧିକାଂଶ ମହିଳା ଫେସପ୍ୟାକ୍‌କୁ ମିକ୍ସ କରିବାକୁ ହେଲେ ଗରମ ପାଣି ବ୍ୟବହାର କରିଥାନ୍ତି। ଯାହା ତ୍ୱଚା ପାଇଁ କ୍ଷତିକାରକ। ଫେସପ୍ୟାକ୍‌କୁ ସାମାନ୍ୟ କିମ୍ବା ଫ୍ରେସ୍ ପାଣିରେ ମିକ୍ସ କରି ଦିଅନ୍ତୁ।

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 71.43 (29) | 37,402.49 (52.16) | 11,053.90 (6.10) | 38,570.00 (₹100) | 45,000.00 (₹50) |



> ରେଲୱେ ଠାରୁ ୮୪୫ କୋଟି ଟଙ୍କାର କାର୍ଯ୍ୟାଦେଶ ଦ୍ୱାରା ରେଲୱେ ଭିତ୍ତିଭୂମି ନିର୍ମାଣରେ ନିଜର ଯୋଗଦାନ ଦେଇପାରିବୁ।
> – ବିମଳ କେଜରିୱାଲ, ଏମ୍‌ଡି ତଥା ସିଇଓ, କେଇସି ଇଣ୍ଟରନ୍ୟାଶନାଲ



> ୫୯ ମିନିଟ ଋଣ ଯୋଜନା ପ୍ରତି ଲୋକଙ୍କ ଉତ୍ସାହ ବୃଦ୍ଧି ପାଉନାହିଁ। ଟାର୍ଗେଟରେ ଥିବା ଋଣଗ୍ରହୀତାଙ୍କୁ ଏ ଦିଗରେ ସଚେତନ କରାଯାଇନାହିଁ।
> – ରଜନୀଶ କୁମାର, ଅଧ୍ୟକ୍ଷ, ଏସ୍‌ବିଆଇ



## ସଂକ୍ଷେପରେ

### ପ୍ରତ୍ୟକ୍ଷ ଟିକସ କୋଡ୍ ସୀତାରାମନ୍‌ଙ୍କୁ ରିପୋର୍ଟ ଦେଲା ଟାସ୍କଫୋର୍ସ

**ନୂଆଦିଲ୍ଲୀ,୧୯-୮:** ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି) ସଦସ୍ୟ ଅଖିଳେଶ ରଞ୍ଜନଙ୍କ ଅଧ୍ୟକ୍ଷତାରେ ଗଠିତ ଟାସ୍କଫୋର୍ସ ସୋମବାର ନୂଆ ପ୍ରତ୍ୟକ୍ଷ ଟିକସ କୋଡ୍ ଉପରେ ନିଜର ରିପୋର୍ଟ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ହସ୍ତାନ୍ତର କରିଛନ୍ତି। ରିପୋର୍ଟ ସମ୍ପର୍କରେ ବିସ୍ତାରିତ ତଥ୍ୟ ମିଳିପାରିନାହିଁ। ରିପୋର୍ଟ ପ୍ରଦାନ କରାଯାଇଥିବା ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଟୁଇଟ୍ ଜରିଆରେ ଜଣାଇ ଦିଆଯାଇଛି। ମେ' ୩୧ ସୁଦ୍ଧା ରିପୋର୍ଟ ଦେବାକୁ ପ୍ରଥମେ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ରିପୋର୍ଟ ପ୍ରଦାନ ସମୟସୀମାକୁ ଆହୁରି ୨ ମାସ ବଢ଼ାଇ ଦେଇଥିଲେ। ତଦନୁଯାୟୀ ସରକାର ଟାସ୍କଫୋର୍ସକୁ ଅଗଷ୍ଟ ୧୬ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାରଣ ଟାସ୍କଫୋର୍ସ ଅଧିକ ସମୟ ମାଗିଥିଲେ। ଏହି ଟାସ୍କଫୋର୍ସରେ ଆବାହକ ଅଖିଳେଶ ରଞ୍ଜନ କାର୍ଯ୍ୟ କରୁଥିଲେ।

### ୬ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଲା ଟଙ୍କା

**ନୂଆଦିଲ୍ଲୀ,୧୯-୮:** ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଧାରା ଲାଗି ରହିଛି। ସୋମବାର ଏହା ୨୯ ପଇସା ହ୍ରାସ ସହ ୬ ମାସର ସର୍ବନିମ୍ନ ସ୍ତର ୭୧.୪୩ ରେ ପହଞ୍ଚିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବା ତଥା ବିଦେଶରେ ଅନ୍ୟ ମୁଦ୍ରା ତୁଳନାରେ ଡଲାର ଦୃଢ଼ ହେବା ଯୋଗୁ ଭାରତୀୟ ମୁଦ୍ରା ଟଙ୍କାକୁ ନେଇ ଧାରଣା ପ୍ରଭାବିତ ହୋଇଛି। ବଜାର ସୂତ୍ର ଅନୁଯାୟୀ ଅର୍ଥନୀତିକୁ ଦ୍ରୁତତର କରିବା ଲାଗି ସରକାରଙ୍କ ହସ୍ତକ୍ଷେପକୁ ଅପେକ୍ଷା କରାଯାଇଛି। ଖୁବଶୀଘ୍ର ଉତ୍ସାହଜନକ ପ୍ୟାକେଜ ଘୋଷଣା କରାଯିବ ବୋଲି ଆଶାକରାଯାଉଛି। ସୋମବାର ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ ଆମେରିକା ମୁଦ୍ରା ଡଲାର ତୁଳନାରେ ଟଙ୍କାର ସ୍ଥିତି ଭଲ ନ ଥିଲା। ଏହା ଆରମ୍ଭରୁ ନିମ୍ନ ସ୍ତର ଆଡକୁ ଗତି କରି ଚାଲିଥିଲା। ଦିନର କାରବାର ଶେଷରେ ଏହା ୨୯ ପଇସା ହ୍ରାସ ସହ ୭୧.୪୩ରେ ବନ୍ଦ ହୋଇଛି। ଫେବୃୟାରୀ ୭ ପରେ ଟଙ୍କା ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସେହିଦିନ ଏହା ଡଲାର ବିନିମୟରେ ୭୧.୪୫ ସ୍ତରରେ ବନ୍ଦ ହୋଇଥିଲା।


### କର୍ପୋରେଟ ଟିକସକୁ ଧୀରେ ଧୀରେ କମାଯିବ: ସୀତାରାମନ୍

**ନୂଆଦିଲ୍ଲୀ,୧୯-୮:** କର୍ପୋରେଟ ଟିକସକୁ ଧୀରେ ଧୀରେ ୨୫%କୁ ହ୍ରାସ କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର କହିଛନ୍ତି। ଦେଶ ପାଇଁ ସମ୍ପତ୍ତି ସୃଷ୍ଟି କରୁଥିବା ଉଦ୍ୟୋଗ ଜଗତକୁ ଯଥାସମ୍ଭବ ସହାୟତା ପ୍ରଦାନ କରାଯିବ ଏବଂ କର୍ପୋରେଟ ଟିକସକୁ ୩୦ରୁ ୨୫%କୁ କମାଯିବ। ବଜେଟ ଘୋଷଣା ଅନୁଯାୟୀ ୪୦୦ କୋଟି ଟଙ୍କାରୁ ଅଧିକ ବାର୍ଷିକ କାରବାର କରୁଥିବା କମ୍ପାନୀଙ୍କ ପାଇଁ କର୍ପୋରେଟ ଟିକସକୁ ଧୀରେ ଧୀରେ ୨୫%କୁ ହ୍ରାସ କରାଯିବ ବୋଲି ସେ କହିଛନ୍ତି। ଏଥିପୂର୍ବରୁ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହି କାରବାର ସୀମାକୁ ୨୫୦କୋଟି ଟଙ୍କା ଧାର୍ଯ୍ୟ କରିଥିଲେ।

# ଅର୍ଥନୀତି ଧିମା ପଡ଼ିଥିବା ଗଭର୍ନରଙ୍କ ସ୍ୱୀକାର

**ମୁମ୍ବାଇ,୧୯-୮**

- ନିରାଶାବାଦ୍ ଛାଡ଼ି ସୁଯୋଗ ଖୋଜିବାକୁ ପରାମର୍ଶ
- ଜମା, ଋଣକୁ ରେପୋ ରେଟ୍ ସହ ଯୋଡ଼



ବର୍ତ୍ତମାନ ଦେଶର ଅର୍ଥନୀତି ଧିମା ହୋଇଯାଇଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ସ୍ୱୀକାର କରିଛନ୍ତି। ଏଥିଯୋଗୁ ଆଭ୍ୟନ୍ତରୀଣ ଓ ବାହ୍ୟ ଉଭୟ ସ୍ତରରେ ବଡ ଆହ୍ୱାନ ରହିଛି। ତେବେ ଲୋକେ ନିରାଶାବାଦୀ ନ ହୋଇ ସୁଯୋଗ ଖୋଜିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।

ଉଦ୍ୟୋଗ ଜଗତ ଫିକି ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ ବ୍ୟାଙ୍କିଙ୍ଗ ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି ଯେ, ଖବର କାଗଜପଢ଼ି, ବିଜନେସ୍ ଚ୍ୟାନେଲ ଦେଖିବା ପରେ ଲୋକଙ୍କ ମନରେ ପର୍ଯ୍ୟାପ୍ତ ଆଗ୍ରହ ନ ଥିବା ସେ ମନେ କରୁଛନ୍ତି। ଲୋକଙ୍କୁ ବୁଝିବାକୁ ହେବ ଯେ, ଅର୍ଥନୀତିରେ ଅନେକ ଆହ୍ୱାନ ରହିଛି। ସେ କହିଛନ୍ତି ଯେ, ଆଜି ଲୋକଙ୍କ ମୁଡ୍ ଚିନ୍ତାରେ ଭରି ରହିଥିବା ବେଳେ ଅନେକେ ସକାରାତ୍ମକ ମୁଡ୍‌ରେ ରହିଛନ୍ତି। ତାଙ୍କ ମତରେ ମନୋଭାବର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ କହିଛନ୍ତି ଯେ, ଅର୍ଥନୀତିରେ ଅନେକ ଆହ୍ୱାନ ରହିଛି। ତଥାପି ଏହାରି ଭିତରେ ଏକାଧିକ ସୁଯୋଗ ମଧ୍ୟ ରହିଛି। ଆମକୁ ତାହା ଖୋଜିବାକୁ ହେବ। ଅନ୍ୟପକ୍ଷରେ ଋଣ ଓ ଜମା ଉପରେ ଦିଆଯାଉଥିବା ସୁଧ ହାରକୁ ରେପୋ ରେଟ୍ ସହ ଯୋଡିବାକୁ ଶକ୍ତିକାନ୍ତ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏହା ସମ୍ଭବ ହେଲେ ମୁଦ୍ରାନୀତିର ଫାଇଦା ଗ୍ରାହକଙ୍କ ନିକଟରେ ସିଧାସଳଖ ପହଞ୍ଚିବା ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତି। ଜମା ଓ ଋଣକୁ ରେପୋ ରେଟ୍ ସହ ଯୋଡାଗଲେ ବ୍ୟାଙ୍କଗୁଡ଼ିକ ବିଭିନ୍ନ ସମୟରେ ରେପୋ ରେଟ୍ ପରିବର୍ତ୍ତନ ସହ ତାଳ ଦେଇ ସୁଧ ହାରକୁ ବଢ଼ାଇ ଅଥବା କମାଇପାରିବେ ବୋଲି ସେ କହିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ନିୟାମକ ଭାବେ ଆର୍‌ବିଆଇ ନିଜର ଭୂମିକା ନିର୍ବାହ କରିବ। କେନ୍ଦ୍ରୀୟ ବ୍ୟାଙ୍କ ବଜାର ପ୍ରତିକ୍ରିୟାକୁ ଅନୁଶୀଳନ କରିବା ପରେ ଏଭଳି ପଦକ୍ଷେପ ଗ୍ରହଣ କରିବେ, ଯାହା ଦ୍ୱାରା ନୂଆ ଋଣକୁ ରେପୋ ଅଥବା ଅନ୍ୟ ବାହ୍ୟ ମାନଦଣ୍ଡ ସହ ଯୋଡିବାରେ ସହାୟତା ମିଳିବ। ଦେଶର ଅର୍ଥନୀତି କିଭଳି ବୃଦ୍ଧି ହେବ, ତାହା ଦେଖିବା କେନ୍ଦ୍ର ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଛି। ପ୍ରତ୍ୟେକ ନୀତି ନିର୍ଦ୍ଧାରକ ଏହାକୁ ନେଇ ଚିନ୍ତିତ। ଧିମା ହୋଇଯାଉଥିବା ଅର୍ଥନୀତି ବିଶ୍ୱ ଆର୍ଥିକ ସ୍ଥିରତା ପାଇଁ ବିପଦ ବୋଲି ସେ ଉଲ୍ଲେଖ କରିଛନ୍ତି। ତେବେ ବ୍ୟାଙ୍କଗୁଡ଼ିକୁ ଏହି ଝଟକା ସହିବା ଲାଗି ଅଧିକ ନମନିୟତା ଆପଣାଇବାକୁ ହେବ ବୋଲି ସେ କହିଛନ୍ତି। ଶକ୍ତିକାନ୍ତଙ୍କ ମତରେ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି)ରେ ସଂଶୋଧନ ହେବା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ବକେୟା ଋଣ ଫେରସ୍ତ ପାଇବାରେ ସହାୟକ ହେବ। ବ୍ୟାଙ୍କଗୁଡ଼ିକୁ ଏଭଳି ଭାବେ ପ୍ରସ୍ତୁତ କରାଯାଉଛି, ଯାହାଦ୍ୱାରା ସେମାନେ ସରକାରଙ୍କ ଉପରେ ନିର୍ଭରଶୀଳ ହେବା ପରିବର୍ତ୍ତେ ବଜାରରୁ ପୁଞ୍ଜି ଯୋଗାଡ କରିବାକୁ ସକ୍ଷମ ହେବେ। ବ୍ୟାଙ୍କ ଓ ଏନ୍‌ବିଏଫ୍‌ସିଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ସମ୍ପର୍କ ଉପରେ ମଧ୍ୟ ଆର୍‌ବିଆଇ ନଜର ରଖିଛି ବୋଲି ଶକ୍ତିକାନ୍ତ କହିଛନ୍ତି।



## ତନିଷ୍କ ପକ୍ଷରୁ ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ

**ଭୁବନେଶ୍ୱର, ୧୯-୮**

ତନିଷ୍କ ପକ୍ଷରୁ ଆଷର୍କଣୀୟ ଗୋଲ୍ଡ ଏକ୍ସଚେଞ୍ଜ ପ୍ରୋଗ୍ରାମ ସମ୍ପର୍କରେ ଘୋଷଣା କରାଯାଇଛି। ପୁରୁଣା ଗହଣା ବଦଳାଇବାକୁ ଏହା ଗ୍ରାହକଙ୍କୁ ସୁଯୋଗ ପ୍ରଦାନ କରୁଛି। ଏହି ସମୟରେ ଗ୍ରାହକ ୧୪ରୁ ଅଧିକ କ୍ୟାରେଟ ସୁନାର ଏକ୍ସଚେଞ୍ଜ ଉପରେ ୧୦୦% ମୂଲ୍ୟ ପାଇପାରିବେ। ସେହିଭଳି ହୀରା ପାଇଁ ତନିଷ୍କ ଗହଣା ଏକ୍ସଚେଞ୍ଜ କଲେ ଅତିରିକ୍ତ ୧ କ୍ୟାରେଟ ମିଳିପାରିବ। ଏହି ସମୟରେ ସୁନା ଗହଣାର ବୃହତ୍ ସମ୍ଭାର ପ୍ରଦାନ କରାଯାଉଛି। ସେପ୍ଟେମ୍ବର ୧୦ ଯାଏ ଏହି ଅଫରର ଲାଭ ଗ୍ରାହକ ପାଇ ପାରିବେ। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ବ୍ୟାପକ ବର୍ଗର ପାରମ୍ପରିକ, ଆଞ୍ଚଳିକ ଓ ଆଧୁନିକ ଡିଜାଇନ ଗହଣା ଉପଲବ୍ଧ ରହିଛି। ସୁନାର ଶୁଦ୍ଧତା ମାପିବା ଲାଗି ଷ୍ଟେଟ ଅଫ୍ ଆର୍ଟ କ୍ୟାରେଟ ମିଟର ବ୍ୟବହାର ହେଉଥିବା ତନିଷ୍କ ପକ୍ଷରୁ କୁହାଯାଇଛି।

# ଧିମା ହୋଇଛି ନିଯୁକ୍ତି



ଭାରତରେ ଗତବର୍ଷ ବେକାରି ହାର ୪୫ ବର୍ଷରେ ସବୁଠାରୁ ଖରାପ ରହିଛି। ଏହି ସମୟରେ ପ୍ରାୟ ସବୁ ସେକ୍ଟରରେ ନିଯୁକ୍ତି ଅତ୍ୟନ୍ତ ଧିମା ରହିଛି। ମାନ୍ଦାବସ୍ଥା ଯୋଗୁ ନିଯୁକ୍ତି ପ୍ରଦାନ ପ୍ରକ୍ରିୟା ଧୀରେ ଧୀରେ କମିବାରେ ଲାଗିଛି। କେୟାର ରେଟିଙ୍ଗ୍‌ସ ଲିମିଟେଡ ପକ୍ଷରୁ ଏକ ଷ୍ଟଡିରୁ ଜଣାପଡିଛି ଯେ, ବ୍ୟାଙ୍କ, ବୀମା କମ୍ପାନୀ, ଅଟୋ ନିର୍ମାତା, ଲଜିଷ୍ଟିକ୍ସ ଏବଂ ଭିତ୍ତିଭୂମି କ୍ଷେତ୍ରରେ ନିଯୁକ୍ତି ସବୁଠାରୁ କମ୍ ରହିଛି। ଚଳିତ ବର୍ଷ ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ୧୦୦୦ କମ୍ପାନୀଙ୍କ ରିପୋର୍ଟ ତର୍ଜମା ପରେ ଉକ୍ତ ଷ୍ଟଡି ରିପୋର୍ଟ ପ୍ରସ୍ତୁତ କରାଯାଇଛି।

ଅନ୍ୟପକ୍ଷରେ ବ୍ଲୁମ୍‌ବର୍ଗ ରିପୋର୍ଟ ଅନୁଯାୟୀ, ସେବା କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆଶା ରହିଛି। ମାର୍ଚ୍ଚ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ହାର ୫ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ନିଯୁକ୍ତି ସୁଯୋଗ ହ୍ରାସ ଯୋଗୁ ଏହା ସ୍ପଷ୍ଟ ଯେ, ଦେଶ ଆର୍ଥିକ ସଙ୍କଟ ଦେଇ ଗତିକରୁଛି। ଫଳରେ ଦେଶକୁ ଆକର୍ଷଣୀୟ ନିବେଶ ସ୍ଥଳ ଭାବେ ଉପସ୍ଥାପନ କରିବା ନେଇ କେନ୍ଦ୍ର ସରକାରଙ୍କ ପ୍ରୟାସକୁ ଏହା ଝଟକା ଦେଇପାରେ। ଏହାବ୍ୟତୀତ ନିଯୁକ୍ତି ସଙ୍କଟ ଅଧିକ ଗଭୀର ହେବା ଦ୍ୱାରା ସାମାଜିକ ତଥା ରାଜନୈତିକ ଉତ୍ତେଜନା ବଢ଼ିପାରେ। କେୟାର ରେଟିଙ୍ଗସ ମୁତାବକ, ମାର୍ଚ୍ଚ ୨୦୧୭ରେ ନିଯୁକ୍ତି ବୃଦ୍ଧି ୫୪ ଲକ୍ଷ ଥିଲାବେଳେ ମାର୍ଚ୍ଚ, ୨୦୧୮ରେ ଏହା ୬.୨% ବଢ଼ି ୫୭ ଲକ୍ଷ ଛୁଇଁଥିଲା। ଚଳିତବର୍ଷ ମାର୍ଚ୍ଚରେ ଏହି ସଂଖ୍ୟା ୬୦ ଲକ୍ଷ ହୋଇଛି, ଯାହାର ଅଭିବୃଦ୍ଧି ମାତ୍ର ୪.୩% ରହିଛି। କେୟାର ରେଟିଙ୍ଗ୍‌ସ ଅନୁଯାୟୀ ହସ୍ପିଟାଲିଟି ସେକ୍ଟର ଅର୍ଥାତ୍ ସର୍ଭିସ ସେକ୍ଟରରେ ନିଯୁକ୍ତି ଏବଂ ଆଉଟସୋର୍ସିଂ ବଢ଼ିଛି। କିନ୍ତୁ ଖଣି, ଷ୍ଟିଲ୍ ଓ ଲୁହା ଭଳି ଶୀର୍ଷ କମ୍ପାନୀରେ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଇଛି। ଉତ୍ପାଦନ ହ୍ରାସ ଏବଂ କମ୍ପାନୀ ଦେବାଳିଆ ହେବା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି।

# ୨୦୨୦ରେ ମାଡ଼ି ଆସୁଛି ମାନ୍ଦାବସ୍ଥା

ଆସନ୍ତା ଏକ ବର୍ଷ ମଧ୍ୟରେ ୮ବର୍ଷରେ ସବୁଠାରୁ ଭୟଙ୍କର ମାନ୍ଦାବସ୍ଥା ମାଡିଆସୁଛି। ଏକ ତୃତୀୟାଂଶ ଗ୍ଲୋବାଲ ଫଣ୍ଡ ମ୍ୟାନେଜର ଏ ସମ୍ପର୍କରେ ଅନୁମାନ ଦର୍ଶାଇଛନ୍ତି। ବ୍ୟାଙ୍କ ଅଫ୍ ମେରିଲ ଲିଞ୍ଚର ସର୍ଭେ ରିପୋର୍ଟ ମୁତାବକ ୨୦୨୦ରେ ବିଶ୍ୱରେ ସବୁଠାରୁ ବଡ଼ ମାନ୍ଦାବସ୍ଥା ଦେଖିବାକୁ ମିଳିବ। ଏହି ମାନ୍ଦାବସ୍ଥା ଆମେରିକାରେ ପ୍ରଥମେ ଦେଖାଦେବ ବୋଲି ରିପୋର୍ଟରେ କୁହାଯାଇଛି। ସର୍ଭେରେ ସାମିଲ ୩୪ ପ୍ରତିଶତ ଫଣ୍ଡ ମ୍ୟାନେଜରଙ୍କ ମତକୁ ନେଇ ଏହି ଭବିଷ୍ୟବାଣୀ କରାଯାଇଛି। ଏହା ୨୦୧୧ ଅକ୍ଟୋବର ପରେ ସବୁଠାରୁ ଖରାପ ସମୟ ହେବ। ଅଗଷ୍ଟ ୨ରୁ ୮ ମଧ୍ୟରେ ଏହି ସର୍ଭେ କରାଯାଇଥିଲା। ବିଶ୍ୱରେ ୫୫୩ ବିଲିୟନ ଡଲାର ଫଣ୍ଡ ମ୍ୟାନେଜମେଣ୍ଟ କରୁଥିବା ମୋଟ ୨୨୪ ଶୀର୍ଷ ଫଣ୍ଡ ମ୍ୟାନେଜର ଏଥିରେ ସାମିଲ ହୋଇଥିଲେ। ଅଧାରୁ ଅଧିକ ମ୍ୟାନେଜରଙ୍କ କହିବାନୁଯାୟୀ କର୍ପୋରେଟ ଗ୍ରୁପ୍ ଅତ୍ୟନ୍ତ ଚାପ ମଧ୍ୟରେ ରହିଛନ୍ତି। ବାଲାନ୍ସ ଶିଟ୍ ସୁଧାରିବା ଲାଗି ସେମାନଙ୍କୁ ପଦକ୍ଷେପ ନେବାକୁ ହେବ। କର୍ପୋରେଟ ଜଗତ ନିଜର ବାଲାନ୍ସ ଶିଟ୍ ସୁଧାରିବା ପାଇଁ ବାଏବ୍ୟାକ୍ ଏବଂ ଅନ୍ୟ ବିକଳ୍ପ ଉପରେ କାମ ନ କରି ବରଂ ନଗଦ ବ୍ୟବହାର କରିବା ଉଚିତ। ବାଣିଜ୍ୟ ଯୁଦ୍ଧ ଆଗାମୀ ଦିନରେ ମାନ୍ଦାବସ୍ଥାର ଆଉ ଏକ କାରଣ ହୋଇପାରେ ବୋଲି ଫଣ୍ଡ ମ୍ୟାନେଜରମାନେ ମତପ୍ରକାଶ କରିଛନ୍ତି।

## ଅର୍ଥନୀତି ଧିମା ହେବା ଚିନ୍ତାଜନକ: ରାଜନ



ଦେଶର ଅର୍ଥନୀତି ଧିମା ହୋଇଯିବା ଚିନ୍ତାଜନକ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ୍ ରାଜନ ଦର୍ଶାଇଛନ୍ତି। ଶକ୍ତି ଓ ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥାଗୁଡ଼ିକରେ ଦେଖାଦେଇଥିବା ସଙ୍କଟକୁ ଦୂର କରିବା ଲାଗି ସରକାର ଯଥାଶୀଘ୍ର ନୂଆ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଦେଶରେ ନୂଆ ଭାବେ ଜିଡିପି ହାର ହିସାବ କରାଯାଉଥିବା ବେଳେ ଏହାର ପୁନର୍ବିଚାର ହେବା ଜରୁରୀ ବୋଲି ସେ କହିଛନ୍ତି। ଜିଡିପି ହାର ଅଧିକ ଦର୍ଶାଯାଇଛି ବୋଲି ମୋଦି ସରକାରଙ୍କ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ ଅଭିଯୋଗ କରିଥିଲେ। ରାଜନ କହିଛନ୍ତି ଯେ, ଏକାଧିକ ଘରୋଇ ବିଶେଷଜ୍ଞ ଦେଶର ଆର୍ଥିକ ବିକାଶକୁ ନେଇ ଯେଉଁ ଅନୁମାନ ଦର୍ଶାଇଛନ୍ତି, ତାହା ସରକାରୀ ଆକଳନ ଠାରୁ କମ୍। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ଦେଶର ବିକାଶ ହାର ଧିମା ହେଉଛି। ଏହା ଅତ୍ୟନ୍ତ ଚିନ୍ତାଜନକ ବୋଲି ସେ କହିଛନ୍ତି।

## ବ୍ୟାଙ୍କଗୁଡ଼ିକର ଶାଖାସ୍ତରୀୟ ପରାମର୍ଶ ଗ୍ରହଣ

### ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ବ୍ୟାଙ୍କ ଶାଖାଗୁଡିକର ସହଯୋଗ ଲାଗି ପରାମର୍ଶ ସଂଗ୍ରହ, କାର୍ଯ୍ୟ ଦକ୍ଷତାର ସମୀକ୍ଷା, ଜାତୀୟ ଅଗ୍ରାଧିକାରୀ ଭିତ୍ତିରେ ସହଯୋଗତା ଉପରେ ଶାଖା ମୁଖ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅର୍ଥନୈତିକ ଅଭିବୃଦ୍ଧିକୁ ଧ୍ୟାନରେ ରଖି କେନ୍ଦ୍ର ସରକାରଙ୍କ ବିଭିନ୍ନ ଏଜେଣ୍ଡା ଉପରେ ବୈଠକରେ ଆଲୋଚନା କରାଯାଇଯିବା ସହ ଶାଖାଗୁଡିକ ସାମ୍ନା କରୁଥିବା ବିଭିନ୍ନ ଚ୍ୟାଲେଞ୍ଜ ଏବଂ ଅନ୍ୟ ଆନୁଷଙ୍ଗିକ ପ୍ରସଙ୍ଗ ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଛି। ବୈଠକର ପ୍ରସ୍ତାବଗୁଡିକୁ ଆଞ୍ଚଳିକ ସ୍ତରକୁ ପଠାଯାଇଛି। ଏହାକୁ ପରେ ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଆଲୋଚନା କରାଯିବ। ଏହି ପ୍ରସ୍ତାବଗୁଡିକ ଆଗାମି ଦିନରେ ଏକ ନକ୍ସା ପ୍ରସ୍ତୁତି ଏବଂ ଅର୍ଥନୀତିକୁ ସୁଦୃଢ କରିବାରେ ସହାୟକ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### ୟୁକୋ ବ୍ୟାଙ୍କ ଜୋନାଲ କାର୍ଯ୍ୟାଳୟ

ୟୁକୋ ବ୍ୟାଙ୍କ ଜୋନାଲ କାର୍ଯ୍ୟାଳୟ ପକ୍ଷରୁ ବରିଷ୍ଠ ଅଧିକାରୀଙ୍କ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମହାପ୍ରବନ୍ଧକ ତଥା ଭୁବନେଶ୍ୱର ଅଞ୍ଚଳ ମୁଖ୍ୟ ଚୋକ୍କଲିଙ୍ଗମ୍ ଟି.ଆର୍. ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଷ୍ଟ୍ରର ପ୍ରମୁଖ ଆବଶ୍ୟକତାରେ ଭାଗୀଦାରି ହେବା ଏବଂ ଉକ୍ତ ଲକ୍ଷ୍ୟ ହାସଲ ଦିଗରେ ବିଭିନ୍ନ ଆଲୋଚନା ଏବଂ ପର୍ଯ୍ୟାଲୋଚନା ଏହି ଅବସରରେ ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ ସେବା ବିଭାଗ ଦ୍ୱାରା ସ୍ଥିରୀକୃତ ୮ ମୌଳିକ ବିଷୟ ଉପରେ ମତାମତ ଗ୍ରହଣ କରାଯାଇଥିଲା।

### ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ଦେଶବ୍ୟାପୀ ଏହାର ଶାଖା ତଥା ପ୍ରମୁଖ କାର୍ଯ୍ୟାଳୟଗୁଡିକରେ ବୋଟମ୍ ଅପ୍ ପାନ୍ ଇଣ୍ଡିଆ ପରାମର୍ଶ ପ୍ରକ୍ରିୟା ଆୟୋଜନ କରାଯାଇଛି। କ୍ଷେତ୍ରୀୟ ସ୍ତରରେ ଥିବା ସମସ୍ତ ଶାଖାରେ ଦଳଗତ ପରାମର୍ଶ ମାଧ୍ୟମରେ ଏହା ସମ୍ପାଦନ ହୋଇଛି। ଏଥିରେ ବ୍ୟାଙ୍କର ମଣ୍ଡଳ ମୁଖ୍ୟ ଗଣପତ ଲାଲ ଅଧ୍ୟକ୍ଷତା କରିଥିବା ବେଳେ ଶାଖା ପ୍ରବନ୍ଧକମାନଙ୍କର ମତାମତ ନିଆଯାଇଛି।

# ସ୍ମାର୍ଟ ଫ୍ଲୋରିଂ ସଲ୍ୟୁଶନ ଉପରେ ଫୋକସ୍



**ଫ୍ଲୋରିଂ ସମାଧାନ ପ୍ରଦାନ କ୍ଷେତ୍ରରେ ୱେଲସ୍ପନ ଫ୍ଲୋରିଂ ଗ୍ଲୋବାଲ ବ୍ରାଣ୍ଡ୍‌ସ ଲିମିଟେଡ ଏକ ପ୍ରମୁଖ କମ୍ପାନୀ। ଓଡ଼ିଶା ବଜାରରେ ଏହାର ପ୍ରଡକ୍ଟ ଉପଲବ୍ଧ କରାଇବା ଦିଗରେ କମ୍ପାନୀ ଯତ୍ନବାନ ଥିବା ବେଳେ ନିକଟରେ ଏହା କଏର ଇଣ୍ଡିଆ ସହ ମିଳିତ ହୋଇ ଭୁବନେଶ୍ୱରର ଖାରବେଳନଗରଠାରେ ଏହାର ସ୍ମାର୍ଟ ଗ୍ୟାଲେରି ଶୁଭାରମ୍ଭ କରିଛି। ଏହି ଅବସରରେ କମ୍ପାନୀର ସାଧାରଣ ପ୍ରବନ୍ଧକ ଅନୀଲ ଝା ଫ୍ଲୋରିଂ ଶିଳ୍ପର ବର୍ତ୍ତମାନର ଧାରା, ନୂଆ ଟେକ୍ନୋଲୋଜି, ଚାହିଦା, ଓଡ଼ିଶା ବଜାରରେ ଉପସ୍ଥିତି ଉପରେ 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତକାର...**

**ଫ୍ଲୋରିଂ ବର୍ଗରେ ଘରୋଇ ବଜାର ଏବେ ସ୍ମାର୍ଟ ସଲ୍ୟୁଶନ ଆଡ଼କୁ ମୁହାଁଉଛି। ଏହାକୁ ନେଇ କମ୍ପାନୀ କିଭଳି ପ୍ରସ୍ତୁତ ରହିଛି?**

ବର୍ତ୍ତମାନ ଆମେ ସଦ୍ୟତମ ସ୍ମାର୍ଟ ସଲ୍ୟୁଶନଯୁକ୍ତ ଫ୍ଲୋରିଂ ପ୍ରଡକ୍ଟ ଆଣିବା ଦିଗରେ ଧ୍ୟାନ କେନ୍ଦ୍ରିତ କରିଛୁ। ଚଟାଣକୁ ନ ଭାଙ୍ଗି, ଶ୍ରମିକ ଏବଂ ସିମେଣ୍ଟରେ କୌଣସି ଖର୍ଚ୍ଚ ନ କରି ଏହି ପ୍ରଡକ୍ଟଗୁଡିକ ସହାୟତାରେ ଲୋକମାନେ ସର୍ବୋତ୍ତମ ଫ୍ଲୋରିଂ ସଲ୍ୟୁଶନ ପାଇ ପାରିବେ। ଫାଷ୍ଟର ସଲ୍ୟୁଶନଯୁକ୍ତ ପ୍ରଡକ୍ଟ ସହ ବଜାରରେ ଉପସ୍ଥିତି ଦୃଢ କରିବାକୁ ଏବେ ପ୍ରସ୍ତୁତ। କମ୍ପାନୀର କ୍ଲିକ୍ ଆଣ୍ଡ ଲକ୍ ଟାଇଲ୍ସ, ଆର୍ଟିଫିସିଆଲ୍ ଗ୍ରାସ୍, କାର୍ପେଟ ଟାଇଲ୍ସ ଭଳି ବିଭିନ୍ନ ସାମଗ୍ରୀକୁ ପୋର୍ଟଫୋଲିଓରେ ସାମିଲ କରିଛୁ। ଏଗୁଡିକ କେବଳ ଦେଖିବାକୁ ଆଖିଦୃଶିଆ ନୁହେଁ, ଷ୍ଟାଇଲ ଏବଂ କଷ୍ଟମାଇଜ ଭଳି ପ୍ରସଙ୍ଗକୁ ମଧ୍ୟ ଧ୍ୟାନରେ ରଖାଯାଇଛି। ୨ରୁ ୩ ଘଣ୍ଟା ମଧ୍ୟରେ ଏହାକୁ ଇନ୍‌ଷ୍ଟଲ କରାଯାଇପାରିବ। ଚଟାଣକୁ କୌଣସି କ୍ଷତି ନ ପହଞ୍ଚାଇ ଏହାକୁ ସହଜରେ ଘରେ ଲଗାଯାଇ ପାରିବ। ପ୍ରଡକ୍ଟଗୁଡିକ ଜଳ ପ୍ରତିରୋଧୀ ଏବଂ ଟର୍ମାଇଟ ପ୍ରୁଫ୍ ଭଳି ଅନ୍ୟ ସୁରକ୍ଷା ମାନକ ସହ ଆସୁଛି।

**ଦେଶର ଫ୍ଲୋରିଂ ପ୍ରଡକ୍ଟ ବଜାରକୁ କିଭଳି ଦେଖୁଛନ୍ତି?**

ଦେଶର ଫ୍ଲୋରିଂ ପ୍ରଡକ୍ଟ ବଜାରରେ ଦ୍ରୁତ ପରିବର୍ତ୍ତନ ଦେଖାଯାଇଛି। ନୂଆ ନୂଆ ଟେକ୍ନୋଲୋଜି ଯୋଗୁ ଏହା ସମ୍ଭବ ହୋଇପାରିଛି। ପୂର୍ବରୁ ଲୋକମାନେ ଷ୍ଟାଇଲ ଏବଂ ଦୀର୍ଘସ୍ଥାୟୀ ଫ୍ଲୋରିଂ ଲାଗି ସେରାମିକ୍ ଟାଇଲ୍ସ ଉପରେ ଟଙ୍କା ଖର୍ଚ୍ଚ କରୁଥିଲେ। ଟାଇଲ ଲଗାଇବା ସମୟ ସାପେକ୍ଷ ହୋଇଥିବା ବେଳେ ନିର୍ମାଣ କାର୍ଯ୍ୟ, ଶ୍ରମିକ ଏବଂ ଅନ୍ୟାନ୍ୟ କାର୍ଯ୍ୟ ଲାଗି ଅନେକ କଷ୍ଟ ଉଠାଇବାକୁ ପଡୁଥିଲା। ଏବେ ଲୋକମାନେ ସ୍ମାର୍ଟ ଫ୍ଲୋରିଂ ସଲ୍ୟୁଶନ ଲାଗି ବେଶି ଇଚ୍ଛା ପ୍ରକଟ କରୁଛନ୍ତି। ଏହାକୁ ଧ୍ୟାନରେ ରଖି ଆମେ ପ୍ରଡକ୍ଟ ଆଣିବା ଲାଗି ଏବେ ଫୋକସ ରଖିଛୁ।

**ଓଡ଼ିଶାରେ ନିବେଶ ଯୋଜନା ସମ୍ପର୍କରେ କ'ଣ କହିବେ?**

ସରକାରଙ୍କ ମେକ୍ ଇନ ଇଣ୍ଡିଆ ଯୋଜନା ଉପରେ ବିଶ୍ୱାସ ରଖିଛୁ। ବର୍ତ୍ତମାନ ୨.୩ ବିଲିୟନ ଡଲାର ବିକ୍ରି ସ୍ତର ହାସଲ କରିଛୁ। ଗୁଣବତ୍ତା ପ୍ରଡକ୍ଟ ଲାଗି କମ୍ପାନୀ ଲୋକଙ୍କ ନିକଟରେ ପରିଚିତ। ଓଡ଼ିଶାରେ ସମ୍ପ୍ରସାରଣ ନେଇ ଯୋଜନା ରଖିଛୁ। ଏଥିଲାଗି ଏଠାକାର କଏର ଇଣ୍ଡିଆ ଷ୍ଟୋର ସହ ଯୋଡି ହୋଇଛୁ। ଉଭୟ ଅଫିସ ଏବଂ ବାସଗୃହ ବର୍ଗରେ ଏହି ପ୍ରଡକ୍ଟଗୁଡିକ ଉପଲବ୍ଧ ହେଉଛି। ନୂଆ ଷ୍ଟୋରଟି ୩,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଗ୍ରାହକମାନେ ଗୋଟିଏ ଛାତ ତଳେ ସେମାନଙ୍କ ଆବଶ୍ୟକତା ମୁତାବକ ଫର୍ନିସିଂ ସାମଗ୍ରୀ ଲାଭ କରିପାରିବେ। ବିଭିନ୍ନ ଫର୍ନିସିଂ ବ୍ରାଣ୍ଡର ଡିସ୍ପଲେ ଗ୍ୟାଲେରୀ ମଧ୍ୟ ଏଠାରେ ସ୍ଥାପନ କରାଯାଇଛି। ଫର୍ନିସି ସାମଗ୍ରୀର ଆବଶ୍ୟକତା ପୂରଣ ସହ ଚାହିଦାକୁ ଆଧାର କରି ଏଭଳି ପଦକ୍ଷେପ ନିଆଯାଇଛି।




**ପୂର୍ବରୁ କମ୍ପାନୀ ଓଡ଼ିଶା ବଜାର ସହ କାରବାର ସମ୍ପୃକ୍ତି ରଖିଛି କି?**

ପୂର୍ବରୁ ବେଡ୍‌ଶିଟ, ଟାୱେଲ ସମେତ ଆଉ କିଛି ବର୍ଗରେ ଆମ ଗ୍ରୁପ କମ୍ପାନୀ ଓଡ଼ିଶା ବଜାରରେ ପ୍ରଡକ୍ଟ ଉପଲବ୍ଧ କରାଉଥିଲା। ବାର୍ଷିକ ଏହି ବର୍ଗରେ ପ୍ରାୟ ଏକ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର ହେଉଥିଲା। ଏଠାରେ ଲୋକଙ୍କଠାରୁ ଭରସା ଏବଂ ବିଶ୍ୱାସ ଲାଭ କରିଛୁ। ଭଲ ରେସପନ୍ସ ପାଇଥିବାରୁ ବର୍ତ୍ତମାନର ଫ୍ଲୋରିଂ ପ୍ରଡକ୍ଟ ମଧ୍ୟ ଭଲ କାରବାର କରିବ ବୋଲି ଆଶାବାଦୀ।

## ସଂକ୍ଷେପରେ

### ପ୍ରଜନେଶ ଆଗେଇଲେ, ବୋପାନ୍ନା-ଶରନ ବିଦା



**ନର୍ଥ କାରୋଲିନା (ଆମେରିକା), ୧୯।୮ (ପି.ଟି.):** ଏଠାରେ ଚାଲିଥିବା ୱିନ୍‌ଷ୍ଟୋନ ସାଲେମ୍ ଓପନ୍ ଏଟିପି ୨୫୦ ଟୁର୍ନାମେଣ୍ଟର ପ୍ରଥମ ଦିନରେ ଭାରତୀୟ ଟେନିସ ଖେଳାଳିଙ୍କୁ ମିଶ୍ରିତ ସଫଳତା ମିଳିଛି। ଭାରତର ଟପ୍ ସିଙ୍ଗଲ୍ସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କିନ୍ତୁ ପୁରୁଷ ଡବଲ୍ସରେ ଭାରତୀୟ ଯୋଡ଼ି ରୋହନ ବୋପାନ୍ନା ଓ ଡିଭିଜ ଶରନଙ୍କୁ ନିରାଶ ହେବାକୁ ପଡ଼ିଛି। ବିଶ୍ୱ ମାନ୍ୟତାର ୮୯ତମ ସ୍ଥାନରେ ରହିଥିବା ପ୍ରଜନେଶ ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ୬-୩, ୬-୪ ସିଧାସଳଖ ସେଟ୍‌ରେ ଜର୍ମାନୀର କେଡ୍ରିକ-ମାର୍ସେଲ ଷ୍ଟେବେଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ ଏକ ଘଣ୍ଟା ୧୩ ମିନିଟ୍ ସମୟ ଲାଗିଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ପ୍ରଜନେଶଙ୍କ ମୁକାବିଲା ଟୁର୍ନାମେଣ୍ଟର ଟପ୍ ସିଡ୍ ତଥା ବିଶ୍ୱ ମାନ୍ୟତାର ୩୦ତମ ସ୍ଥାନରେ ରହିଥିବା ଫ୍ରାନ୍ସର ବେନୋଟ୍ ପାଇରେଙ୍କ ସହ ହେବ। ପୂର୍ବରୁ ଚଳିତ ବର୍ଷ ପ୍ରାରମ୍ଭରେ ଇଣ୍ଡିଆନ୍ ୱେଲ୍ସ ଟୁର୍ନାମେଣ୍ଟରେ ବେନୋଟ୍‌ଙ୍କୁ ପ୍ରଜନେଶ ପରାସ୍ତ କରିଥିଲେ, ଯାହା ତାଙ୍କ ଟେନିସ କ୍ୟାରିୟରର ଶ୍ରେଷ୍ଠ ବିଜୟ ରହିଥିଲା। ଅପରପକ୍ଷରେ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡରେ ବୋପାନ୍ନା-ଶରନ ଯୋଡ଼ି ୩-୬, ୩-୬ ସେଟ୍‌ରେ ଆମେରିକାର ନିକୋଲାସ ମୋନରୋ ଓ ଟେନ୍ୟା ସାଣ୍ଡଗ୍ରେନଙ୍କ ନିକଟରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।

### ଦୁଲୀପ୍ ଟ୍ରଫି: ୩ୟ ଦିନରେ ମଧ ବର୍ଷାର ରାଜୁତି

**ବେଙ୍ଗାଲୁରୁ, ୧୯।୮:** ଇଣ୍ଡିଆ ବ୍ଲୁ ଓ ଇଣ୍ଡିଆ ଗ୍ରୀନ୍ ମଧ୍ୟରେ ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ମ୍ୟାଚ୍‌ର ସୋମବାର ୩ୟ ଦିବସରେ ମଧ ବର୍ଷାର ରାଜୁତି ଦେଖିବାକୁ ମିଳିଥିଲା। ଲଗାଣ ବର୍ଷା ଯୋଗୁ ୩ୟ ଦିନର ଖେଳ ସମ୍ପୂର୍ଣ୍ଣ ରୂପେ ବାତିଲ ହୋଇଛି। ପୂର୍ବରୁ ସମାନ କାରଣ ଯୋଗୁ ରବିବାର ୨ୟ ଦିବସରେ ମଧ ଗୋଟିଏ ବି ବଲ୍ ବୋଲିଂ କରିବା ସମ୍ଭବପର ହୋଇପାରି ନ ଥିଲା। ମ୍ୟାଚ୍‌ର ପ୍ରଥମ ଦିବସରେ କେବଳ ୪୯ ଓଭର ଖେଳ ସମ୍ଭବପର ହୋଇପାରିଥିଲା। ଏଥିରେ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲୁ ଦଳ ୪୯ ଓଭରରେ ୬ ଉଇକେଟ୍ ହରାଇ ୧୧୨ ରନ୍ ସଂଗ୍ରହ କରିପାରିଛି।

### ଭାରତର ଶ୍ରେଷ୍ଠ ପ୍ରଦର୍ଶନ

**ନୂଆଦିଲ୍ଲୀ, ୧୯।୮ (ପି.ଟି.):** ୱାର୍ଲ୍ଡ ଜୁନିୟର ଟ୍ରାକ୍ ଚାମ୍ପିୟନଶିପ୍‌ରେ ଭାରତର ଇସୋ ଆଲ୍‌ବେନ୍ ଦୁଇଟି ପଦକ ଜିତିଛନ୍ତି। ଫଳରେ କୌଣସି ଏକ ଗ୍ଲୋବାଲ ଇଭେଣ୍ଟରେ ଭାରତ ଏହାର ଶ୍ରେଷ୍ଠ ପ୍ରଦର୍ଶନ କରିପାରିଛି। ଭାରତ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ହାସଲ କରି ପଦକ ତାଲିକାରେ ୬ଷ୍ଠ ସ୍ଥାନ ଅଧିକାର କରିଛି। ଜର୍ମାନୀ, ନ୍ୟୁଜିଲାଣ୍ଡ ଓ ଗ୍ରୀସ୍ ଯଥାକ୍ରମେ ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଛନ୍ତି। ଇସୋ, ରୋନାଲ୍ଡୋ ସିଂ ଏବଂ ରୋଜିତ୍ ସିଂଙ୍କୁ ନେଇ ଭାରତୀୟ ଦଳ ପୁରୁଷ ସ୍ପ୍ରିଣ୍ଟ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ଜିତି ଇତିହାସ ସୃଷ୍ଟି କରିଛନ୍ତି। ଇସୋ ପରେ ବ୍ୟକ୍ତିଗତ ସ୍ପ୍ରିଣ୍ଟ ଇଭେଣ୍ଟରେ ଏକ ରୌପ୍ୟ ହାସଲ କରିଥିଲେ। ୧୮ବର୍ଷୀୟ ଏହି ସାଇକ୍ଲିଷ୍ଟ ଆହୁରି ମଧ ପୁରୁଷ ବ୍ୟକ୍ତିଗତ କିରିନ ଇଭେଣ୍ଟରେ ବ୍ରୋଞ୍ଜ ଜିତିଛନ୍ତି।

> ଅଷ୍ଟ୍ରେଲୀୟ କ୍ରିକେଟରଙ୍କ ଲାଗି ନେକ୍ ଗାର୍ଡ ବ୍ୟବହାର ବାଧ୍ୟତାମୂଳକ କରାଯିବା ଆଉ ବେଶି ଦିନ ନୁହେଁ।
> – ଆଲେକ୍ସ କୋଣ୍ଟୋରିସ୍
> ଅଷ୍ଟ୍ରେଲିଆ ସ୍ପୋର୍ଟ୍ସ ମେଡିସିନ ମୁଖ୍ୟ



> ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବାବେଳେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଛି।
> –ଡାଏନା ଇଡୁଲ୍‌ଜୀ, ପ୍ରଶାସକ କମିଟି ସଦସ୍ୟା



# ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ୧ରୁ

## କୁଳମଣି ତ୍ରିପାଠୀ ସ୍ମାରକୀ

**ଭୁବନେଶ୍ୱର, ୧୯।୮ (କ୍ରୀଡ଼ା ପ୍ରତିନିଧି)**

କଟକ ରେଳ ଷ୍ଟେଶନ ସମ୍ମୁଖସ୍ଥ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଷ୍ଟିଚ୍ୟୁଟଠାରେ ଦ୍ୱିତୀୟ କୁଳମଣି ତ୍ରିପାଠୀ ମେମୋରିଆଲ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା ସେପ୍ଟେମ୍ବର ୧ରୁ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସ୍କୁଲ ସ୍ତରରୁ ଲୁକ୍କାୟିତ ଚେସ୍ ପ୍ରତିଭା ଚିହ୍ନଟ ଉଦ୍ଦେଶ୍ୟରେ ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସଆର ଚେସ୍ ସେଣ୍ଟର ଓ କୁଳମଣି ତ୍ରିପାଠୀ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ କଟକ ଜିଲା ଚେସ୍ ଆସୋସିଏଶନ ସ୍ୱୀକୃତିପ୍ରାପ୍ତ ଉକ୍ତ ପ୍ରତିଯୋଗିତାରେ ମୋଟ ୧୫,୦୦୦ଟଙ୍କା ଅର୍ଥ ପୁରସ୍କାର ସହ ୮୦ଟି ଆକର୍ଷଣୀୟ ଟ୍ରଫି ଏବଂ ୯୦ଟି ପଦକ ପ୍ରଦାନ କରାଯିବ। ଇଷ୍ଟକୋଷ୍ଟ ରେଲୱେ ଇନଷ୍ଟିଚ୍ୟୁଟ ସହଯୋଗରେ ୮ ରାଉଣ୍ଡ ଭିତ୍ତିକ ଏହି ପ୍ରତିଯୋଗିତାରେ ସ୍କୁଲରେ ପଢୁଥିବା ୧୦ମ ଶ୍ରେଣୀ ପର୍ଯ୍ୟନ୍ତ କିମ୍ବା ୧.୧.୨୦୦୪ ପରେ ଜନ୍ମଗ୍ରହଣ କରିଥିବା ରାଜ୍ୟର ଯେ କୌଣସି ଚେସ୍ ଖେଳାଳି ଏଥିରେ ଭାଗ ନେଇପାରିବେ। ପ୍ରତିଯୋଗିତା ପାଇଁ ୩୫୦ ଟଙ୍କା ଏଣ୍ଟ୍ରି ଫି ରଖା ଯାଇଛି। ଚାମ୍ପିୟନ ପ୍ରତିଯୋଗୀଙ୍କୁ ୫,୦୦୦ ଟଙ୍କା, ଟ୍ରଫି, ପଦକ ଓ ବିଜୟ ମୁକୁଟ ପ୍ରଦାନ କରାଯିବ। ରନର୍ସଅପ୍‌ଙ୍କୁ ୩୦୦୦ ଓ ତୃତୀୟ ସ୍ଥାନ ହାସଲକାରୀଙ୍କୁ ୨୦୦୦ଟଙ୍କା ସହ ଶ୍ରେଷ୍ଠ ୧୦ ଜଣଙ୍କୁ ଅର୍ଥ, ଟ୍ରଫି ଓ



ପଦକ ଦିଆଯିବ। ୫ ବର୍ଷରୁ କମ୍ ପିଲାଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଶ୍ରେଷ୍ଠ ୪ ଜଣ ଲେଖାଏ ୫, ୬, ୭, ୮, ୯ ବର୍ଷରୁ କମ୍ ବାଳିକା ବାଳକ ମାନଙ୍କ ପାଇଁ ସ୍ୱତନ୍ତ୍ରଭାବେ ଟ୍ରଫି ଓ ପଦକ ପ୍ରଦାନର ବ୍ୟବସ୍ଥା ଥିବାବେଳେ ୧୦, ୧୧, ୧୨ ଓ ୧୩ ବର୍ଷରୁ କମ୍ ବିଭାଗର ଶ୍ରେଷ୍ଠ ୩ ଜଣ ଲେଖାଏ ବାଳିକା ବାଳକ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପଦକ ପ୍ରଦାନ କରାଯିବ। ଏହା ବ୍ୟତୀତ ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଏସ.ଆର. ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଦଳଗତଭାବେ ଶ୍ରେଷ୍ଠ ୩ଟି ସ୍କୁଲ, ଶ୍ରେଷ୍ଠ ରେଲୱେ ଖେଳାଳି ଓ ଆଞ୍ଚଳିକ ସ୍କୁଲର ଶ୍ରେଷ୍ଠ ଖେଳାଳିମାନଙ୍କୁ ମଧ ଟ୍ରଫି ଓ ପଦକ ପ୍ରଦାନ କରାଯିବ। ଏହି ଅବସରରେ ଧରିତ୍ରୀର କ୍ରୀଡ଼ା ପ୍ରତିନିଧି ତପନ ସ୍ୱାଇଁ, ଫଟୋଗ୍ରାଫର ରାଜକିଶୋର ମହାନ୍ତି, ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ ଡ. ସରୋଜ ସୁନ୍ଦର ବ୍ରହ୍ମା(ଡିଏଭି, ସିଡିଏ)ଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆୟୋଜକ କୁଳମଣି ତ୍ରିପାଠୀ ଫାଉଣ୍ଡେଶନର ସଭାପତି ସି.ଏ. ରାଜା ନାରାୟଣ ତ୍ରିପାଠୀ ପ୍ରକାଶ କରିଛନ୍ତି। ଅଧିକ ବିବରଣୀ ପାଇଁ ଏସଆର ଚେସ୍ ସେଣ୍ଟର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ପ୍ରଣୀଥ୍, ପ୍ରଣୟଙ୍କ ବିଜୟ ଅଭିଯାନ

## ବିଶ୍ୱ ଚାମ୍ପିୟନଶିପ୍



ଏଚ୍.ଏସ୍. ପ୍ରଣୟ

**ବାସେଲ, ୧୯।୮ (ପି.ଟି.):** ସୁଇଜରଲାଣ୍ଡର ବାସେଲଠାରେ ସୋମବାରଠାରୁ ବ୍ୟାଡ୍‌ମିଣ୍ଟନର ବଡ଼ ଇଭେଣ୍ଟ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଦୁଇ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ବି. ସାଇ ପ୍ରଣୀଥ୍ ଓ ଏଚ୍.ଏସ୍. ପ୍ରଣୟ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବିଶ୍ୱ ମାନ୍ୟତାର ୧୯ତମ ସ୍ଥାନରେ ରହିଥିବା ପ୍ରଣୀଥ୍ ପୁରୁଷ ସିଙ୍ଗଲ୍ସର ଏକ ମୁକାବିଲାରେ କାନାଡାର ଜାସନ ଆଣ୍ଟୋନୀ ହୋ-ଶୁଏଙ୍କୁ ୨୧-୧୭, ୨୧-୧୬ ସିଧାସଳଖ ଗେମ୍‌ରେ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ୩୯ ମିନିଟ୍ ଧରି ଚାଲିଥିଲା। ଅନ୍ୟ ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ପ୍ରଣୟ ୧୭-୨୧, ୨୧-୧୦, ୨୧-୧୧ ଗେମ୍‌ରେ ଫିନ୍‌ଲାଣ୍ଡର ଏତୁ ହେଇନୋଙ୍କୁ ହରାଇ ଦେଇଛନ୍ତି। ମହିଳା ଡବଲ୍ସରେ ମଧ ଭାରତୀୟ ଯୋଡ଼ି ମେଘନା ଜାକାମ୍ପୁଡି ଓ ଏସ୍. ପୁରବୀ ରାମ ସହଜ ବିଜୟ ଲାଭ କରିଛନ୍ତି।

# ଜୁନିୟର ମହିଳା ଜାତୀୟ ହକି କ୍ୟାମ୍ପ୍‌ରେ ଓଡ଼ିଶାରୁ ୩



ଜୀବନ କିଶୋରୀ ଟପ୍ପୋ



ମାରିଆନା କୁଜୁର



ଆଜମିନ କୁଜୁର

**ନୂଆଦିଲ୍ଲୀ, ୧୯।୮ (ପି.ଟି.)**

ଚଳିତ ବର୍ଷ ଶେଷ ଭାଗରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ତ୍ରି-ରାଷ୍ଟ୍ରୀୟ ଜୁନିୟର ମହିଳା ହକି ପ୍ରତିଯୋଗିତା ପାଇଁ ସୋମବାର ୩୩ ଜଣିଆ ସମ୍ଭାବ୍ୟ ଭାରତୀୟ ଦଳ ଘୋଷଣା କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଥିବା ଏହି ୩୩ ଜଣିଆ ଜୁନିୟର ମହିଳା ହକି ଦଳରେ ଓଡ଼ିଶାରୁ ୩ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମିଡ୍‌ଫିଲ୍ଡର ମାରିଆନା କୁଜୁର ଓ ଆଜମିନ କୁଜୁର ଏବଂ ଫରୱାର୍ଡ ଜୀବନ କିଶୋରୀ ଟପ୍ପୋ। ମୁଖ୍ୟ କୋଚ୍ ବଲ୍‌ଜିତ୍ ସିଂ ସଇନିଙ୍କ ତତ୍ତ୍ୱାବଧାନରେ ଏ ସମସ୍ତ ଖେଳାଳିଙ୍କୁ ନେଇ ଏକ ଜାତୀୟ କ୍ୟାମ୍ପ ସେପ୍ଟେମ୍ବର ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କ୍ୟାମ୍ପ୍‌ରେ ଫିଟ୍‌ନେଶ ଓ ରିଦିମ୍ ଉପରେ ଫୋକସ୍ କରାଯିବା ସହ ତ୍ରି-ରାଷ୍ଟ୍ରୀୟ ପ୍ରତିଯୋଗିତା ପାଇଁ ଚୂଡ଼ାନ୍ତ ଖେଳାଳି ମନୋନୀତ କରାଯିବ ବୋଲି ଜଣାପଡ଼ିଛି। ଏହି ତ୍ରି-ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଭାରତ ସମେତ ଆୟୋଜକ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଜୁନିୟର ମହିଳା ହକି ଦଳ ଅଂଶଗ୍ରହଣ କରିବେ।

# କିଜ୍‌ଙ୍କୁ ସିନସିନାଟି ମାଷ୍ଟର୍ସ ଟାଇଟଲ

**ସିନସିନାଟି, ୧୯।୮ (ଏଏଫ୍‌ପି):** ଏଠାରେ ଚାଲିଥିବା ଡବ୍ଲ୍ୟୁଟିଏ ସିନସିନାଟି ମାର୍ଷ୍ଟସ ଟୁର୍ନାମେଣ୍ଟରେ ମାଡିସନ କିଜ୍ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ସ୍ୱେତଲାନା କୁଜନେଟ୍ସୋଭାଙ୍କୁ ୭-୫, ୭-୬ (୭/୫) ସେଟ୍‌ରେ ହରାଇ ଦେଇଛନ୍ତି। ଏଥିସହିତ ୨୦୧୭ ୟୁଏସ୍ ଓପନ ଉପବିଜେତା ଚଳିତ ସିଜନରେ ଦ୍ୱିତୀୟ ଟାଇଟଲ ଅର୍ଜନ କରିଛନ୍ତି। ମୋଟ ଉପରେ କ୍ୟାରିୟରର ୫ମ ଟାଇଟଲ। ଏହି ବିଜୟ ଯୋଗୁ ୟୁଏସ୍ ଓପନ ଗୋଟିଏ ସପ୍ତାହ ପୂର୍ବରୁ ସେ ବିଶ୍ୱ ର୍‍ୟାଙ୍କିଂର ଟପ୍ ୧୦କୁ ଫେରିବା ନିଶ୍ଚିତ ହୋଇଛି। ପୂର୍ବତନ ଦ୍ୱିତୀୟ ର୍‍ୟାଙ୍କ ଖେଳାଳି କୁଜନେଟ୍ସୋଭା ଆହତ ସମସ୍ୟା କାରଣରୁ ଚଳିତ ସିଜନର ବହୁ ଇଭେଣ୍ଟରେ ଅଂଶଗ୍ରହଣ କରି ନ ଥିଲେ। ତାଙ୍କୁ ଏଠାରେ ୱାଇଲ୍ଡକାର୍ଡ ମିଳିଥିଲା। ସେ ଫାଇନାଲରେ ପ୍ରବେଶ କରିବା ପୂର୍ବରୁ ଟପ୍ ସିଡ୍ ଆଶଲେ ବାର୍ଟି ଓ ୨୦୧୭ ୟୁଏସ୍ ଚାମ୍ପିୟନ ସ୍ଲୋଆନେ ଷ୍ଟିଫେନ୍ସଙ୍କୁ ହରାଇଥିଲେ। ଏଭଳି ପ୍ରଦର୍ଶନ ଯୋଗୁ ରୁଷିଆନ ଭେଟେରାନ ୧୧୮ତମ ମାନ୍ୟତାରୁ ୩୧ ତମ ର୍‍ୟାଙ୍କ ଅଧିକାର କରିବେ।



ଟ୍ରଫି ସହ ମାଡିସନ କିଜ୍।

# ଏଆଇଟିଏ-ଆଇଟିଏଫ୍ ଆଲୋଚନା ଘୁଞ୍ଚିଲା

**ନୂଆଦିଲ୍ଲୀ, ୧୯।୮ (ପି.ଟି.)**

ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳଯିବାକୁଥିବା ଡେଭିସ୍ କପ୍ ମ୍ୟାଚକୁ ନେଇ ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ଏବଂ ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍)ର ସୁରକ୍ଷା ପରାମର୍ଶଦାତାଙ୍କ ମଧ୍ୟରେ ଆଲୋଚନା ସୋମବାର ହୋଇପାରି ନାହିଁ। ଏହାକୁ ମଙ୍ଗଳବାରକୁ ଘୁଞ୍ଚାଇ ଦିଆଯାଇଛି। ଟେଲିକନଫରେନ୍ସ ଦ୍ୱାରା ହେବାକୁଥିବା ଏହି ଆଲୋଚନାରେ ଭାରତର ଅଣଖେଳାଳି ଡେଭିସ୍ କପ୍ ଅଧିନାୟକ ମହେଶ ଭୂପତି ଭାଗନେବେ। ମ୍ୟାଚ ଇସ୍‌ଲାମାବାଦରେ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ଭାରତୀୟ ପ୍ରଦେଶ ଜମ୍ମୁ-କଶ୍ମୀର ଉପରୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରତ୍ୟାହାରକୁ ନେଇ ଭାରତ ସହିତ ପାକିସ୍ତାନର କୂଟନୈତିକ ସମ୍ପର୍କରେ ତିକ୍ତତା ଦେଖାଦେଇଛି। ସୁରକ୍ଷାଜନିତ କାରଣରୁ ମ୍ୟାଚକୁ ପାକିସ୍ତାନରେ ଖେଳା ନ ଯାଇ ଏକ ନିରପେକ୍ଷ ଭେନ୍ୟୁରେ କରିବା ଲାଗି ହୋଇଥିବା ଦାବିକୁ ଆଇଟିଏଫ୍ ଦୁଇଥର ପ୍ରତ୍ୟାଖ୍ୟାନ କରିବା ପରେ ଶେଷରେ ଟେଲିକନ୍‌ଫରେନ୍ସ ଜରିଆରେ ଆଲୋଚନା ପାଇଁ ରାଜି ହୋଇଛି। ଏଆଇଟିଏ ସାଧାରଣ ସମ୍ପାଦକ ହିରଣ୍ମୟ ଚାଟାର୍ଜୀ କହିଛନ୍ତି, ଆଇଟିଏଫ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜଷ୍ଟିନ ଆଲବର୍ଟ ଉପଲବ୍ଧ ନ ହେବାରୁ ଆଲୋଚନାକୁ ଦିନେ ଘୁଞ୍ଚାଇ ଦିଆଯାଇଛି।

# ଓଡ଼ିଶା ଦଳରେ ୭ ଖେଳାଳି



ଜାତୀୟ ସିନିୟର ରୋଲ୍‌ବଲ୍ ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୯।୮ (କ୍ରୀଡ଼ା ପ୍ରତିନିଧି):** ଗୁଜରାଟର ସୁରଟଠାରେ ୧୬ତମ ଜାତୀୟ ସିନିୟର ରୋଲବଲ ଚାମ୍ପିୟନଶିପ୍ ଚଳିତମାସ ୨୧ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ରୋଲବଲ ଆସୋସିଏଶନ(ଓଆରବିଏ) ପକ୍ଷରୁ ସୋମବାର ଓଡ଼ିଶା(ପୁରୁଷ) ଦଳ ଘୋଷଣା କରାଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାର ଖେଳାଳିମାନେ ସ୍ଥାନ ପାଇଛନ୍ତି। ମନୋନୀତ ଖେଳାଳିମାନଙ୍କୁ ପୂର୍ବାହ୍ନରେ କଳିଙ୍ଗ ଷ୍ଟାଡିୟମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆସୋସିଏଶନର କାର୍ଯ୍ୟକାରିଣୀ ସଦସ୍ୟ ମଳୟ ଦାସ, ପ୍ରକାଶ ଚନ୍ଦ୍ର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଦଳ ଗୁଜରାଟ ଯାତ୍ରା କରିଛି। ପ୍ରକାଶ ଯୋଗ୍ୟ, ରୋଲବଲ ହେଉଛି ଶତ ପ୍ରତିଶତ ଭାରତ ଭିତ୍ତିକ କ୍ରୀଡ଼ା। ଏହା ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ, ନ୍ୟାଶନାଲ ସ୍କୁଲ ଗେମ୍ସ ଫେଡେରେଶନ, ଅଲ୍ ଇଣ୍ଡିଆ ୟୁନିଭର୍ସିଟି/କଲେଜ ଗେମ୍ସ ୟୁନିୟନ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଓଡ଼ିଶା ରୋଲବଲ ଆସୋସିଏଶନ ହେଉଛି ରୋଲ ବଲ୍ ଫେଡେରେଶନ ଅଫ୍ ଇଣ୍ଡିଆର ସହବନ୍ଧିତ ଅନୁଷ୍ଠାନ। **ଓଡ଼ିଶା ଦଳ :** ବିଶ୍ୱଜିତ ସ୍ୱାଇଁ, ସୌମ୍ୟରଞ୍ଜନ ଜୟସିଂ, ଅଭିଜିତ ସ୍ୱାଇଁ, ପଞ୍ଚାନନ ବେହେରା, ଅଭିଷେକ ସ୍ୱାଇଁ, ସନ୍ତୋଷ କୁମାର ପାତ୍ର ଓ ପ୍ରବୀଣ କୁମାର ବିଷୋୟୀ।

### ଇଂଲଣ୍ଡ ଦଳ ଅପରିବର୍ତ୍ତିତ

**ଲଣ୍ଡନ, ୧୯।୮ (ଏଏଫ୍‌ପି):** ଭ୍ରମଣକାରୀ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଆଶେସ ସିରିଜର ୩ୟ ମ୍ୟାଚ୍ ଗୁରୁବାରଠାରୁ ହେଡିଙ୍ଗଲୀଠାରେ ଆରମ୍ଭ ହେବ। ଏହି ମ୍ୟାଚ୍ ଲାଗି ଜୋ ରୁଟ୍ ନେତୃତ୍ୱାଧୀନ ଇଂଲଣ୍ଡ ଦଳରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଲର୍ଡ୍ସରେ ସମାପ୍ତ ହୋଇଥିବା ୨ୟ ଟେଷ୍ଟରେ ଖେଳାଳିଙ୍କ ଉପରେ ଚୟନକର୍ତ୍ତାମାନେ ଭରସା ରଖି ୩ୟ ଟେଷ୍ଟ ଲାଗି ସମାନ ଖେଳାଳିଙ୍କୁ ଦଳରେ ନେଇଛନ୍ତି। ଆଘାତଜନିତ ସମସ୍ୟା ଲାଗି ୨ୟ ମ୍ୟାଚ୍ ଖେଳିପାରି ନ ଥିବା ଅଭିଜ୍ଞ ଜେମ୍ସ ଆଣ୍ଡରସେନ ୪ର୍ଥ ଟେଷ୍ଟରେ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ଏଜ୍‌ବାଷ୍ଟନରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ଜିତି ଅଷ୍ଟ୍ରେଲିଆ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି।



ପ୍ରୋ କବାଡ଼ି ଲିଗ୍‌ରେ ସୋମବାର ୟୁ ମୁମ୍ବା ଓ ହରିୟାଣା ଷ୍ଟିଲର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ

# ଡିଏମ୍, ୟୁନିଟ-୯ ସ୍କୁଲ ବିଜୟୀ

**ଭୁବନେଶ୍ୱର, ୧୯।୮ (କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ଡିଏମ୍ ଏବଂ ୟୁନିଟ-୯ ସ୍କୁଲ ବିଜୟ ହାସଲ କରିଛନ୍ତି। ଡିଏମ୍ ସ୍କୁଲ ଓ ଟାଇମ୍ସ ଗୁରୁକୁଳ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆରମ୍ଭରୁ ପ୍ରଭାବ ବିସ୍ତାର କରି ଖେଳିଥିବା ଡିଏମ୍ ସ୍କୁଲ ପକ୍ଷରୁ ଅମୋଘ ବିନାୟକ ୮ ଓ ୨୦ତମ ମିନିଟରେ ୨ଟି ଏବଂ ଫ୍ରାଗିନସନ ନାୟକ ୧୩ତମ ମିନିଟରେ ଗୋଟିଏ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ଦେଇପାରି ନ ଥିଲେ। ଫଳରେ ଡିଏମ ସ୍କୁଲ ବିଜୟୀ ହୋଇଥିଲା। ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ ଅରବିନ୍ଦ ମିତ୍ର ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଫ୍ରାଗିନସନ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚଟି ୟୁନିଟ-୯ ବାଳକ ବିଦ୍ୟାଳୟ ଓ ଆଇଆରସି ଭିଲେଜ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଇଆରସି ଭିଲେଜ ଦଳର ଖେଳାଳିମାନେ ଅନେକ ସୁଯୋଗ ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଅନ୍ୟ ପକ୍ଷରେ ମ୍ୟାଚର ୨୬ତମ ମିନିଟରେ ଆର୍ଯ୍ୟ ଜେନା, ୩୨ତମ ମିନିଟରେ ବାପୁନ ମୁର୍ମୁ ଓ ୩୫ତମ ମିନିଟରେ ଆଶୁତୋଷ ମହାପାତ୍ର ଗୋଟିଏ ଲେଖାଏ ଗୋଲ ଦେଇ ୟୁନିଟ-୯ ଦଳକୁ ୩-୦ରେ ବିଜୟୀ କରାଇଥିଲେ। ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପୂର୍ବତନ ଗୋଲକିପର ଭାରତୀ ମିଶ୍ର ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଆଶୁତୋଷଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସରୋଜ ମହାରଣା, ଦୁର୍ଗା ଆଚାର୍ଯ୍ୟ, ରାଜୁ ବାରିକ, କୀର୍ତ୍ତି ସ୍ୱାଇଁ, ଶେଖାଓ୍ତ ଖାଁ, ଶ୍ରୀକାନ୍ତ ପଣ୍ଡା ଖେଳ ପରିଚାଳନା କରିଥିବାବେଳେ ମହେଶ୍ୱର ସିଂ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।





ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଫ୍ରାଗିନସନ ନାୟକ ଓ ଆଶୁତୋଷ ମହାପାତ୍ର।

“ଆମ ଟିମ୍‌କୁ ଆବଶ୍ୟକ ସହାୟତା ଦେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ନିର୍ଭର ପ୍ରତିଶ୍ରୁତି ଦେଇଛି ।

–ଇର୍ଫାନ ପଠାନ୍, ଜମ୍ମୁ–କଶ୍ମୀର କ୍ରିକେଟ ମେଣ୍ଟର



“ଭଗବାନଙ୍କ ଆଶୀର୍ବାଦରୁ ଅନ୍ତର୍ଜାତୀୟ କ୍ରିକେଟରେ ମୁଁ ୧୧ ବର୍ଷ ହେଲା ତିଷ୍ଠି ରହିଛି, ଯାହାକି ସ୍ୱପ୍ନ ବାହାରେ ଥିଲା ।

–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ସାକ୍ଷୀ ମଲିକଙ୍କୁ ନୋଟିସ୍


**ନୂଆଦିଲ୍ଲୀ, ୧୯।୮ (ପି.ଟି.):** ବିନା ଅନୁମତିରେ ଜାତୀୟ କ୍ୟାମ୍ପ ଛାଡ଼ି ଚାଲିଯାଇଥିବାରୁ ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ) ଅଲିମ୍ପିକ ପଦକ ବିଜୟିନୀ ସାକ୍ଷୀ ମଲିକଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ସମାନ ଦୋଷ ପାଇଁ ଅନ୍ୟ ୨୫ଜଣ ଶିବିରାର୍ଥୀଙ୍କୁ ବହିଷ୍କାର କରାଯାଇଛି। ଲକ୍ଷ୍ନୌସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରଠାରେ ଆୟୋଜିତ ଜାତୀୟ କ୍ୟାମ୍ପରେ ୪୫ଜଣ ମହିଳା ରେସ୍‌ଲର ଟ୍ରେନିଂ ନେଉଥିଲେ। ୨୫ଜଣଙ୍କୁ ଛାଡ଼ି ୩ଜଣ ନିକଟରେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ ସାକ୍ଷୀ (୬୨କେଜି), ସୀମା ବିସ୍‌ଲା (୫୦କେଜି) ଏବଂ କିରନ (୭୬କେଜି)। ଏହି ୩ଜଣଙ୍କୁ ବୁଧବାର ସୁଦ୍ଧା ସେମାନଙ୍କ ଜବାବ ରଖିବା ଲାଗି କୁହାଯାଇଛି। ଅନ୍ୟମାନଙ୍କୁ ପୁନଃ ଆଦେଶ ନ ପର୍ଯ୍ୟନ୍ତ ଜାତୀୟ କ୍ୟାମ୍ପରୁ ବହିଷ୍କାର କରାଯାଇଛି। ସେମାନଙ୍କୁ ଆହୁରିମଧ ଚାରୋଟି ଅଣ ଅଲିମ୍ପିକ କାଟେଗୋରୀରେ ବିଶ୍ୱଚାମ୍ପିୟନଶିପ୍ ଟ୍ରାଏଲରେ ଅଂଶଗ୍ରହଣରୁ ବଞ୍ଚିତ କରଯାଇଛି। ଡବ୍ଲ୍ୟୁଏଫ୍‌ଆଇର ସହକାରୀ ସମ୍ପାଦକ ବିନୋଦ ତୋମାରଙ୍କ କହିବା ଅନୁସାରେ ବେଲାରୁଷ ଏବଂ ଇସ୍ତୋନିଆ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ଲାଗି ଭାରତୀୟ ଦଳର ପ୍ରସ୍ଥାନ ପରେ ଅବଶିଷ୍ଟ ରେସଲରମାନେ ବିନା ଅନୁମତିରେ କ୍ୟାମ୍ପ ଛାଡ଼ି ଚାଲିଯାଇଥିଲେ। ସେ କହିଛନ୍ତି, ଆମେ କେବଳ ସାକ୍ଷୀ, ସୀମା ଏବଂ କିରନଙ୍କୁ କରଣ ଦର୍ଶାଅ ନୋଟିସ୍‌ର ଜବା ଦେବାକୁ କହିଛୁ। ଅନ୍ୟମାନଙ୍କୁ ଏହି ନୋଟିସ୍ ଜାରି କରାଯିବାର କୌଣସି ଆବଶ୍ୟକତା ଥିବା ଅନୁଭବ କରି ନ ଥିଲୁ। ଶୃଙ୍ଖଳା ଭଙ୍ଗ ପାଇଁ ସେମାନଙ୍କୁ କେବଳ ବହିଷ୍କାର କରାଯାଇଥିଲା ମାତ୍ର।

### ଭାରତୀୟ ଦଳ ଉପରେ ଆକ୍ରମଣ ଧମକରେ ସତ୍ୟତା ନାହିଁ

**ଆଣ୍ଟିଗୁଆ, ୧୯।୮ (ପିଟି):** ଭାରତୀୟ କ୍ରିକେଟ ଦଳ ଉପରେ ଆତଙ୍କବାଦୀ ଆକ୍ରମଣ ହେବା ନେଇ ଧମକ ଦିଆଯାଇଥିଲା। ହେଲେ ଏଥିରେ କୌଣସି ସତ୍ୟତା ନ ଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏ ସମ୍ପର୍କରେ ଆଣ୍ଟିଗୁଆସ୍ଥିତ ଭାରତୀୟ ହାଇକମିଶନଙ୍କୁ ମଧ ସୂଚାଇ ଦିଆଯାଇଛି। ରବିବାର ପ୍ରକାଶ ପାଇଥିବା ଏକ ରିପୋର୍ଟରେ ଉଲ୍ଲେଖ ଥିଲା ଯେ, ବିସିସିଆଇକୁ ଏକ ଧମକପୂର୍ଣ୍ଣ ମେଲ୍ ଆସିଥିଲା, ଯେଉଁଥିରେ ୱେଷ୍ଟଇଣ୍ଡିଜ ଏ’ ବିପକ୍ଷରେ ଅଭ୍ୟାସ ମ୍ୟାଚ୍ ଖେଳୁଥିବା ଭାରତୀୟ ଦଳର ସୁରକ୍ଷା ଉପରେ ବିପଦ ଥିବା ଲେଖାଥିଲା। ଟିମ୍ ଇଣ୍ଡିଆର ସୁରକ୍ଷା ଦାୟିତ୍ୱରେ ଥିବା ଏଜେନ୍ସିକୁ ଧମକ ବିଷୟରେ ଜଣାଇଥିଲୁ। ତଦନ୍ତ ପରେ ଏହା ଏକ ମିଛ ମେଲ୍ ବୋଲି ଜଣାପଡ଼ିଥିବା ଜଣେ ସିନିୟର ବିସିସିଆଇ କର୍ମକର୍ତ୍ତା କହିଛନ୍ତି। ଭାରତୀୟ ହାଇକମିଶନ ସେଠାକାର ସରକାରଙ୍କୁ ସୂଚନା ଦେଇଛନ୍ତି। ଟିମ୍ ଇଣ୍ଡିଆର ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖାଯାଇଛି। ଦରକାର ପଡ଼ିଲେ ଅଧିକ ସୁରକ୍ଷାକର୍ମୀ ମୁତୟନ ହେବେ ବୋଲି କର୍ମକର୍ତ୍ତା କହିଛନ୍ତି।

# ୧୧ ବର୍ଷରେ କୋହଲିଙ୍କ ୧୦ ବିରାଟ ରେକର୍ଡ

**୨୦୦୮ ଅଗଷ୍ଟ ୧୮ରେ କ୍ୟାରିୟର ଆରମ୍ଭ କରିଥିବା ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ବିରାଟ କୋହଲି ଏହା ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୧୧ ବର୍ଷ ପୂରଣ କରିସାରିଛନ୍ତି। ଏହି ଲମ୍ବା କ୍ୟାରିୟର ମଧ୍ୟରେ କୋହଲି କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ବ୍ୟାଟିଂରେ ଅନେକ ରେକର୍ଡ ପ୍ରତିଷ୍ଠା କରିସାରିଛନ୍ତି। ୧୧ ବର୍ଷର କ୍ୟାରିୟରେ କୋହଲିଙ୍କ ନାମରେ ରହିଥିବା ୧୦ଟି ବିରାଟ ରେକର୍ଡ...**



ପଦାର୍ପଣ ମ୍ୟାଚ୍‌ରେ ବିରାଟ କୋହଲି।

### ଶ୍ରୀଲଙ୍କା ବିପକ୍ଷରେ ପଦାର୍ପଣ

ଭାରତୀୟ କ୍ରିକେଟ ଆଇକନ ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ସୋମବାର ୧୧ ବର୍ଷ ପୂରଣ କରିଛନ୍ତି। ଠିକ୍ ୧୧ ବର୍ଷ ତଳେ ଦିଲ୍ଲୀ ବ୍ୟାଟ୍ସମ୍ୟାନ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ଏବେ ସେ ବିଶ୍ୱର ଶ୍ରେଷ୍ଠ ଓ ଲୋକପ୍ରିୟ ବ୍ୟାଟ୍ସମ୍ୟାନ। ଭାରତୀୟ ଦଳର ଅଧିନାୟକ ଟୁଇଟରରେ ଦୁଇଟି ଫଟୋ ଶେୟାର କରିଛନ୍ତି। ୨୦୦୮ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍‌ର ଏକ ଫଟୋ ଥିବାବେଳେ ବର୍ତ୍ତମାନର ଏକ ଫଟୋ ଶେୟାର କରି ୧୧ ବର୍ଷର ଅଭିଯାନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଆଜିର ଦିନରେ ମୁଁ ଜଣେ ଟିନ୍‌ଏଜର ଭାବେ ଇଣ୍ଟରନ୍ୟାଶନାଲ କ୍ରିକେଟରେ ଅଭିଯାନ ଆରମ୍ଭ କରିଥିଲି। ମୁଁ କଦାପି ଚିନ୍ତା କରି ନ ଥିଲି ଏଭଳି ଆଶୀର୍ବାଦ ପାଇବି। ୧୯ ବର୍ଷରୁ କମ୍ କ୍ରିକେଟରେ ସଫଳତା ପରେ କୋହଲିଙ୍କୁ ଶ୍ରୀଲଙ୍କା ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିବାକୁ ସୁଯୋଗ ମିଳିଥିଲା। କ୍ୟାରିୟରର ପ୍ରଥମ ମ୍ୟାଚ୍‌ରେ ମାତ୍ର ୧୨ ରନ୍ କରି ଆଉଟ୍ ହୋଇଥିଲେ। ଏହାର ପର ବର୍ଷ ସେ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ଏହାପରଠାରୁ ସେ ପଛକୁ ଫେରି ଚାହିଁ ନାହାନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ସଂଖ୍ୟକ ଶତକ ଲଗାଇଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ କେବଳ ସଚିନ ତେନ୍ଦୁଲକର (୧୦୦)ଙ୍କ ପଛକୁ କୋହଲି (୬୮) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେ ଏପର୍ଯ୍ୟନ୍ତ ୨୩୯ ଦିନିକିଆ, ୭୭ ଟେଷ୍ଟ ଓ ୭୦ ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି।

୧– ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ କୋହଲି ଗୋଟିଏ ଦଶନ୍ଧିରେ ୨୦ ହଜାର ଅନ୍ତର୍ଜାତୀୟ ରନ୍ ସଂଗ୍ରହ କରିବାର କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଗତ ୩ୟ ଦିନିକିଆରେ ୧୧୪ ରନର ଇନିଂସ ଖେଳିବା ଅବସରରେ କୋହଲି ଏହି କୃତିତ୍ୱ ହାସଲ କରିଥିଲେ। ପୂର୍ବରୁ ଗୋଟିଏ ଦଶନ୍ଧିରେ ସର୍ବାଧିକ ଅନ୍ତର୍ଜାତୀୟ ରନ୍ ସଂଗ୍ରହ କରିବାର ରେକର୍ଡ ପ୍ରାକ୍ତନ ଅଷ୍ଟ୍ରେଲିଆ ଅଧିନାୟକ ରିକି ପଣ୍ଟିଂ (୧୮,୯୬୨ ରନ)ଙ୍କ ନାମରେ ରହିଥିଲା।

୨– ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍‌ରେ ଦ୍ରୁତତମ ୧୦ ହଜାର ରନ୍‌ସଂଗ୍ରହ କରିବାର ରେକର୍ଡ ବିରାଟଙ୍କ ନାମରେ ରହିଛି। ୨୦୧୮ରେ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରେ କୋହଲି ୧୫୭ ରନର ଅପରାଜିତ ଇନିଂସ ଖେଳିବା ଅବସରରେ ଏହି ରେକର୍ଡ ନିଜ ନାମରେ ଲିପିବଦ୍ଧ କରିଥିଲେ। ୧୦ ହଜାର ଦିନିକିଆ ରନ୍ ସଂଗ୍ରହ କରିବାକୁ କୋହଲି ୨୦୫ ଇନିଂସର ସହାୟତା ନେଇଥିଲେ। ଏହିକ୍ରମରେ ସେ ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକର (୨୫୯ ଇନିଂସ)ଙ୍କୁ ପଛରେ ପକାଇ ଦେଇଛନ୍ତି। ସେହିଭଳି ୧୦ ହଜାର ଦିନିକିଆ ରନ୍ ସଂଗ୍ରହ କରିବାକୁ କୋହଲି କମ୍ ସମୟ ମଧ ନେଇଛନ୍ତି। ଏହି ମାଇଲଖୁଣ୍ଟ ସ୍ପର୍ଶ କରିବାକୁ ୧୦ ବର୍ଷ ୬୮ ଦିନ ଲାଗିଯାଇଥିଲା। ପୂର୍ବରୁ ସଚିନ (୧୦ ବର୍ଷ ୩୧୭ ଦିନ)ଙ୍କ ନାମରେ ଏହି ରେକର୍ଡ ରହିଥିଲା।

୩– ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଏକ ହଜାର ଦିନିକିଆ ରନ୍ ସଂଗ୍ରହ କରିବାକୁ କୋହଲି ସବୁଠାରୁ କମ୍ ଇନିଂସ ଖେଳିଛନ୍ତି। ୨୦୧୮ରେ ସେ ମାତ୍ର ୧୧ ଇନିଂସ ଖେଳି ଏକ ହଜାର ଦିନିକିଆ ରନ୍ ସଂଗ୍ରହ କରିଥିଲେ। ଏହିକ୍ରମରେ ଦକ୍ଷିଣ ଆଫ୍ରିକାର ହାସିମ ଅମ୍‌ଲା (୧୫ ଇନିଂସ)ଙ୍କୁ ସେ ପଛରେ ପକାଇଥିଲେ।

୪– ବିଶ୍ୱର ପ୍ରଥମ କ୍ରିକେଟର୍ ଭାବେ ବିରାଟ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ବାର୍ଷିକ ପୁରସ୍କାର କ୍ଲିନ ସୁଇପ୍ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୧୯ ଜାନୁୟାରୀରେ ଭାରତୀୟ ଦଳର ଅଧିନାୟକ ଆଇସିସି କ୍ରିକେଟର୍ ଅଫ୍ ଦି ଇୟର ବାବଦକୁ ଲଗାତର ୨ୟଥର ପାଇଁ ‘ସାର୍ ଗ୍ୟାରୀଫିଲ୍ଡ ସୋବର୍ସ ଟ୍ରଫି’ ହାସଲ କରିଥିଲେ। ସେହିଭଳି ତାଙ୍କୁ ଏହି ବର୍ଷ ମଧ ଶ୍ରେଷ୍ଠ ଟେଷ୍ଟ ଓ ଦିନିକିଆ କ୍ରିକେଟର୍ ପୁରସ୍କାର ପ୍ରଦାନ କରାଯାଇଥିଲା।

୫– ବିଶ୍ୱର ପ୍ରଥମ ଖେଳାଳି ଭାବେ ଦିନିକିଆ କ୍ରିକେଟ୍‌ରେ ୨ଟି ଦେଶ ବିପକ୍ଷରେ ଲଗାତର ୩ଟି ଶତକ ହାସଲ କରିବାର ରେକର୍ଡ ବିରାଟଙ୍କ ନାମରେ ରହିଛି। ସେ ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ବିପକ୍ଷରେ ଏହି ସଫଳତା ଅର୍ଜନ କରିଥିଲେ। ପ୍ରଥମେ ଶ୍ରୀଲଙ୍କା ବିପକ୍ଷରେ ୨୦୧୨ ଫେବୃୟାରୀରୁ ୨୦୧୨ ଜୁଲାଇ ମଧ୍ୟରେ ସେ ଯଥାକ୍ରମେ ୩ଟି ଇନିଂସରେ ୧୩୩*, ୧୦୮ ଓ ୧୦୬ ରନ କରିଥିଲେ। ଏହାପରେ ୨୦୧୮ ଅକ୍ଟୋବରରେ କୋହଲି ୱେଷ୍ଟଇଣ୍ଡିଜ ବିପକ୍ଷରେ ଯଥାକ୍ରମେ ୧୪୦, ୧୫୭* ଓ ୧୦୭ ରନର ଶତକୀୟ ଇନିଂସ ଖେଳିଥିଲେ।

୬– ଅଧିନାୟକ ଭାବେ କୋହଲି ଗୋଟିଏ କ୍ୟାଲେଣ୍ଡରରେ ସର୍ବାଧିକ ଦିନିକିଆ ରନ୍ ସଂଗ୍ରହ କରିବାର ରେକର୍ଡ କରିଛନ୍ତି। ୨୦୧୭ରେ ସେ ୭୫ ଆଭରେଜରେ ୨୬ ଦିନିକିଆରୁ ୧୪୬୦ ରନ୍ ସଂଗ୍ରହ କରିଥିଲେ। ଏହିକ୍ରମରେ ଅଷ୍ଟ୍ରେଲିଆର ରିକି ପଣ୍ଟିଂ (୧୪୨୪ ରନ, ୨୦୦୭ରେ)ଙ୍କ ନାମରେ ରହିଥିବା କୀର୍ତ୍ତିମାନକୁ ସେ ଟପିଯାଇଥିଲେ।

୭– ପ୍ରଥମ ଅଧିନାୟକ ଭାବେ ସେ ଆଇସିସି ବିଶ୍ୱକପ୍ ଇତିହାସରେ ଲଗାତର ୫ଟି ଅର୍ଦ୍ଧଶତକ ବା ଏହାଠାରୁ ଅଧିକ ରନ୍ ସଂଗ୍ରହ କରିଥିଲେ। ଗତ ୨୦୧୯ ଆଇସିସି ବିଶ୍ୱକପ୍ ଅବସରରେ ଭାରତୀୟ ଦଳର ଅଧିନାୟକ କୋହଲିଙ୍କ ବ୍ୟାଟ୍‌ରୁ ଏହି ଦମ୍‌ଦାର ଇନିଂସ ଦେଖିବାକୁ ମିଳିଥିଲା। ଇଂଲଣ୍ଡରେ ଅନୁଷ୍ଠିତ ଏହି ବିଶ୍ୱକପ୍‌ରେ ସେ ଯଥାକ୍ରମେ ଅଷ୍ଟ୍ରେଲିଆ (୮୨ ରନ), ପାକିସ୍ତାନ (୭୭), ଆଫଗାନିସ୍ତାନ (୬୭), ୱେଷ୍ଟଇଣ୍ଡିଜ (୭୨) ଓ ଇଂଲଣ୍ଡ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରି ରେକର୍ଡ ବୁକ୍‌ରେ ନିଜ ନାମ ସ୍ଥାପନ କରିଥିଲେ। ଦକ୍ଷିଣ ଆଫ୍ରିକାର ଗ୍ରେମ ସ୍ମିଥ୍ ଓ ଅଷ୍ଟ୍ରେଲିଆର ଆରୋନ ଫିଞ୍ଚ୍ ଉଭୟ ଅଧିନାୟକ ଭାବେ ବିଶ୍ୱକପ୍‌ରେ ଲଗାତର ୪ଟି ୫୦+ ସ୍କୋର କରି ଏହି ରେକର୍ଡର ଅଧିକାରୀ ରହିଥିଲେ।

୮– ପ୍ରଥମ ଟେଷ୍ଟ ଅଧିନାୟକ ଓ ପ୍ରଥମ ଭାରତୀୟ ଭାବେ ବିରାଟ କ୍ରମାଗତ ୩ଟି କ୍ୟାଲେଣ୍ଡର ବର୍ଷରେ ୧ ହଜାରରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିବାର ସୌଭାଗ୍ୟ ଲାଭ କରିଛନ୍ତି। କୋହଲି ୨୦୧୬ରେ ୧୨୧୫, ୨୦୧୭ରେ ୧୦୫୯ ଓ ୨୦୧୮ରେ ୧୩୨୨ ରନ ଟେଷ୍ଟରେ ସଂଗ୍ରହ କରିଥିଲେ।

୯– ଅଧିନାୟକ ଭାବେ ଟେଷ୍ଟରେ ସର୍ବାଧିକ ଦ୍ୱିଶତକ ମଧ କୋହଲିଙ୍କ ନାମରେ ରହିଛି। ବ୍ୟାଟିଂ ମେଶିନ ଭାବେ ଖ୍ୟାତି ଲାଭ କରିଥିବା କୋହଲି ଅଧିନାୟକ ଭାବେ ଟେଷ୍ଟରେ ୬ଥର ଦ୍ୱିଶତକ ହାସଲ କରିଛନ୍ତି। ଏହିକ୍ରମରେ ସେ କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରାଙ୍କୁ ପଛରେ ପକାଇ ଦେଇଛନ୍ତି।

୧୦– ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଗୋଟିଏ ସଂସ୍କରଣରେ ସର୍ବାଧିକ ସ୍କୋର ମଧ ଏହି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ନାମରେ ରହିଛି। ରୟାଲ ଚ୍ୟାଲେଞ୍ଜର୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କୋହଲି ଆଇପିଏଲ୍‌ର ୨୦୧୬ ସଂସ୍କରଣରେ ୯୭୩ ରନ୍ ସଂଗ୍ରହ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି।


# ମନୀଷ, ଆୟାର ଅଧିନାୟକ

**ମୁମ୍ବାଇ, ୧୯।୮ (ପି.ଟି.)**

ଚଳିତମାସ ୨୯ ତାରିଖରେ ଥିରୁଭାନନ୍ତପୁରମଠାରେ ଭାରତ‘ଏ’– ଦକ୍ଷିଣ ଆଫ୍ରିକା ‘ଏ’ ଦିନିକିଆ କ୍ରିକେଟ ସିରିଜ ଆରମ୍ଭ ହେବ। ୫ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ୩ଟି ମ୍ୟାଚରେ ମନୀଷ ପାଣ୍ଡେ ଭାରତ‘ଏ’ର ଅଧିନାୟକ ରହିବେ। ପରବର୍ତ୍ତୀ ୨ଟି ମ୍ୟାଚରେ ଶ୍ରେୟାସ ଆୟାର ନେତୃତ୍ୱ ବହନ କରିବେ। ଉଦୀୟମାନ ପ୍ରତିଭା ଶୁବମନ ଗିଲ ଉଭୟ ଅଧିନାୟକଙ୍କ ଅଧିନରେ ଖେଳିବେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ଶଙ୍କର, ଅନମୋଲପ୍ରୀତ ସିଂ, ରିକି ଭୁଇ, ଶାର୍ଦ୍ଦୁଳ ଠାକୁର, ଅକ୍ଷର ପଟେଲ ଓ ନୀତୀଶ ରାଣା ମଧ ସୁଯୋଗ ପାଇଛନ୍ତି। ମନୀଷଙ୍କ ନେତୃତ୍ୱାଧୀନ ଦଳରେ ଇଶାନ କିଷନ ଉଇକେଟ କିପର ଦାୟିତ୍ୱ ସମ୍ଭାଳିବେ। ଆୟାରଙ୍କ ଅଧିନାୟକତ୍ୱରେ ସଞ୍ଜୁ ସାମସନ ଷ୍ଟମ୍ପ ପଛରେ ଦାୟିତ୍ୱ ନିର୍ବାହ କରିବେ। ପ୍ରଥମ ତିନୋଟି ମ୍ୟାଚରେ ଲେଗସ୍ପିନର ୟୁଜବେନ୍ଦ୍ର ଚହଲ ଖେଳିବେ। ମ୍ୟାଚ ଗୁଡ଼ିକ ଥିରୁଭାନନ୍ତପୁରମଠାରେ ଅଗଷ୍ଟ ୨୯, ୩୧, ସେପ୍ଟେମ୍ବର ୨, ୪ ଓ ୮ ତାରିଖରେ ଅନୁଷ୍ଠିତ ହେବ। ଜାତୀୟ ସିନିୟର ଚୟନ କମିଟି ବୈଠକ ବସି ଏହି ଦୁଇ ଦଳ ମନୋନୟନ କରାଯାଇଛି।



ମନୀଷ ପାଣ୍ଡେ



ଶ୍ରେୟାସ ଆୟାର

### ଭାରତ ‘ଏ’-ଦକ୍ଷିଣ ଆଫ୍ରିକା ‘ଏ’ ଦିନିକିଆ ସିରିଜ

**ମନୀଷଙ୍କ ନେତୃତ୍ୱରେ ଭାରତ ‘ଏ’:** ମନୀଷ ପାଣ୍ଡେ (ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଶୁବମନ ଗିଲ, ଅନମୋଲପ୍ରୀତ ସିଂ, ରିକି ଭୁଇ, ଇଶାନ କିଷନ(ଉଇକେଟ କିପର), ବିଜୟ ଶଙ୍କର, ଶିଭମ୍ ଦୁବେ, କୃନାଲ ପାଣ୍ଡ୍ୟା, ଅକ୍ଷର ପଟେଲ, ୟୁଜବେନ୍ଦ୍ର ଚହଲ, ଶାର୍ଦ୍ଦୁଳ ଠାକୁର, ଦୀପକ ଚହର, ଖଲୀଲ ଅହମ୍ମଦ, ନୀତୀଶ ରାଣା।

**ଆୟାରଙ୍କ ନେତୃତ୍ୱରେ ଭାରତ ‘ଏ’:** ଶ୍ରେୟାସ ଆୟାର (ଅଧିନାୟକ), ଶୁବମନ ଗିଲ, ପ୍ରଶାନ୍ତ ଚୋପ୍ରା, ଅନମୋଲପ୍ରୀତ ସିଂ, ରିକି ଭୁଇ, ସଞ୍ଜୁ ସାମସନ(ଉଇକେଟ କିପର), ନୀତୀଶ ରାଣା, ବିଜୟ ଶଙ୍କର, ଶିଭମ୍ ଦୁବେ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ରାହୁଲ ଚହର, ଶାର୍ଦ୍ଦୁଳ ଠାକୁର, ତୁଷାର ଦେଶପାଣ୍ଡେ, ଇଷାନ ପୋରେଲ।

# ସଇନି ବ୍ୟାକ୍ ଅପ୍ ବୋଲର



**ନୂଆଦିଲ୍ଲୀ, ୧୯।୮ (ପିଟି):** ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳର ମ୍ୟାନେଜମେଣ୍ଟ ସ୍ପିଡ୍‌ଷ୍ଟାର ନବଦୀପ ସଇନିଙ୍କୁ କଭର ବୋଲର ଭାବେ ଦଳରେ ରଖିବାକୁ ନିଷ୍ପତ୍ତି ନେଇଛି। ଦିଲ୍ଲୀ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ପେସର ନିକଟରେ ଟି୨୦ ପଦାର୍ପଣ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ ସେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ପୂର୍ବରୁ ତାଙ୍କୁ ଭାରତୀୟ ଦଳ ନେଟ୍ ବୋଲର ଭାବେ ବ୍ୟବହାର କରାଯାଉଥିଲା। ଏବେ ତାଙ୍କୁ ଟେଷ୍ଟ ସିରିଜ୍ ପାଇଁ ଦଳ ସହ ରହିବାକୁ କୁହାଯାଇଛି। ରେଡ୍ ବଲ କ୍ରିକେଟରେ ସଇନି ଗତ କିଛିବର୍ଷ ହେଲା ଭଲ ପ୍ରଦର୍ଶନ କରୁଛନ୍ତି। ତାଙ୍କ ନିକଟରେ ସ୍ପିଡ୍, ସୁଇଙ୍ଗ ଓ ବାଉନ୍ସ ରହିଛି। ତାଙ୍କୁ ନେଟ୍ ବୋଲର ଭାବେ ଦଳରେ ରଖାଯାଇଛି। ତାଙ୍କୁ ଟେଷ୍ଟ ବୋଲର ଭାବେ ଗଢ଼ିବାକୁ ଟିମ୍ ମ୍ୟାନେଜମେଣ୍ଟ ଚାହେଁ। ଏହାଦ୍ୱାରା ଭାରତୀୟ ପେସ୍ ବୋଲରଙ୍କ ଗ୍ରୁପ ବୃଦ୍ଧି ପାଇବ ବୋଲି ବିସିସିଆଇର ଜଣେ ସିନିୟର କର୍ମକର୍ତ୍ତା କହିଛନ୍ତି। ଉଲ୍ଲେଖଥାଉ କି, ୪୩ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ସଇନି ୧୨୦ ଉଇକେଟ ନେଇଛନ୍ତି। ୨୬ ବର୍ଷୀୟ ପେସର ଭାରତୀୟ ଦଳ ସହ ରହିବା ଦ୍ୱାରା ବୋଲିଂ କୋଚ୍ ଭରତ ଅରୁନ ତାଙ୍କ ସହ ଅଧିକ ସମୟ ବିତାଇ ପାରିବେ।

# ବ୍ୟାଟିଂ କୋଚ୍ ପାଇଁ ରାଜପୁତ ଆଶାୟୀ



**ମୁମ୍ବାଇ, ୧୯।୮ (ପି.ଟି.):** ମୁଖ୍ୟ କୋଚ୍ ପଦବୀ ଚୟନରେ ଉପେକ୍ଷିତ ହେବା ପରେ ଭାରତୀୟ କ୍ରିକେଟ ଦଳର ସହାୟକ କର୍ମଚାରୀ ଆଶାୟୀଙ୍କ ମଧ୍ୟରେ ଅଛନ୍ତି ଲାଲଚାନ୍ଦ ରାଜପୁତ। ସୋମବାର ସାକ୍ଷାତ୍‌କାର ଆରମ୍ଭ ହୋଇଛି। ଆଶାୟୀଙ୍କ ମଧ୍ୟରେ ଭେଙ୍କଟେଶ ପ୍ରସାଦଙ୍କ ଭଳି ହେଭିୱେଟ୍ ଅଛନ୍ତି। ପୂର୍ବତନ ଉଇକେଟକିପର ଏମ୍.ଏସ୍.କେ. ପ୍ରସାଦଙ୍କ ନେତୃତ୍ୱାଧୀନ ସିନିୟର ଚୟନ କମିଟି ଦ୍ୱାରା ସହାୟକ କର୍ମଚାରୀ ମନୋନୟନ ପ୍ରକ୍ରିୟା ଚାଲିଛି। ୫୭ ବର୍ଷୀୟ ରାଜପୁତ ବ୍ୟାଟିଂ କୋଚ୍ ଲାଗି ପ୍ରାର୍ଥୀ ହୋଇଛନ୍ତି। ହେଲେ ସଞ୍ଜୟ ବାଙ୍ଗରଙ୍କ ସ୍ଥାନରେ ଏହି ପଦବୀ ପାଇଁ ମୁଖ୍ୟ ଦାବିଦାର ଭାବେ ଉଭା ହୋଇଛନ୍ତି ବିକ୍ରମ ରାଠୋର। ବର୍ତ୍ତମାନ ବୋଲିଂ କୋଚ୍ ଏବଂ ଫିଲ୍ଡିଂ କୋଚ୍ ରହିଥିବା ଭରତ ଅରୁଣ ଏବଂ ଆର. ଶ୍ରୀଧର ସେମାନଙ୍କ ପଦବୀ ବଜାୟ ରଖିବା ଯଥେଷ୍ଟ ସମ୍ଭାବନା ରହିଛି। କାରଣ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଏମାନଙ୍କ ସପକ୍ଷରେ ଅଛନ୍ତି। କିନ୍ତୁ ବ୍ୟାଟିଂ କୋଚ୍ ପାଇଁ ଦରଖାସ୍ତକାରୀଙ୍କ ସଂଖ୍ୟା ଅଧିକ ରହିଥିବାରୁ ବାଙ୍ଗର କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରନ୍ତି। ପୂର୍ବତନ ଅଲରାଉଣ୍ଡର ଭାରତ ପାଇଁ ୫୦ ଟେଷ୍ଟ ଏବଂ ୧୧୯ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ସମସ୍ତ ସାକ୍ଷାତ୍‌କାର ପରେ ଚୟନ ପ୍ରକ୍ରିୟା ଗୁରୁବାର ସୁଦ୍ଧା ଶେଷ ହେବ ବୋଲି ଆଶା କରାଯାଏ। ବର୍ତ୍ତମାନ ବାଙ୍ଗର, ଅରୁଣ ଓ ଶ୍ରୀଧରଙ୍କ ବ୍ୟତୀତ ପ୍ରଶାସନିକ ମ୍ୟାନେଜର ସୁନୀଲ ସୁବ୍ରମଣ୍ୟମ ସହାୟକ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ଚଳିତ ୱେଷ୍ଟଇଣ୍ଡିଜ ଟୁର୍ ପାଇଁ ଏମାନଙ୍କ ଚୁକ୍ତି ମିଆଦ ୪୫ ଦିନ ବୃଦ୍ଧି କରାଯାଇଛି। ବ୍ୟାଟିଂ କୋଚ ପାଇଁ ପ୍ରବୀଣ ଆମ୍ରେ, ମୁମ୍ବାଇ ଷ୍ଟଲୱାର୍ଟ ଅମୋଲ ମଜୁମଦାର ଏବଂ ସୌରାଷ୍ଟ୍ରର ସୀତାଂଶୁ କୋଟାକ୍ ପ୍ରମୁଖ ପ୍ରାର୍ଥୀ ହୋଇଛନ୍ତି। ଏହାଛଡ଼ା ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ହୃଷୀକେଶ କାନିଟ୍‌କର ଏବଂ ପୂର୍ବତନ ଦିଲ୍ଲୀ ବ୍ୟାଟ୍ସମ୍ୟାନ ମିଥୁନ ମନ୍‌ହସ୍‌ଙ୍କର ୫ ଜଣିଆ ଚୟନ କମିଟି ସାକ୍ଷାତ୍‌କାର ନେଇଥିବା ଶୁଣାଯାଏ। ବୋଲିଂ କୋଚ୍ ପଦବୀ ପାଇଁ ପୂର୍ବତନ ଭାରତୀୟ ପେସ୍ ବୋଲର ଭେଙ୍କଟେଶ ପ୍ରସାଦ, ପାରସ ମାହାମ୍ବ୍ରେ ଏବଂ ଅମିତ ଭଣ୍ଡାରୀ ପ୍ରମୁଖ ପ୍ରାର୍ଥୀ ରହିଛନ୍ତି। ଗତ ସପ୍ତାହରେ ୧୯୮୩ ବିଶ୍ୱକପ୍ ବିଜୟୀ ଅଧିନାୟକ କପିଳ ଦେବ, ପୂର୍ବତନ ଖେଳାଳି ଓ କୋଚ୍ ଅଂଶୁମାନ ଗାଏକ୍ୱାଡ ଏବଂ ପୂର୍ବତନ ମହିଳା ଅଧିନାୟିକା ଶାନ୍ତା ରଙ୍ଗାସ୍ୱାମୀ ପ୍ରମୁଖଙ୍କୁ ନେଇ କ୍ରିକେଟ ପରାମର୍ଶଦାତା କମିଟି (ସିଏସି) ଶାସ୍ତ୍ରୀଙ୍କୁ ୨୦୨୧ରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ଦଳର କୋଚ୍ ଭାବେ ପୁନଃ ନିଯୁକ୍ତି ଦେଇସାରିଛନ୍ତି। ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂ କୋଚ୍ ପାଇଁ ଆବେଦନକାରୀଙ୍କ ବୟସ ସୀମା ୬୦ ବର୍ଷ ରଖାଯାଇଥିବା ବେଳେ ସେମାନେ ୧୦ଟି ଟେଷ୍ଟ କିମ୍ବା ୨୫ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ଦରକାର।

# ହନୁମା, ରାହାନେଙ୍କ ଅର୍ଦ୍ଧଶତକ

**ଆଣ୍ଟିଗୁଆ, ୧୯।୮**

ସ୍ଥାନୀୟ କୁଲିଜ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ୩ ଦିନିଆ ଅଭ୍ୟାସ ମ୍ୟାଚ୍‌ର ଅନ୍ତିମ ଦିବସରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତର ହନୁମା ବିହାରୀ ଓ ଅଜିଙ୍କ୍ୟ ରାହାନେ। ଉଭୟଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଅନ୍ୟ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଭାରତ ଦ୍ୱିତୀୟ

### ଅଭ୍ୟାସ ମ୍ୟାଚ

ଇନିଂସରେ ସୋମବାର ମଧ୍ୟାହ୍ନ ଭୋଜନ ବିରତିସୁଦ୍ଧା ୧୭୪ ରନ ମଧ୍ୟରେ ୫ଟି ଉଇକେଟ ହରାଇଛି। ମୟଙ୍କ ଅଗ୍ରୱାଲ ୧୩, ରିଷଭ ପନ୍ତ ୧୯, ରବୀନ୍ଦ୍ର ଜାଡେଜା ୯ ରନ କରି ଆଉଟ ହୋଇଛନ୍ତି। ହନୁମା ବିହାରୀ ୧୨୫ ବଲ୍‌ରୁ ୯ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୬୪ ରନ କରିଥିବାବେଳେ ରାହାନେ ୧୬୨ ବଲ୍‌ରୁ ୫ ଚୌକା ଓ ୧ ଛକା ସହ ୫୪ ରନ ସ୍କୋର କରିଛନ୍ତି। ମାତ୍ର ୨୨ ରନରେ ଭାରତର ପ୍ରଥମ ଉଇକେଟ ପଡ଼ିଥିବାବେଳେ ହନୁମା ଓ ରାହାନେ ଦ୍ୱିତୀୟ ଉଇକେଟରେ ୯୬ ରନ କରି ସ୍ଥିତି ସମ୍ଭାଳି ଥିଲେ। ୱେଷ୍ଟଇଣ୍ଡିଜ ‘ଏ’ ପକ୍ଷରୁ ଆକିମ ଫ୍ରାଜର ୨ଟି ଏବଂ ରୋମାରିଓ ଶେଫର୍ଡ, ଖାରି ପିଏରେ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ରିଷଭ ପନ୍ତ ରନଆଉଟ ହୋଇଛନ୍ତି। ହାତରେ ୫ ଉଇକେଟ ଥାଇ ଭାରତ ମୋଟ ୨୭୯ ରନରେ ଅଗ୍ରଣୀ ହାସଲ କରିଛି। ଭାରତ ପ୍ରଥମ ଇନିଂସ୍‌କୁ ୨୯୭/୫ରେ ଘୋଷଣା କରିଥିବାବେଳେ ୱେଷ୍ଟଇଣ୍ଡିଜ ଏ’ ପ୍ରଥମ ଇନିଂସରେ ୧୮୧ ରନ କରିଥିଲା।



ଅଜିଙ୍କ୍ୟ ରାହାନେ



ହନୁମା ବିହାରୀ

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୦/୨୦୧୯ Bhubaneswar, Tuesday, August 20/2019


## କଲେଜ ଛାତ୍ରୀଙ୍କୁ ଏସିଡ୍ ମାଡ଼ ଧମକ

ଆଠଗଡ଼,୧୯।୮(ସ୍ୱ.ପ୍ର.): ଆଠଗଡ଼ ଗୋପବନ୍ଧୁ ବିଜ୍ଞାନ କଲେଜର ଜଣେ ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ବିଫଳ ହେବାରୁ ଜଣେ ଯୁବକ ଏସିଡ୍ ମାଡ଼ ଧମକ ଦେଇଛନ୍ତି। ଏନେଇ ଅଭିଯୁକ୍ତ ମିଥୁନ ମଲ୍ଲିକଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି।






## ଗାଡ଼ି ଧକ୍କାକରି ଚାଲିଗଲେ ବିଧାୟକ

### ଯୁବକ ଗୁରୁତର, ଉତ୍ତେଜନା

ନୟାଗଡ଼ ଅଫିସ/ଦଶପଲ୍ଲା (ଡି.ଏନ୍.ଏ.),୧୯।୮

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଗାଡ଼ି ଧକ୍କାରେ ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳର ଜଣେ ଯୁବକ ଗୁରୁତର ହୋଇଛନ୍ତି। ଆହତ ଯୁବକ ହେଲେ ଦଶପଲ୍ଲା ବ୍ଲକ ବୁଗୁଡ଼ା ଗ୍ରାମର ସନ୍ତୋଷ ବାରିକ। ପ୍ରକାଶ ଯେ, ସନ୍ତୋଷ ପରିବାର ସହିତ ସାତପାଟଣା ଗ୍ରାମରେ ରହୁଥିଲେ। କୌଣସି କାମରେ ସେ ସୋମବାର ତୁମାଣ୍ଡି ଯାଇଥିଲେ। ଅପରାହ୍ନ ୪ଟା ସମୟରେ କାମସାରି ବାଇକ୍‌ରେ ଦଶପଲ୍ଲା ଫେରୁଥିବା ସମୟରେ ତୁମାଣ୍ଡି ଛକଠାରେ ବିଧାୟକଙ୍କ ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ବିଧାୟକଙ୍କ କାର୍ ଦ୍ରୁତ ଗତିରେ ଆସୁଥିବା ବେଳେ ସନ୍ତୋଷଙ୍କ ବାଇକ୍‌କୁ ଧକ୍କା ଦେବାରୁ ସେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ବିଧାୟକଙ୍କ ଗାଡ଼ି ଫେରାର୍ ହୋଇଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦଶପଲ୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଲୋକମାନଙ୍କୁ ଶାନ୍ତ କରାଇଥିଲା। ଏ ସମ୍ପର୍କରେ ଦଶପଲ୍ଲା ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ କହନ୍ତି, ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଲାଞ୍ଜିଗଡ ବିଧାୟକଙ୍କ ଗାଡ଼ି ଫେରାର ହୋଇଯାଇଛି। ଏ ନେଇ ସନ୍ତୋଷଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ କରାଯାଉଛି। ଥାନାରେ ଏ ନେଇ ଏକ ମାମଲା ରୁଜୁ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପଟେ ଲାଞ୍ଜିଗଡ଼ ବିଧାୟକଙ୍କ ପରିବାର ଉକ୍ତ ଗାଡ଼ିରେ ଯାଉଥିବା ବେଳେ ଗାଡ଼ି କାହା ନାମରେ ରହିଛି ସେ ନେଇ କିଛି ଜଣାପଡ଼ି ନ ଥିବା ପୋଲିସ ପକ୍ଷରୁ କୁହାଯାଉଛି। ଏ ସମ୍ପର୍କରେ ବିଧାୟକ ଦିଶାରୀଙ୍କ ମୋବାଇଲ (ନଂ.୮୧୪୪୫୦୮୦୮୨) ରେ ବାରମ୍ବାର ଫୋନ କରାଯାଇଥିଲେ ମଧ୍ୟ ସେ ରିସିଭ କରି ନ ଥିଲେ।



ଦୁର୍ଘଟଣାସ୍ଥଳରେ ଲୋକଙ୍କ ଭିଡ଼।






## ବ୍ୟବସାୟୀ ନିଖୋଜ ନେଇ ଅଭିଯୋଗ

ରଘୁନାଥପୁର,୧୯।୮(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଅଞ୍ଚଳର ଜଣେ ବ୍ୟବସାୟୀ ୪ଦିନ ହେବ ନିଖୋଜ ଥିବା ନେଇ ଶନିବାର ଅଭିଯୋଗ ହୋଇଛି। ରଘୁନାଥପୁର ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ସିଦ୍ଧଭୂଇଁ ଗ୍ରାମର ହେମନ୍ତ କୁମାର ରାଉତରାୟ ସବୁଦିନ ପରି ଗତ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟା ରେ ରଘୁନାଥପୁର ବଜାରରେ ଥିବା ତାଙ୍କ ଦୋକାନକୁ ଯାଇଥିଲେ। ବିଳମ୍ବିତ ରାତ୍ରି ହୋଇଥିଲେ ମଧ୍ୟ ସେ ଘରକୁ ଫେରି ନ ଥିଲେ। ଏହା ପରେ ଘର ଲୋକ ଓ ସମ୍ପର୍କୀୟମାନେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ନ ମିଳିବା ପରେ ସ୍ତ୍ରୀ ସୁକାନ୍ତି ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଦୋକାନକୁ ଗଲା ବେଳେ ତାଙ୍କୁ କେହି ଉଠାଇ ନେଇଥିବା ସୁକାନ୍ତି ଅନୁମାନ କରୁଥିବା କହିଛନ୍ତି। ଏ ନେଇ ପୁଅ ଲକ୍ଷ୍ମୀପ୍ରାସାଦ କୁହନ୍ତି, ତାଙ୍କ ବାପା ଜଣେ ଧର୍ମ ପରାୟଣ ବ୍ୟକ୍ତି ଥିବା ବେଳେ ତାଙ୍କର କାହା ସହିତ ଶତ୍ରୁତା ନ ଥିବା କହିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ପରିବାର ଲୋକ ଅନୁରୋଧ କରିଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଅଟକ

କୁଜଙ୍ଗ,୧୯।୮(ସ୍ୱ.ପ୍ର.)

କୁଜଙ୍ଗ ଥାନା ବାଲିତୁଠ ରାସ୍ତାରେ ସୋମବାର ପୂର୍ବାହ୍ନରେ ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରି ଟଙ୍କା, ଚେନ୍ ଆଦି ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏଥିରେ ଯୁବକଙ୍କ ବେକ ଓ ମୁଣ୍ଡ ପଛପାର୍ଶ୍ୱରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ଯୁବକ ହେଲେ ବାଲିତୁଠ ବଡ଼ବୁଦା ଗ୍ରାମର ସୁଧାକର ମହାପାତ୍ରଙ୍କ ପୁତ୍ର ପ୍ରକାଶ ଓରଫ ଠୁକା। ସକାଳ ୯ଟାରେ ସେ ଘରକୁ ଫେରୁଥିଲେ। ଏହି ସମୟରେ ବାଲିତୁଠ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ରାସ୍ତାରେ ସୁନାଡ଼ିଆ ଗ୍ରାମର ସମୀର ନାୟକ ଓ ତାଙ୍କର କେତେଜଣ ସହଯୋଗୀ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ପ୍ରକାଶଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ମାମଲା ନଂ. ୧୮୬/୧୯ ରୁଜୁ ହୋଇଛି। ଅଭିଯୋଗକୁ ଭିତ୍ତି କରି ଜଣେ ଅଭିଯୁକ୍ତଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି। ଅନ୍ୟପକ୍ଷରେ ପୂର୍ବ ଶତ୍ରୁତାରୁ ଏଭଳି ଘଟିଥିବା କୁହାଯାଉଛି। ୩ ଦିନ ତଳେ ଉଭୟ ପକ୍ଷଙ୍କ ମଧ୍ୟରେ ଥିବା ବିବାଦକୁ ନେଇ ଅଭିଯୁକ୍ତ ସମୀର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସେତେବେଳେ ଉଭୟ ପକ୍ଷଙ୍କୁ ଥାନାକୁ ଡାକି ଆପୋଷ ସମାଧାନ କରିଥିଲା।

## ଶିଶୁପୁତ୍ରକୁ ଅପହରଣ ଅଭିଯୋଗ

ପାରାଦୀପ/ବାଲିକୁଦା,୧୯।୮(ସ୍ୱ.ପ୍ର.)

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କୀ ଲକ୍‌ପଡ଼ାର ଜଣେ ମହିଳା ଜଣେ ବ୍ୟକ୍ତିଙ୍କ ଅଢେଇ ମାସର ଶିଶୁପୁତ୍ରକୁ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା ନଂ. ୧୪୧/୧୯ ରୁଜୁ କରି ତଦନ୍ତ ଚଳାଇଛି। ଅପହୃତ ଶିଶୁପୁତ୍ରର ବାପା ବାଲିକୁଦା ଅଞ୍ଚଳର ଶତ୍ରୁଘ୍ନ ସାମଲଙ୍କ ଅଭିଯୋଗ ଅନୁଯାୟୀ, ସେ ତାଙ୍କ ସ୍ତ୍ରୀ, ପୁଅ ଓ ୧୦ବର୍ଷର ଝିଅ ସହ ପାରାଦୀପ ବିଜୟଚନ୍ଦ୍ରପୁରର ସମ୍ପର୍କୀୟ କୃଷ୍ଣ ପୃଷ୍ଟିଙ୍କ ଘରକୁ ବୁଲିବାକୁ ଆସିଥିଲେ। ଏହି ସମୟରେ କୃଷ୍ଣଙ୍କ ଘରେ କାମ କରୁଥିବା ଜଣେ ମହିଳା ତାଙ୍କ ଶିଶୁପୁତ୍ରକୁ ଅପହରଣ କରିନେଇଛନ୍ତି। ଅଭିଯୁକ୍ତ ମହିଳା ହେଲେ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଗଡ଼ ଗ୍ରାମର ମାମିନା ସାହୁ (୩୫)। ସେ ଜଣେ ବିଧବା। ମାତ୍ର ୩ ଦିନ ହେଲା ସେ କୃଷ୍ଣଙ୍କ ଘରେ ଆସି କାମ କରୁଥିଲେ। ଟଙ୍କା ଲୋଭରେ କିମ୍ବା ଅନ୍ୟ କୌଣସି କାରଣରୁ ସେ ଶତ୍ରୁଘ୍ନଙ୍କ ଶିଶୁପୁତ୍ରକୁ ନେଇ କେଉଁଆଡେ ଚାଲିଯାଇଥିବା କୁହାଯାଉଛି। ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାର ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ଶିଶୁପୁତ୍ର ସହ ଅଭିଯୁକ୍ତ ମହିଳାଙ୍କୁ ଠାବ କରାଯିବ ବୋଲି ଥାନା ଅଧିକାରୀ ରଜନୀକାନ୍ତ ସାମଲ କହିଛନ୍ତି।

## ବାଲି ଗୋଡ଼ି ବୋଝେଇ ୭ ହାଇୱା ଜବତ

ପାରାଦୀପ,୧୯।୮(ସ୍ୱ.ପ୍ର.)

ପାରାଦୀପ ଅଭୟଚାନ୍ଦପୁର ଥାନା ସମ୍ମୁଖରେ ସୋମବାର ସନ୍ଧ୍ୟାରେ କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା ବାଲି ଓ ଗୋଡ଼ି ବୋଝେଇ ୭ଟି ହାଇୱା ଅଟକ ରଖିଛନ୍ତି। ତେବେ ଗାଡ଼ିଗୁଡିକ ଅଟକ ରଖିବାର କାରଣ ସମ୍ପର୍କରେ କୌଣସି ସୂଚନା ଦିଆଯାଉନାହିଁ। ଏ ସମ୍ପର୍କରେ ଅଭୟଚାନ୍ଦପୁର ଥାନା ଅଧିକାରୀ ଯୁଗଳ କିଶୋର ଦାସଙ୍କୁ ପଚାରିବାରେ ସେ କହିଲେ ଯେ, ଉକ୍ତ ଗାଡ଼ିକୁ ତହସିଲଦାର ସାର ଆଣିଛନ୍ତି। ତହସିଲଦାର ପଣ୍ଡାଙ୍କୁ ପଚାରିବାରେ ସେ କହିଲେ ଯେ, ଗାଡ଼ି ଅଟକ ରଖାଯାଇଛି। କିନ୍ତୁ ଏହାର କାରଣ ଏବେ ନୁହେଁ, ପରେ କୁହାଯିବ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିଶୋଧନାଗାର ପ୍ରକଳ୍ପକୁ ଯାଉଥିବା ଏହି ଗାଡିଗୁଡିକୁ ଅଟକାଇବା ପଛରେ ରାଜନେତାଙ୍କ ଠିକାଦାରି କାମ ରହିଥିବା କୁହାଯାଉଛି।

## ନକଲି ସାର୍ଟିଫିକେଟ ଦେଖାଇ ୭ ଅଟକ

### ସୈନ୍ୟବାହିନୀ ନିଯୁକ୍ତି ରାଲି

ପାରାଦୀପ,୧୯।୮(ସ୍ୱ.ପ୍ର.)


ପାରାଦୀପ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ଗତ ୧୮ ତାରିଖରୁ ଚାଲିଥିବା ସୈନ୍ୟବାହିନୀ ନିଯୁକ୍ତି ରାଲିରେ ନକଲି ସାର୍ଟିଫିକେଟ ଦେଖାଇ ସୋମବାର ୭ଜଣ ପ୍ରାର୍ଥୀ ଧରାପଡିଛନ୍ତି। ସେମାନଙ୍କୁ ପାରାଦୀପ ମଡେଲ ପୋଲିସକୁ ହସ୍ତାନ୍ତର କରାଯାଇଛି। ପୋଲିସ ସମ୍ପୃକ୍ତ ୭ଜଣଙ୍କୁ ଅଟକ ରଖି ସେମାନଙ୍କ କାଗଜପତ୍ର ଯାଞ୍ଚ କରିଛି। ସୈନ୍ୟବାହିନୀ ନିଯୁକ୍ତି ରାଲିରେ ସହଯୋଗ କରୁଥିବା ଜିଲା ପ୍ରଶାସନର ନିୟୋଜନ ଅଧିକାରୀ ତାପସ କୁମାର ସ୍ୱାଇଁଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶର ଏହି ୭ଜଣ ଯୁବକ ନକଲି ସାର୍ଟିଫିକେଟ ଦେଇ ରାଲିରେ ଭାଗ ନେଇଥିଲେ। ସେମାନଙ୍କ କାଗଜପତ୍ର ଓ ସାର୍ଟିଫିକେଟ ଯାଞ୍ଚ ହେବାରେ ନକଲି ଥିବା ସ୍ପଷ୍ଟ ହୋଇଥିଲା। ପରେ ସେମାନଙ୍କୁ ସେନାର ବରିଷ୍ଠ ଅଧିକାରୀମାନେ ପଚରାଉଚରା କରିବାରେ ସେମାନେ ସତ କଥା ସ୍ୱୀକାର କରିଥିଲେ। ସେମାନେ ହେଲେ ଉତ୍ତରପ୍ରଦେଶର ଘାଜିପୁର ଜିଲା ଅଧୀନ କରମିଦିନପୁର ଥାନା ଅନ୍ତର୍ଗତ ଗେସପୁରର ଅମର ସିଂ (୧୯), ସେହି ଥାନା ଅଧୀନ ତାଜପୁର ଦେହମାର ସଜ୍ଜନ କୁମାର (୧୯), ବାଲିଆ ଜିଲା ବୈରେଇରା ଥାନା ତିଆରିକିର ଅଖିଳେଶ କୁମାର ତିୱାରୀ (୨୨), ସେହି ଜିଲା ନାରାହୀ ଥାନା ଅଖର ଗ୍ରାମର ରାହୁଲ କୁମାର ଯାଦବ (୨୦), ବିଲେଇୟାର ଶିବ କୁମାର ଯାଦବ(୨୧), ଦାମନ ତାଲା ବୈରେଇରାର ଗୁଡ୍ଡୁ ସିଂ (୨୦), ସୁରେଇମାନପୁରର ଆଜାଦ୍ କୁମାର ତିୱାରୀ (୧୯)। ସମସ୍ତେ ଓଡ଼ିଶାର ବିଦ୍ୟାର୍ଥୀ ବୋଲି ସାର୍ଟିଫିକେଟ ଦର୍ଶାଇ ଏହି ରାଲିରେ ଭାଗ ନେଇଥିଲେ। ସୂଚନାଯୋଗ୍ୟ ଯେ, ଉକ୍ତ ସୈନ୍ୟବାହିନୀ ନିଯୁକ୍ତି ରାଲିରେ କେବଳ ଉପକୂଳ ଓଡ଼ିଶାର ୧୦ ଜିଲାର ପ୍ରାର୍ଥୀ ଭାଗ ନେବାର ସୁଯୋଗ ଅଛି। ଉକ୍ତ ୭ଜଣଙ୍କୁ ପାରାଦୀପ ଆଦର୍ଶ ଥାନାକୁ ହସ୍ତାନ୍ତର କରାଯିବା ପରେ ପୋଲିସ ସେମାନଙ୍କ ସାର୍ଟିଫିକେଟ ଯାଞ୍ଚ କରୁଛି। ସମ୍ପୃକ୍ତ ଯୁବକମାନେ ଜଣେ ଦଲାଲଙ୍କ ପ୍ରରୋଚନାରେ ଏପରି କରିଥିବା ଆଲୋଚନା ହେଉଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
- ବ୍ୟାସଦେବ



## ସଂକ୍ଷେପରେ

### ଓଡ଼ିଶା ଜୀବିକା ମିଶନ ପକ୍ଷରୁ ତାଲିମ ଶିବିର ଉଦ୍‌ଯାପିତ

**ବୋଲଗଡ଼,୧୯।୮(ଡି.ଏନ.ଏ.):** ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବୋଲଗଡ଼ ବ୍ଲକ ଆରିକମା ପଞ୍ଚାୟତ କାର୍ଯ୍ୟାଳୟଠାରେ ଚାଲିଥିବା ୨ ଦିନିଆ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମାଞ୍ଚଳର ଗରିବ ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି)ମାଧ୍ୟମରେ ବ୍ଲକସ୍ଥିତ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏସ୍ଏଚ୍‌ଜିଗୁଡ଼ିକୁ ବିଭିନ୍ନ ସୁବିଧା, ସୁଯୋଗ ଉପଲବ୍ଧ କରାଇବା ପାଇଁ ପଞ୍ଚାୟତସ୍ତରରେ ଏମ୍‌ବିକେ, ସିଆର୍‌ପି ଏବଂ ବ୍ୟାଙ୍କ ମିତ୍ରମାନଙ୍କୁ ନିଯୁକ୍ତି ଦିଆଯାଇଛି। ଉପରୋକ୍ତ କର୍ମକର୍ତ୍ତାମାନେ ତାଲିମ ନେଇ କିପରି ଗୋଷ୍ଠୀଗୁଡ଼ିକର ବିକାଶ କରିପାରିବେ ସେହି ଲକ୍ଷ୍ୟ ନେଇ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗେଡ଼ିଆପଲ୍ଲୀ ଏବଂ ଆରିକମା ପଞ୍ଚାୟତର ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ରମାନଙ୍କୁ ତାଲିମ ଦିଆଯାଇଛି। ଏହାପରେ ଉପରୋକ୍ତ ପଞ୍ଚାୟତସ୍ଥ ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀକୁ ୩ ଦିନିଆ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି ବିପିଏମ୍ ପ୍ରକାଶ ଚନ୍ଦ୍ର ବଳିୟାର୍‌ସିଂ ସୂଚନା ଦେଇଛନ୍ତି।

### ତହସିଲ ନାମ ଭାପୁର ପରିବର୍ତ୍ତେ ଫତେଗଡ଼ ପ୍ରଶାସନିକ ତ୍ରୁଟି, ଚାକିରିରୁ ବଞ୍ଚିତ ଯୁବକ

**ଭାପୁର,୧୯।୮ (ଡି.ଏନ୍.ଏ.):** ଦୀର୍ଘ ୧୫ବର୍ଷ ହେଲା ନୟାଗଡ଼ ଜିଲା ଭାପୁରରେ ତହସିଲ ଅଫିସ ସ୍ଥାପିତ ହୋଇଥିଲେ ହେଁ ଏବେ ବି ନେଟ୍‌ରେ ଭାପୁର ପରିବର୍ତ୍ତେ ଫତେଗଡ଼ ତହସିଲ ନାମ ଉଲ୍ଲେଖ ରହିଛି। ଏଥିପାଇଁ ତହସିଲ ଅଞ୍ଚଳର ଯୁବକ ସେନା ଚାକିରିରୁ ବଞ୍ଚିତ ହୋଇଛନ୍ତି। ୨୦୦୫ ମସିହାରେ ନୟାଗଡ଼ ଜିଲା ଖଣ୍ଡପଡ଼ା ତହସିଲରୁ ଅଲଗା ହୋଇ ପ୍ରଥମେ ଭାପୁର ଅତିରିକ୍ତ ତହସିଲ ଓ ପରେ ପୂର୍ଣ୍ଣ ତହସିଲ ମାନ୍ୟତା ପାଇଛି। ଭାପୁର ତହସିଲ ଅଫିସ ଏବେ ପୂର୍ଣ୍ଣମାତ୍ରାରେ କାର୍ଯ୍ୟ କରୁଛି। ହେଲେ ନେଟ୍‌ରେ ସର୍ଚ୍ଚ କଲେ ତହସିଲର ନାମ ଭାପୁର ପରିବର୍ତ୍ତେ ଫତେଗଡ଼ ଲେଖା ବାହାରୁଛି। ତହସିଲ ଅଞ୍ଚଳର ବେକାର ଯୁବକମାନେ ଚାକିରି କରିବା ପାଇଁ ସୈନ୍ୟବାହିନୀରେ ଆବେଦନ କରି ପରୀକ୍ଷା ଦେଇଥିଲେ। କିନ୍ତୁ ସାର୍ଟିଫିକେଟ୍ ଯାଞ୍ଚ ସମୟରେ ତହସିଲର ନାମ ଭାପୁର ବଦଳରେ ଫତେଗଡ଼ ଲେଖା ଥିବାରୁ ଅଯୋଗ୍ୟ ହୋଇ ଘରକୁ ଫେରୁଛନ୍ତି। ଚଳିତମାସ ୧୮ ତାରିଖରେ ତହସିଲ ଅଧୀନ କଇଁଫୁଲିଆ ଗ୍ରାମର ପ୍ରବୋଧ କୁମାର ତ୍ରିପାଠୀଙ୍କ ପୁଅ ରିତେଶ ସୈନ୍ୟବାହିନୀରେ ଚାକିରି ପାଇଁ ପରୀକ୍ଷା ଦେଇ ସାର୍ଟିଫିକେଟ୍ ଯାଞ୍ଚରେ ଉପରୋକ୍ତ ଭୁଲ୍ ଯୋଗୁ ବାଦ୍ ପଡିଛନ୍ତି। ଏହାକୁ ନେଇ ସେ ଓ ତାଙ୍କ ପରିବାର ମାନସିକ ଦୁଶ୍ଚିନ୍ତାରେ ଅଛନ୍ତି। ପ୍ରଶାସନିକ ଭୁଲ୍ ଯୋଗୁ ଏହିଭଳି ବହୁ ଯୋଗ୍ୟ ଯୁବକ ସେନାରେ ସାମିଲ ହୋଇପାରୁନାହାନ୍ତି। ତୁରନ୍ତ ଏହି ଭୁଲ୍ ସୁଧାରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଭାପୁର ତହସିଲଦାର ସୁନିତା ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ଏଥିରେ କ'ଣ କରିପାରିବି? ଏ ତ୍ରୁଟି ରାଜ୍ୟ ପ୍ରଶାସନ ସୁଧାରିବେ।

# ବାଣ ବିସ୍ଫୋରଣ: ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ନୟାଗଡ଼ ଅଫିସ/ଓଡ଼ଗାଁ (ସ୍ୱ.ପ୍ର.),୧୯।୮**

ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡ଼ିପଡ଼ା ଗ୍ରାମ ଖରୁଡ଼ାସାହିରେ ସୋମବାର ସନ୍ଧ୍ୟାରେ ବାଣ ବିସ୍ଫୋରଣ ଘଟି ସ୍ୱାମୀଙ୍କର ମୃତ୍ୟୁ ଘଟିଥିବାବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଉକ୍ତ ସାହିର ଅଖିଳ ସେଠୀ (୪୬)। ଅଖିଳଙ୍କ ସ୍ତ୍ରୀ ଲକ୍ଷ୍ମୀ ସେଠୀ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନା ଅନୁସାରେ ଅଖିଳ ଘରେ ବେଆଇନ ଭାବେ ବାଣ ଦୋକାନ କରିବା ସହିତ ବାଣ ଭିଡ଼ିଥାନ୍ତି। ଖୁଦୁରୁକୁଣୀ ଓଷା ଥିବାରୁ ସେ ବିଭିନ୍ନ ପ୍ରକାର ବାଣ ଆଣି ଘରେ ରଖିଥିଲେ। ସୋମବାର ସନ୍ଧ୍ୟା ସମୟରେ ଅଖିଳ ଧୂପ ଦେଉଥିବାବେଳେ ସେଥିରୁ ନିଆଁ ଝୁଲ ପଡି ବାଣ ବିସ୍ଫୋରଣ





ବିସ୍ଫୋରଣରେ ଭାଙ୍ଗିଯାଇଥିବା ଘର।

ହୋଇଥିଲା। ବିସ୍ଫୋରଣ ଏତେ ଜୋର୍‌ରେ ହୋଇଥିଲା ଯେ ଅଖିଳଙ୍କ ଆଟୁ ଘରଟି ଭାଙ୍ଗି ଯାଇଥିଲା। ପରେ ସମସ୍ତ ଆଟୁ ଅଖିଳଙ୍କ ଉପରେ ପଡ଼ିଥିଲା। ଲକ୍ଷ୍ମୀ ଏହି ସମୟରେ ଘରୁ ବାହାରୁଥିବାରୁ ନିଆଁ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଗୋଡ଼ିପଡା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହିତ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ରିପୋର୍ଟ ଲେଖାହେବା ସୁଦ୍ଧା ଘରୁ ଅଖିଳଙ୍କ ମୃତଦେହ ବାହାର କରାଯାଇ ପାରିନାହିଁ। ଅଖିଳଙ୍କ ପୁଅମାନେ ସନ୍ଧ୍ୟା ସମୟରେ ବାହାରେ ବୁଲୁଥିବାରୁ ସେମାନଙ୍କର କୌଣସି କ୍ଷତି ହୋଇନାହିଁ। ଶରଣକୁଳ ଏସ୍‌ଡ଼ିପିଓ ଏସ୍ ଟୋପ୍ପୋ, ଶରଣକୁଳ ଥାନା ଅଧିକାରୀ କିରଣ ହେମ୍ବ୍ରମ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ ୨୦୧୬ ସେପ୍ଟେମ୍ବର ୨୩ ତାରିଖରେ ଇଟାମାଟି ଅଞ୍ଚଳରେ ଏକ ବେଆଇନ ବାଣ କାରଖାନାରେ ବିସ୍ଫୋରଣ ଘଟିବାରୁ ସେଠାରେ କାର୍ଯ୍ୟରତ ୯ ଜଣଙ୍କ ଜୀବନ ଯାଇଥିଲା। ଏହିଭଳି ବିଭିନ୍ନ ସମୟରେ ବେଆଇନ ବାଣ ବସ୍ଫୋରଣରେ ଜୀବନ ଯାଉଥିବାରୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଦଶାହରେ ଯୋଗଦେବାକୁ ଆସି ନଦୀରେ ବୁଡ଼ି ଜଣେ ମୃତ

**ନୂଆଗାଁ,୧୯।୮(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ଖାଲମଡା ଗ୍ରାମ ପତରସାହିର ଜଣେ ବ୍ୟକ୍ତି ସୋମବାର ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ ବସନ୍ତ କୁମାର ବାରିକ(୪୮)। ସେ ଭୁବନେଶ୍ୱରରେ ରହି ଡ୍ରାଇଭିଂ କରୁଥିଲେ। ନିଜ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗଦେବା ପାଇଁ ଖାଲମଡା ଆସିଥିଲେ । ସୋମବାର ଅପରାହ୍ଣ ୨ଟାରେ ସେ ଶୌଚ ହେବା ପାଇଁ ନିକଟସ୍ଥ ଶିଆରିବାଙ୍କ ନଦୀକୁ ଯାଇଥିଲେ। ତେବେ ଘରକୁ ଫେରିବାରେ ଡେରି ହେବାରୁ ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ସନ୍ଦେହ ହେବାରୁ ନଦୀରେ ଖୋଜାଖୋଜି କରିବାରୁ କୁଟିବାରି ବାଙ୍କଠାରେ ମୃତଦେହ ଭାସୁଥିବା ଦେଖିବାକୁ ପାଇ ସେଠାରୁ ଉଦ୍ଧାର କରିଥିଲେ। ଅସାବଧାନତା ଯୋଗୁ ନଦୀ ଭିତରେ ତାଙ୍କ ଗୋଡ ଖସି ଏକ ପଥରରେ ମୁଣ୍ଡ ମାଡ଼ ହେବା ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ଓ ସେ ନଦୀ ଜଳରେ ଭାସି ଯାଇଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପାଇଁ ମୃତଦେହ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି ।

## ଚିକିତ୍ସାଳୟରେ ପଡ଼ିରହିଛନ୍ତି ବୃଦ୍ଧା

**ନୟାଗଡ଼ ଅଫିସ,୧୯।୮**

ଶରଣକୁଳ ଥାନା ହରିହରପୁର ଗ୍ରାମର ଅପର୍ଣ୍ଣା ସ୍ୱାଇଁ (୭୫)। ଦେଢ଼ମାସ ହେଲା ସେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଆସୁଛନ୍ତି। ବୟସାଧିକ ହୋଇଥିବାବେଳେ ଅପର୍ଣ୍ଣା ଘରେ ନ ରହିବାରୁ ବାହାରେ ଆସି ବୁଲନ୍ତି। ଦେଢ଼ ମାସ ତଳେ ରାସ୍ତା କଡ଼ରେ ପଡ଼ିରହିଥିବା ବେଳେ କେତେଜଣ ଲୋକ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ୧୦ଦିନ ଧରି ତାଙ୍କର ଚିକିତ୍ସା କରାଯାଇଥିଲା। ପରେ ଜଣେ ସ୍ୱେଚ୍ଛାସେବୀ ଏ ନେଇ ବୃଦ୍ଧାଶ୍ରମକୁ ଯୋଗାଯୋଗ କରିଥିଲେ। ହେଲେ ଉକ୍ତ ବୃଦ୍ଧାଶ୍ରମ ମହିଳାଙ୍କୁ ରଖିବ ନାହିଁ ବୋଲି କହିଥିଲା। ପରେ ସ୍ୱେଚ୍ଛାସେବୀ ଜଣକ ତ୍ରିନାଥ ଛକଠାରେ ଥିବା ରାତ୍ର ଆଶ୍ରୟସ୍ଥଳକୁ ନେଇଥିଲେ। ହେଲେ ସେଠାରେ ମଧ୍ୟ ତାଙ୍କୁ ରଖାଯାଇ ନ ଥିଲା। ଫଳରେ ବୃଦ୍ଧା ଜଣକ ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟର ମେଡ଼ିସିନ୍ ୱାର୍ଡ ଉପର ମହଲାର ଏକ ରୁମ୍‌ରେ ରହୁଛନ୍ତି। ମେଡ଼ିକାଲ୍ ତରଫରୁ ରୋଗୀମାନଙ୍କ ପାଇଁ ଯାହା ଖାଇବାକୁ ଦିଆଯାଉଛି ତାହା ଖାଉଛନ୍ତି। ବେଳେବେଳେ ହେଲ୍‌ପ ଡେକ୍ସର ପିଲାମାନେ ମାଛ କିମ୍ବା ମାଂସ ହୋଟେଲରୁ କିଣିଆଣି ଦେଉଛନ୍ତି। କେବଳ ଅପର୍ଣ୍ଣା ନୁହନ୍ତି, କିଛିଦିନ ହେଲା ଆଉ ଜଣେ ମହିଳା ଜିଲା ମୁଖ୍ୟ



ଜିଲା ମୁଖ୍ୟ ଚିକିତ୍ସାଳୟରେ ରହୁଥିବା ଅପର୍ଣ୍ଣା।

#### କାହା ସ୍ୱାର୍ଥରେ ବୃଦ୍ଧାଶ୍ରମ, ଆଶ୍ରୟସ୍ଥଳ

ଚିକିତ୍ସାଳୟର ସର୍ଜରି ୱାର୍ଡ଼ରେ ଆସି ପଡ଼ିରହିଛନ୍ତି। ଏହିଭଳି ବିଭିନ୍ନ ସମୟରେ ବୃଦ୍ଧାବୃଦ୍ଧମାନେ ବୃଦ୍ଧାଶ୍ରମ ଯିବା ବଦଳରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପଡ଼ିରହୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହରରେ ବୃଦ୍ଧାଶ୍ରମ, ଆଶ୍ରୟସ୍ଥଳୀ, ଷ୍ଟେ' ହୋମ୍ ଖୋଲାଯାଇଥିଲେ ମଧ୍ୟ ସେମାନେ ଅବହେଳିତ ହୋଇ ପଡ଼ିରହିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଉଛି। କାହା ସ୍ୱାର୍ଥରେ ବୃଦ୍ଧାଶ୍ରମ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଏ ନେଇ ବୃଦ୍ଧାଶ୍ରମର ଜଣେ ବ୍ୟକ୍ତିଙ୍କ କହିବା କଥା ଅପର୍ଣ୍ଣାଙ୍କୁ ନର୍ସିଂ ଟ୍ରିଟ୍‌ମେଣ୍ଟ ଆବଶ୍ୟକ ଥିବାରୁ ବୃଦ୍ଧାଶ୍ରମରେ ରଖାଯାଉନାହିଁ।

### ଗାଳିଗୁଲଜ, ମାରପିଟ ଅଭିଯୋଗ: ଯୁବକ ଗିରଫ

**ଓଡ଼ଗାଁ, ୧୯।୮(ସ୍ୱ.ପ୍ର.)**

ସାହି ମଝିରେ ଗାଳିଗୁଲଜ ଓ ମାରପିଟ କରିବା ଅଭିଯୋଗରେ ପୋଲିସ ଓଡ଼ଗାଁ ଥାନା କୋମଣ୍ଡ ମଶାଣି ସାହିର ଗୁରୁ ବାରିକ(୩୨)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ ଗୁରୁ ବିନା କାରଣରେ ସାହି ବାସିନ୍ଦାଙ୍କୁ ଗାଳିଗୁଲଜ ଓ ମାରପିଟ କରିଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲା । ୨୦୧୭ରେ ସ୍ତ୍ରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ତାଙ୍କ ନାମରେ ଥାନାରେ ୧୧୭୧/୧୭ରେ ମାମଲା ରୁଜୁ ହୋଇଥିଲା । ଏବଂ ସେ ୪ ମାସ ବିଚାର ବିଭାଗୀୟ ଜେଲ ହାଜତରେ ରହିଥିଲେ। ୨୦୧୮ରେ କୋମଣ୍ଡ ଗ୍ରାମର ବୁଦ୍ଧିଆ ମାଝିଙ୍କୁ ମାଡ ମାରିବା ଅଭିଯୋଗରେ ତାଙ୍କ ବିରୋଧରେ ୧୭୦/୧୮ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ସେ ଗିରଫ ହୋଇ ୮ ଦିନ ଜେଲରେ ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଶନିବାର ସନ୍ଧ୍ୟା ପ୍ରାୟ ୭ଟାରେ ଗୁରୁ ତାଙ୍କର ଜଣେ ସମ୍ପର୍କୀୟ ଭାଇ ପ୍ରହ୍ଲାଦ ବାରିକ(୪୦)ଙ୍କୁ ସାହି ମାଝିରେ ଗାଳିଗୁଲଜ କରିବା ପରେ ମାଡ଼ ମାରିଥିଲେ । ଏ ସମ୍ପର୍କରେ ପ୍ରହ୍ଲାଦ ରବିବାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୧୨୭/୧୯ରେ ମାମଲା ରୁଜୁ କରିଥିଲା।

## ୧୦ ଜଣଙ୍କୁ ମିଳିବ ରୋଟାରି ବୃତ୍ତି ସମ୍ମାନ

**ନୟାଗଡ଼ ଅଫିସ,୧୯।୮**

ନୟାଗଡ଼ ଜିଲାର ବିଭିନ୍ନ କଲେଜରେ ଯୁକ୍ତ ୨ରେ ନାମ ଲେଖାଇଥିବା କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ୧୦ଜଣ ଛାତ୍ରୀଛାତ୍ରଙ୍କୁ ରୋଟାରୀ ମେଧାବୃତ୍ତି ୨୦୧୯ ପ୍ରଦାନ କରାଯିବ। ଜଣେ ଛାତ୍ରୀ କିମ୍ବା ଛାତ୍ରଙ୍କୁ ୧୦ ହଜାର ଟଙ୍କାର ମେଧାବୃତ୍ତି ପ୍ରଦାନ କରାଯିବ। ସୋମବାର ଖବରଦାତା ସମ୍ମିଳନୀରେ ରୋଟାରୀ କ୍ଲବର ସଭାପତି ମଦନ ମୋହନ ମହାପାତ୍ର ଏହି ସୂଚନା ଦେଇଛନ୍ତି। ମେଧାବୃତ୍ତି ପାଇବାକୁ ଚାହୁଁଥିବା ଛାତ୍ରୀଛାତ୍ରମାନେ କଲେଜ ଅଧ୍ୟକ୍ଷଙ୍କ ଜରିଆରେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ। ମେଧାବୀ ଓ ଗରିବ ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଦିଆଯିବ। ଏ ନେଇ ଏକ ଚୟନ କମିଟି ଗଠନ କରାଯାଇଥିବା ବେଳେ ସେମାନେ ୧୦ ଜଣ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ବାଛିବେ। ୫ ଛାତ୍ରୀ ଓ ୫ ଛାତ୍ରଙ୍କୁ ଏହି ମେଧାବୃତ୍ତି ପ୍ରଦାନ କରାଯିବ। ଚଳିତ ମାସ ୩୧ ତାରିଖ ଦରଖାସ୍ତ ଗ୍ରହଣର ଶେଷ ସମୟ ରହିଛି। ନିର୍ଦ୍ଧାରିତ ଫର୍ମ ଓ ଦରଖାସ୍ତ ଦାଖଲ କରିବା ପାଇଁ ଛାତ୍ରୀଛାତ୍ରମାନେ ରୋଟାରିଆନ୍ ଧୀରେନ୍ଦ୍ର କୁମାର ପଟ୍ଟନାୟକଙ୍କୁ ଯୋଗଯୋଗ କରିବା ପାଇଁ ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପ୍ରବୀର କୁମାର ପୃଷ୍ଟି, ମୁଖ୍ୟ ସଂଯୋଜକ ପ୍ରମୋଦ ପଟ୍ଟନାୟକ, ସୁବୋଧ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

### ଖତଗାଡ଼ିଆରେ ପଡ଼ି ଶିଶୁପୁତ୍ର ମୃତ

**ରଣପୁର,୧୯।୮(ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ବ୍ଲକ କୁଳାସର ପଞ୍ଚାୟତ କୁଳାସର ଗ୍ରାମରେ ସୋମବାର ଖତଗାଡିଆରେ ପଡି ଦୋଳଗୋବିନ୍ଦ ସାହୁଙ୍କ ଶିଶୁପୁତ୍ର ବିଭୁ ପ୍ରସାଦ(୨)ଙ୍କ ମୃତ୍ୟୁ ଘଟିଛି । ବିଭୁ ଘରେ ବସି ଖେଳୁଥିଲେ । ପୂର୍ବାହ୍ନ ପ୍ରାୟ ୯ଟାରେ ତାଙ୍କୁ ପରିବାର ଲୋକେ ଦେଖିବାକୁ ନ ପାଇବାରୁ ଘର ବାହାରେ ଯାଇ ବହୁ ଖୋଜାଖୋଜି କରିଥିଲେ । ବାରିରେ ଥିବା ଏକ ଖତଗାଡିଆରେ ବିଭୁ ପଡିଥିବା ଦେଖିବାକୁ ପାଇଥିଲେ। ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ବିଭୁଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

### ଦୋକାନରେ ଅଗ୍ନିକାଣ୍ଡ

**ଖୋର୍ଦ୍ଧା ଅଫିସ,୧୯।୮:** ଖୋର୍ଦ୍ଧା ପୁରୁଣା ବସଷ୍ଟାଣ୍ଡରେ ଥିବା ଟୁକୁ ମହାନ୍ତି କମ୍ପ୍ଲେକ୍ସରେ ଥିବା ସବ୍ୟସାଚୀ ମହାନ୍ତିଙ୍କ ଦୋକାନରେ ସୋମବାର ପୂର୍ବାହ୍ନ ପ୍ରାୟ ୮ଟା ୪୫ରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡରେ ପ୍ରାୟ ୫୦ହଜାର ଟଙ୍କାର ଡ୍ରେସ ଓ ଲୁଗା ଉପକରଣ ଜଳିଯାଇଛି। ଖବରପାଇ ଖୋର୍ଦ୍ଧା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଧୂଆଁ ବହୁ ସମୟ ଧରି ଦୋକାନ ଘରେ ରହିଥିଲା। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି।

## ଖାଦ୍ୟ ପ୍ରକ୍ରିୟାକରଣ ମାଧ୍ୟମରେ ଆତ୍ମନିର୍ଭରଶୀଳ ତାଲିମ ଶିବିର

**ନୂଆଗାଁ,୧୯।୮ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁଠାରେ ସୋମବାର ନାବାର୍ଡ ସହାୟତାରେ ହାମସ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ ପ୍ରକ୍ରିୟାକରଣ ମାଧ୍ୟମରେ ଆତ୍ମନିର୍ଭରଶୀଳ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛିସ୍। ଜୀବନ ଜୀବିକା ନିମନ୍ତେ ଆତ୍ମନିର୍ଭରଶୀଳ ହେବା ପାଇଁ ଖାଦ୍ୟ ପ୍ରକ୍ରିୟାକରଣ ମାଧ୍ୟମରେ ଜେଲି, ଜାମ୍, ସ୍କ୍ୱାସ, ସସ୍ ଓ ବିଭିନ୍ନ ପ୍ରକାର ଆଚାର ଇତ୍ୟାଦି ଉପରେ ମହିଳାମାନଙ୍କୁ ସାତ ଦିନ ତାଲିମ ଦିଆଯିବ। କିଭଳି ଭାବେ ସେମାନେ ଅତି ସହଜରେ ବ୍ୟାଙ୍କରୁ ଋଣ ପାଇ ଆତ୍ମନିର୍ଭରଶୀଳ ହେବା ସଙ୍ଗେ ପରିବାରର ଆର୍ଥିକ ଅବସ୍ଥା ସୁଦୃଢ କରିପାରିବେ ତାହା ଥିଲା ଏହି ତାଲିମ ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ହାମସ୍‌ର ସଭାପତି ନିରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବେ ନାବାର୍ଡର ଡିଡିଏମ୍ ଜୟନ୍ତ କୁମାର ସାହୁ ଯୋଗ ଦେଇଥିବା ବେଳେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଲ୍.ଡି.ଏମ. ସୁରେନ୍ଦ୍ର କୁମାର ସେନାପତି, ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଶାଖା ପରିଚାଳକ ବସନ୍ତ କୁମାର ଶତପଥୀ , କେବିକେ ବୈଜ୍ଞାନିକ ବିଜୟଲକ୍ଷ୍ମୀ ରାଉତ ଓ ଏଲଏମର ବିପିଏମ ସସ୍ମିତା ପରିଡା, ଶକୁନ୍ତଳା ଆଣ୍ଡ ସୋସିଆଲ ଆକ୍ସନ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ, ସିଆରପି ନଳିନୀପ୍ରଭା ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହାମସ ସମ୍ପାଦକ ବିଜୟ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ତାଲିମ ଶିବିରକୁ ସୁନୀତା ଦାସଗୁପ୍ତା, ସସ୍ମିତା ବେହେରା ପରିଚାଳନା କରିଥିଲେ ।




ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥିବୃନ୍ଦ।

## ମୌଳିକ ସୁବିଧାରୁ ବଞ୍ଚିତ ଜାକେଡ଼ା ପଞ୍ଚାୟତବାସୀ

**ନୂଆଗାଁ,୧୯।୮ (ଡି.ଏନ.ଏ.)**

ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ନିମନ୍ତେ ବିଭିନ୍ନ ଯୋଜନା କରିଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଆଦିବାସୀ ଲୋକେ ତା'ର ସୁଫଳ ପାଉ ନାହାନ୍ତି, ଯାହାର ବାସ୍ତବ ଚିତ୍ର ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଆଦିବାସୀ ଅଧ୍ୟୁଷିତ ଜାକେଡା ପଞ୍ଚାୟତରେ ଦେଖିବାକୁ ମିଳୁଛି।

ସରକାରଙ୍କ ଏକ ସର୍ଭେ ରିପୋର୍ଟ ଅନୁସାରେ ଏହି ପଞ୍ଚାୟତରେ ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ବାସ କରନ୍ତି। ଉକ୍ତ ପଞ୍ଚାୟତରେ ଥିବା ୨୪ ଗୋଟି ଗ୍ରାମ ମଧ୍ୟରୁ ୨୦ ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ । ଅନେକ ଗ୍ରାମରେ ପାନୀୟ ଜଳର ସମସ୍ୟା ଲାଗି ରହିଥିବାରୁ ବାହାଘର କିମ୍ବା ଭୋଜିଭାତ ହେଲେ ଅନ୍ୟ ଗାଁରୁ ପାଣି ଆଣିବାକୁ ପଡ଼ିଥାଏ । ଶିକ୍ଷା ବ୍ୟବସ୍ଥା ମଧ୍ୟ ଶୋଚନୀୟ। ରାସ୍ତା ନ ଥିବାରୁ ଶିକ୍ଷକ ମଧ୍ୟ ସ୍କୁଲ ଯିବାକୁ ଇଚ୍ଛା ପ୍ରକାଶ କରୁ ନାହାନ୍ତି। ଯେଉଁଥି ପାଇଁ ଡାକୁଡାରେ ଥିବା ପ୍ରାଥମିକ ସ୍କୁଲ ବନ୍ଦ ହୋଇଯାଇଛି। ଏସବୁ ସମସ୍ୟାର ସମାଧାନ ପାଇଁ ପଞ୍ଚାୟତବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ପଦକ୍ଷେପ ନେଉନାହିଁ। ସମସ୍ୟା ସମାଧାନ କରିବା ପାଇଁ ୨୦୧୮ ଫେବୃୟାରୀରେ ତତ୍କାଳୀନ ଜିଲାପାଳ



ଡାକୁଡାକୁ ଯାଇଥିବା ପାହାଡିଆ ଚଲା ରାସ୍ତା।

ଅରିନ୍ଦମ ଡାକୁଆ ସମସ୍ତ ବିଭାଗର ଜିଲା ତଥା ବ୍ଲକ ଅଧିକାରୀ,ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ ବରକୋଳା ବଙ୍ଗଳାଠାରେ ଆଦିବାସୀଙ୍କ ପ୍ରଗତିର ସମୀକ୍ଷା କରିଥିଲେ । କିଭଳି ଭାବେ ଆଦିବାସୀମାନେ ସେମାନଙ୍କର ମୌଳିକ ସୁବିଧା ପାଇବା ସହ ପ୍ରଥମେ ପ୍ରତି ଗାଁକୁ ରାସ୍ତା, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ



ଜାକେଡା ପଞ୍ଚାୟତ କାର୍ଯ୍ୟାଳୟ।

ବ୍ୟବସ୍ଥା କରାଯାଇ ପାରିବ ସେଥିପାଇଁ ଅଧିକାରୀମାନେ ଲୋକ ପ୍ରତିନିଧିଙ୍କ ସହ ମିଶି କାର୍ଯ୍ୟ କରିବା ପାଇଁ ଜିଲାପାଳ ଡାକୁଆ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏକ ବର୍ଷ ବିତି ଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟ ହେଲା ନାହିଁ । ତେଣୁ ଜାକେଡା ପଞ୍ଚାୟତବାସୀ ଆନ୍ଦୋଳନ କରିବା ସହ ନିର୍ବାଚନ ବର୍ଜନ କରିବା ପାଇଁ ଅକ୍ଟୋବର ମାସରେ ଚେତାବନୀ ଦେଇଥିଲେ। ଫଳରେ ପୂର୍ବତନ ଜିଲାପାଳ ଡ. ଏନ. ତିରୁମାଲା ନାୟକ , ଜିଲା ଅଧିକାରୀ, ବ୍ଲକ ଅଧିକାରୀ ଓ ଜନ ପ୍ରତିନିଧିମାନଙ୍କୁ ନେଇ ଗତ ଡିସେମ୍ବର ୨୯ରେ ଜାକେଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଦିବାସୀଙ୍କ ମହାସମାଧାନ ଶିବିର ଆୟୋଜନ କରିଥିଲେ । ହେଲେ ଅଦ୍ୟାବଧି କୌଣସି ଗୋଟିଏ ସମସ୍ୟାର ସମାଧାନ ହୋଇପାରି ନ ଥିବା ନେଇ ଜାକେଡା ସରପଞ୍ଚ ତ୍ରିଲୋଚନ ସାହୁ ଗତ ବୁଧବାର ସମିତି ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ । ଏପରି ସମସ୍ୟା ବିଷୟରେ ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲଙ୍କୁ ପଚାରିବାରେ ଅଧିକ ଦୂର ରାସ୍ତା ନିର୍ମାଣ କରିବା ଆମ ପକ୍ଷେ ସମ୍ଭବ ନୁହେଁ, ତେଣୁ ସେଗୁଡିକୁ କରିବା ପାଇଁ ଆମେ ଆର୍‌ଡି ବିଭାଗକୁ ଲେଖିଛୁ। ଆମ ଦ୍ୱାରା ଯାହା ସମ୍ଭବ ତାହା ପୂରଣ କରିବା ପାଇଁ ଆମେ ଚେଷ୍ଟା ଜାରି ରଖିଛୁ ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### କଟକରେ ସିରିଏଲ୍ ହତ୍ୟା ଘଟଣା
## ଶୁଣାଣି ଶେଷ, ରାୟ ସଂରକ୍ଷିତ

**କଟକ ଅଫିସ, ୧୯।୮:** କଟକ ସିରିଏଲ୍ ହତ୍ୟା ଘଟଣାରେ ଗିରଫ ହୋଇଥିବା ନାରାୟଣ ସାହୁଙ୍କ ମାମଲା ଏବେ ନୂଆ ମୋଡ୍ ନେଇଛି। ନାରାୟଣଙ୍କୁ ନିର୍ଦ୍ଦୋଷ ଘୋଷଣା କରିବା ପାଇଁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। କଟକ ଜିଲା ଦୌରାଜଜ୍ ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ସୋମବାର ହୋଇଥିବା ଶୁଣାଣିରେ ଗୀତାଞ୍ଜଳିଙ୍କ ଓକିଲ ଯୁକ୍ତି ରଖିଥିଲେ ଯେ, ହତ୍ୟାକାଣ୍ଡ ଦିନ ନାରାୟଣ ତାଙ୍କ ଗାଁ ନୟାଗଡ଼ ଜିଲା ସୁନାମୁହିଁରେ ଥିଲେ। ତେଣୁ ଏହିଠାରେ ଥିବା ଏକ ବ୍ୟାଙ୍କର ସିସିଟିଭିରେ ନାରାୟଣ ବୁଲାବୁଲି କରୁଥିବାର ଦୃଶ୍ୟ ରହିଛି। ଏହାର ପୂର୍ବଦିନ ନାରାୟଣ ଭୁବନେଶ୍ୱର ସାଲିଆସାହି ଅଞ୍ଚଳରେ ତାଙ୍କ ଭଉଣୀ ଘରେ ଥିଲେ। ତେଣୁ ସାଲିଆସାହି ସ୍ଥିତ ଏକ ମଦ ଦୋକାନ ଏବଂ ସୁନାମୁହିଁସ୍ଥିତ ଉକ୍ତ ବ୍ୟାଙ୍କର ସିସିଟିଭି ଫୁଟେଜ ଜବତ କରିବା ପାଇଁ ବିଚାରପତି ପୋଲିସକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ଯୁକ୍ତି ରଖିଛନ୍ତି। ଯଦି ଏହି ଫୁଟେଜ ଜବତ କରିବାରେ ବିଳମ୍ବ ହୁଏ, ତା'ହେଲେ ପରବର୍ତ୍ତୀ ସମୟରେ ଉକ୍ତ ପ୍ରମାଣ ହାତଛଡ଼ା ହୋଇଯିବ ବୋଲି ତ୍ରିପାଠୀ କୋର୍ଟରେ ଯୁକ୍ତି ବାଢ଼ିଛନ୍ତି। ଏହି ମାମଲାରେ କୋର୍ଟ ଉଭୟ ସରକାରୀ ଓ ଗୀତାଞ୍ଜଳିଙ୍କ ଓକିଲଙ୍କ ଯୁକ୍ତି ଶୁଣିବା ପରେ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଗତ ଜୁଲାଇ ୨୪ରେ କଟକରେ ୨୪ ଘଣ୍ଟା ମଧ୍ୟରେ ୩ଜଣଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ କମିଶନରେଟ୍ ପୋଲିସ ନାରାୟଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନାରାୟଣ ଓଏମ୍‌ପି ଅଞ୍ଚଳରେ ଘଟିଥିବା ୨ଟି ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ପୋଲିସ କହିଥିଲା। ତେବେ ସ୍ୱାମୀଙ୍କୁ ନିର୍ଦ୍ଦୋଶ ପ୍ରମାଣିତ କରିବା ପାଇଁ ଗୀତାଞ୍ଜଳି କଟକ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ।

## ନିତ୍ୟାନନ୍ଦ ଶତପଥୀ ପାଇବେ ଅତିବଡ଼ୀ ସମ୍ମାନ

**ପୁରୀ ଅଫିସ,୧୯।୮:** ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ପକ୍ଷରୁ ଚଳିତ ବର୍ଷ ବିଶିଷ୍ଟ ପ୍ରାବନ୍ଧିକ, ସମାଲୋଚକ, କବି ଓ ଗାଳ୍ପିକ ନିତ୍ୟାନନ୍ଦ ଶତପଥୀଙ୍କୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ପ୍ରଦାନ କରାଯିବ। ଅନୁଷ୍ଠାନର ସମ୍ପାଦକ କୃଷ୍ଣଚନ୍ଦ୍ର ରଥ ସୋମବାର ଏକ ପ୍ରେସ ବିବୃତିରେ ଏହି ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୬ରେ ସ୍ଥାନୀୟ ରାଣୀସତୀ ଭବନରେ ଆୟୋଜିତ ଉତ୍ସବରେ ଶତପଥୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ ବୋଲି ରଥ କହିଛନ୍ତି।

## ରଣପୁରରେ ଯାନବାହନ ଧରପଗଡ଼

**ରଣପୁର,୧୯।୮(ସ୍ୱ.ପ୍ର.):** ରଣପୁର ଥାନା ପୋଲିସ ସୋମବାର ସୁନାଖଳା-ରଣପୁର ରାସ୍ତା ତଥା ରଣପୁର ବଜାର ଅଞ୍ଚଳରେ ଯାନବାହନ ଧରପଗଡ କରି ୪ଟି ନମ୍ବର ବିହୀନ ବାଇକ ଜବତ କରିଛି । ହେଲମେଟ ବ୍ୟବହାର କରୁନଥିବା ବାଇକ ଚାଳକଙ୍କ ଠାରୁ ୫୦୦ ଟଙ୍କା ଲେଖାଏଁ ଫାଇନ ଆଦାୟ କରିଛି । ସେହିପରି ଗାଡି କାଗଜାତ ଯାଞ୍ଚ, ସ୍ପିଡ ଗାଡିଚାଳନାକୁ ଚେକିଂ କରିଥିଲା । ନାବାଳିକା ଓ ନାବାଳକଙ୍କ ଗାଡି ଚାଳନାର ମଧ ଅନୁରୂପ ଯାଞ୍ଚ କରିଥିଲା। ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ଓ ସବଇନ୍ସପେକ୍ଟର ପ୍ରୀତିପ୍ରକାଶ ମହାନ୍ତି ବାଇକରେ ବଜାର ପରିକ୍ରମା କରି ପରେ ଯାଞ୍ଚ କରିଥିଲେ।

### ■ ମର୍ଦ୍ଦରାଜପୁର: ଘରେ ପଶିଲା ବର୍ଷାପାଣି
# ରାସ୍ତା ଅବରୋଧ, ଭାଙ୍ଗି ଦିଆଗଲା କଲଭର୍ଟ

**ଖଣ୍ଡପଡା,୧୯।୮(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଧୀନ ମର୍ଦ୍ଦରାଜପୁର ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାରେ ରବିବାର ୨ଫୁଟରୁ ଊର୍ଦ୍ଧ୍ୱ ବର୍ଷା ଓ ନର୍ଦ୍ଦମା ପାଣି ଜମା ହୋଇ ରହିଥିବା ବେଳେ ସୋମବାର ମଧ୍ୟାହ୍ନରେ ବର୍ଷା ଯୋଗୁ ଗ୍ରାମର ଉଦ୍‌ବୃତ୍ତ ପାଣି ଅଧିକରୁ ଅଧିକ ଜମାହୋଇଥିଲା। ଫଳରେ ରାସ୍ତା ପାର୍ଶ୍ୱରେ ଥିବା ଲଛମନ ନାୟକ ନାମକ ଜଣେ ବ୍ୟକ୍ତିଙ୍କ ଘର ମଧକୁ ପ୍ରବେଶ କରିବାରୁ ଏଥିନେଇ ଉତ୍ତେଜନା ପ୍ରକାଶ ପାଇଛି । ଏହାର ପ୍ରତିବାଦରେ ରାସ୍ତା ଅବରୋଧ କରାଯାଇଥିଲା। ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ସମସ୍ୟାର ଅସ୍ଥାୟୀ ସମାଧାନ ପାଇଁ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା କଲଭର୍ଟକୁ ଭାଙ୍ଗି ଦେଇଥିଲେ। ପରେ ସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି।

ପ୍ରକାଶ ଯେ, କଣ୍ଟିଲୋ-ଖଣ୍ଡପଡା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ତଥା ମର୍ଦ୍ଦରାଜପୁର ଛକରେ ରହିଥିବା ଏକ କଲଭର୍ଟକୁ ବନ୍ଦ କରିଦିଆ ଯାଇଥିବାରୁ ରବିବାର ଅବିଶ୍ରାନ୍ତ ବର୍ଷା ଫଳରେ ଗ୍ରାମର ସମସ୍ତ ନର୍ଦ୍ଦମା ଓ ବର୍ଷାପାଣି ରାସ୍ତା ଉପର ଦେଇ ନିକଟସ୍ଥ ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟ ରାସ୍ତା ଉପରେ ଲହଡି ମାରିଥିଲା। ଏ ନେଇ ସୋମବାର 'ଆବର୍ଜନାରେ ପୋତି ହୋଇଛି ଡ୍ରେନ' ଶୀଷକ ଏକ ଖବର ଧରିତ୍ରୀରେ ପ୍ରକାଶିତ ହୋଇଥିଲା । ଉକ୍ତ ରାସ୍ତା ଦେଇ ପ୍ରତ୍ୟହ ଶତାଧିକ ଛାତ୍ରୀଛାତ୍ର ଏବଂ ହଜାର ହଜାର ଲୋକେ ବିଭିନ୍ନ କାର୍ଯ୍ୟରେ ଯାତାୟାତ କରୁଥିବାବେଳେ ସମସ୍ୟା ସୃଷ୍ଟି ହେଉଛି। ମଧ୍ୟାହ୍ନରେ ଲାଗି ରହିଥିବା ବର୍ଷାରେ ନର୍ଦ୍ଦମା ସହିତ ବର୍ଷା ପାଣି ରାସ୍ତା ଉପର ଦେଇ ପ୍ରବାହିତ ହେଉଥିବା ବେଳେ ମୁଖ୍ୟ ରାସ୍ତା ତଥା ହାଇସ୍କୁଲ ନିକଟରେ ଥିବା ଲଛମନ ନାୟକଙ୍କ ଘର ଭିତରେ ପଶି ଯାଇଥିଲା। ଗ୍ରାମରେ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ସମ୍ପୃକ୍ତ ପରିବାର ସହ ଗ୍ରାମବାସୀ ଉକ୍ତ ସମସ୍ୟା ସମାଧନ ପାଇଁ ରାସ୍ତା ଅବରୋଧ କରିଥିଲେ । ଦୀର୍ଘ ୪୫ ମିନିଟ ରାସ୍ତା ଅବରୋଧ ହେବା ପରେ ଖଣ୍ଡପଡା ଭାରପ୍ରାପ୍ତ ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ପ୍ରଦୀପ କୁମାର ପରିଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ନବୀନ ସେଠୀ, ଖଣ୍ଡପଡା ଥାନା ଆଇଆଇସି ବିମଳ କୁମାର ମଲ୍ଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ସମାଧାନ ନିମନ୍ତେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଏହି ଆଲୋଚନାରେ ମର୍ଦ୍ଦରାଜପୁର ସରପଞ୍ଚ ବୈକୁଣ୍ଠନାଥ ଗୋଛି ଉପସ୍ଥିତ ରହିଥିଲେ। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅବସ୍ଥାକୁ ମୁକାବିଲା କରିବା ପାଇଁ ମର୍ଦ୍ଦରାଜପୁର ଛକ ଉପରେ ରହିଥିବା ଏକ ପୋଲିଆ(କଲଭର୍ଟ)କୁ କେତେକ ବନ୍ଦ କରିଦେଇଥିବାରୁ ରାସ୍ତା ଉପରେ ଜମି ରହୁଥିବା ପାଣି ନିଷ୍କାସନରେ ବାଧା ସୃଷ୍ଟି ହେଉଥିଲା। ଫଳରେ ପ୍ରଶାସନର ଉପସ୍ଥିତିରେ ଜେସିବି ଦ୍ୱାରା ଉକ୍ତ କଲଭର୍ଟକୁ ଭଙ୍ଗା ଯିବା ପରେ ଜମା ହୋଇ ରହିଥିବା ପାଣି କ୍ରମଶଃ କମିବାରେ ଲାଗିଛି ବୋଲି ଉପସ୍ଥିତ ଥିବା ଭାରପ୍ରାପ୍ତ ତହସିଲଦାର ସଞ୍ଜୟ ସାମନ୍ତରାୟ ସୂଚନା ଦେଇଥିଲେ । ପରବର୍ତ୍ତୀ ସମୟରେ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ବ୍ଲକ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ସମେତ ପୋଲିସ ପ୍ରଶାସନ ମିଳିତ ଭାବରେ ସ୍ଥିତି ଅନୁଧ୍ୟାନ କରି ଏହାର ସ୍ଥାୟୀ ସମାଧନ ଦିଗରେ ବ୍ୟବସ୍ଥା କରାଯିବ ବୋଲି ସାମନ୍ତରାୟ ସୂଚନା ଦେଇଛନ୍ତି ।



ପ୍ରଶାସନ ଉପସ୍ଥିତିରେ କଲଭର୍ଟକୁ ଭଙ୍ଗା ଯାଉଛି।


ରାସ୍ତା ଅବରୋଧ କରିଛନ୍ତି ସ୍ଥାନୀୟ ଲୋକେ।

### ଘରଭଙ୍ଗା କ୍ଷୟକ୍ଷତି ରିପୋର୍ଟରେ ଅନିୟମିତତା ଅଭିଯୋଗ:ଜିଲାପାଳଙ୍କୁ ଫେରାଦ

**ପୁରୀ ଅଫିସ, ୧୯।୮**

ବାତ୍ୟାରେ ଘର ଭାଙ୍ଗିଥିବା କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ପ୍ରଦାନ ଲାଗି ପ୍ରସ୍ତୁତ କ୍ଷୟକ୍ଷତି ରିପୋର୍ଟରେ ଅନିୟମିତତା ହୋଇଛି। ଏ ନେଇ ବ୍ରହ୍ମଗିରି ବ୍ଲକର କୁଞ୍ଜବେଣ୍ଟି ସରପଞ୍ଚଙ୍କ ବିରୋଧରେ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେତେକ ଲୋକ ଜିଲାପାଳଙ୍କୁ ଫେରାଦ ହେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, କୁଞ୍ଜବେଣ୍ଟି ପଞ୍ଚାୟତରେ ଗ୍ରାମୱାରି ଘରଭଙ୍ଗା ସର୍ଭେ କରାଯାଇ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଛି। ମାତ୍ର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହିତାଧିକାରୀଙ୍କ ତାଲିକାରେ ସରପଞ୍ଚ ମନମୋହନ ସାହୁଙ୍କ ପରିବାରର ୫ଜଣଙ୍କ ନାମ ରହିଛି। ସରପଞ୍ଚଙ୍କ ପରିବାରର ଆଜବେଷ୍ଟସ ଘର ବାତ୍ୟାରେ କିଛିକ୍ଷତିହୋଇ ନ ଥିବା ସ୍ଥଳେ ସେ କ୍ଷମତାର ଅପବ୍ୟବହାର କରି ସରକାରୀ ଅନୁଦାନ ଆତ୍ମସାତ କରିବାକୁ ଚେଷ୍ଟା କରିଛନ୍ତି। ତେଣୁ ଏହାର ପୁନଃ ତଦନ୍ତ ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଅନ୍ୟପକ୍ଷେ ଏ ସମ୍ପର୍କରେ ସରପଞ୍ଚ ସାହୁଙ୍କୁ ପଚାରିବାରୁ କହିଛନ୍ତି, ଆମ ପରିବାର ଅଲଗା ହୋଇ ଯାଇଛୁ। ଏତଦ୍‌ବ୍ୟତୀତ ଯେଉଁ ଘରଭଙ୍ଗା କ୍ଷୟକ୍ଷତି ରିପୋର୍ଟ ପ୍ରକାଶ ପାଇଛି ତାହାକୁ ମୁଁ ପ୍ରସ୍ତୁତ କରିନାହିଁ। କ୍ଷୟକ୍ଷତି ଆକଳନରେ ସାମିଲ ପ୍ରଶାସନିକ ଅଧିକାରୀ ଯାଞ୍ଚ କରି ତାଙ୍କ ରିପୋର୍ଟ ଦେଇଛନ୍ତି। ତେଣୁ ମୁଁ ଏ ବିଷୟରେ ଅଧିକ କିଛି ଜାଣିନାହିଁ।

### ■ ୪ଦିନ ହେଲା ଠିକ୍ ଭାବେ ଯୋଗାଣ ହେଉନି ପାନୀୟ ଜଳ
# ରାଜରାସ୍ତାକୁ ଓହ୍ଲାଇବେ ଗ୍ରାମବାସୀ



ହରିପୁର ଗ୍ରାମରେ ଥିବା ପାଣି ପମ୍ପ ହାଉସ୍ ।

**ନୟାଗଡ଼ ଅଫିସ,୧୯।୮**

୪ଦିନ ହେଲା ନୟାଗଡ଼ ବ୍ଲକ ଗଦାଧରପ୍ରସାଦ ପଞ୍ଚାୟତ ହରିପୁର ଗ୍ରାମରେ ପାନୀୟ ଜଳ ଯୋଗାଣ ଠିକ୍ ଭାବେ ହେଉ ନାହିଁ। ଏହି ଦାୟିତ୍ୱରେ ଥିବା କର୍ମଚାରୀ ଜଣକ ମନମୁଖୀ ଭାବେ ଜଳ ଯୋଗାଣ କରୁଥିବାରୁ ଗ୍ରାମର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ୪୦୦ ପରିବାରର ୧୨୦୦ ଲୋକ ପାଇପ୍ ପାଣି ଉପରେ ନିର୍ଭର କରୁଛନ୍ତି। ଦୀର୍ଘବର୍ଷ ହେଲା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଲୋକଙ୍କୁ ଜଳଯୋଗାଣ ହୋଇ ଆସୁଛି। ହେଲେ ୪ଦିନ ହେଲା ସକାଳେ କିଛି ସମୟ ଜଳ ଯୋଗାଣ ପରେ କର୍ମଚାରୀ ଜଣକ ମୋଟର ବନ୍ଦ କରିଦେଉଛନ୍ତି। ସେହିଭଳି ପୂର୍ବରୁ ସନ୍ଧ୍ୟାରେ ପାଣି ଦିଆଯାଉଥିବା ବେଳେ ବର୍ତ୍ତମାନ ଯୋଗାଣ କରାଯାଉନାହିଁ। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ଏହାର ସମାଧାନ କରା ନ ଗଲେ ଗ୍ରାମବାସୀ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ପୁରୀ ଅଫିସ,୧୯।୮**

ସମୁଦ୍ରକୂଳ ଥାନା ଅଧୀନ ସିଟି ରୋଡ଼ଠାରେ ସୋମବାର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାହୁଲ କୁମାର ସେଠୀ (୪୫)। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରାହୁଲ ମରାମତି କରୁଥିବା ବେଳେ ହଠାତ୍ ଲାଇନ ଚାର୍ଜ ହୋଇଯିବାରୁ ବିଦ୍ୟୁତ ଆଘାତରେ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଅଟୋ ଚାଳକ ମହାସଂଘ

**ପୁରୀ ଅଫିସ,୧୯।୮**

ବିଭିନ୍ନ ଦାବି ନେଇ ଅଟୋ ଚାଳକ ମହାସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ତୁରନ୍ତ ଦାବି ପୂରଣ ଲାଗି ପଦକ୍ଷେପ ନିଆ ନ ଗଲେ ମହାସଂଘ ବଡ ଧରଣର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଥିଲା। ପୂର୍ବାହ୍ନରେ ମହାସଂଘ ଅନୁବନ୍ଧିତ ଅଟୋଚାଳକ ସଂଘର ସଦସ୍ୟମାନେ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମହାସଂଘର ଆବାହକ ଶ୍ରୀକାନ୍ତ ପରିଜା ଉଦ୍‌ବୋଧନ ଦେଇ କହିଥିଲେ, ଗତ କିଛିଦିନ ହେଲା ଆଞ୍ଚଳିକ ପରିବହନ ବିଭାଗ ବିଭିନ୍ନ ଆଳ ଦେଖାଇ ଅଟୋଚାଳକଙ୍କ ଉପରେ ଜୁଲମ କରୁଛି। ଆବଶ୍ୟକ କାଗଜପତ୍ର ଥିବା ସତ୍ତ୍ୱେ ବେଆଇନ ଭାବେ ଜରିମାନା ଆଦାୟ କରାଯାଉଛି। ଏହାଦ୍ୱାରା ଅଟୋ ଚାଳକମାନଙ୍କ ଜୀବିକା ପ୍ରଭାବିତ ହେବାରେ ଲାଗିଛି। କିଛିଦିନ ତଳେ ପରିବହନ ବିଭାଗ ଅଟୋଚାଳକ ମହାସଂଘ ସହ କୌଣସି ଆଲୋଚନା ନ କରି ରେଟ୍ ଚାର୍ଟ ପ୍ରସ୍ତୁତ କରିଛି। ଏହାଠାରୁ ଅଧିକ ଦାବି କଲେ ଲାଇସେନ୍ସ ରଦ୍ଦ ଲାଗି ଧମକ ଦିଆଯାଉଛି। ତୁରନ୍ତ ମହାସଂଘ ସହ ଆଲୋଚନା କରି ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ପରିଜା ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ପୁରୀ ଧାମ ଅଟୋଚାଳକ ମହାସଂଘ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସେ କହିଛନ୍ତି।

## ଖଳିସାହି-ଆଡ଼କଟା ପୂର୍ତ୍ତ ବିଭାଗ ରାସ୍ତା ଶୋଚନୀୟ

**ଖଣ୍ଡପଡା,୧୯।୮(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖଳିସାହି-ଆଡ଼କଟା ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଛି । ରାସ୍ତା ସାରା ଖାଲଖମାରେ ପୂର୍ଣ୍ଣ ହୋଇରହିଛି । ରସ୍ତାର ନବୀକରଣ ଦିଗରେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ନୟାଗଡ ଜିଲାର ଖଣ୍ଡପଡା ଓ ଦଶପଲ୍ଲା ଏପରି ୨ ନିର୍ବାଚନମଣ୍ଡଳୀକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁ ପଥଚାରୀ ସମେତ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହୋଇଥାଏ। ଖଣ୍ଡପଡା ବ୍ଲକର ଖଳିସାହି ବଜାରଠାରୁ ସିଂଘାପଡା, ଗଡିଆସାହି, କୋସ୍‌କା ପଞ୍ଚାୟତ ଦେଇ ଦଶପଲ୍ଲା ନିର୍ବାଚନମଣ୍ଡଳୀର ଆଡକଟା ଛକକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାର ଦୁରବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୈନିକ ଉକ୍ତ ରାସ୍ତା ଦେଇ ଶହ ଶହ ସଂଖ୍ୟାରେ ଯାନବାହନ ଚଳାଚଳ କରୁଛି । ଅଣଓସାରିଆ ବିପଦସଙ୍କୁଳ ରାସ୍ତା ଦେଇ ଭାରିଯାନ ଗୁଡିକ ଚଳାଚଳ କଲାବେଳେ ସମସ୍ୟା ସୃଷ୍ଟି ହେଉଛି। ଏପରିକି ବେଳେ ବେଳେ ଦୁର୍ଘଟଣା ମଧ୍ୟ ଘଟୁଛି ।

ପ୍ରକାଶ ଯେ, ଉକ୍ତ ରାସ୍ତାର ଉନ୍ନତୀକରଣ ନିମନ୍ତେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ ହେଉଥିବା ବେଳେ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ରାସ୍ତା ଅବସ୍ଥା ସୁଧୁରୁନାହିଁ । ରାସ୍ତାର ଅନେକ ସ୍ଥାନରେ କଲଭର୍ଟ ଓ ଗାର୍ଡୱାଲ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଅପରପକ୍ଷେ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲକାରୀମାନେ ସ୍ଥାୟୀ ଦୋକାନ ଗୃହ ନିର୍ମାଣ କରି ବ୍ୟବସାୟ ଚଳାଉଥିବାରୁ ସମୟାନୁକ୍ରମେ ରାସ୍ତା ସଙ୍କୁଚିତ ହେବାରେ ଲାଗିଛି। ଫଳରେ ଯାନବାହନ ଚଳାଚଳ ବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ଓ ଦୈନିକ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି । ବାରମ୍ବାର ଦାବି ସତ୍ତ୍ୱେ ରାସ୍ତାର ଉନ୍ନତୀକରଣ ଦିଗରେ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବା ବେଳେ ବିଭିନ୍ନ ସମୟରେ ରାସ୍ତା ମରାମତି ତଥା ରକ୍ଷଣାବେକ୍ଷଣ ଦିଗରେ ଅନୁଦାନ ଅର୍ଥ ଖର୍ଚ୍ଚ କରାଯାଇ ଠିକାଦାରମାନଙ୍କ ସ୍ୱାର୍ଥ ସିଦ୍ଧି ହେଉଥିବା ଅଭିଯୋଗ ହେଉଛି। ଫଳରେ ରାସ୍ତା ଅବସ୍ଥା ସୁଧୁରୁ ନ ଥିବା ୮ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି । ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଅଟୋ ଓଲଟି ୬ ଆହତ

**ପୁରୀ ଅଫିସ,୧୯।୮:** ସୁକଳ ଛକ ନିକଟରେ ସୋମବାର ଏକ ଅଟୋ ଓଲଟି ପଡ଼ିଛି। ଫଳରେ ୬ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ବିଷ୍ଣୁ ପାତ୍ର (୧୦), ଝୁନୁ ବେହେରା (୩୦), ରାଜେନ୍ଦ୍ର ବେହେରା (୧୩), ହର୍ଷ ଦେ (୫୫), ଆଶା ପ୍ରଧାନ(୬୦) ଏବଂ ଦମୟନ୍ତୀ ପ୍ରଧାନ (୪୫)। ଏମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣା ପରେ ଅଟୋଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି।

### ■ ଜନଶୁଣାଣି ଶିବିର ସମ୍ପର୍କରେ ନାହିଁ ସଚେତନତା
# ସୁଫଳ ପାଇପାରୁନାହାନ୍ତି ସାଧାରଣ ଲୋକେ

**ରଣପୁର,୧୯।୮(ସ୍ୱ.ପ୍ର.)**

ନୟାଗଡ ଜିଲାର ବିଭିନ୍ନ ବ୍ଲକରେ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଜନ ଶୁଣାଣି ଶିବିର ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉନି । ଜିଲା, ବ୍ଲକ ସ୍ତରରେ ଏଥିପାଇଁ ଆଗ୍ରହ ପ୍ରକାଶ କରାଯାଉ ନଥିବାରୁ ସାଧାରଣ ଲୋକେ ଜନଶୁଣାଣି ଶିବିର ସମ୍ପର୍କରେ ଅବଗତ ହୋଇ ପାରୁ ନାହାନ୍ତି। ଏଭଳିସ୍ଥଳେ ରଣପୁର ବ୍ଲକରେ ଶିବିର ହେଉଥିବାବେଳେ ସ୍ଥାନୀୟ ଲୋକ ଆପତ୍ତି, ଅଭିଯୋଗ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡୁଥିବାର ଦେଖିବାକୁ ମିଳୁଛି । ଏପରି ଏକ ଘଟଣା ସୋମବାର ନଜରକୁ ଆସିଛି । ସ୍ଥାନୀୟ ବନ୍ଧମୁଣ୍ଡା, ପଟିଆ, ରାଜସୁନାଖଳା ଅଞ୍ଚଳର ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିଜର ଅଭାବ ଅସୁବିଧା, ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇବା ପାଇଁ ସୋମବାର ନୟାଗଡ ଯାଇଥିଲେ। ହେଲେ ସେଠାରେ ଶୁଣିବାକୁ ପାଇଲେ ଜିଲାପାଳ ରଣପୁର ବ୍ଲକକୁ ଅଭିଯୋଗ ଶୁଣାଣି ପାଇଁ ଯାଇଛନ୍ତି। ସଂପୃକ୍ତ ବ୍ୟକ୍ତିମାନେ ତରବରିଆ ଭାବେ ପୁଣି ରଣପୁର ବ୍ଲକ କାର୍ଯ୍ୟାଳୟକୁ ଫେରିଥିଲେ। ରଣପୁରରେ ସେତେବେଳକୁ ଅଭିଯୋଗ ଶୁଣାଣି ଶିବିର ଶେଷ ହୋଇ ଯାଇଥିଲା। ଫଳରେ ସମ୍ପୃକ୍ତ ବ୍ୟକ୍ତିମାନେ ନିରାଶ ହୋଇ ଅସନ୍ତୋଷର ସହ ଘରକୁ ଫେରିଥିଲେ।

ଅନ୍ୟପକ୍ଷେ ରଣପୁର ବ୍ଲକ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଜିଲାପାଳ ପୋମା ଟୁଡୁ ପ୍ରଥମ ଥର ପାଇଁ ଅଭିଯୋଗ ଶୁଣାଣୀ କରିଥିଲେ । ୩୭ ପଞ୍ଚାୟତରୁ ମାତ୍ର ୯୫ ଅଭିଯୋଗ ଆସିଥିଲା । ତେବେ ୯୫ ଅଭିଯୋଗରୁ ୮୮ ବ୍ୟକ୍ତିଗତ ଥିବାବେଳେ ୪ଟି ସାମୁହିକ ଅଭିଯୋଗ ଥିଲା । ସେହିଭଳି ୩ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ୩ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ଓ ଜଣେ ଅବିବାହିତ ମହିଳାଙ୍କୁ ନୂତନ ଭାବେ ୫୦୦ଟଙ୍କା ପେନଶନ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ ଏସ.ପି ଶଶିଭୂଷଣ ଶତପଥୀ, ନୟାଗଡ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ପିଡି ଡିଆରଡିଏ ସୁବାସ ରାୟ, ରଣପୁର ବିଡିଓ ରଶ୍ମିରେଖା ଦାସ, ତହସିଲଦାର ସୁଶାନ୍ତ କୁମାର ପତି, ରଣପୁର ଏନଏସି ନିର୍ବାହୀ ଅଧିକାରୀ ଅର୍ଚ୍ଚନା ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।


ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ।

### ପୁଅ ବୋହୂ ନିର୍ଯାତନା ନେଇ ଜିଲାପାଳଙ୍କୁ ଫେରାଦ

ରଣପୁର ଥାନା ସୁରକାବାଡି ପଞ୍ଚାୟତ କାସନ୍ଦା ଗାଁର ଗଣୀ ଦେଇ(୬୮) ପୁଅ ବୋହୂଙ୍କ ନିର୍ଯାତନା ସହି ନପାରି ରଣପୁରଠାରେ ସୋମବାର ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସେମାନଙ୍କ ସମ୍ପର୍କରେ ଫେରାଦ ହୋଇଛନ୍ତି। ଜିଲାପାଳ ଗଣୀଙ୍କ ଦୁଃଖ ଶୁଣି ବୃଦ୍ଧାଶ୍ରମଙ୍କୁ ପଠାଇବା ପାଇଁ ପୋଲିସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁସାରେ, ଗଣୀ ୫୦୦ ଟଙ୍କା ଭତ୍ତା ଓ ରାଶନ ଉପକରଣ ପାଉଛନ୍ତି। ହେଲେ ତାହା ଉପଭୋଗ କରିପାରୁନାହାନ୍ତି। ଭତ୍ତା ଟଙ୍କା ଓ ରାଶନ ଉପକରଣ ଆସିଲେ ପୁଅ ବୋହୂ ଜୁଲମ କରି ନେଇ ଯାଉଛନ୍ତି। ସ୍ୱାମୀ ମରିଯିବା ପରେ ପୁଅ ସହାୟ ହେବେ ବୋଲି ଗଣୀ ଭାବିଥିଲେ। ହେଲେ ତାହା ହେଲା ନାହିଁ। ଖାଇବାକୁ ତ ଦେଉ ନାହାନ୍ତି ଘରେ ମୁଣ୍ଡ ଗୁଞ୍ଜିବାକୁ ଜାଗା ମଧ୍ୟ ଦେଉ ନାହାନ୍ତି । ଘରକୁ ଗଲେ ଗାଳିଗୁଲଜ ମାରପିଟ୍ କରି ତଡି ଦେଉଛନ୍ତି। ଥାନାରେ ଅଭିଯୋଗ କଲେ ନ୍ୟାୟ ପାଇଲେ ନାହିଁ । ଦିନେ ଖାଇଲେ ଦୁଇ ଦିନ ଉପବାସ ରହିବାକୁ ପଡେ । ଏପରିସ୍ଥଳେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିବାକୁ ଜଣେ ପରାମର୍ଶ ଦେଇଥିଲେ। ଗଣୀ ନ୍ୟାୟ ପାଇବା ପାଇଁ ଜିଲାପାଳଙ୍କୁ ରଣପୁରରେ ଭେଟିଥିଲେ ।


ଗଣୀ ଦେଇ।